ବାସ୍ତବତାର ପରିପ୍ରକାଶ

# ପ୍ରାଚୀ ପତ୍ରିକା

ISSN: 2583-147X (P)
ISSN: 3048-8958 (O)



The Official Journal of
Prachee Centre for
Cultural Relations

Prachee
Patrika

ଜୁନ୍ ୨୦୨୫
ମୂଲ୍ୟ : ୨୫ ଟଙ୍କା

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣ ଟିକିଏ ହାତ ବଢ଼ାନ୍ତୁ
## ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ ❋ HELP A DIBYANGA**

# Prachee Centre for Cultural Relations(PCCR)

**Niladri Vihar**
**Naya Bazar, Cuttack-753004**

Culture consists of the beliefs, behaviours, objects and other characteristics common to the members of a particular group or society. Through culture, people and groups define themselves, conform to society's shared values, and contribute to society. Prachee Centre for Cultural Relations (PCCR) was founded in 2015 by Voice for Voiceless society, for the cultural promotion and participation, fostering of different literature and language and its contribution for society. The literary personalities of different literature, journalist, editor, artist, singer, dancer, photographer, spiritual leader, sports & game personalities, poet, story writer, novelist, dramatist, essayist, columnist, writers, authors, are part of this society. This organization publishes a monthly literature magazine is "Bastabatara Pariprakash Prachee" and different social relevant books in different language.

## Prachee Centre for Cultural Relations (PCCR) aims to:

- To foster and strengthen cultural relations and mutual understanding among different region of India;
- To promote cultural exchanges among different communities and people, and to develop relations with each other's;
- To promote peace, harmony and nonviolence through cultural programme and literature;
- To promote classical music, dance, song, traditional culture and social values;
- To support the needy people to pursue their education in arts and literature;
- To promote interest in contemporary literature and genres of creative writing;
- To organize cultural functions and competition;
- To serve as a major resource Centre for the arts, literature, especially written, oral and visual source materials;
- To undertake research and publication programmes of reference works, glossaries, dictionaries and encyclopedia concerning the arts and the humanities;
- To establish a tribal and folk arts division with a core collection for conducting systematic scientific studies and for live presentations;
- To provide a forum for a creative and critical dialogue through performances, exhibitions, multi-media projections, conferences, seminars and workshops between and amongst the diverse arts, traditional and contemporary;
- To foster dialogue between arts and current ideas in philosophy, science and technology, with a view toward bridging the gap in intellectual understanding between modern sciences and arts and culture;
- To evolve models of research programmes and arts administration more pertinent to the Indian ethos;
- To elucidate the formative and dynamic factors in the complex web of interactions between diverse social strata, communities and regions;
- To promote a network with national and international institutions;
- To conduct related research in the arts, humanities and culture.



ପ୍ରେରଣାର ଉତ୍ସ
**କବି ଜୟନ୍ତ ମହାପାତ୍ର**



**ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ**

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉକ୍ରର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା, ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ  ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

– ସଂପାଦକ

# ଔ 'ପ୍ରାଚୀ'ର କଲମ ଊ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତ୍ତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟାବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରୁ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୂନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦୀନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟୋପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ

**ପ୍ରଫେସର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ
ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ**
କୁଳପତି
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

## ମୁଖ୍ୟ ସଂପାଦିକା

**ପ୍ରଫେସର ମନ୍ଦାକିନୀ ଦାସ**
ଅବସରପ୍ରାପ୍ତ ପ୍ରଫେସର
ସଭାପତି, ପ୍ରାଚୀ ସେଣ୍ଟର ଫର କଲଚରାଲ ରିଲେସନ୍ସ

## ସମ୍ପାଦନା ସହଯୋଗୀ

**ପ୍ରଫେସର ବିକ୍ରମ କେଶରୀ ମିଶ୍ର**
ସମାଜ ବିଜ୍ଞାନ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର
ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ଆଲୋକ ବରାଳ**
ବରିଷ୍ଠ ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ଦୀପକ କୁମାର ଦାଶ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ସହାୟକ ପ୍ରଫେସର
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

**ଡକ୍ଟର ସଂଜିତା ମିଶ୍ର**
ସହାୟକ ପ୍ରଫେସର
ଶୈଳବାଳା ମହିଳା ସ୍ୱୟଂଶାସିତ
ମହାବିଦ୍ୟାଳୟ, କଟକ

**ପ୍ରଫେସର ରାମକୃଷ୍ଣ ପ୍ରଧାନ**
ରାଜନୀତିବିଜ୍ଞାନ ବିଭାଗ
ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡ଼

**ଡକ୍ଟର ଭିନୀତ ସାହୁ**
ଆସୋସିଏଟ୍ ପ୍ରଫେସର
ଦର୍ଶନ ବିଭାଗ, ଆଇ.ଆଇ.ଟି, କାନପୁର

## ସଂପାଦକ

ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ

## ସଂପାଦକ ମଣ୍ଡଳୀ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ବବ୍ରୁବାହାନ ମହାପାତ୍ର**
ଓଡ଼ିଆ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ

**ଡ଼କ୍ଟର ସୁମନ୍ତ ନାଏକ**
ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସେମିଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର କମଳ ମାହୁନ୍ତ**
ଅଧ୍ୟାପକ
ଓଡ଼ିଆ ବିଭାଗ

**ଡକ୍ଟର ନାକୁ ହାଁସଦାଃ**
ସହାୟକ ପ୍ରଫେସର
ସ୍ନାତକୋତ୍ତର, ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ଡକ୍ଟର ଲୋପାମୁଦ୍ରା ସ୍ୱାଇଁ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଡକ୍ଟର ମମତା ଖଣ୍ଡାୟତରାୟ**
ସହାୟକ ପ୍ରଫେସର
ପାରାଦୀପ କଲେଜ, ପାରାଦୀପ

**ଡକ୍ଟର ପ୍ରତୀଚୀ ନନ୍ଦ**
ଅଧ୍ୟାପିକା
ଓଡ଼ିଆ ବିଭାଗ

# ପ୍ରାଚୀ ନିୟମାବଳୀ

1. ବାସ୍ତବତାର ପରିପ୍ରକାଶ 'ପ୍ରାଚୀ' ଏକ ମାସିକ ଗବେଷଣାଧର୍ମୀ ସମାଲୋଚନାମୂଳକ ପତ୍ରିକା । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକ ଜୀବନ, ଇତିହାସ, ସମାଜ, ସଂସ୍କୃତି, କଳା, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
2. 'ପ୍ରାଚୀ' ଯୁବପିଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ତେଣୁ ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସଂରଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ।
3. ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକଲେଖିକାମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ।
4. ପୂର୍ବରୁ ଅନ୍ୟ ପତ୍ର-ପତ୍ରିକା କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଲେଖା 'ପ୍ରାଚୀ' ପତ୍ରିକା ପାଇଁ ଗ୍ରହଣୀୟ ନୁହେଁ।
5. 'ପ୍ରାଚୀ' ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ। ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ।
6. ଲେଖାଟି ଆକ୍ଷେପମୂଳକ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ। ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ। ଲେଖାଟି ପ୍ରକାଶ ପାଇବା ପରେ ଡାକ କିମ୍ବା ଇ-ମେଲ ଯୋଗେ ଲେଖକଲେଖିକାଙ୍କୁ ଜଣାଇ ଦିଆଯିବ।
7. ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ। ତେଣୁ ଲେଖକଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ। ଲେଖକଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ।
8. କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ। ପ୍ରାଚୀ ପାଇଁ ପଠାଉଥିବା ଲେଖାଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ ପତ୍ରିକା, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିବେ।
9. ଲେଖାଗୁଡ଼ିକ ପେଜ୍ ମେକର୍ ଫର୍ମାଟ୍ ଓ ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ।
10. ପ୍ରବନ୍ଧ ପଠାଇବାର ଚାରିମାସ ମଧ୍ୟରେ ପତ୍ରିକାରେ ପ୍ରକାଶିତ ନହେଲେ ଲେଖକ ନିଜର ପ୍ରବନ୍ଧକୁ ଅନ୍ୟତ୍ର ପ୍ରକାଶ କରିପାରିବେ। ଲେଖାଟି ଅପ୍ରକାଶିତ ଓ ଏହାର ମୌଳିକତା ସମ୍ପର୍କରେ ଗବେଷକ ଏକ ସ୍ୱୀକାରୋକ୍ତି ପତ୍ର ଲେଖା ସହିତ ସଂଲଗ୍ନ କରି ପଠାଇବେ। ପ୍ରକାଶିତ ଲେଖାର ମୌଳିକତା ନେଇ ପ୍ରଶ୍ନ ଉପୁଜିଲେ ଏଥିପାଇଁ ସଂପୃକ୍ତ ଲେଖକ ଉତ୍ତରଦାୟୀ ହେବେ । ପତ୍ରିକାକୁ ପଠାଇଥିବା ଲେଖା ପ୍ରକାଶିତ ନହେଲେ ସଂପାଦକ ବା ସମ୍ପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ ।

Voice for Voiceless

# SARVODAYA SOCIETY GOALS

1. Stop Contaminating Water
2. Stop Polluting Air
3. Stop Plastic Use
4. Save Earth
5. Stop Drug Abuse and Alcoholism
6. Stop Untouchability
7. Help Dibyanga
8. Help Mentally Disable Person
9. Help Senior Citizens
10. Help Sick Person
11. Help Poor Children
12. Help Poor Women
13. Planting Tree
14. Protecting Animals and Birds
15. Spreading Basic Education
16. Women Empowerment
17. Cleanliness Campaign
18. Satya and Ahmisha
19. Health and Hygienic
20. Communal Harmony
21. Vocational Education
22. Cottage Industries
23. Village Economy
24. Self Help Groups
25. Feed the Need
26. Farming and Agriculture

Voice for Voiceless

SARVODAYA SOCIETY GOALS

For Positive Constrictive Programme

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

Vol.- 11, June 2025, Issue No. III
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2025-2027

**ପ୍ରକାଶକ :**
ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍
ନିଳାଦ୍ରୀ ବିହାର, ନୂଆବଜାର, କଟକ

**ପ୍ରଚ୍ଛଦ ଚିତ୍ର :**
ବିଜୟ କୁମାର ସାହୁ

**ଅକ୍ଷର ସଜ୍ଜା :**
ବିକ୍ରମ କିଶୋର ସାହୁ

**ଡିଟିପି :**
ଶିବ ପ୍ରସାଦ ଧଳ

**ଅଳଙ୍କରଣ :**
ବିଭୁପ୍ରସାଦ ନାୟକ

**ୱେବ ଡ଼ିଜାଇନର୍ :**
ଶୁଭ୍ରାଂସୁ ଶତପଥି

**ବିଜ୍ଞାପନ ଅଧିକାରୀ :**
ଅବିନାଶ ଦାଶ

**ବିତରଣ ଅଧିକାରୀ :**
ସନ୍ତୋଷ କୁମାର ପାଲ୍

**ମୁଦ୍ରଣ :**
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

୧. ସାଂପ୍ରତିକ ସାହିତ୍ୟ : ପ୍ରତି ବଦ୍ଧତା ଓ ଦାୟବଦ୍ଧତା
ସୁମନ୍ତ ନାଏକ .......... ୦୯

୨. ଲଳିତା - ସମ୍ପର୍କର ଏକ ଖିଆଲି ଯନ୍ତ୍ରଣା
ସୁଜ୍ଞାନୀ କୁମାରୀ ସାହୁ .......... ୧୪

୩. 'ଆଲୋକ ଦ୍ୱୈତ-ରୂପ
କମଳାକାନ୍ତ ଜେନା .......... ୧୯

୪. କଳାହାଣ୍ଡିର ହଲିଆ ଗୀତ
ଅଭିଷେକ ଆଚାର୍ଯ୍ୟ .......... ୨୩

୫. ସମ୍ବୋଧନର ଗଠନ: ଓଡିଆ ଗଳ୍ପରେ ପ୍ରୟୋଗ
ସୀମା ସ୍ୱାଇଁ ଓ ରୁଦ୍ରନାରାୟଣ ମହାପାତ୍ର .......... ୨୬

୬. ଓଡ଼ିଆ କବିତାରେ ନାରୀବାଦ : କାଲି ଓ ଆଜି
ଶୁଭଶ୍ରୀ ମହାପାତ୍ର .......... ୩୨

୭. ଓଡ଼ିଆ ନାଟକ ପର୍ଯ୍ୟାୟରେ ନାଟ୍ୟକାର ରାମଶଙ୍କର
ରୁବିନା ପାତ୍ର .......... ୩୭

୮. ୧୮୮୦-୨୦୦୦ ମସିହାର କାବ୍ୟକବିତାରେ
ଇତିହାସର ସ୍ୱର : ଏକ ପରିଚିତି
ସବ୍ୟସାଚୀ ସାହୁ .......... ୪୪

୯. ସାମାଜିକ ଦାୟବଦ୍ଧତା ଓ ସାହିତ୍ୟିକ ବୈରାଗୀ ମିଶ୍ର
ସୋନାଲି ବାରିକ .......... ୪୯

୧୦. ଗଙ୍ଗଶିଉଳିରେ ପ୍ରତିଫଳିତ ବିବିଧ ଗ୍ରାମ୍ୟ ଜୀବନର
ସାମାଜିକ ସମସ୍ୟା : ଅବବୋଧ ଓ ଅର୍ନ୍ତଦୃଷ୍ଟି
ବାବୁଲୁ ପଧାନ .......... ୫୪

# ସ୍ଥିତପ୍ରଜ୍ଞସ୍ୟ କା ଭାଷା

ପ୍ରତ୍ୟେକ ସମାଜ, ଦେଶ ବା ସଭ୍ୟତାର ଏକ ଆତ୍ମିକ ଭିତ୍ତିଭୂମି ଅଛି । ଏହି ଭିତ୍ତିଭୂମି ଉପରେ ଛିଡ଼ା ହୋଇ ନିଜ ଜୀବନର ସଂଜ୍ଞା ନିରୂପଣ କରିବା, ଜୀବନକୁ ଚିହ୍ନିବା ଏବଂ ଜୀବନର ପୂର୍ଣ୍ଣାଙ୍ଗତା ହାସଲ କରିବାର ସାମର୍ଥ୍ୟ ହାସଲ କରେ । ଜୀବନର ମଞ୍ଜିକୁ ଅଙ୍କୁରୋଦ୍‌ଗମ କରି ଏକ ପୂର୍ଣ୍ଣାଙ୍ଗ ପୁଷ୍ପ ବା 'ଳରେ ପରିଣତ କରିବାର ଦର୍ଶନ, ମାର୍ଗ ଓ ଶକ୍ତି ସେ ଏହି ଭିତ୍ତିଭୂମିରୁ ପାଏ । ସେଥିପାଇଁ ସ୍ୱାମୀ ବିବେକାନନ୍ଦଙ୍କର ଐତିହାସିକ ବାଣୀ ଆଜି ପ୍ରାସଙ୍ଗିକ ମନେହୁଏ । ପ୍ରତ୍ୟେକ ଦେଶ ବା ସଭ୍ୟତାର ଏକ ବିଷୟବସ୍ତୁ ଅଛି । ସେହି ଅନୁସାରେ ଭାରତର ମୁଖ୍ୟ ବିଷୟ ବା ଆଧାର ହେଉଛି ଧର୍ମ । ଆଜି ଭାରତରେ ପ୍ରତ୍ୟେକ କ୍ଷେତ୍ରରେ ଏହି 'ଧର୍ମ' ଭିତ୍ତିଭୂମିଟିର ଅଭାବ ବୋଲି ମନେହୁଏ । ରାଜନୀତିଠାରୁ ଆରମ୍ଭ କରି ସାମାଜିକ, ଅର୍ଥନୈତିକ ଓ ରାଷ୍ଟ୍ର ଗଠନ ଓ ନିୟାମକ ତତ୍ତ୍ୱରେ ମଧ୍ୟ ଧର୍ମର ଭିତ୍ତିଭୂମିଟିକୁ ସମ୍ପୂର୍ଣ୍ଣ ଭାବେ ଉଠାଇ ଦିଆଯାଇଛି ।

ସ୍ୱାଧୀନତା ପରେ ଦେଶର ଶାସକମାନେ ପାଶ୍ଚାତ୍ୟ ତତ୍ତ୍ୱ, ଜୀବନ ଦର୍ଶନ ଓ ବସ୍ତୁବାଦର ମୋହ ଦ୍ୱାରା ଏତେ ଶୀଘ୍ର ଆଚ୍ଛନ୍ନ ହୋଇ ପଡ଼ିଲେ ଯେ ଭାରତର ସବୁକିଛି ଅସାର ଓ ମୂଲ୍ୟହୀନ କହିବାକୁ ପଶ୍ଚାତ୍‌ପଦ ହେଲେ ନାହିଁ । ସେଥିପାଇଁ 'ଧର୍ମ'ର ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ଭାବେ ମୂଳୋତ୍ପାଟନ କରିଦେଲେ । ଧର୍ମ ନିରପେକ୍ଷ ଅର୍ଥ- ଏହି ଭିତ୍ତିଭୂମି ପ୍ରତି ବିମୁଖ ହେବା ବୋଲି ବୁଝାଇ ଦିଆଗଲା । ସେହି ଅନୁସାରେ ରାଷ୍ଟ୍ର ଓ ସମାଜର ସବୁ କ୍ଷେତ୍ରରେ ଏହି ବିମୁଖତାକୁ ପ୍ରକାଶ କରେଇ ଦିଆଗଲା । ମଣିଷ ମଣିଷ ଭିତରେ, ସମ୍ପ୍ରଦାୟ ଓ ଗୋଷ୍ଠୀ ଭିତରେ ତାରତମ୍ୟ ସୃଷ୍ଟି କରି ଦିଆଗଲା । ରାଜନୀତି ସେହି ଅନୁସାରେ ନିର୍ଦ୍ଧାରିତ ହେଲା ।

ଭଗବାନ୍ ତ ଏକ । ସେହି ଅନୁସାରେ ଧର୍ମ ଏକ । କେବଳ ମାର୍ଗ ଓ ପନ୍ଥା ଭିନ୍ନ ଭିନ୍ନ । ତାହା ଭଗବାନଙ୍କ ସହ ସାନ୍ନିଧ୍ୟ ଲାଭ କରିଥିବା ସାଧକର ପଥ ଓ ଦର୍ଶନ ଅନୁସାରେ ନିର୍ଦ୍ଧାରିତ ହୋଇଥାଏ । ତେଣୁ ଲକ୍ଷ୍ୟ ଏକ । କାହିଁ ପାଇଁ ଏହି ପଥ ଓ ମାର୍ଗମାନଙ୍କ ମଧ୍ୟରେ ଟଣା ଓଟରା । ପଥମାନଙ୍କ ମଧ୍ୟରେ ଶ୍ରେୟ ଓ ପ୍ରେୟ ରହିଛି । ଯେମିତି ଆକାଶମାର୍ଗ ଓ ଘୋଡ଼ଟଣା ଗାଡ଼ି ମଧ୍ୟରେ ପାର୍ଥକ୍ୟ ରହିଛି । ତାହା ସାଧକ ଏବଂ ପଥକୁ ଆବୋରି ନେଇଥିବା ଶିଷ୍ୟମାନଙ୍କ ଉପରେ ନିର୍ଭର କରେ । ରାଜନୈତିକ ନେତାମାନେ କ୍ଷମତାରେ ରହିବା ପାଇଁ ଏହି ପଥ ବା ଦର୍ଶନକୁ ଆବୋରି ନେଇଥିବା ଲୋକମାନଙ୍କ ମଧ୍ୟରେ ଜାଣିଶୁଣି ବିଭେଦ ସୃଷ୍ଟି କରିଥାଆନ୍ତି । ଯେ ପର୍ଯ୍ୟନ୍ତ ମଣିଷ ବା ସାଧକ ସମ୍ପୂର୍ଣ୍ଣ ଭାବେ ଭଗବାନଙ୍କଠାରେ ସନ୍ନିବେଶିତ ନ ହୋଇଛି ସେ ପର୍ଯ୍ୟନ୍ତ ତାର ବିଚାରଧାରା କାର୍ଯ୍ୟକଳାପ ଏବଂ ଚରିତ୍ର ନିଃସନ୍ଦେହ ବା କଳୁଷହୀନ ବୋଲି କୁହାଯାଇ ପାରିବ ନାହିଁ । ତେଣୁ ଭଗବାନଙ୍କଠାରେ ଲୀନ ହୋଇ ଯାଇଥିବା ବା ଭଗବାନ ହୋଇ ଯାଉଥିବା ବା 'ଅହଂ ବ୍ରହ୍ମ' ବୋଲି ଭଗବତ୍ ପ୍ରାପ୍ତି ହୋଇଥିବା ସାଧକମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ବା ଭେଦଭାବ ବା ଅସୂୟା ନାହିଁ । ଯେପରି ଯୀଶୁଖ୍ରୀଷ୍ଟ ଏବଂ କୃଷ୍ଣଙ୍କୁ ଏକ ବୋଲି ଜଣେ ପ୍ରକୃତ ସାଧକ ଜାଣିପାରେ । ଆମେରିକାରେ ଯୋଗାନନ୍ଦ ପରମହଂସ ଥିଲାବେଳେ ସେ ଧ୍ୟାନ କ୍ଲାସରେ ଅନ୍ୟ ସମସ୍ତ ଶିଷ୍ୟମାନଙ୍କୁ ଧ୍ୟାନ କରୁଥିବା ବେଳେ ଯୀଶୁଖ୍ରୀଷ୍ଟ ଏବଂ କୃଷ୍ଣଙ୍କୁ ଦେଖାଇ ପାରିଥିଲେ ।

ସାଧନା ଓ ପ୍ରାପ୍ତି ଅନୁସାରେ ଅନୁଧ୍ୟାନ କଲେ ରାମକୃଷ୍ଣ, ନାନକ, କବୀର, କୃଷ୍ଣ ବା ଯୀଶୁଖ୍ରୀଷ୍ଟଙ୍କ ମଧ୍ୟରେ କିଛି ତ'ାତ୍ ନାହିଁ । ସମୁଦ୍ରବକ୍ଷକୁ ନିକ୍ଷେପ କରିଥିବା ବିଭିନ୍ନ ଲୁଣ ବସ୍ତାକୁ ଖୋଜିଲେ ଆମେ ତ ପାଇବା ନାହିଁ, କେବଳ ସେହି ସମୁଦ୍ର । ତେଣୁ ସାଧନା ବଳରେ ମଣିଷ ଭଗବାନ୍ ହେଇଯାଏ । ମୃତରୁ ଅମୃତ ହେଇଯାଏ । ସେ କେବଳ ବ୍ରହ୍ମମୟ ଅବସ୍ଥାକୁ ଉପଲବ୍ଧି କରେ । ମଣିଷ ଭିତରେ ଥିବା ସମସ୍ତ ଆସୁରିକ ଗୁଣ ଗୁଡ଼ିକର ଅଦ୍ଭୁତ ପରିବର୍ତ୍ତନ ହୋଇ ଦିବ୍ୟ ଚେତନା ବା ଭାବରେ ପରିଣତ ହୋଇଯାଏ ।

ଭାରତରେ ଅନେକ ଆଶ୍ରମ, ମଠ, ମନ୍ଦିର, ମସ୍‌ଜିଦ୍ ଓ ଗୀର୍ଜାର ଅଭାବ ନାହିଁ । ବରଂ ସେଗୁଡ଼ିକର ସଂଖ୍ୟା ବଢ଼ି ବଢ଼ି ଚାଲିଛି । ତଦନୁସାରେ ଶିଷ୍ୟମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି । ତେବେ ପ୍ରଶ୍ନ ଉଠେ, ଏସବୁ ସତ୍ତ୍ୱେ କାହିଁକି ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ଶୋଷଣ, ବିବାଦ, ଗଣ୍ଡଗୋଳ ପ୍ରଭୃତି ଅମାନୁଷିକ କାର୍ଯ୍ୟକଳାପର ଦ୍ରୁତ ବୃଦ୍ଧି ହେବାରେ ଲାଗିଛି ? ଶାସ୍ତ୍ର, ପୁରାଣ ଓ ଧର୍ମଗ୍ରନ୍ଥର ତ ଅଭାବ ନାହିଁ । ଧର୍ମପ୍ରଚାର ଓ ଭାଷଣର ତ ଅଭାବ ନାହିଁ । ତେବେ ଦୋଷ କେଉଁଠି ? ନିଶ୍ଚିତ ଭାବେ ଦୋଷ ଆମର ସାଧନାରେ । କେବଳ ଧର୍ମଶାସ୍ତ୍ର, ପୁରାଣ ପଢ଼ିଲେ ଓ ମନ୍ଦିର, ମସ୍‌ଜିଦ୍ ଓ ଗୀର୍ଜା ଗଲେ ସାଧନା ହେଇଯାଏ ନାହିଁ । ସାଧନା ଓ ସିଦ୍ଧି ଭିତରେ ତ'ାତ୍ ରହିଯାଉଛି । କୃଷକ ଜମିରେ ଖଟୁଛି । ନିଜର ଝାଳ ଓ ରକ୍ତକୁ ଜମି ଉପରେ ନିଗାଡ଼ି ଦେଉଛି । ଏହା ତାହାର ସାଧନା, ସିଦ୍ଧି ସ୍ୱରୂପ ସେ ପାଉଛି ଶସ୍ୟ ଉତ୍ପାଦନ । ଯଦି ତାକୁ କୁହାଯାଏ ସେ ପରିଶ୍ରମ କରିବ କିନ୍ତୁ 'ଳ ପାଇବ ନାହିଁ, ତେବେ ସେ ଆଉ ଜମିକୁ ଯିବ କି ? ଠିକ୍ ସେହିପରି ସାଧନା ଓ ସିଦ୍ଧି ଏକ ଓ ଅଭିନ୍ନ । ତେଣୁ ବିଭିନ୍ନ ମାର୍ଗକୁ ଅନୁସରଣ କରୁଥିବା ଆଧ୍ୟାତ୍ମିକ ପଥିକମାନେ କେବେ ନିଜକୁ ଆତ୍ମବିଶ୍ଲେଷଣ କରିଛନ୍ତି, ତାଙ୍କର କ'ଣ ପରିବର୍ତ୍ତନ ହେଇଛି ? କ'ଣ ସିଦ୍ଧିର ଆସ୍ୱାଦନ ହେଇଛି ? ଏହିକଥା ଠିକ୍ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପଚାରିଥିଲେ,

"ସ୍ଥିତିପ୍ରଜ୍ଞସ୍ୟ କା ଭାଷା, ସମାଧିସ୍ଥସ୍ୟ କେଶବ ।
ସ୍ଥିତଧୀଃ କିଂ ପ୍ରଭାଷେତ, କିମାସୀତ ବ୍ରଜେତି କିଂ ।"

ସିଦ୍ଧି ହେଲେ ସାଧକର କିଭଳି ଅବସ୍ଥା ହୁଏ, ତାହା ଶ୍ରୀକୃଷ୍ଣ ଅତି ପ୍ରାଞ୍ଜଳ ଭାବେ ବୁଝାଇଛନ୍ତି । ଶ୍ରୀମଦ୍ଭଗବତ୍ ଗୀତାର ଦ୍ୱିତୀୟ ଅଧ୍ୟାୟର ୫୫ ଶ୍ଳୋକଠାରୁ ୭୨ ଶ୍ଳୋକ ମଧ୍ୟରେ ଏକଥା ଉଲ୍ଲେଖ କରିଛନ୍ତି । ଯେତେବେଳେ ସେ ସାଧକ ପାର୍ଥିବ ବିଷୟ ପ୍ରଭୃତିର ମୋହ ଓ କାମନା ଛାଡ଼ି ଦେଇ ମନକୁ ସର୍ବଦା ନିତ୍ୟ ଶାଶ୍ୱତ ପରମାତ୍ମାରେ ଲୀନ କରାଇଥାଏ, ସେତେବେଳେ ସେ ପରମାନନ୍ଦଙ୍କୁ ପ୍ରାପ୍ତ ହୁଏ । ଅକ୍ରୋଧ, ଅହିଂସା, କ୍ଷାନ୍ତି, ଆର୍ଜବ, ଦୟା, କ୍ଷମା ପ୍ରଭୃତି ଦିବ୍ୟଗୁଣ ଗୁଡ଼ିକ ତା ନିକଟରେ ପ୍ରକାଶିତ ହୁଏ । ଭଲ, ମନ୍ଦ, ନିନ୍ଦା, ପ୍ରଶଂସା, ଅଭିମାନ, ସ୍ତ୍ରୀ, ପୁତ୍ର ସମ୍ପତ୍ତି ପ୍ରଭୃତିରେ ତାର ଦ୍ୱେଷ୍ଟି ବା ମୋହ ନଥାଏ । ସେ ସ୍ଥିତପ୍ରଜ୍ଞ ହେଇଯାଏ । ଦ୍ୱାଦଶ ଅଧ୍ୟାୟରେ ମଧ୍ୟ ଏକଥା କୁହାଯାଇଛି । ଷୋଡ଼ଷ ଅଧ୍ୟାୟରେ ମଧ୍ୟ ଦୈବାସୁର ସମ୍ପଦ ବିଭାଗ ଯୋଗରେ କିଭଳି ଭାବେ ସାଧକର ଦୈବୀଗୁଣ ଗୁଡ଼ିକ ପ୍ରକାଶ ପାଇବ ।

ତେବେ ସେ ସିଦ୍ଧିପ୍ରାପ୍ତ ହେଉଛି । ଭଗବାନ ଯେଉଁଭଳି ଅପାପ, ସତ୍ୟ, ପବିତ୍ର, ନିର୍ଗୁଣ, ନିର୍ମୋହ ଓ ନିରହଙ୍କାର, ସେହିଭଳି ସେ ହେଇଯାଏ । ଏକାକାର ହେବା ହିଁ ମଣିଷ ବା ସାଧକର ଲକ୍ଷ୍ୟ । ଘରେ ଜଳୁଥିବା ୨୫୦ ଭୋଲ୍ଟ ବଲ୍‌ବର ଯେଉଁଭଳି ପାୱାର ହାଉସ ସହ ଅନବରତ ସଂଶ୍ଳିଷ୍ଟ, ସେହିଭଳି ସାଧକ ଅମାପ, ଅଜସ୍ର, ସର୍ବବ୍ୟାପକ, ସର୍ବଶକ୍ତିମାନ ପାୱାର ହାଉସ ଭଗବାନଙ୍କ ସହ ଯୁକ୍ତ । ଯଦି ଏଭଳି ଅବସ୍ଥା ଆମର ନ ହୋଇଛି ସେ ପର୍ଯ୍ୟନ୍ତ ଆମର ସାଧନା ଅସମ୍ପୂର୍ଣ୍ଣ । ଏହି ଅବସ୍ଥାକୁ ସାଧକର ନିର୍ବିକଳ୍ପ ସମାଧି କୁହାଯାଏ । ସେ ସବୁଥିରେ ଥାଇ ମଧ୍ୟ ନ ଥାଏ ।

"ସର୍ବେନ୍ଦ୍ରିୟ ଗୁଣାଭାସଂ ସର୍ବନ୍ଦ୍ରିୟ ବିବର୍ଜିତଂ
ଅସକ୍ତଂ ସର୍ବଭୃଜୈବ, ନିର୍ଗୁଣଂ ଗୁଣ ଭୋକ୍ତୃ ଚ ।"

ଏହି ଅବସ୍ଥା ଜନକ, କୃଷ୍ଣ, ରାମ, ଯୀଶୁଖ୍ରୀଷ୍ଟ, ରାମକୃଷ୍ଣ, ହରିହରାନନ୍ଦ, ଶ୍ୟାମାଚରଣ ପ୍ରଭୃତି ଅନେକ ସାଧକଙ୍କ ପ୍ରାପ୍ତ ହେଇଛି । ସାଧନାରେ ମଜ୍ଜି ରହିଲେ ପଥାନୁସାରେ ଆଗେଇଲେ, ତା'ର ଏହି ସିଦ୍ଧି ଅବସ୍ଥା ଆସିବ । ଏହି ସିଦ୍ଧି ବ୍ୟତୀତ ଯାହାକିଛି ହେଉଛି ସବୁ ଧର୍ମ ପ୍ରଦର୍ଶନୀ ଏହି ଦୃଶ୍ୟମାନ ଓ ବସ୍ତୁ ଜଗତରେ 'ବାହ୍ୟ' ଉପରେ ବେଶୀ ଗୁରୁତ୍ୱ ଦିଆଯାଏ । ଦେହ ଉପରେ ଗୁରୁତ୍ୱ ଦିଆଯାଏ କିନ୍ତୁ ଦେହୀକୁ ଅବମାନନା କରାଯାଏ । ସେଥିପାଇଁ ଆଜି ବାହ୍ୟ ଆଡ଼ମ୍ବର, ଚାକଚକ୍ୟରେ ପୂଜା ପ୍ରଭୃତି ମହୋତ୍ସବ କରାଯାଏ । ମୁଖ୍ୟ 'ସାଧନା ଓ ସିଦ୍ଧି'ର ଅବମାନନା କରାଯାଏ ।

ଗେରୁଆ ପିନ୍ଧିଲେ ବା ମନ୍ଦିରକୁ ଗଲେ ବା ବାହ୍ୟ ଆଡ଼ମ୍ବର ସହ ପୂଜା କଲେ ଜଣକୁ ସାଧକ କୁହାଯାଏ ନାହିଁ । ତା' ଭିତରେ ଶ୍ରୀକୃଷ୍ଣ କହିଥିବା ସମସ୍ତ ଦିବ୍ୟ ଗୁଣଗୁଡ଼ିକ ଉଦ୍‌ଭାସିତ ହେଇଛି କି ? ଯଦି ନ ହୋଇଛି ତେବେ ସେ ବାହ୍ୟ ସୋ (religious show) ଉପରେ ଗୁରୁତ୍ୱ ଦେଇଛି । ଦେଖାଯାଉଛି ମଣିଷ ଯେଉଁଠାରେ ବାହ୍ୟ ଆଡ଼ମ୍ବରରେ ମାତି ରହି ଧର୍ମାନୁଷ୍ଠାନ କରୁଛି, ସେଠାରେ ହିଂସାକାଣ୍ଡ, ଦ୍ୱନ୍ଦ୍ୱ, ମଦ, ବ୍ୟଭିଚାର ଓ ସାମ୍ପ୍ରଦାୟିକ ଅସଦ୍‌ଭାବ ସୃଷ୍ଟି ହୋଇଛି । ସାଧନା ନାହିଁ, ସିଦ୍ଧି ଆସିବ କେଉଁଠି ? ଶାସ୍ତ୍ର କହୁଛି, 'ଦେବଂ ଭୂତ୍ୱା ଦେବଂ ଜଜେତ୍' । ଭଗବାନ ହେଇ ଭଗବାନଙ୍କୁ ପୂଜା କର । କଂସ, ରାବଣ ଓ ମହିଷାସୁରର ପତନ ହେଲେ କୃଷ୍ଣ, ରାମ ବା ଦୁର୍ଗାଙ୍କ ପ୍ରାପ୍ତି ସାଧକର ହୁଏ । କିନ୍ତୁ ଆମେ କଂସ, ରାବଣ ଓ ମହିଷାସୁର ପ୍ରକୃତିକୁ ବଳୀ ଦେଲେ, ସିଦ୍ଧି ପରମାତ୍ମାକୁ ହେବ । ସଦ୍‌ଗୁରୁ ପରମହଂସ ହରିହରାନନ୍ଦ କହନ୍ତି- "an ounce of practice is far better than tons of theories." ସେଥିପାଇଁ ଶ୍ରୀକୃଷ୍ଣ କହିଥିଲେ, 'ଶନୈ ଶନୈ ଉପରମେତ୍' ଧୀରେ ଧୀରେ ଉପରକୁ ଯିବାକୁ ହେବ । ଅଭ୍ୟାସ ଦ୍ୱାରା ସିଦ୍ଧି ହେବ ।

ସିଦ୍ଧି ପ୍ରାପ୍ତ ହେଇଗଲେ ସବୁ ପଥ ସମାନ ଦେଖାଯିବ । ପଥ ପଥ ଭିତରେ ଗଣ୍ଡଗୋଳ ହେବ କାହିଁକି ? ଏହି ପଥ ଗୁଡ଼ିକୁ ଅନୁସରଣ କରୁଥିବା ଆଧାତ୍ମିକ ପଥିକମାନଙ୍କ ମଧ୍ୟରେ କନ୍ଦଳ ହେବ କାହିଁକି ? ମହାଜାଗତିକ ଚେତନାରେ ପ୍ରଜ୍ୱଳିତ ହେଉଥିବା ଏହି ସାଧକମାନଙ୍କ ଭିତରେ ପ୍ରଭେଦ ହେବ କାହିଁକି ? ସେତେବେଳେ ସେ ହିନ୍ଦୁ ନୁହଁ, ମୁସ୍‌ଲିମ ନୁହଁ କି ଖ୍ରୀଷ୍ଟିୟାନ୍ ବା ଶିଖ ନୁହନ୍ତି ।

ଲୁଣପିଣ୍ଡ ଦ୍ରବୀଭୂତ ସମୁଦ୍ରରେ ହେଲାପରି, ଏହି ସାଧକମାନଙ୍କର ଚିହ୍ନ, ବର୍ଣ୍ଣ ଓ ଭେଖ ମହାଜାଗତିକ ପରମାତ୍ମନ ଜ୍ୟୋତିରେ ପାଉଁଶ ହେଇଯିବ । ଏହା ବୋଧହୁଏ ସୃଷ୍ଟିକର୍ତ୍ତାଙ୍କ ଇଚ୍ଛା ଓ ସୃଷ୍ଟିର ରହସ୍ୟ । ଭାରତର ଭିତ୍ତିଭୂମି ଏହି ଦର୍ଶନର ବାର୍ତ୍ତାବହ ।

ସାଧନା ପରିପକ୍ୱ ହେଲେ ସିଦ୍ଧି ହେଇଯିବ, ଯେମିତି ଆମ୍ବ ପରିପକ୍ୱ ହେଲେ ହଳଦିଆ ହେଇଯାଏ, ସ୍ୱାଦିଷ୍ଟ ହୁଏ ଏବଂ ଗଛରୁ ବିଚ୍ୟୁତ ହେଇଯାଏ । ବାହ୍ୟ ଆଡ଼ମ୍ବର ଓ ଧର୍ମ ପ୍ରଦର୍ଶନୀରେ ଲିପ୍ତ ଥିବା ତଥାକଥିତ ଧର୍ମାବଲମ୍ବୀମାନେ ଆଧାତ୍ମିକ ପଥରେ ଯାତ୍ରୀ ଥିବା ମଣିଷମାନଙ୍କୁ ବିଭ୍ରାନ୍ତ କରିବା ଉଚିତ ନୁହଁ । ଅନ୍ଧ ଯେଉଁଭଳି ଅନ୍ୟ ଏକ ଅନ୍ଧକୁ ପଥ ପ୍ରଦର୍ଶନ କଲେ ଉଭୟେ କୂପରେ ପଡ଼ିବେ, ସେହିଭଳି ସାଧନା ଓ ସିଦ୍ଧି ନ ଥିବା ଧର୍ମଯାଜକ ନିର୍ଦ୍ଧାରିତ ପଥରେ ଗଲେ ସାଧନା ତ ହେବ ନାହିଁ, ତେଣୁ ସିଦ୍ଧି ନାହିଁ ମଧ୍ୟ । ଅର୍ଜୁନଙ୍କ ଭଳି ସେହି ସାଧକ ନିକଟରେ 'ସ୍ଥିତପ୍ରଜ୍ଞସ୍ୟ କା ଭାଷା' ଅବସ୍ଥାକୁ ଉପଲବ୍ଧି କରିବା ଆଜିର ମଣିଷର ପ୍ରଧାନ କର୍ତ୍ତବ୍ୟ । ଏହିଭଳି ଅବସ୍ଥା ଆସିଲେ ରାଜନୀତି ଭାଷାରେ ଆଉ 'ଧର୍ମ ନିରପେକ୍ଷ ବୁଝିବାକୁ ପଡ଼ିବ ନାହିଁ' ରାଜନୀତି ଧର୍ମକୁ ନିଜର ଭିତ୍ତିଭୂମି ବୋଲି ଗ୍ରହଣ କରିବ । ସେତେବେଳେ ସମସ୍ତେ ହିନ୍ଦୁ, ମୁସ୍‌ଲିମ୍, ଖ୍ରୀଷ୍ଟିୟାନ୍, ବୁଦ୍ଧ ବା ଶିଖର ଉର୍ଦ୍ଧ୍ୱକୁ ପଳାଇଯିବେ । ବିଦ୍ୟୁତ୍‌ଶକ୍ତି ପାୱାରହାଉସ୍‌ରୁ ଆସି ପୁଣି ଫେରି ଯାଉଥିବା ଭଳି ଆମ୍ଭେମାନେ ସେହି ପରମାତ୍ମନକୁ ପ୍ରାପ୍ତ ହେବା । ସେହିଠାରୁ ଫେରିଯିବା । ଏହା ଦିନକୁ ଈଶ୍ୱର ବୋଧହୁଏ ଅପେକ୍ଷା କରିଛନ୍ତି ।

***ପ୍ରଫେସର ନରୋତ୍ତମ ଗାଣ***

●

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in
+91 88957 07011

# ଆପଣଙ୍କର ମୁଠାଏ ଦାନା
# ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ ❋ FEED THE BIRDS**

DOI : https://doi.org/10.5281/zenodo.15674099

ମୂଳ ପ୍ରବନ୍ଧ

# ସାଂପ୍ରତିକ ସାହିତ୍ୟ : ପ୍ରତି ବନ୍ଧତା ଓ ଦାୟବଦ୍ଧତା

**ସୁମନ୍ତ ନାଏକ**

**ସଂକ୍ଷିପ୍ତସାର :**

ସାଂପ୍ରତିକ ଖାଳଖଣ୍ଡ ହେଉଛି ଏକବିଂଶ ଶତାବ୍ଦୀର ପ୍ରାରମ୍ଭିକ କାଳ । ମାତ୍ର ଚବିଶ ବର୍ଷର ଯାତ୍ରା । ବାକି ଅଛି ଆହୁରୀ ୭୫ ବର୍ଷରୁ ଉର୍ଦ୍ଧ କାଳ । ସାଂପ୍ରତିକ ସମୟ ଯେଉଁ ସାମାଜିକ ପ୍ରବାହକୁ ଧରି ସାହିତ୍ୟର ପରିସରକୁ ପରିବୃଦ୍ଧି କରାଉଛି ତାହା ଦେଖିଲେ ଆଗାମୀ ଦିନ ପାଇଁ ମଣିଷ ସନ୍ଦିହାନ ହୋଇପଡୁଛି । ମନେ ହେଉଛି ଏହି କାଳଖଣ୍ଡ ସାରସ୍ୱତ ସନ୍ଦିକ୍ଷଣର କାଳଖଣ୍ଡ । ଯେଉଁ ସାହିତ୍ୟ ଯୁଗ ଯୁଗ ଧରି ପ୍ରତିବଦ୍ଧତା ଓ ଦାୟବଦ୍ଧତାର ସହିତ ସମାଜକୁ ବାର୍ତ୍ତାଦେଇ ଆସୁଥିଲା ସେହି ସାରସ୍ୱତ ଜଗତର ସାହିତ୍ୟ ଏବେ ସନ୍ଦିକ୍ଷଣରେ । ସାହିତ୍ୟର ପ୍ରତିବଦ୍ଧତା ଓ ସାରସ୍ୱତ ସାଧକର ଦାୟବଦ୍ଧତା ସମାଜ ପାଇଁ ଯେମିତି ମରୁ ମରିଚିକା ପାଲଟି ଯାଇଛି । ମନେ ହେଉଛି ସାଧକ ଉତ୍ତର ଦାୟିତ୍ୱ ସଂପାଦନାର ପ୍ରୟାସରେ କଲମ ପରିଚାଳନା କଲାବେଳେ ଦ୍ୱନ୍ଦର ସମ୍ମୁଖୀନ ହେଉଛି । ତାର ଦାୟବଦ୍ଧତା କ'ଣ ସେ ନିର୍ଣ୍ଣୟ କରିପାରୁ ନାହିଁ । ବିଜ୍ଞାନର ଜୟଯାତ୍ରା ଟେକ୍ନୋଲୋଜିର ପ୍ରଭାବ, ବିଦେଶୀ ସଂସ୍କୃତି ଅବହାୱା ଆଉ ସାମାଜିକ ବେପରୁଆ ଭାବ ଭିତରେ ସାହିତ୍ୟ ଛଟପଟ ହେଉଛି । ନବେ ଦଶକର ଗ୍ୟାଟ୍ ରାଜିନାମା ଓ ତାର ପରବର୍ତ୍ତି କାଳଖଣ୍ଡ ଏକ ଖୋଲା ଅର୍ଥନୈତିକ ପ୍ରଭାବରେ ଯେଉଁ ସାଂସ୍କୃତିକ ଓ ପାରମ୍ପରିକ ପ୍ରଭାବର ପରିବର୍ତ୍ତନ ଘଟିଛି, ଏହା ଦ୍ୱାରା ମଣିଷର କ୍ରିୟାଶୀଳ ଶୃଙ୍ଖଳିତ ଜୀବନଧାରାରେ ଅନେକ ପରିବର୍ତ୍ତନ ଆସିଛି । ଅର୍ଥନୈତିକ ପ୍ରବାହର ଏହି ବିବର୍ତ୍ତନକୁ ଗ୍ରହଣ କରିବ ନ କରିବ ଏହି ଦ୍ୱନ୍ଦ୍ୱ ଭିତରେ ଛନ୍ଦି ହେଲାବେଳକୁ ଦେଖୁଛି ସେ ତାର ପାର୍ଶ୍ୱ ପ୍ରତିକ୍ରିୟାରେ ଆକ୍ରାନ୍ତ ହୋଇସାରିଲାଣି । ତେଣୁ ଆଉ ଉପାୟ ନାହିଁ ପ୍ରତ୍ୟାଖ୍ୟାନର, ସେ ଗ୍ରହଣ କରିବାକୁ ବାଧ୍ୟ । ଯାହା ସାହିତ୍ୟରେ ପରିଦୃଶ୍ୟ ହେଉଛି ଏବଂ ଦାୟବଦ୍ଧତା ଅବା ପ୍ରତିବଦ୍ଧତାକୁ ନ୍ୟାୟ ଦେଇପାରୁନି । ଏହି ସନ୍ଦିକ୍ଷଣରୁ ମୁକ୍ତିର ପ୍ରୟାସ ପ୍ରବନ୍ଧର ମୌଳିକ ଆବେଦନ ।

**ପ୍ରମୁଖ ଶବ୍ଦାବଳୀ :**

ଦାୟବଦ୍ଧତା, ପ୍ରତିବଦ୍ଧତା, ସାମାଜିକ ପ୍ରବାହ, ଏଜୁକେସନାଲ୍ ଗ୍ଲାମର, କଲଚୁରାଲ ଗ୍ଲାମର୍, ଗ୍ୟାଟ୍ ରାଜିନାମା, ଅବଧାରଣା, ଯାନ୍ତ୍ରିକ ଚାକଚକ୍ୟ ।

**ପ୍ରସଙ୍ଗ :**

ଗତ ତା ୦୮.୦୧.୨୦୨୪ ରୁ ୧୦.୦୧.୨୦୨୪ ମଧ୍ୟରେ ତିନିଦିନ ଧରି ଚାଲିଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ସଫଳତାର ସହିତ ସମାପନ ହେଲା । ଏହାର ଆୟୋଜକ ଓଡ଼ିଶା ହୋଇଥିବାରୁ ଓଡିଆଙ୍କ ପାଇଁ ଏହା ଥିଲା ଏକ ଅଭୁତପୂର୍ବ ଉପଲବ୍ଧି । ଗତ ୩୦.୦୧.୨୦୨୪ ମଧ୍ୟ ରାତ୍ରରେ ସ୍ୱାଡେକ୍ସ କୁ ଅନ୍ତରିକ୍ଷ ପ୍ରେରଣ କରିବା ଭାରତ ପାଇଁ

**ଯୋଗାଯୋଗ :**
**ଡକ୍ଟର ସୁମନ୍ତ ନାଏକ,** ସହକାରୀ ପ୍ରାଧ୍ୟାପକ
(ଓଡିଆ ବିଭାଗ),ଧରଣୀଧର ବିଶ୍ୱ ବିଦ୍ୟାଳୟ, କେନ୍ଦୁଝର
**E-mail.ID :** naik.sumantra2@gmail.com
**ORCID ID :** https://orcid.org/0009-0007-1953-3738

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୩.୨୦୨୫ | ୧୧.୦୪.୨୦୨୫ | ୨୫.୦୫.୨୦୨୫ | ୧.୦୬.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାୟକ, ସୁମନ୍ତ; ୨୦୨୫। ସାଂପ୍ରତିକ ସାହିତ୍ୟ : ପ୍ରତି ବନ୍ଧତା ଓ ଦାୟବଦ୍ଧତା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଗ ; ପୃଷ୍ଠା :୯-୧୩।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.15674099
Article No - BPP00302

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି । ଏହା ଅନ୍ତରୀକ୍ଷରେ ଡକିଙ୍ଗ୍ ହେଲା ଓ ଚନ୍ଦ୍ରଯାନ ୪ର ପ୍ରେରଣରେ ଏହା ଖୁବ୍ ସହାୟକ ହେବ । ପୃଥିବୀ ବାସୀଙ୍କ ପାଇଁ ଆଉ ଏକ ଉପଲବ୍ଧି ହେଉଛି ମଣିଷର ମସ୍ତିସ୍କ ଭିତରେ କୃତ୍ରିମ ମସ୍ତିଷ୍କର ପ୍ରତିରୋପଣ ସଫଳ ଆଡକୁ ଗତି କରୁଛି । ଏହା ଦ୍ୱାରା ମଣିଷକୁ ଆଉ ଚିନ୍ତା କରିବାକୁ ପଡିବ ନାହିଁ । ଗୋଟିଏ ପଟେ ବୈଷୟିକ ସଫଳତା ଓ ଭାରତର ପ୍ରତିଷ୍ଠା ବିଶ୍ୱରେ ପରିବୃଦ୍ଧି ହୋଇଥିବା ସମୟରେ ଅନ୍ୟ ପାଖରେ କେତୋଟି ଘଟଣା ସମଗ୍ର ମାନବ ସମାଜ ପାଇଁ ଚିନ୍ତାର କାରଣ ପାଲଟିଛି । ଗୋଟିଏ ପଟେ ଶ୍ରଦ୍ଧା ଓ ଅଫତାପ୍‌ର କାହାଣୀ ଓ ଅନ୍ୟଟି ହେଉଛି ସରସ୍ୱତୀ ଓ ମନୋଜର କାହାଣୀ । ଯେଉଁ ଶ୍ରଦ୍ଧାକୁ ମନୋଭରି ଭଲ ପାଉଥିଲା ବୋଲି କେତେ ସ୍ୱପ୍ନ ବିଭୋର ହୋଇଥିଲା ସେମାନଙ୍କର ପ୍ରେମ କାହାଣୀ କିନ୍ତୁ ମନ ଭିତରେ ଏତେ ପରିବର୍ତ୍ତନ ଆସିଲା ଯେ ଯିଏ ଦିନେ ଜୀବନ ସାଥି ଥିଲା ତାକୁ ପଇଁତିରିଶ ଖଣ୍ଡ କାଟି ଫ୍ରିଜର ମଧ୍ୟରେ ରଖିଦେଲା । ଆଉ ସ୍ୱରସ୍ୱତୀକୁ ତ ମନୋଜ ପିସ୍ ପିସ୍ କାଟି ତାର ହାଡକୁ ଗ୍ରାଇଣ୍ଡିଂ କରି କୁକୁରକୁ ଖୁଆଇବା ଘଟଣା ସତରେ ସମାଜକୁ ଯେଉଁ ବାର୍ତ୍ତା ହେଉଛି ଏଥିରେ ସମାଜ ପୁରା ବିଚଳିତ । ଗତ ୦୮.୦୧.୨୦୨୪ ତାରିଖ ଦିନର ରସୁଲଗଡ୍ ହତ୍ୟାକାଣ୍ଡ ଆଇନ୍ ଶୃଙ୍ଖଳା ବ୍ୟବସ୍ଥାକୁ ପୁରା ଚ୍ୟାଲେଂଜ୍ କରିଛି । ଏପରି ସାମାଜିକ ପ୍ରବାହ ଭିତରେ ଗୁଜୁରାଟରେ କ୍ଷମାବିନ୍ଦୁର ଆତ୍ମବିବାହ ଓ ଉତର ପ୍ରଦେଶର ଡି.କେ. ପଣ୍ଡାଙ୍କର ରାଧା ରୂପ ଧାରଣ ତଥା ସେହି ଉତର ପ୍ରଦେଶରେ ଉଗ୍ର ଧର୍ମାନ୍ଧତାର ପ୍ରବାହରେ ଗୋଟିଏ ପରିବାରର ଜଣେ ଯୁବକ ତାର ଭଉଣୀମାନଙ୍କୁ ତଂଟି ଚିପି ହତ୍ୟା କରିବା ଘଟଣା ସମଗ୍ର ଭାରତ ବର୍ଷକୁ ଦହଲାଇ ଦେଇଛି । ଏମିତି ଏକ ସମାଜରୁ ସାମାଜିକ ପ୍ରବାହମାନଙ୍କୁ ସାହିତ୍ୟ କିପରି ଭାବରେ ଦାୟବଦ୍ଧତାର ସହିତ ଉଲ୍ଲେଖ କରିବ ତାହା ଏବେ ପ୍ରଶ୍ନବାଚୀ ?

ସଂପ୍ରତିକତା ଓ ଆଧୁନିକତା ମଧ୍ୟରେ କୌଣସି ପ୍ରଭେଦ ନାହିଁ । ମୋ ମତରେ ଆଧୁନିକତା ସବୁବେଳେ ସଂପ୍ରତିକତାକୁ ହିଁ ବୁଝାଏ । ସବୁ ସମୟ ସେହି ସମୟ ପାଇଁ ଆଧୁନିକ । ମାତ୍ର ନୂତନ ଚେତନା, ଅବଧାରଣା ଓ ସାହିତ୍ୟରେ ନୂଆ ପ୍ରୟୋଗ ଯେଉଁ ନୂଆ ଢଙ୍ଗରେ ହୁଏ ସମାଲୋଚକମାନେ ତାକୁ କହିଥାନ୍ତି ଆଧୁନିକତା । ମୋ ମତରେ ଏହି କାଳଖଣ୍ଡକୁ ଏକବିଂଶ ଶତାବ୍ଦୀର କାଳଖଣ୍ଡ ଭାବରେ ଅଭିହିତ କରି ତାକୁ ସଂପ୍ରତିକ ଭାବରେ ଗ୍ରହଣ କଲେ ଅଧିକ ସମୀଚିନ ହେବ ।

ସାହିତ୍ୟର ସୀମା ସୁଦୂର ପ୍ରସାରୀ । ସାହିତ୍ୟ ମଧ୍ୟରେ ବ୍ୟକ୍ତହୁଏ ବା ସାହିତ୍ୟ ସବୁବେଳେ ପ୍ରଦର୍ଶିତ କରାଏ ମଣିଷର ଇଚ୍ଛା, ଆକାଂକ୍ଷା, ସଂମ୍ଭାବନା, ସୁଖ, ଦୁଃଖ, ଆନନ୍ଦ, ବିଷାଦ, ଆଉ ସାମାଜିକ ଜୀବନର ଯନ୍ତ୍ରଣା ସହିତ ଦାୟବଦ୍ଧତାକୁ । ସାହିତ୍ୟ ପାଠ କରି ସାହିତ୍ୟ ଶୁଣି ମଣିଷ ସାହିତ୍ୟର ଭାବାଦର୍ଶରେ ପ୍ରଭାବିତ ହୁଏ ଏବଂ ତଦନୁସାରେ ଜୀବନ ବଂଚେ । ତେଣୁ ସାହିତ୍ୟରେ ଦାୟବଦ୍ଧତା ରହିବା ଏକାନ୍ତ ଅପରିହାର୍ଯ୍ୟ ।

ଅନେକ ପରୀକ୍ଷା ନିରୀକ୍ଷାର ସମ୍ମୁଖୀନ ହୋଇଛି ସଂପ୍ରତିକ ସାହିତ୍ୟ । ଜୀବନକୁ ନୂଆ ଭାବରେ ଦେଖିବାର ଦୃଷ୍ଟିଭଙ୍ଗୀ ଆଧାରରେ ସାହିତ୍ୟ ହୋଇଛି ଋଦ୍ଧିମନ୍ତ । ସମାଜ ଓ ଜୀବନକୁ ନେଇ ସୃଷ୍ଟି ହୋଇ ତଥ୍ୟ ଓ ତତ୍ତ୍ୱର ବ୍ୟାପକ ପୋଷ୍ଟମର୍ଟମ୍ ହୋଇଛି ସାହିତ୍ୟରେ । ବିଂଶ ଶତାବ୍ଦୀର ଅନ୍ତିମ ପ୍ରହର ଓ ଏକବିଂଶ ଶତାବ୍ଦୀର ପ୍ରଥମ ପ୍ରହରର ଅବକ୍ଷୟ ଗ୍ରସ୍ତ ସମାଜରେ ଅସହାୟ ମଣିଷର ଦ୍ୱନ୍ଦ୍ୱ ଓ ସଂଘର୍ଷକୁ ନେଇ ସାହିତ୍ୟ ପ୍ରତୀକାତ୍ମକ ତଥା ଇଙ୍ଗିତାତ୍ମକ ଭାବରେ ପ୍ରକାଶିତ । ମନସ୍ତାତ୍ତ୍ୱିକ ପ୍ରକ୍ରିୟାରେ ଜୀବନ ରହସ୍ୟର ଉନ୍ମୋଚନ ଓ ତୀର୍ଯ୍ୟକ ଭଙ୍ଗୀରେ ଜୀବନର ନିଷ୍ଠୁରତାକୁ ଅନ୍ୱେଷଣ କରିବା ହେଉଛି ସାଂପ୍ରତିକ ସାହିତ୍ୟର ମୁଖ୍ୟସ୍ୱର । ଏହା ମଧ୍ୟରେ ସମାଜ ନିର୍ମାଣର ପରିକଳ୍ପନା ପାଇଁ ଲେଖକ ଦାୟବଦ୍ଧତାର ସହିତ ସଂଯତ କଲମ ମୁନ ଚାଳନା କଲାପରି ହୃଦ୍‌ବୋଧ ହେଉଛି ।

ସଂପ୍ରତିକ କାଳଖଣ୍ଡର ମଣିଷର ଆବଶ୍ୟକତା ଆଉ ତାର ପରିପୂର୍ଣ୍ଣତାର ସଂଜ୍ଞା ବଦଳି ଯାଇଛି । ବ୍ୟାପକ ହୋଇପଡିଛି ମଣିଷର ଆବଶ୍ୟକତା । ପରିପୂର୍ଣ୍ଣତା ଯେମିତି ତା ଭାଗ୍ୟରେ ନାହିଁ । ସଂପ୍ରତିକ ମଣିଷ ଖୁବ୍ ବସ୍ତୁବାଦୀ । ଏହାର ପ୍ରମୁଖ କାରଣ ହେଉଛି ସାଂପ୍ରତିକ ସମୟର ମହା ନାୟକମାନେ ମଣିଷକୁ ଉପଭୋକ୍ତା କରି ଦେଇଛନ୍ତି । ମଣିଷର ମନ ମଧ୍ୟରେ ବୈଷୟିକ ଜ୍ଞାନ ପ୍ରୟୋଗରେ ଏପରି ଆବଶ୍ୟକତାମାନ ପ୍ରୟୋଗ କରିଛନ୍ତି ଯେ ତା ବିନା ମଣିଷ ଯେମିତି ମୂଲ୍ୟହୀନ ଜୀବନ ବଂଚିବ । ଫଳତଃ ମଣିଷ ଉପଭୋକ୍ତା ପାଲଟି ଯାଉଛି । ଉପଭୋକ୍ତାର ପ୍ରଶାନ୍ତି ବସ୍ତୁ ପ୍ରାପ୍ତି ପରେ ହୁଏ । ବସ୍ତୁ ପ୍ରାପ୍ତିର ମୋହ ସବୁବେଳେ ତାର ହୃଦୟକୁ ଆନ୍ଦୋଳିତ କରେ । ମଣିଷ ବସ୍ତୁବାଦୀ ଚେତନରେ ବୁଡି ଗଲେ ପାଲଟି ଯାଏ ବ୍ୟକ୍ତିବାଦୀ । ବ୍ୟକ୍ତିବାଦୀ ମଣିଷ ଆପଣା ପଣରେ ସବୁଠୁ ବିଛିନ୍ନ ହୋଇ ବଂଚିବାକୁ ଚାହେଁ । ଫଳରେ ବସ୍ତୁ ପ୍ରାପ୍ତି ନହେଲେ ସେ ହୋଇଯାଏ ବିଷର୍ଣ୍ଣ । କାରଣ ଏକୁଟିଆ ମଣିଷକୁ ବିଷର୍ଣ୍ଣତା ଆକ୍ରାନ୍ତ କରିବା ସହଜ ହୋଇଥାଏ । ଏହି ବିଷର୍ଣ୍ଣତାବାଦ ହିଁ ଏକବିଂଶ ଶତାବ୍ଦୀର ମୂଳ କଥା । ମଣିଷକୁ ଏଥିରୁ କେମିତି ମୁକ୍ତି ଦେବ ଏହା ସାରସ୍ୱତ ସାଧକ ପାଇଁ ଚ୍ୟାଲେଂଜ୍ ।

ସାହିତ୍ୟ ଓ ଅର୍ଥନୀତିର ସଂପର୍କ ଖବ୍ ନିବିଡ । ସମାଜ ଜୀବନ ଅର୍ଥନୀତି ଦ୍ୱାରା ହୁଏ ନିୟନ୍ତ୍ରିତ । ସାହିତ୍ୟ ସଂଗୃହିତ ରହିବା

ଦିନଠାରୁ ଲକ୍ଷ କରାଯାଏ ଯେ ଅର୍ଥନୀତି ତାର ପ୍ରଭାବକୁ ସାହିତ୍ୟ ଉପରେ ଜାହିର କରି ଆସିଛି । ଅର୍ଥନୀତିର ପ୍ରଭାବ ନ ରହିଲେ ସାହିତ୍ୟ ମନରେ ଆସି ମନରେ ହିଁ ମରି ଯିବାର ସମ୍ଭାବନା ଅଧିକ । ସାହିତ୍ୟ ବି ସମୃଦ୍ଧ ହୁଏ । ମନର ସାମର୍ଥ୍ୟ ଓ ଅର୍ଥନୈତିକ ପ୍ରଭାବରେ । ଅର୍ଥନୀତିର ନିୟନ୍ତକ ହେଉଛି କ୍ଷମତା । କ୍ଷମତା ଅର୍ଥ ଦ୍ୱାରା ସମାଜକୁ ପରିଚାଳିତ କରେ । ସମାଜର ଗତି ଆଉ ନୀତିର ପ୍ରବାହ ଅର୍ଥନୀତି ଦ୍ୱାରା କ୍ରିୟାଶୀଳ । ସାହିତ୍ୟ ସମାଜର ବାହ୍ୟ ଓ ଅନ୍ତଃରୂପକୁ ଦର୍ଶାଉ ଥିବାରୁ ସାହିତ୍ୟ ମଧ୍ୟ ଅର୍ଥନୈତିକ ମାୟାଜାଲରେ ଛଟପଟ ହୁଏ । ଅର୍ଥନୈତିକ ପ୍ରଭାବରେ ମଣିଷର ଚଳନି ଓ ବଂଚିବାର ଧାରା ବଦଳେ । ଏହାର ବ୍ୟାପକ ପ୍ରବାହରେ ସଂସ୍କୃତି, ପରମ୍ପରା ବଦଳେ ଫଳତଃ ସଂସ୍କୃତି ଓ ପରମ୍ପରାକୁ ପ୍ରଦର୍ଶିତ କରାଉଥିବା ସାହିତ୍ୟ ବି ବଦଳି ଯାଏ । ଯେମିତି ଅତୀତର ଯୁବକ ପ୍ରେମ କରିବା ପାଇଁ ଯେଉଁ କସରତ କରୁଥିଲା ଏବେ ପ୍ରେମ ଯେମିତି ଏକ ସହଜ ଲବ୍‌ଧ ପଦାର୍ଥ ପାଲଟି ଯାଇଛି । ଅତୀତର ପ୍ରେମ ହେଉଛି –

ଆମ ପ୍ରେମ ଥିଲା ଚାଟଶାଳୀ ଘରେ କଂଟାକୋଳି ଦିଆ ନିଆ
ଆମ ପ୍ରେମ ଥିଲା ଦର ଭଙ୍ଗା କାନ୍ଥେ ଅଙ୍ଗାରରେ ଲେଖା ନାଆଁ
ଆମ ପ୍ରେମ ଥିଲା ଖଜୁରୀ ଗଛର ବାହୁଙ୍ଗା ତଳର ଚିଠି
ଆମ ପ୍ରେମ ଥିଲା ଝଡି ବରଷାର କଳା କିଟିମିଟି ରାତି ।
(ଆମ ପ୍ରେମର ଗତ ଗୀତ)

ଏବେ ପ୍ରେମ ଅକସ୍ମାତ୍ ଗ୍ରୀଷ୍ମ ଆକାଶର ମେଘ ପରି ଆସୁଛି, ପୁଣି ହଠାତ୍ ଅର୍ନ୍ତଧାନ ହୋଇଯାଉଛି । ପ୍ରେମର ମୂଲ୍ୟ ଏବେ ଟଙ୍କାରେ ତ ତଉଲା ଯାଉଛି । ପ୍ରେମ ଆଉ ବ୍ରେକ୍ ଅପ୍ ଦୁଇଟି ସାଧାରଣ ଶବ୍ଦ ପାଲଟି ଗଲାଣି । ଯେମିତି –

ଏବେ ଗ୍ଲାମର ର ମିଛ ମୋହରେ
ହାଇ ହିଲ୍ ପିନ୍ଧା ତୁମ ବାଟ ଚଲା
ଓୟର ଡାର୍କ ରୁମ୍‌ରେ ବି.ଏଫ୍. କୁ ଛାତିରେ ଜାବୁଡି ଧରିଲେ
ତୁମ ଷ୍ଟ୍ରେଟ୍ ହେୟାର ର ମଧୁଛୁଆଁରେ
ଓଜାଡି ହୋଇ ପଡେ, କେତେ ସୁରମ୍ୟ ପସରା । X X X
ତୁମକୁ ଅନ୍ ଲାଇନ୍‌ରେ ଦେଖିଲେ ଖୁସି ହେଉଛି ଏଥର
ସ୍ୟାଡ୍ ସାୟରୀର ଷ୍ଟାଟସ୍ ଟେ ଦେଇ
ଖୋଜୁଛି ଗୋଟାଏ ଭୂତ ମୁହଁର ଇମୋଜି ଉତର ।
(ସ୍ୟାଡ୍ ସାୟରୀ)

ଷ୍ଟ୍ରେଟ୍ ହେୟାର ଛୁଆଁ ଦେଇ ବୟଫ୍ରେଣ୍ଡ୍ ପାଖରୁ ଅନେକ ଦାମୀ ଉପହାର ପାଇବାର ମୋହରେ ପ୍ରେମ ବର୍ତ୍ତମାନ ପରଦୃଶ୍ୟ ହେଉଛି । ଏହି ପ୍ରେମରୁ ସାଧକ କେମିତି ଉତ୍ତରଦାୟିତ୍ୱ ଖୋଜିବ ତାହା ପ୍ରଶ୍ନବାଚୀ ।

ବର୍ତମାନର ଦୁନିଆ ଯାନ୍ତ୍ରିକ ଚାକଚକ୍ୟରେ ଭ୍ରମିତ । ଯନ୍ତ୍ର ମଣିଷକୁ ସଂପୂର୍ଣ୍ଣ ଗ୍ରାସ କରିଦେଇଛି । ବସ୍ତୁବାଦ ଜନିତ ମୋହର ଧାଁ ଦଉଡ ଭିତରେ ସେ ଏତେ ମଗ୍ନ ଯେ ସମୟକୁ ହଜାଇ ଦେବାର କ୍ଷୁଦ୍ର ଉପସ୍ଥାପନାରେ କହୁଛି – ତା ପାଖରେ ସମୟ ନାହିଁ । ସବୁ ମଣିଷ ସମୟହୀନତାରେ ଭ୍ରମିତ । ସତେ ଯେମିତି ସେ ବ୍ୟସ୍ତରେ ଜୀବନ ବଂଚୁଛି । ଏହି ବ୍ୟସ୍ତ ଜୀବନରେ ସାହିତ୍ୟକୁ ନିବିଡ ଭାବରେ ପଢିବାକୁ ଆଉ ଅବଲୋକନ କରିବାକୁ ତା' ପାଖରେ ଯେମିତି ସମୟ ନାହିଁ । ତେଣୁ ସାହିତ୍ୟର ଆଦର କମିଛି । ଏପରି କ୍ଷେତ୍ରରେ ସାରସ୍ୱତ ସାଧକର ମର୍ମବାଦୀକୁ ଅନୁଭବ କରିବ କିଏ ? ବର୍ତମାନ ସମୟର ବ୍ୟକ୍ତିକୁ ଓ ସାହିତ୍ୟକୁ ଦେଖିଲେ ସାହିତ୍ୟର ଭବିଷ୍ୟତ ସନ୍ଦିହାନ ମନେ ହୋଇଥାଏ ।

ଏବେ ବହି ବିକ୍ରି କମିଛି, ପତ୍ର ପତ୍ରିକାର ବିକ୍ରି ମଧ୍ୟ କମିଛି । କିନ୍ତୁ ଗୋଟିଏ କଥା ବର୍ତମାନ ପରିଦୃଶ୍ୟ ଯେ ପୂର୍ବ ଅପେକ୍ଷା ସାରସ୍ୱତ ସାଧକଙ୍କର ସଂଖ୍ୟା ବଢିଛି । କିନ୍ତୁ ଯେଉଁ ସାଧକମାନଙ୍କର ସଂଖ୍ୟା ବଢିଛି ସେମାନେ ଯେଉଁ ସାହିତ୍ୟ ସୃଷ୍ଟି କରୁଛନ୍ତି ତାହା କେବଳ ସଂଖ୍ୟା ଦୃଷ୍ଟିରେ ସନ୍ତୁଷ୍ଟି । ମାତ୍ର ସେ ସାହିତ୍ୟରେ ନା ଅଛି ଦାୟବଦ୍ଧତା ନା ସମାଜ ନିର୍ମାଣର ବାର୍ତ୍ତା । ଏବେ ପାଠକ ସଂଖ୍ୟା ବି ବଢିଛି । ଏ ପାଠକମାନେ ଆଉ ପାଠାଗାରକୁ ଯାଉ ନାହାଁନ୍ତି କି ପତ୍ରିକା କିମ୍ବା ପୁସ୍ତକ କିଣି ଘରେ ଟେବୁଲ୍ ଚେୟାରରେ ବସି ପଢୁ ନାହାଁନ୍ତି । ହାତରେ ଧରି ଥିବା ମୋବାଇଲରେ ସ୍କ୍ରଲ କରି କବିତା ଆଉ କୋଟେସନ୍ ଅଧିକ ପଢୁଛନ୍ତି । କବିତାଗୁଡିକ ପୁଣି ଯଦି କୌଣସି ଚିହ୍ନାଜଣା ମଣିଷର ହୋଇଥାଏ । ଦୃଷ୍ଟିଘୁରି ଆସେ, ନହେଲେ ଇଚ୍ଛା ଅନିଚ୍ଛାରେ ଲାଇକ୍, କମେଂଟ୍ ଦିଅନ୍ତି । ଏବେ ସାହିତ୍ୟ ସାମାଜିକ ଗଣ ମାଧ୍ୟମରେ ବେଶୀ ପରିମାଣରେ ପରିଦୃଶ୍ୟ । ସାମାଜିକ ଗଣମାଧ୍ୟମରେ ଉପସ୍ଥାପିତ ସାହିତ୍ୟ ସାମୟିକ ଆନନ୍ଦ ଦେଉଛି ସିନା ଏଥିରେ ସମାଜ ଗଠନର ମୁଖ୍ୟ ଚେତନା ହଜିଯାଉଛି । କାରଣ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ସାହିତ୍ୟର କେହି ଏଡିଟର ନାହାଁନ୍ତି । ସ୍ରଷ୍ଟା ମନକୁ ଯାହା ଆସିଲା ତାହା ଲେଖି ପ୍ରକାଶ କଲା । ଲେଖା ଭଲ ହେଉ କି ମନ୍ଦ ହେଉ ତାକୁ ପ୍ରଶ୍ନ ପଚାରିବ କିଏ ?

ମନ୍ଦିର ବେଢା, ଓଡିଟରିଅମ୍, ଲାଇବ୍ରେରୀରୁ ଏବେ ସାହିତ୍ୟ ଦୂରେଇ ଯାଇ ଇ-ପତ୍ରିକା, ଫେସବୁକ୍, ଗୁଗୁଲ୍ ମିଟ୍ ରେ ସାହିତ୍ୟ ଆସର ଓ ସାହିତ୍ୟର ଚର୍ଚ୍ଚା ହେଉଛି । ଅନ୍ ଲାଇନ୍‌ରେ ସାହିତ୍ୟ ସଂପାନ ଏବେ ଗ୍ଲାମର ପାଲଟି ଗଲାଣି । ଏମିତି ବ୍ୟବସ୍ଥାକୁ ଆଉବେଶୀ ଦିନ ନୁହେଁ ଖୁବ୍ ଅଳ୍ପ ଦିନରେ ଆମେ ସମସ୍ତେ ଗ୍ରହଣ କରିସାରିଥିବା

ଦୁଃଖ ଏଇଆ ଯେ ସୋସିଆଲ୍ ମିଡିଆରେ ଆମେ କ'ଣ ଆଉ ଆମର କ୍ଲାସିକ୍ ସାହିତ୍ୟ (ରାମାୟଣ, ମହାଭାରତ) ଆଦିକୁ ପାଇ ପାରିବା ? ଏବେ ସୋସିଆଲ୍ ମିଡିଆରେ ଲେଖା ସାହିତ୍ୟକୁ ଆମେ ଆଲୋଚନା କରି ଉଚାଙ୍ଗ ସାହିତ୍ୟର ରୂପଦେବା ।

ସାହିତ୍ୟର ପ୍ରସାର ଯଦି ସାମାଜିକ ଗଣମାଧ୍ୟମରେ ହେବ । ପାଠକ ଯଦି ସାମାଜିକ ଗଣମାଧ୍ୟମରେ ସାହିତ୍ୟ ଖୋଜିବ ତାହେଲେ ଏକବିଂଶ ଶତାବ୍ଦୀର ସାହିତ୍ୟର ସ୍ୱରୂପ କ'ଣ ହେବ ତାହା ଚିନ୍ତା କଲେ ମନ ବିଷର୍ଣ୍ଣ ହୁଏ । ସତ କଥାଟି ହେଉଛି ସାମାଜିକ ଗଣମାଧ୍ୟମ ହେଉଛି ଲଗାମଛଡା । ନା' ତାର ଅଛି ସାମାଜିକ ଦାୟବଦ୍ଧତା ନା ଅଛି ସମାଜ ଗଠନ ପ୍ରତିବଦ୍ଧତା ।

ସାମାଜିକ ପ୍ରତିବଦ୍ଧତା ଓ ଦାୟବଦ୍ଧତାର କଥା ଆସିଲେ ବୁଢ଼ୀମା'ର ଲୋକଗୀତ, ଲୋକ କାହାଣୀ କଥା ମନେ ପକେଇ ଦିଏ । ବଉଳା ଗାଈର ଗପ ଖାଲି ଗପ ନୁହେଁ ଦାୟବଦ୍ଧତା ଆଉ ପ୍ରତିବଦ୍ଧତାର ଚରମ ନିଦର୍ଶନ ଅଟେ । ବାଘକୁ କଥା ଦେଇ ନିଜ ପିଲାକୁ କ୍ଷୀର ପିଆଇ ପୁଣି ସତ୍ୟରକ୍ଷା ପାଇଁ ବାଘ ମୁହଁକୁ ଆଉ ଥରେ ଯିବାର ପ୍ରତିବଦ୍ଧତା ଆମ ସତ୍ୟ ପଥରେ ଯିବା ନିର୍ଦ୍ଦିତାଇଥାଏ । ଏପରି ସ୍ଥଳେ ବାଘ ବି ସତ୍ୟ ସମ୍ମୁଖରେ ମଥା ନୁଆଁଏ । ଏଥି ସହିତ ବୁଢ଼ୀମା'ର ଲୋକକ୍ତି ଆମକୁ ସୁପଥରେ ଆଉ ସତର୍କତା ଅବଲମ୍ବନରେ ସହାୟକ ହୋଇଥାଏ । ଯଥା -

ଦୁଆରେ ରଖିବୁ ଦନ୍ତି କବାଟ, ନିଜ ବାଡି ଆଡେ ବସାଇ ହାଟ
ଦେବୁ - ମାଗିବୁ ନାହିଁ
ଯେମିତି କରିବୁ - ସେମିତି ପାଇବୁ
ହାଡି ପରି ଅର୍ଜିବୁ - ସାଆନ୍ତ ପରି ଖାଇବୁ
ରାଜାଙ୍କ ଆଗରେ ସତ କହିବୁ - ମାଇପ ଆଗରେ ମିଛ କହିବୁ ।

ସତ କଥାଟି ହେଉଛି ସାହିତ୍ୟ ଲୋକ ମୁଖରେ ଥିଲାବେଳେ, ପଥର ଗାତ୍ରରେ ଥିଲାବେଳେ ସାମାଜିକ ପ୍ରତିବଦ୍ଧତାକୁ ଭୁଲି ନାହିଁ । ଏବେ ମୋବାଇଲ୍, ଲାପଟପ୍, କମ୍ପ୍ୟୁଟର, ମଲ୍‌ଟିପ୍ଲେକ୍ସରେ ବହୁଳ ପ୍ରଚାରିତ ହେଲେ ହେଁ ସାହିତ୍ୟର ଦାୟବଦ୍ଧତା ଓ ସାମାଜିକ ପ୍ରତିବଦ୍ଧତା ପ୍ରଦର୍ଶିତ କରିବାକୁ ବିଫଳ ପରି ମନେ ହେଉଛି ।

ସିନେମା ଓ ଯାତ୍ରା ନାଟକ ସାହିତ୍ୟର ପରିସର ଅନ୍ତର୍ଭୁକ୍ତ କି ନାହିଁ ତାହା ହୁଏ ତ ତର୍କ ହୋଇପାରେ, ମାତ୍ର ସାହିତ୍ୟର ସ୍ୱର ଯେ ଏଥିରେ ଝଙ୍କୃତ ଏକଥାକୁ ଅସ୍ୱିକାର କରି ହେବ ନାହିଁ । ଅନେକ ଉପନ୍ୟାସ ଯାତ୍ରା ନାଟକ ହୋଇଛି, ଆଉ ସିନେମା ବି ହୋଇଛି, ପୁଣି ଖୁବ୍ ସଫଳତା ପାଇଛି । ଏହାର ଉଦାହରଣ ଉପସ୍ଥାପନା ନକଲେ ମଧ୍ୟ ଯେକୌଣସି ମଣିଷ ଏ ସମ୍ବନ୍ଧରେ ଜ୍ଞାତ । ଏବେ ଏବେ ଏକ ସିନେମା ପନ୍ଦର ଶହ କୋଟିରୁ ଅଧିକ ଟଙ୍କା ବ୍ୟବସାୟ କଲାଣି । ପିଲ୍ମ ଟିର ନାମ 'ପୁଷ୍ପା' । ଯାହା ବିଭିନ୍ନ ଭାଷାରେ ଡବିଂ ହୋଇ ସଫଳତା ପାଇଛି । ମାତ୍ର ଏ ସଫଳତାର ଦାୟବଦ୍ଧତା କଥା ଆସିଲେ କିଏ ଉତରଦାୟୀ ହେବ । ଫିଲ୍ମ ନିର୍ମାତା, ଡାଇରେକ୍ଟର, ଅଭିନେତା, ଅଭିନେତ୍ରୀ ନା ଦର୍ଶକ ଅବା କୁହାଯାଇପାରେ ସେନ୍‌ସର ବୋର୍ଡ । ପୁଷ୍ପା ନାମର ଏକ ଚନ୍ଦନ କାଠ ବ୍ୟବସାୟୀର ପ୍ରଭାବ ସମାଜ ଉପରେ ଯେପରି ପଡିଛି ତାହା ସମାଜକୁ କି ଶିକ୍ଷା ପ୍ରଦାନ କରୁଛି । ସେନ୍‌ସର ବୋର୍ଡ କାହିଁକି ଏହି କ୍ରିମିନାଲ ଆକ୍ଟିଭିଟି ଥିବା ସିନେମାକୁ ପ୍ରଦର୍ଶିତ ପାଇଁ ସୁଯୋଗ ଦେଉଛି କେଜାଣି ? ସେହିପରି ଏବର ଏକ ଯାତ୍ରା ନାଟକ 'ହାଇଦର'କୁ ବି ବିଚାର କରାଯାଇପାରେ । ଏଥି ପ୍ରତି ସମାଜ ଆଉ ସ୍ରଷ୍ଟା, ନିର୍ମାତା ସଚେତନା ହେବା ନିହାତି ଆବଶ୍ୟକ । ମାତ୍ର ସମାଧାନ ପାଇଁ ସ୍ରଷ୍ଟା ଟିକେ ଉଦାସୀନ ମନେ ହେଉଛି ।

## ପ୍ରାସଙ୍ଗିକ ଆଲୋଚନା :

ଗୋଟିଏ ଅଦ୍ଭୁତ ଯନ୍ତ୍ର ଯାହାକୁ ମୋବାଇଲ୍ ବୋଲି କୁହାଯାଉଛି, ତାହା ଦ୍ୱାରା ମଣିଷର ଜୀବନ ଧାରା ସହଜ ହୋଇଛି ସତ ମାତ୍ର ମଣିଷ ଏକ ସମ୍ବେଦନ ହୀନ ପ୍ରାଣୀ ପାଲଟି ଯାଇଛି । ମଣିଷକୁ ଏହି ମୋବାଇଲ୍‌ଟି ତାର ନିତ୍ୟ ନୈମିତିକ ଜୀବନ ଧାରାରେ ବ୍ୟାପକ ପରିବର୍ତ୍ତନ କରି ଏକ କ୍ରିୟାଶୀଳ ମଣିଷରୁ ଶିଥିଳ ମଣିଷ କରି ଦେଇଛି । ଜଣେ ସାଧାରଣ ମଣିଷ ସକାଳ ଆରମ୍ଭ କରୁଥିଲା ଚା ସହିତ ଖବରକାଗଜରୁ ଆଉ ଦେଶ ଦୁନିଆର ଖବର ଜାଣିବା ପାଇଁ ସାମାଜିକ ବ୍ୟବସ୍ଥାର ଚିତ୍ର ଚରିତ୍ର ଜାଣିବା ପାଇଁ, ତଥା ଖୁସି ସହିତ ଶିକ୍ଷା ପାଇଁ ସେ ମାଗାଜିନ୍, ଗଳ୍ପ ଉପନ୍ୟାସ ଆଦି ପାଠ କରୁଥିଲା । ସିଧା କଥାରେ କହିବାକୁ ଗଲେ ପତ୍ରିକା ଓ ପୁସ୍ତକ ଥିଲା ତାର ଏକାନ୍ତ ସାଥି । ଆଜି ସେହି ମଣିଷ ସେଥିରୁ ଏହି ଯନ୍ତ୍ର ପାଇଁ ଦୂରରେ । ଫଳତଃ ଏବେ ବହି ବିକ୍ରି କମିଛି, ପତ୍ର ପତ୍ରିକାର ବିକ୍ରି ମଧ କମିଛି । କିନ୍ତୁ ଗୋଟିଏ ଅଦ୍ଭୁତ କଥା ବର୍ତ୍ତମାନ ପରିଦୃଶ୍ୟ ଯେ ପୂର୍ବ ଅପେକ୍ଷା ସାରସ୍ୱତ ସାଧକଙ୍କର ସଂଖ୍ୟା ବଢ଼ିଛି । କିନ୍ତୁ ଯେଉଁ ସାଧକମାନଙ୍କର ସଂଖ୍ୟା ବଢ଼ିଛି ସେମାନେ ଯେଉଁ ସାହିତ୍ୟ ସୃଷ୍ଟି କରୁଛନ୍ତି ତାହା କେବଳ ସଂଖ୍ୟା ଦୃଷ୍ଟିରେ ସନ୍ତୁଷ୍ଟି । ମାତ୍ର ସେ ସାହିତ୍ୟରେ ନା ଅଛି ଦାୟବଦ୍ଧତା ନା ଅଛି ପ୍ରତିବଦ୍ଧତା ନା ଅଛି ସମାଜ ନିର୍ମାଣର ବାର୍ତା । ଏବେ ପାଠକ ସଂଖ୍ୟା ବି ବଢ଼ିଛି ଏ ପାଠକମାନେ ଆଉ ପାଠାଗାରାକୁ ଯାଉ ନାହାଁନ୍ତି କି ପତ୍ରିକା କିମ୍ବା ପୁସ୍ତକ କିଣି ଘରେ ଟେବୁଲ୍ ଚେୟାର ପକାଇ ପଢୁ ନାହାଁନ୍ତି । ହାତରେ ଧରିଥିବା ମୋବାଇଲ୍‌ରେ ସ୍କ୍ରଲ କରି କବିତା ଆଉ କୋଟେସନ୍ ଅଧିକ ପଢୁଛନ୍ତି । କବିତାଗୁଡିକ ପୁଣି ଯଦି କୌଣସି ଚିହ୍ନାଜଣା ମଣିଷର ହୋଇଥାଏ ତା ଉପରେ ଦୃଷ୍ଟି ଘୁରି ଆସେ, ନହେଲେ

ଇଛା ଅନିଛାରେ ଲାଇକ୍, କମେଂଟ୍ ଦିଅନ୍ତି । ଏବେ ସାହିତ୍ୟ ସାମାଜିକ ଗଣମାଧ୍ୟମରେ ବେଶୀ ପରିଦୃଶ୍ୟ । ସାମାଜିକ ଗଣମାଧ୍ୟମରେ ଉପସ୍ଥାପିତ ସାହିତ୍ୟ ସାମାଜିକ ଆନନ୍ଦ ହେଉଛି ସିନା, ଏଥିରେ ସମାଜ ଗଠନର ମୁଖ୍ୟ ଚେତନା ହଜିଯାଇଛି । କାରଣ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ସାହିତ୍ୟ କେହି ସଂପାଦକ ନଥାନ୍ତି କି ସାହିତ୍ୟର ସଂପାଦନା ହୁଏ ନାହିଁ । ସ୍ରଷ୍ଟାର ମନକୁ ଯାହା ଆସିଲା ସେ ତାହା ଲେଖି ପ୍ରକାଶ କଲା । ଲେଖା ଭଲ ହେଉ କି ମନ୍ଦ ତାକୁ ପ୍ରଶ୍ନ ପଚାରିବ କିଏ ? ଦାୟିତ୍ୱ ହୀନ ସାମାଜିକ ଗଣମାଧ୍ୟମରେ ପ୍ରତିବଦ୍ଧତା ଆଉ ଦାୟବଦ୍ଧତା କିପରି ମିଳିବ ?

**ଉପସଂହାର :**

ଯେକୌଣସି ସାହିତ୍ୟରୁ ପାଠକ ଖୁସି ଖୋଜେ । ପାଠକ ସବୁବେଳେ ଚାହେଁ ସାହିତ୍ୟରେ କ ମିଳନାତ୍ମକ ପରି ସମାପ୍ତିର । ଏଥି ସହିତ ଖଳ ଚରିତ୍ରକୁ ଦଣ୍ଡ ଦେଇ ପାଠକ ଖୁସି ହୁଏ । ଖୁସି ଆଉ ଶିକ୍ଷା ସାହିତ୍ୟର ମୂଳ ଭାବ । ଆନନ୍ଦ ଭିତରେ ଶିକ୍ଷା ଲାଭ ସମାଜ ନିର୍ମାଣରେ ଅଧିକ ସହାୟକ ହୁଏ । ସାରସ୍ୱତ ସାଧକମାନେ ସାହିତ୍ୟରେ ତଥ୍ୟର ତତ୍ତ୍ୱ ଅବତାରଣା କରି ନୂତନ ପ୍ରୟୋଗ କରନ୍ତି । ତତ୍ତ୍ୱ ଓ ତଥ୍ୟରେ ପାଠକ କାହିଁକି ଘାଂଟି ହେବ । ସ୍ରଷ୍ଟାର ପ୍ରୟୋଗ ବା ପରୀକ୍ଷା ତାର ନିଜସ୍ୱ । ସାମାଜିକ ବ୍ୟବସ୍ଥା ସହିତ ପ୍ରୟୋଗର ସାମାଞ୍ଜସ୍ୟତା ଆସିଲେ ପାଠକର ଆଗ୍ରହ ବଢେ । ପାଠକ ଯେଉଁଠି ନିଜକୁ ପାଏ, ଘଟଣା ଚରିତ୍ର ସହିତ ନିଜକୁ ସାମିଲ୍ କରେ, ସେ ସେହି ସାହିତ୍ୟକୁ ଆଦରରେ ପଢେ । ଲେଖକର ସହଯାତ୍ରୀ ହେଉଛି ପାଠକ । ଲେଖା ସହିତ ପାଠକକୁ ସାମିଲ୍ କରାଇବାର କୁଶଳୀ ଭାବ ସ୍ରଷ୍ଟାର ନ ରହିଲେ ସେ ପାଠ ବା ସୃଷ୍ଟି ଗ୍ରହଣୀୟ ହୁଏ ନାହିଁ । ତେଣୁ ସ୍ରଷ୍ଟାର ପରମ କର୍ତ୍ତବ୍ୟ ବା ଦାୟବଦ୍ଧତା ହେଉଛି ସାମାଜିକ ସମସ୍ୟାକୁ କୁଶଳୀ ଭାବରେ ଲୋକମାନଙ୍କ ଚେତନାକୁ ଯୋଡି ସମାଜ ନିର୍ମାଣର ପ୍ରୟାସ କରିବା । ନିଜ କଥା କହିଲେ ପାଠ ଅନାଦୃତ ହୁଏ, ଦାୟବଦ୍ଧତା ରହି ନଥାଏ । ସାମ୍ପ୍ରତିକ କାଳ ଖଣ୍ଡର ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତାର ସ୍ୱର ଟିକେ ନିଷ୍ପ୍ରଭ । ସଂପ୍ରତିକ ସାହିତ୍ୟ ହେଉଛି ଜ୍ଞାନ ବିଜ୍ଞାନର ସାହିତ୍ୟ । ଜ୍ଞାନ ବିଜ୍ଞାନ ଓ ସାମାଜିକ ପ୍ରବାହର ମିଶ୍ର ରୂପ ଏବର ସାହିତ୍ୟ ଆତ୍ମିକ ଓ ଆଙ୍ଗିକ ବିଭବ । ସାମାଜିକ ସମସ୍ୟା ସାହିତ୍ୟର ସବୁ ସମୟରେ ପୁଞ୍ଜି । ଏହି ପୁଞ୍ଜିକୁ ଦାୟବଦ୍ଧତାର ସହିତ ପ୍ରଦର୍ଶିତ କରାଇବା ସାରସ୍ୱତ ଜଗତର ପରମ ଆଦର୍ଶ ହେଲେ ସମାଜ ସୁପଥରେ ଆଗେଇ ଚାଲିବ । ସାମାଜିକ ପରମ ଆଦର୍ଶ ହେଲେ, ସମାଜ ସୁପଥରେ ଗତି କରିବ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଓଡିଆ ସାହିତ୍ୟର ଇତିହାସ - ଡକ୍ଟର ବେଣୁଧର ପାଢୀ - ୨୦୧୪

୨. ଓଡିଆ ସାହିତ୍ୟର ଇତିହାସ - ଡକ୍ଟର ବାଉରୀବନ୍ଧୁ କର - ୧୯୯୮

୩. ଓଡିଆ ସାହିତ୍ୟର ସାଂସ୍କୃତିକ ବିକାଶ ଧାରା - ଚିତରଞ୍ଜନ ଦାସ - ୧୯୮୧


❖ ❖ ❖

DOI : https://doi.org/10.5281/zenodo.15674128

ମୂଳ ପ୍ରବନ୍ଧ

# ଲଳିତା - ସମ୍ପର୍କର ଏକ ଖିଆଲି ଯନ୍ତ୍ରଣା

**ସୁଜ୍ଞାନୀ କୁମାରୀ ସାହୁ**

**ସଂକ୍ଷିପ୍ତସାର :**

ଭ୍ଲାଦିମିର ନଭୋକବ୍ ରୁଷୀୟ - ଆମେରିକୀୟ ଲେଖକ ଭାବେ ବେଶ୍ ଜଣାଶୁଣା । ମୂଳତଃ ରୁଷୀୟ ଭାଷାରେ ଲେଖନୀ ଚାଳନା କରିଥିବା ଭ୍ଲାଦିମିର୍ ପରବର୍ତ୍ତୀ କାଳରେ ଇଂରାଜୀ ଭାଷାରେ ଲେଖାଲେଖିରେ ବ୍ରତୀ ହୋଇଛନ୍ତି । ଏକ ପୁରୁଣା କୁଳୀନ ପରିବାରରେ ଜନ୍ମିତ ଭ୍ଲାଦିମିର୍‌ଙ୍କ ଜନ୍ମ ୨୨ ଏପ୍ରିଲ ୧୮୯୯ରେ ସେଣ୍ଟ ପିଟ୍‌ସବର୍ଗ । ରୁଷରେ ଜନ୍ମ ହୋଇଥିବା ଲେଖକ ୧୯୭୭ରେ ୨ ଜୁଲାଇରେ ସ୍ୱିଜ୍‌ରଲ୍ୟାଣ୍ଡରେ ଇହଲୀଳା ତ୍ୟାଗ କରିଥିଲେ । ଉଭୟ ରୁଷୀୟ ଓ ଇଂରାଜୀ ଭାଷାରେ ଲିଖନୀ ଚାଳନାରେ ପାରଦର୍ଶିତା ହାସଲ କରିଥିବା ନଭୋକବ୍ ଲଳିତା (Lolita) ପାଇଁ ବେଶ୍ ପ୍ରସିଦ୍ଧି ଅର୍ଜନ କରିଥିଲେ । ଏତଦ୍ ଭିନ୍ନ 'Pnin', 'Pale fire', 'Ada ar Andor', 'Speak memory' ତାଙ୍କର କେତୋଟି ଚର୍ଚ୍ଚିତ ସାହିତ୍ୟ କୃତି ।

୧୯୫୫ ରେ ଫ୍ରାନ୍‌ସରେ ପ୍ରକାଶିତ ହୋଇ 'Lolita' ଉପନ୍ୟାସ ଜଗତରେ କ୍ରାନ୍ତି ସୃଷ୍ଟି କରିଥିଲା, ମାତ୍ର ୧୯୫୮ ରେ ଆମେରିକାରେ ପ୍ରକାଶିତ ପରେ ଆମେରିକା ସାହିତ୍ୟିକ ଓ ସାଂସ୍କୃତିକ ପାଣିପାଗକୁ ଦୋହଲାଇ ଦେଇଥିଲା । ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଭାଷାକୁ ଭାଷାନ୍ତରିତ ହେବା ସହ ଓଡ଼ିଆ ଭାଷାରେ 'ଉମାଶଙ୍କର ପଣ୍ଡା' ଙ୍କ ଦ୍ୱାରା ଅନୁଦିତ ହୋଇ 'ଲଳିତା' ନାମରେ ପ୍ରକାଶିତ ହୋଇ ମୂଳ ସାହିତ୍ୟ ସୃଷ୍ଟିର ସମଅନୁଭୂତିକୁ ବଜାୟ ରଖିପାରିଛି ।

ଏହି ଉପନ୍ୟାସର ପ୍ରତିନାୟକ (ହାର୍ମବଟ୍)ର ମରଣୋତ୍ତର ଭାବେ ପ୍ରକାଶିତ ସଂସ୍କରଣଟି ହୋଇ ପ୍ରକାଶିତ। ଯିଏକି ଜଣେ ୟୁରୋପୀୟ ବୁଦ୍ଧିଜୀବୀ । ଯାହାର ଏକ ୧୨ ବର୍ଷୀୟ ରୂପନ୍ୱିତା କିଶୋରୀ Lalita (ଲଳିତା) ପ୍ରତି ଅଦମ୍ୟ ପ୍ରେମ - ବାସନା। ଯାହାକି ତାଙ୍କ ମାନସପଟର ସାମ୍ରାଜ୍ଞୀ ଲଳିତା ପ୍ରତି ପ୍ରେମ ନିବେଦିତ । ସମୟ ବଦଳିଛି, ମଣିଷ ବଦଳିଛି, ବଦଳିଛି ବି ସମ୍ପର୍କର ମୂଲ୍ୟବୋଧ - ସେଇ ସମ୍ପର୍କର ଏକ ଖିଆଲି ଯନ୍ତ୍ରଣା Lalita (ଲଳିତା) ।

**ପ୍ରମୁଖ ଶବ୍ଦାବଳୀ :**

ଲଳିତା (Lolita), ହାର୍ମବଟ୍, ଅପ୍ରାପ୍ତ ବୟସ୍କା, ୟନାବେଲ୍, କିଶୋରୀ ପ୍ରେମିକା, ଜୁରୀବୃନ୍ଦ, ଇଲେକ୍ଟ୍ରା କମ୍ପ୍ଲେକ୍ସ (Electra complex)

"ଲଳିତା- ମୋର ଆଲୋକ, ମୋର ଅନ୍ଧକାର, ମୋର ବାସନା, ମୋର ପାପ, ମୋର ପୁଣ୍ୟ, ମୋର ପ୍ରେମ, ମୋର ଘୃଣା, ମୋର କାମନା, ମୋର ଶରୀର, ମୋର ଆତ୍ମା। ଚାରିଫୁଟ ଦଶଇ ଦୀର୍ଘ ଏହି ରୂପକଥାର ରାଜକନ୍ୟା ମୋ ଘରେ ଲୋ, ସ୍ଲାକ୍ସ ପିନ୍ଧିଲେ ଲୋଲା, ସ୍କୁଲରେ ଡଲି, ଭଲ ନାଆଁ ଡଲୋରେସ୍। କିନ୍ତୁ ମୋ ନିକଟରେ ମୋ ସ୍ୱପ୍ନର ସାମ୍ରାଜ୍ୟରେ ଲଳିତା।" (ISBN 81 - 7704 - 003 - 0 : P - 1)

ଏହା ଥିଲା ଶ୍ରଦ୍ଧେୟ ଜୁରିସଭା ନିକଟରେ ହାମର୍ବାଟଙ୍କର ସ୍ୱୀକାରୋକ୍ତି । ହାମର୍ବାଟ ବା ଡ. ଏଡଗାର ଏଇଚ ହାମର୍ବାଟ, ଭ୍ଲାଦିମିର ନିବୋକଭ୍ (LOLITA) ଙ୍କ ମାନସ ପୁତ୍ର ବା ଉମାଶଙ୍କର ପଣ୍ଡାଙ୍କ 'ଲଳିତା' ର ମୁଖ୍ୟ ନାୟକ। କଳ୍ପନା ଓ ବାସ୍ତବ (ନବକୋଭ୍‌ଙ୍କ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢ଼ିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at :
https://pracheenews.com/

DOI:
https://doi.org/10.5281/zenodo.15674128
Article No - BPP00303

**ଯୋଗାଯୋଗ :**
**ସୁଜ୍ଞାନୀ କୁମାରୀ ସାହୁ**, ଓଡ଼ିଶା ଭାଷା ଓ ସାହିତ୍ୟ ବିଭାଗ, ଶୈଳାବାଳା ମହାବିଦ୍ୟାଳୟ, କଟକ
Email : sugyanikumarisahu1986@yahoo.com
ORCIDID: https://orcid.org/0009-0008-6756-873X

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୦୩.୨୦୨୫ | ୧୧.୦୪.୨୦୨୫ | ୨୫.୦୫.୨୦୨୫ | ୧.୦୬.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ସୁଜ୍ଞାନୀ କୁମାରୀ ; ୨୦୨୫। : ଲଳିତା - ସମ୍ପର୍କର ଏକ ଖିଆଲି ଯନ୍ତ୍ରଣା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଖ; ପୃଷ୍ଠା :୧୪-୧୮।

ମତରେ)ର ଫେଣ୍ଟାଫେଣ୍ଟି ରଙ୍ଗ ଯାହା ଉତୁରି ପଡ଼ିଛି କାଗଜର କ୍ୟାନଭାସ୍‌ରେ ଓ ଆଙ୍କି ହୋଇ ଯାଇଛି ଏକ ଅତିନ୍ଦ୍ରୀୟ ଓ ଦୁର୍ବୋଧ ହାମର୍ବାଟଙ୍କ ପରି ଚରିତ୍ରଟିଏ ଏବଂ ଲାବଣ୍ୟମୟୀ ଅପ୍ସରୀ ସାଦୃଶ୍ୟ ଲଳିତା ପରି ନାୟିକାଟିଏ। ଯାହାକୁ କେନ୍ଦ୍ର କରି ଗଢ଼ି ଉଠିଛି ସମଗ୍ର ଉପନ୍ୟାସଟି ।

ନିଃସଙ୍ଗତା ବୋଧ, ବିଷାଦଗ୍ରସ୍ତ ବ୍ୟକ୍ତିବାଦର ନିରଙ୍କୁଶ ପ୍ରତିଫଳନ କେତେ ମର୍ମନ୍ତୁଦ ଏବଂ ହାର୍ମର୍ବାଟ ଓ ଲଳିତା ଭିତରେ ଗଢ଼ି ଉଠିଥିବା ସମ୍ପର୍କ (ଅନୈତିକ)କୁ ଅନୁଭବ କରିବା ପାଇଁ ଆମକୁ ଯିବାକୁ ପଡ଼ିବ ଉମାଶଙ୍କର ପଣ୍ଡାଙ୍କ ଦ୍ୱାର ଅନୁବାଦିତ ହୋଇଥିବା ଉପନ୍ୟାସ 'ଲଳିତା'କୁ । ସମୟ ବଦଳିଛି, ମଣିଷ ବଦଳିଛି, ବଦଳିଛି ବି ସମ୍ପର୍କର ମୂଲ୍ୟବୋଧ, ସେଇ ସମ୍ପର୍କର ଏକ ଖିଆଲି ଯନ୍ତ୍ରଣା 'ଲଳିତା' ।

ଲଳିତା ଦେହର କବିତା, ପରୀମାନଙ୍କ ରାଜକୁମାରୀ, ରକ୍ତମାଂସର ଗନ୍ତାଘର, ସମ୍ପର୍କର ଏକ ବ୍ୟର୍ଥ କୋଣାର୍କ, ସବୁ ଆଶାର ପ୍ରତ୍ୟାଶା, ଏପରିକି ପ୍ରେମର ଉପନିବେଶଟିଏ । ଯେଉଁ ଉପନିବେଶରେ ଲଳିତା ହିଁ ଲଳିତା, କେବଳ ଲଳିତା, ହାମର୍ବାଟଙ୍କ ପ୍ରଣୟନୀ ଲଳିତା । ଯେଉଁଠି ହାମର୍ବାଟଙ୍କ ପରି ହିମାଦ୍ରୀର ଘନୀଭୂତ ଅପ୍ସରୀ ମାନଙ୍କୁ ଭଲ ପାଉଥିବା ଏକ ପରକୀୟା ପ୍ରୀତିର ଜନ୍ମଦାତା । ଅପ୍ସରୀ ୯ ରୁ ୧୪ ସବୁ ଅପ୍ରାପ୍ତ ବୟସ୍କା । ଲଳିତା ସେହି ଅପ୍ସରୀ । ହାମର୍ବାଟଙ୍କ ମାନସ ପ୍ରତିମା, କଳ୍ପନାର କଳ୍ପଲତା, ଛୋଟ ଏକ ଲେଲିହାନ ଶିଖା, ପ୍ରତିଛବି ଓ ପ୍ରକୃତି। ହାମର୍ବାଟଙ୍କ ପୂର୍ବର ସବୁତକ ପ୍ରେମିକାଙ୍କ ପ୍ରଜ୍ୱଳିତ ପ୍ରତିଛବି ଓ ପ୍ରକୃତି। ହାମର୍ବାଟଙ୍କ ଅତୀତ ଅନାବାଦିରେ ଅନେକ ଦେହ, ଅନେକ ମୁହଁ । କିଛି ମୁହଁ ଯେପରିକି ମୋନିକ୍ (ଗଣିକା) ଓ ୟାନାବେଲ୍ (ବାଳିକା ପ୍ରେମିକା) ଯାହା ଏକତ୍ରିତ ହୋଇ ଏକ ସୁନ୍ଦର ସମିଶ୍ରଣରେ ଉଦ୍‌ଭାସ ହେଉଥିଲା ଲଳିତାର ଛବିରେ (ଯଦିଓ ୨୪ ବର୍ଷ ବାଦ୍) । ଭଲ ପାଇବାର ଏକ ଭିନ୍ନ ନିର୍ଯ୍ୟାସ। ହାମର୍ବାଟଙ୍କ ମୁହଁରୁ ପ୍ରକାଶିତ "କିନ୍ତୁ ସେଦିନ ସେ ଲଜ୍ଜାବତୀ ଲତା, ନକ୍ଷତ୍ରର ସେହି ଅସ୍ପଷ୍ଟ ଆଲୋକ, ସେହି ଶିହରଣ, ଆବେଗ, ସେହି ମଧୁରତା, ସୁରଭିତ ବେଦନା ସବୁ ମୋ ଭିତରେ ଖୁନ୍ଦି ହୋଇ ରହିଯାଇଛି ଚିରକାଳ। ଛୋଟ ସେହି ଝିଅ ତା'ର ତୀବ୍ର ଜିହ୍ୱା ନେଇ ବହୁଦିନ ମୋର ପଶ୍ଚାତ୍‌ଧାବନ କରି ଫେରିଛି । ଏତେଦିନ ପରେ ଏହି ଚବିଶ ବର୍ଷ ବାଦ୍ ଅନ୍ୟ ଜଣଙ୍କର ରକ୍ତମାଂସର ଶରୀରରେ ମୁଁ ତାକୁ ପ୍ରତିଷ୍ଠା କରି ପାରିଛି।" (P -7)

୩ ବର୍ଷ ବୟସରେ ମାତୃହରା ହାମର୍ବାଟ ପ୍ରଥମେ ଅଟୋଉଇଲ୍‌ରେ କେତେଜଣ ବୟସ୍କ ଲୋକଙ୍କୁ ପଢ଼ାଉଥିଲେ। ତା' ପରେ ଜଡ଼ିତ ହେଲେ ଗୋଟାଏ ସ୍କୁଲରେ । ଏହାର ମଝିରେ ମଝିରେ ସାଇକୋଥେରାପିଷ୍ଟ ମାନଙ୍କ ସଙ୍ଗରେ ବିଭିନ୍ନ ଅନାଥ ଆଶ୍ରମ ଏବଂ ରିଫର୍ମ ସ୍କୁଲକୁ ଯାଉଥିଲେ । ଦେଖୁଥିଲେ ସଦ୍ୟଯୁବତୀ ସୁନ୍ଦରୀମାନଙ୍କୁ । ଯେହେତୁ ହାମର୍ବାଟ ସାଇକୋଥେରପିଷ୍ଟ ମାନଙ୍କ ଗହଣରେ ରହୁଥିଲେ ସେ ବୁଝିପାରୁଥିଲେ ଏହି ଅପ୍ସରୀ ମାନଙ୍କର ମାନସିକତାକୁ, ଯେଉଁ ମାନସିକତାକୁ କେନ୍ଦ୍ର କରି ଲଳିତା ସହିତ ସମ୍ପର୍କ ଗଢ଼ିଥିଲେ। ହାମବାର୍ଟଙ୍କ ଜୀବନରେ ଆସିଥିବା ସୁନ୍ଦରୀ ମଧ୍ୟରେ ଅଧିକାଂଶ ଥିଲେ ଏହି ଅପ୍ସରୀ ଜାତୀୟ । ଯାହା ହାମର୍ବାଟ ଆଜି ପ୍ରକାଶ କରିଛନ୍ତି ଜୁରୀବୃନ୍ଦ ସମ୍ମୁଖରେ ସେମାନଙ୍କୁ ମନେ ପକାଇ । "..... ପ୍ରାୟ ହିଁ ଗୋଟାଏ କଥା ଭାବି ମୋତେ ଅବାକ୍ ଲାଗେ, ସେ ସବୁ ଅପ୍ସରୀ ଗଲେ କୁଆଡ଼େ ? ମୋ ହୃଦୟର ଯେଉଁ ଉତ୍ତେଜିତ ଅବହାୱା ମୁଁ ସେମାନଙ୍କଠାରୁ ଚୋରି କରିଛି, ଗୋପନରେ ସେମାନଙ୍କର ଅଙ୍ଗସୁଧା ପାନ କରିଛି ସେମାନଙ୍କ ଭବିଷ୍ୟତ କ'ଣ ଏଥିରେ ବିଘ୍ନିତ ହୋଇନାହିଁ । ତାକୁ ମୁଁ ଅଧିକାର କରି ମୋ କାମନାର ଜଳରେ ତା'ର ମାନସ ପ୍ରତିମାକୁ ସିକ୍ତ କରି ମୁଁ କ'ଣ ତାର ନିୟତିରେ ଅବୈଧ ହସ୍ତକ୍ଷେପ କରିନାହିଁ ? ଯେତେବେଳେ ଭାବେ ଖୁବ୍ ଅବାକ୍ ଲାଗେ, ସେହି ଅପ୍ସରୀ ଦଳ ଆଜି କେଉଁଠି ମୁଁ ଜାଣେନା।" (P - 11)

ହାମର୍ବାଟ ତାଙ୍କର ବାଳିକା ପ୍ରେମିକା ୟାନାବେଲ୍‌ର ମୃତ୍ୟୁପରେ ଏବଂ ମୋନିକ୍‌କୁ ପରିତ୍ୟାଗ କରିବା ପରେ ତାଙ୍କ ଜୀବନ ପରିଧିକୁ ପଶି ଆସିଥିଲା ଜଣେ ପୋଲିସ୍ ଡାକ୍ତରଙ୍କ କନ୍ୟା ଭ୍ୟାଲେରିୟା । ବୈବାହିତ ଜୀବନ ଆରମ୍ଭ ହୋଇଥିଲା ଏକ ଭଡ଼ା କରା ଫ୍ଲାଟରେ । କିନ୍ତୁ ଏ ସମ୍ପର୍କ ବି ଦୀର୍ଘସ୍ଥାୟୀ ହୋଇନଥିଲା । ହାମର୍ବାଟ ପ୍ୟାରୀ ଛାଡ଼ି ଆମେରିକା ଯିବା ପୂର୍ବରୁ ଭ୍ୟାଲେରିୟା ନିଜେ ହିଁ ଏଇ ସମ୍ପର୍କକୁ ତୁଟେଇ ଦେଇ ହାମର୍ବାଟକୁ ପରିତ୍ୟାଗ କରି ଚାଲି ଯାଇଥିଲା ନିଜ ପ୍ରେମିକ ସହ । ଥରେ ଦିଥର ତାକୁ ଜୀବନରୁ ଶେଷ କରିଦେବାକୁ ଚାହିଁଥିଲେ ମଧ୍ୟ ଯେହେତୁ ଭ୍ୟାଲେରିୟା ସହ ସମ୍ପର୍କ ଥିଲା ଏକ ପତ୍ନୀର ତାକୁ ମାରି ପାରି ନଥିଲେ । ପରେ ଅବଶ୍ୟ ତା'ର ମୃତ୍ୟୁ ଖବର ଶୁଣି ହାମର୍ବାଟ ବହୁତ ଖୁସି ହୋଇଥିଲେ। ଆମେରିକା ପହଞ୍ଚିବା ପରେ ହାମର୍ବାଟଙ୍କ ପ୍ରଥମ ରହଣୀ ମିସେସ୍ ହେଜ୍ (ଶାର୍ଲଟହେଜ) ଘରେ ରହଣୀ। ଯେଉଁଠି ପ୍ରଥମ ଭେଟ ହୋଇଥିଲା ହାମର୍ବାଟଙ୍କର ଲଳିତା (ହାମର୍ବାଟଙ୍କ ସ୍ୱପ୍ନର ସାମ୍ରାଜ୍ଞୀ) ସହିତ । ଯାହାର ଆଭାସ ହୋଇଥିବା ବହୁ ପୂର୍ବରୁ ୟାନାବେଲ୍ ଭିତରୁ । ଆଉ ପ୍ରଥମ ଦେଖାରେ ହିଁ ହାମର୍ବାଟଙ୍କର ଦୁର୍ବଳତା ଆସି ସାରିଥିଲା ଲଳିତା ପ୍ରତି । ଏହି ପରିପ୍ରେକ୍ଷୀରେ ହାମର୍ବାଟଙ୍କ ମୁହଁରୁ ପ୍ରକାଶିତ – "ପୁରୁଷର ଯେଉଁ ସବୁ ଗୁଣ ଜଣେ କିଶୋରୀର ଯୌନ ବୃଦ୍ଧି କରେ, ସେ ସବୁତକ ମୋ ଭିତରେ ରହିଛି । ସୁଗଠିତ ଚିବୁକ, ବଳିଷ୍ଠ ବାହୁ, ପ୍ରଶସ୍ତ କାନ୍ଧ, ସୁନ୍ଦର କଣ୍ଠସ୍ୱର ସବୁହିଁ ମୋର ଅଛି । ସବୁଠାରୁ ବଡ଼କଥା ଲୋ'ର ପ୍ରିୟ ଜଣେ ଅଭିନେତା ସାଙ୍ଗରେ ମୋର ବିଶେଷ ସାମଞ୍ଜସ୍ୟ ଅଛି ।" (P - 25) ଯୋଉଥି ପାଇଁ ଲଳିତା ତା'ର ସର୍ବସ୍ୱ ଅର୍ପଣ କରିଥିଲା।

ହାମର୍ବାଟଙ୍କ ଅବବୋଧ ଭିତରେ ଦୁଇଟି ସ୍ରୋତ ପ୍ରବାହିତ। ପ୍ରଥମତଃ ଦେହ ଭାବନା, ସମ୍ବେଦନ, ଆବେଗ ଉତ୍କଣ୍ଠା, ଯାହାର ଶିଖରରେ ରହିଛି ପ୍ରେମମୟୀ, ସଂଗୀତମୟୀ, ଲାବଣ୍ୟମୟୀ ଲଳିତା ଏବଂ ଅନ୍ୟଟି ହେଲା ନଶ୍ୱରତା ଓ ଅବଚେତନର ଅପାର୍ଥୀବ ଅନୁଭୂତି, ହାମର୍ବାଟଙ୍କର ସେ ଉଭୟ ଅନୁଭୂତି ପରିପୁଷ୍ଟ ହୋଇଛି ସେହି ଲାବଣ୍ୟମୟୀ ଲଳିତା ଭିତରୁ । ମାନବିକ ପ୍ରେମର ଏହି ସମ୍ପର୍କର ପରସ, ନଇକୁ ଜଡ଼େଇ ରଖିବାର ଏକ ସାମୁଦ୍ରିକ ଅଭିଜ୍ଞତା ହାମର୍ବାଟଙ୍କୁ ପ୍ରାପ୍ତ ହୋଇଛି । ଯେଉଁଥିପାଇଁ 'ଲଳିତା'ର ଆଲିଙ୍ଗନରେ ହାମର୍ବାଟ ପାଆନ୍ତି ଅଙ୍ଗସ୍ପର୍ଶର ସେହି ସ୍ୱର୍ଗୀୟ ମୋହନ ମାଦକ ଅନୁଭବ । ଲଳିତା ହିଁ ଥିଲା ହାମର୍ବାଟଙ୍କ ସେହି ଶ୍ରେଷ୍ଠ ପୃଷ୍ଠାର ଶେଷ ପୂର୍ଣ୍ଣଚ୍ଛେଦ। ସେ ଥିଲା ହାମବାର୍ଟଙ୍କ ପାଇଁ ଏକ ସ୍ୱପ୍ନ ବିଭୋର ଲଳନା । ଉଷ୍ମ, ଉର୍ମି ଓ ଉଆଁସର ଉନ୍ମେଷ। ଏ ସବୁର ସଂଗଠିତ ଶବ୍ଦ 'ଲଳିତା' । ଯାହାକୁ ପାଇବା ପାଇଁ ହାମର୍ବାଟ ବିବାହ କରିଛନ୍ତି ଶାର୍ଲଟ ହେଜ (ଲଳିତାରମା)କୁ; କାମନା ଥିଲା କେବଳ ଲଳିତା । ପ୍ରେମିକ ଭାବରେ ନହେଲେ ନାହିଁ ପିତା ଭାବରେ ଅଧିକ ସମୟ ପାଖରେ ପାଇପାରିବ ବୋଲି । ହାମର୍ବାଟ ମଧ୍ୟ ଅନେକ ସମୟରେ ପିତାର ଭୂମିକା ନିର୍ବାହ କରିବାକୁ ସାଧମତେ ଚେଷ୍ଟା କରିଛି । ବହୁ ସମୟରେ, ବହୁ କ୍ଷେତ୍ରରେ, ବହୁ ଭାବରେ ଲଳିତାର ପିତା ବୋଲି ଭାବିଛି କିନ୍ତୁ ନିଜ ଭିତରର ଅନ୍ତର୍ନିହିତ ପାପବୋଧ ବିଷାକ୍ତ କୀଟ ସଦୃଶ ଅନ୍ୟାୟବୋଧ, ଅପରାଧି ମାନସିକତା ତାକୁ ବାରମ୍ବାର ପ୍ରତି ମୁହୂର୍ତ୍ତରେ ବାଧା ପ୍ରଦାନ କରିଛି । ଯେଉଁଥି ପାଇଁ ସ୍ନେହ କରିଥିଲେ ବି, ପିତୃତ୍ୱ ଦେଇଥିଲେ ବି, ଆଲିଙ୍ଗନ କରିଛି ନିଜର ପ୍ରେମିକା ମନେ କରି।

ଲଳିତା - ହାମର୍ବାଟ ସମ୍ପର୍କକୁ ସମ୍ପୂର୍ଣ୍ଣ ଭାବରେ Electra - Complex ଅନ୍ତର୍ଭୁକ୍ତ କରାଯାଇ ନପାରେ । କାରଣ ଯଦିଓ ଦେହକୁ ଇଙ୍ଗିତ କରାଯାଇଛି ଭୋକ ମେଣ୍ଟାଇବାର ପ୍ରାରମ୍ଭିକ ସାଧନ ତଥାପି ଏହା ପରବର୍ତ୍ତୀ ପର୍ଯ୍ୟାୟରେ ଦେହାତୀତ ହୋଇ ଏକ ଉନ୍ମୁକ୍ତ ପ୍ରେମାବିଳ ସମ୍ପର୍କର ଆଭାସ ଦିଏ; ଯେଉଁଠି ଏକ ସୂକ୍ଷ୍ମ ମନସ୍ତାତ୍ତ୍ୱିକ ସେତୁଟିଏ ଗଢ଼ିଉଠିଛି କାମନା ପ୍ରଜ୍ଜ୍ୱଳିତ ଚିନ୍ତା ଓ ଚେତନାର ଉର୍ଷିତ ନଦୀ ଉପରେ । ଏଇ ସୂକ୍ଷ୍ମ ସମ୍ପର୍କ ଭିତରୁ ଉକୁଟି ଉଠିଛି ମହଣ ମହଣ ଆନ୍ତରିକତା ଓ ସ୍ନେହସିକ୍ତତା। ହାମର୍ବାଟଙ୍କର ସ୍ୱୀକାରୋକ୍ତି (ପ୍ରାୟଶ୍ଚିତ) ଜନସମୁଖରେ, ଏ ସମ୍ପର୍କକୁ ଘୃଣ୍ୟ ଖାଦ୍ୟ ଓ ଖାଦକର ସମ୍ପର୍କ ଠାରୁ ଊର୍ଦ୍ଧ୍ୱକୁ ନେଇଯାଏ ଯେଉଁଠି (ସମାଜ ସାପେକ୍ଷ ନୁହେଁ) ଆଭାସ ହୁଏ ଏକ ମହାର୍ଘ୍ୟ ଯନ୍ତ୍ରଣାର । ଯାହା ହାମର୍ବାଟ ପ୍ରକାଶ କରିଛନ୍ତି ପାଠକ ନିକଟରେ ".......... ପ୍ରଥମେ ଜେସ୍‌ସଙ୍କ ଅମଳରେ ହିଉଜ ବ୍ରାଇଟନ ନାମକ ଜଣେ ଲେଖକ ପ୍ରମାଣ କରିଥିଲେ ଯେ, ରାହାବ ନାମକ ଏକ ଝିଅ ଦଶବର୍ଷ ବୟସରୁ ହିଁ ବେଶ୍ୟାବୃତ୍ତି କରୁଥିଲା । ପାଠକମାନେ ମନେକରନ୍ତୁ ନାହିଁ ଯେ ମୁଁ ବାଜେ କଥା କହୁଛି । ପୁଣି ଦେଖନ୍ତୁ ପୂର୍ବ - ଭାରତୀୟ ଅଞ୍ଚଳମାନଙ୍କରେ ଯୌବନ ଆରମ୍ଭ ହେବା ପୂର୍ବରୁ ହିଁ ବିବାହ ଓ ସହବାସ ପ୍ରଥା ପ୍ରଚଳିତ। ଅଶୀତି ବର୍ଷର ବୃଦ୍ଧ ଲେପଗ ଆଠବର୍ଷର ବାଳିକା ସହ ଅବଲୀଳାକ୍ରମେ ଯୌନ ସଂଗମ କରେ । ଏ ବ୍ୟାପାରରେ କେହି କିଛି ମନେ କରନ୍ତି ନାହିଁ। ଆହୁରି ଦେଖନ୍ତୁ ଦାନ୍ତେ ମାତ୍ର ନଅବର୍ଷ ବୟସର ଏକ ବାଳିକା ବିୟେଟ୍ରିସଙ୍କୁ ପାଗଳଙ୍କ ପରି ଭଲ ପାଉଥିଲେ। ସେହି ବୟସରେ ହିଁ ବିୟେଟ୍ରିସ୍ ଝକ୍‌ମକ୍ ଅସାମାନ୍ୟ ସୁନ୍ଦରୀ, x x x x । ତାପରେ 'ପେଟ୍ରାକ' ଭଲ ପାଉଥିଲା 'ଲରିନ୍'କୁ। ଲରିନ୍‌ର ବୟସ ସେତେବେଳେ ମାତ୍ର ବାର, ବାରବର୍ଷର ଅପ୍ସରୀ ?" (P - 10)

ଲଳିତା ଯିଏ ବୟସର ପ୍ରଥମ ପାହାଚରେ ଉପସ୍ଥିତ । ହାମର୍ବାଟ ଯିଏ ଜଣେ ଅଭିଜ୍ଞ ପୁରୁଷ । ଜଣେ ସୁମେରୁ ତ ଆଉ ଜଣେ କୁମେରୁ। ସେମାନଙ୍କର ସୀମାରେଖା ବିଷୁବ ରେଖା ଜାଣି ମଧ୍ୟ ସେ ସୀମାରେଖାକୁ ଲଙ୍ଘନ କରିଛନ୍ତି । ସେମାନଙ୍କ ଭିତରେ ଯେଉଁ ସମ୍ପର୍କ ଗଢ଼ି ଉଠିଛି ତା ନିକଟରେ ସାମାଜିକ ଭିତ୍ତିଭୂଇଁ ନ୍ୟୁନ । ଲଳିତା ଯୌବନ ପ୍ଲାବିତ ବୟସର ପ୍ରଥମ ପାହାଚ। ଯାହା ଆଣିଛି ତା' ମନରେ ଅଫୁରନ୍ତ ପୁଲକ । କୁହୁଡ଼ି ପରି ଭୋକ ଯାହା ଆଚ୍ଛାଦିତ କରିଛି ତାକୁ ଓ ସେ କୁହୁଡ଼ିର ପ୍ରଭାବରେ ସେ ଭୁଲିଯାଇଛି ସମାଜର ବାଡ଼ବନ୍ଧ । ଏହି (ଅସମୀଚୀନ ଓ କର୍ଦ୍ଦମାକ୍ତ ଅନ୍ୟମାନେ ଭାବୁଥିବା) ସମ୍ପର୍କରେ ସେମାନେ ପାଇବାକୁ ଚାହିଁଥିଲେ ପ୍ରୀତିର ଡାଫୋଡିଲ୍‌ସର ଆଭାସା । ସେହି ପାଇବାର ଲାଳସା କୁହୁଡ଼ି ପରି ଆଚ୍ଛନ୍ନ କରିଥିଲା ସେମାନଙ୍କୁ ଓ ହାମର୍ବାଟଙ୍କ ଭିତରେ ଥିବା ସମ୍ପର୍କ ବିଷୟରେ ଶାର୍ଲଟ ଜାଣିବା ପରେ ହାମର୍ବାଟଙ୍କୁ ଘରୁ ବାହାରି ଯିବା ପାଇଁ କହିଛନ୍ତି ଓ ଯୁକ୍ତି ବାଢ଼ିଛନ୍ତି ତା' (ଲଳିତା) ସହିତ ତମର କେବେ ଦେଖା ହୋଇ ପାରିବନି । ଶାର୍ଲଟ ହାମର୍ବାଟଙ୍କୁ ଭର୍ତ୍ସନା କରିଛନ୍ତି ଏହି କୁତ୍ସିତ ସମ୍ପର୍କ ପାଇଁ । ଏହା ପରେ ଶାର୍ଲଟଙ୍କର ଦେହାନ୍ତ ହୋଇଛି ଏକ ଦୁର୍ଘଟଣାରେ।

ଶାର୍ଲଟ ହେଜଙ୍କ ଦେହାନ୍ତ ପରେ ଲଳିତାକୁ କ୍ୟାମ୍ପରୁ ଆଣି ତାର ମନ ପରିବର୍ତ୍ତନ ପାଇଁ ନେଇଛନ୍ତି 'ଏନଚ୍ୟାଣ୍ଟେଡ୍ ହଣ୍ଟାର୍ସ୍'। ଏହି 'ଏନ୍‌ଚ୍ୟାଣ୍ଟେଡ୍ ହଣ୍ଟାର୍ସ୍'ଥିଲା ହାମର୍ବାଟଙ୍କ ପାଇଁ ଏକ ତୀର୍ଥସ୍ଥଳ। ଯେଉଁଠିକି ସ୍ମୃତି, ସ୍ନେହ, ଭୋକ, ଶୋଷ ସବୁ ମେଣ୍ଟାଇବାର ଏକ ସୁପରିକଳ୍ପିତ ମନ୍ଦିର । ଏତେ ସବୁ ପରେ ବି ଯେହେତୁ ଲଳିତାର ପିତା (ଆଇନ ଆଖିରେ) ତାର ପାଠପଢ଼ା ପାଇଁ ତାକୁ ଦାଖଲ କରିଛନ୍ତି ବାର୍ଡସଲିରେ, କାରଣ ସ୍କୁଲଟି ତାଙ୍କ ଭଡ଼ାଘର ପାଖାପାଖି। ଲଳିତା ମୁହଁରୁ ଯେତେସବୁ 'ଅଶ୍ଳୀଳଖିସ୍ତୀ' ଶୁଣିବା ସତ୍ତ୍ୱେ ହାମର୍ବାଟ ଦୀର୍ଘ ଦୁଇ ବର୍ଷ ଧରି ଆମେରିକାର ୩୪୨ ଟି ହୋଟେଲ, ମୋଟେଲ, ଟୁରିଷ୍ଟ ହୋମରେ ରହଣୀ କାଳ ଭିତରେ ଅନେକ ଥର ଘନିଷ୍ଠ ବି ହୋଇଛନ୍ତି ଏକ ନିଷ୍ଠୁର ପିଶାଚ ପରି । କହିବାକୁ ଗଲେ ହାମର୍ବାଟ ଓ ଲଳିତାର ପିତା ପୁତ୍ରୀର ସମ୍ପର୍କର କଥା, ଯାହା ହାମର୍ବାଟଙ୍କ ମୁହଁରେ

ପ୍ରକାଶିତ । "…. ଦେଖ ଲଳିତା ରାଣୀ, ସିସିଲିୟାନ ମାନଙ୍କ ମଧ୍ୟରେ ପିତା ଓ କନ୍ୟାର ସହବାସ ପ୍ରଥା ପ୍ରଚଳିତ ଅଛି । ଏହି ଯୌନ ସମ୍ପର୍କ ସେମାନଙ୍କ ସମାଜ ମୋଟେ କୁନଜରରେ ଦେଖେ ନାହିଁ । ବରଂ ଉତ୍ସାହ ଦିଏ । ଆଉ ମଣିଷ ହିସାବର ବି ଏହି ସିସିଲିୟାନ ଗଣ ଅସାଧାରଣ । ମୁଁ ସେମାନଙ୍କୁ ଖୁବ୍ ପସନ୍ଦ କରେ । ସେମାନେ ଗୀତ ବାଦ୍ୟ ବୁଝନ୍ତି, ଉତ୍ତମ ଆଥ୍‌ଲେଟ୍ । ସଠିକ ମଣିଷର ସବୁରକମ ଗୁଣ ସେମାନଙ୍କ ଭିତରେ ରହିଛି । ଦୁର୍ଦ୍ଦାନ୍ତ ପ୍ରେମିକ ସେମାନେ । ଏହା କମ କଥା ନୁହେଁ। ସୁନା ଡଲୋରେସ୍ ମୁଁ ବି ସେମାନଙ୍କ ପରିପ୍ରେମିକ ……. ।" (P - 107)

ଶାର୍ଲଟ ହେଜ୍ ମରିବାର ଦୀର୍ଘ ଦୁଇବର୍ଷ ପରେ ଲଳିତା ଆଜି ଆସୁଛି । ପ୍ରଥମ ଥର ପାଇଁ ହାମର୍ବାଟ ଅନୁଭବ କରିଛନ୍ତି ନିଜକୁ ଏକ ନିଃସଙ୍ଗତମ ପୁରୁଷ ଭାବେ ଲଳିତାର ଅନୁପସ୍ଥିତିରେ। ମନେ ମନେ ବି ଭାବିଛନ୍ତି କାହିଁକି । ଏମିତି ବାଜେ ଜ୍ୱରରେ ପଡ଼ିଲା ଲଳିତା ହସ୍‌ପିଟାଲରେ। ହସ୍‌ପିଟାଲରେ ଥିବା ସମୟରେ ତାକୁ ଆଠଥର ଦେଖିବାକୁ ଯାଇଛନ୍ତି ଶେଷ ଦେଖାଟା ଥିଲା ଅତ୍ୟନ୍ତ ବେଦନା ଦାୟକ। ଆଉ, ସେଦିନ ତା' ପାଇଁ ଅନେକ ଜିନିଷ ନେଇ ଯାଇଥିଲେ । ପିତାର ସମ୍ପର୍କ ଦୃଷ୍ଟିକୋଣରୁ କି ପ୍ରେମିକ ସମ୍ପର୍କ ଦୃଷ୍ଟିକୋଣରୁ ଏକ ଅଫୁରନ୍ତ ଭଲ ପାଇବାର ସମ୍ଭାର। ଗୋଟାଏ ଫୁଲ ତୋଳା ତା' ପୁଣି ଅରଣ୍ୟର । ବଣ୍ୟଫୁଲ ଆଉ, ଅସାଧାରଣ ସୁନ୍ଦର ପତ୍ର ସହିତ ସାତଟା ବହି, ବ୍ରାଉନିଙ୍ଗର ଡ୍ରାମାଟିକ ଓ ୱାର୍କ୍ସ, ହିଷ୍ଟ୍ରି ଅଫ୍ ଡାନ୍‌ସିଂ, ବ୍ଲାଉନସ ଆଣ୍ଡ କଲାମରାଇନ୍ସ, ରଷିୟାନ ବ୍ୟାଲେ, ପ୍ଲାଓୟାର ଅଫ୍ ଦିରକ୍ସ, ଦି ଥିୟେଟର୍, ଗିଲଡ୍ ଆନ୍ଥୋଲୋଜି, ହେଲେନ୍, ଉଇଲସ ନାମକ ଏକ ଝିଅର ଲେଖା 'ଟେନିସ' । ଇତି ମଧ୍ୟରେ ଲଳିତା ହାମର୍ବାଟଙ୍କୁ ପରିତ୍ୟାଗ କରିଛି ଆଉ ଚାଲିଯାଇଛି କୁଇଲ୍‌ଟି (କକା ପରିଚୟ ଦେଉଥିବା ବ୍ୟକ୍ତି) ସାଥିରେ। ତା'ପରେ ହାମର୍ବାଟ ବହୁ ଖୋଜିଛନ୍ତି ଲଳିତାକୁ। ଏହି ଖୋଜିବା ଅବସରରେ ସେ ଯାଇଥିଲେ କାଲିଫୋର୍ଣ୍ଣିୟା । ଲଳିତାର ବିରହରେ ଗୋଟିଏ କବିତା ବି ଲେଖିଥିଲେ ପରମୁହୂର୍ତ୍ତରେ ଅବଶ୍ୟ ନିଜେ ବିଶ୍ଳେଷଣ କରି ତାକୁ ଏକ ପାଗଳର ମାଷ୍ଟର ପିସ୍ ବୋଲି ଆଖ୍ୟା ଦେଇଥିଲେ । ହାମର୍ବାଟଙ୍କ ମନ୍ତବ୍ୟ "ତେବେ ଲଳିତାକୁ ହରାଇବା ପରଠାରୁ ମୋ ମନରେ ଏକ ବିଶେଷ ପରିବର୍ତ୍ତନ ହୋଇଥିଲା । ରାସ୍ତାଘାଟ ପ୍ରାନ୍ତରେ ଛୋଟ ପରୀ ଆଉ କ'ଣ ଦେଖୁ ନଥିଲି ? ଦେଖୁଥିଲି ମନ କ'ଣ ଉତ୍ତାଳ ହୋଇ ଉଠୁନଥିଲା ? ଉଠୁଥିଲା । କିନ୍ତୁ ଆଉ କୌଣସି ପରିସଂଗରେ ସହବାସ କରିନାହିଁ। ରହିବି ନାହିଁ। କିନ୍ତୁ ନିଃସଙ୍ଗ ବୋଧ କରିଛି । ଭୟଙ୍କର ଏକଲା ମନେ ହୋଇଛି ନିଜକୁ। ନିର୍ଜନତା ମୋ ଉପରେ ବ୍ୟାଘ୍ର ପରି ଝାମ୍ପି ପଡ଼ି ମୋତେ ଆହତ ଆଉ କ୍ଷତ ବିକ୍ଷତ କରିଛି । ବାରମ୍ବାର କାମନା କରିଛି ଯତ୍ନ ଆଉ ସଂଗ । କୌଣସି ପ୍ରକାର ଆକାଙ୍କ୍ଷିତ ସଂଗ ।" ମନର ଏହି ଅନିଶ୍ଚିତତା ଭିତରେ ହାମର୍ବାଟଙ୍କ ଜୀବନ ରଙ୍ଗମଞ୍ଚରେ ରୀତାର ଆବିର୍ଭାବ। ସେତେବେଳେ ତା'ର ବୟସ ତିରିଶ। ରୀତା (ଲଳିତାର ଅନୁପସ୍ଥିତି କିଞ୍ଚିତ୍ ଅବସାନ) ହାମର୍ବାଟଙ୍କ ଧୂସର ପୃଥିବୀରେ। ସର୍ବୋପରି କହିବାକୁ ଗଲେ ଲଳିତା ପରେ ଯେତେ ସବୁ ଝିଅ ହାମର୍ବାଟଙ୍କ ଜୀବନରେ ଆସିଛନ୍ତି ସେମାନଙ୍କ ଭିତରେ ଲଳିତା ହିଁ ମୁଣ୍ଡ ଟେକିଛି ବରାବର।

ଲଳିତାକୁ ହାମର୍ବାଟ ଏତେ ଭଲ ପାଉଥିଲେ ଯେ ତା ୧୫ ବର୍ଷ ଜନ୍ମ ଉପଲକ୍ଷ କାନାଡ଼ାର ସୀମାନ୍ତରେ ଥିବା ଅନାଥ ଝିଅ ମାନଙ୍କ ଏକ ଆଶ୍ରମକୁ ବେନାମୀ ଉପହାର ମଧ୍ୟ ପଠାଇଛନ୍ତି। ଲଳିତାକୁ ଭଲ ପାଉଥିଲେ ନିଜ ଜୀବନଠୁ ଅଧିକ । ହାମର୍ବାଟଙ୍କ ମାନସିକତାରେ ଏକ ନିଚ୍ଛକ ଭଲ ପାଇବାର ସମ୍ପର୍କ ଲଳିତା ସହିତ । ଲଳିତାର ଅନୁପସ୍ଥିତିର ରାଗର ନିଆଁରେ ଭାତ ହାଣ୍ଡିରେ ଭାତଫୁଟିଲା ପରି ହେଉଥିଲେ ହାମର୍ବାଟ। ଦେଖାହେଲେ ମାରି ଦେବି ବୋଲି ଭାବୁଥିଲେ । ଲଳିତାକୁ ଖୋଜିଥିଲେ ପାଗଳଙ୍କ ପରି । ହାମର୍ବାଟଙ୍କ ଖୋଜିବାରେ ନିଷ୍ଠା ଥିଲା, ଉତ୍‌କଣ୍ଠା ଥିଲା, ଆନନ୍ଦ ଭରି ରହିଥିଲା ପ୍ରାପ୍ତିରେ ସେଥିପାଇଁ ସେ ପାଗଳ କୁକୁର ପରି ଖୋଜି ଚାଲିଥିଲେ ଲଳିତାର ନିତ୍ୟ ନୂତନ ମାଂସଳ ଶରୀରକୁ । ସେପ୍ଟେମ୍ବର ୨୦ର, ୧୯୫୨ ରେ ଲଳିତାର ଚିଠି ଆସିଲା। ଦୀର୍ଘ ୩ ବର୍ଷ ପରେ ଲଳିତା ସହ ଭେଟ ହାମର୍ବାଟଙ୍କର । ସ୍ୱାମୀ ଥିଲା ଡିକ୍ (ରିଚାର୍ଡ ସ୍କିଲ୍ଲାର) । ଅନ୍ତରଙ୍ଗ ବନ୍ଧୁ ପିସ୍ତଲଟା ପାଖରେ ଥାଇ ମଧ୍ୟ ଲଳିତାକୁ ମାରି ପାରି ନଥିଲେ କାରଣ ତାଙ୍କୁ ଭଲ ପାଇଥିଲେ ବହୁତ, ସାରା ଜୀବନ। ସତର ବୟସ ବୟସରେ ସର୍ବହରା, ବିଧ୍ୱସ୍ତ, ବିପର୍ଯ୍ୟସ୍ତ, ଯାହାର ଜୀବନ ତା' ଉପରେ କି ପ୍ରତିଶୋଧ ନିଆଯାଇପାରେ। ଏତେସବୁ ପରେ ବି ଲଳିତା ପ୍ରତ୍ୟାଖ୍ୟାନ କରିଛି ହାମର୍ବାଟଙ୍କୁ, ଯେତେବେଳେ ଲଳିତାକୁ ଫେରାଇ ଆଣିବାକୁ ହାମର୍ବାଟ ଯାଇଛନ୍ତି। ଲଳିତା ମନା କରିଛି, ସବୁ ସମ୍ପର୍କ ଶୀଥିଳ ପଡ଼ିଯାଇଛି; ଯାହା ହାମର୍ବାଟ ପ୍ରକାଶ କରିଛନ୍ତି - "ଲଳିତା ! ମୋର ମାର୍କିନ୍ ସୁନ୍ଦରୀ । ଅମର ଅଥଚ ମୃତ ପ୍ରେମିକା । ଏଇନେ ସେ ଆଉ ମୋର ବର୍ତ୍ତମାନରେ ନାହିଁ, ସେହି କାରଣରୁ ମୁଁ ତାକୁ ମୃତା ଅବିଧା ଦେଇଛି। କିନ୍ତୁ ଲଳିତା ଅମର ।" (P - 192)

ନିଜ ଅତୀତକୁ ମନେ ପକାଇ ବହୁତ କାନ୍ଦିଛନ୍ତି ହାମର୍ବାଟ। ଲଳିତାକୁ କେତେ ଭାଗୀଦାର କରିଛନ୍ତି ନିଜ କୃତ ପାପରେ । କେବେ ଲଳିତା ତା' ମନରୁ ପୋଛି ପାରିବ ସେଇ ଅପରାଧର ଚିତ୍ର ? ଗଢ଼ିଉଠିଥିବା ସମ୍ପର୍କର ସେହି ଭଙ୍ଗୁର ସ୍ମୃତି ସବୁକୁ ଭୁଲି ପାରିବ । ତେଣୁ ସେ କହିଛନ୍ତି "ସବୁଠାରୁ ବଡ଼କଥା ତା'ର ଶୈଶବରୁ ମୁଁ ତାକୁ ବଞ୍ଚିତ କରିଛି। ଚିରଦିନ ଏଥିପାଇଁ ଲଳିତା ମୋ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଯିବ। ଶୈଶବ ସଦୃଶ ମହାପବିତ୍ର ପଦାର୍ଥ ମୁଁ ତା ପାଖରୁ

କାଢ଼ି ନେଇଛି । ଲଳିତା ମୋତେ କୌଣସି ଦିନହିଁ କ୍ଷମା କରିବ ନାହିଁ ।” (P - 194)

ସମ୍ପର୍କରେ ଯାହା ଅହେଉନା କାହିଁକି କିନ୍ତୁ ଭଲ ପାଇଥିଲେ ହାମର୍ବାଟ। ହୋଇପାରେ ସେ ପଞ୍ଚପଦ ବିଶିଷ୍ଟ ଦାନବ, କେତେ ଭଙ୍ଗୀରେ ସେ ଲଳିତାକୁ ପାଇଛନ୍ତି ତା'ର ତୁଳନା ନାହିଁ। ବୁକୁର ନିଆଁ ନିର୍ବାପିତ କରିବି ତାକୁ ଭଲ ପାଇବାରେ ଚେଷ୍ଟା କରିଛନ୍ତି। ସମସ୍ତଙ୍କ ପାଖରେ ଯେଉଁ ଗୋଟିଏ ପ୍ରଶ୍ନ ଉଠେ 'ସମ୍ପର୍କ'; ହଁ ସେ ସମ୍ପର୍କ ତୁଳନା କରିଛନ୍ତି ଜୁରୀ ବୃନ୍ଦ ସମ୍ମୁଖରେ "କିନ୍ତୁ ଏମାନେ ଯେ କାହିଁକି ବୁଝନ୍ତି ନାହିଁ ଅନ୍ୟାନ୍ୟ ଲୋକଙ୍କ ତୁଳନାରେ ମୋର ଦୋଷ କେତେ ନଗଣ୍ୟ । ଯେମିତି ପଚାଶ ବର୍ଷର ଦରବୁଢ଼ା ଫ୍ରାକ୍ ଲାଗେଲ୍ ୧୯୪୮ ମସିହାରେ ଏଗାର ବର୍ଷର ଖାଲି ହର୍ନାର ସଂଗରେ ଯାହା କରିଥିଲା ; ସେ ତୁଳନାରେ ମୋର ଏହି କେସ୍ କେତେ ସାମାନ୍ୟ ।” (P - 198) ଶାର୍ଲଟ ହେଜ୍‌ଙ୍କର ସମ୍ପତ୍ତି ବିଷୟରେ ବୁଝାସୁଝା ସାରି ହାମର୍ବାଟ ତାଙ୍କ ପିତା ସମ୍ପର୍କର କର୍ତ୍ତବ୍ୟ ଶେଷ କରିଛନ୍ତି। ଶେଷରେ ତାଙ୍କ ଅସଲ୍ୟ ଉଦ୍ଦେଶ୍ୟ ସାକାର କରିବା ପାଇଁ ଖୋଜିଛନ୍ତି କ୍ୟୁକୁ । କ୍ୟୁ - କ୍ଲେୟାର କୁଇଲଟି (ଦାନ୍ତ ଡାକ୍ତର ଆଇଭର କୁଇଲଟିର ପୁତୁରା)। ଏହି କ୍ୟୁ ଲଳିତାକୁ ଅପହରଣ କରିଥିବା ଜଣେ ଇମ୍‌ପୋଟେଣ୍ଟ (ନପୁଂସକ) ତାକୁ ହାମର୍ବାଟ ହତ୍ୟା କରି ନିଜର ଉଦ୍ଦେଶ୍ୟ ସାର୍ଥକ କରିଛନ୍ତି । ଏବଂ ରାସ୍ତାରେ ଟ୍ରାଫିକ ନିୟମ ଭାଙ୍ଗି ଚାଲିଛନ୍ତି ଏକ ସମ୍ରାଟ ପରି । ଶେଷରେ ରାସ୍ତା ଅବରୋଧ କରାଯାଇଛି । ପୋଲିସ୍‌ର ଗାଡ଼ି ତାଙ୍କୁ ଅନୁସରଣ କରି ଘେରି ପକେଇଛି । ଏବଂ ହାମର୍ବାଟଙ୍କୁ ଗାଡ଼ିରୁ ବାହାରକୁ ଟାଣି ବାହାର କରାଯାଇଚି । ପୁରାତନ ବନ୍ଧୁ ଗାଡ଼ିଟିକୁ ବିଦାୟ ଜଣାଇ ନିଜକୁ ସମର୍ପି ଦେଇଛନ୍ତି ଆଇନ୍ ନିକଟରେ ।

ଯଦିଓ ବାହାରେ ନୀରବତାର ରାଜୁତି କିନ୍ତୁ ହାମର୍ବାଟଙ୍କ ମାନସପଟ୍ଟରେ ମହଣ ମହଣ କ୍ଷୋଭର ସୁନାମି; ଏକ ବାଙ୍ମୟ କୋଳାହଳ। ନିଶୂନତା ମଧ୍ୟଦେଇ ସେ ଅଗ୍ରସର ହୋଇଛନ୍ତି ଏକ ହିମଯୁଗ ଆଡ଼କୁ। ତାଙ୍କ ଦେହର ସବୁଶିରା ଶିଥୀଳ ହୋଇଯାଇଛି । ଶେଷରେ ଗୋଟେ ନିଛକ ଭଲ ପାଇବାର ସମ୍ପର୍କର ରକ୍ଷା କରିବାକୁ ଯାଇ କହିଛନ୍ତି "ତୁମେ ଆଜି ବର୍ତ୍ତମାନ ଏହି ଜାଗାରୁ ବହୁଦୂର ଆଲାସ୍କାରେ। ଯେଉଁଠି ତୁମେ ଥାଅନା କାହିଁକି, ମୁଁ କହିପାରେ ତୁମେ ସତ୍ ରହିବ । ବିଶ୍ୱସ୍ତ ରହିବ ତମର ସ୍ୱାମୀ ଡିକ୍ ପ୍ରତି । ତାକୁ ପ୍ରତାରିତ କରିବ ନାହିଁ । ଅନ୍ୟ ପୁରୁଷକୁ ତମ ଦେହ ସ୍ପର୍ଶ କରିବାକୁ ଦେବ ନାହିଁ । ଅପରିଚିତ ପୁରୁଷ ସହିତ ବାର୍ତ୍ତାଳାପ କରିବ ନାହିଁ। ମୁଁ ଆଶାକରେ ତୁମର ପୁତ୍ର ହେବ। ତାକୁ ତୁମେ ଭୀଷଣ ଭଲ ପାଇବ । ନହେଲେ ମୋର ଅତୃପ୍ତ ଆତ୍ମା ଶାନ୍ତି ପାଇବ ନାହିଁ, କଳା ଧୂଆଁ ପରି ତା' ଚାରିପାଖେ ଘୂରି ବୁଲିବ। ଭୟଙ୍କର ଦାନବ ସଦୃଶ ତା'ର ପ୍ରତିଟି ଶିରା ଉପଶିରା ଟାଣିବ। ଦୂରକୁ ଦୂରକୁ ଟାଣି ନେଇଯିବ ।” (P - 210)

**ସହାୟକ ସୂଚୀ :**


୧. ପଣ୍ଡା ଉମାଶଙ୍କର - ଲଳିତା

୨. Nabokav Vladimil - Lolita, Published - Penguin UK Yr. 01.01.2011, ISBN - 978-0291-95324-2


❖ ❖ ❖

DOI : https://doi.org/10.5281/zenodo.15674200 ମୂଳ ପ୍ରବନ୍ଧ

# ଆଲୋକ ଦ୍ୱୈତ-ରୂପ

**କମଳାକାନ୍ତ ଜେନା**

**ସଂକ୍ଷିପ୍ତସାର :**

ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ତରଙ୍ଗ ଓ କଣିକାକୁ ନେଇ ଗଠିତ । ଆଲୋକକୁ ତରଙ୍ଗ ବୋଲି ବିବେଚନା କରାଯାଏ । କିନ୍ତୁ, 'ପ୍ରକାଶ-ବିଦ୍ୟୁତ୍ ପ୍ରଭାବ' ପରିଘଟଣାକୁ ବୁଝେଇବା ସକାଶେ ଆଲୋକର କଣିକାଗୁଣ ରହିଛି ବୋଲି ଯେତେବେଳେ ପ୍ରମାଣିତ ହେଲା, ସେତେବେଳେ ଇଲେକ୍‌ଟ୍ରନ୍ କଣିକାର ତରଙ୍ଗ ଧର୍ମ ରହିଛି ବୋଲି ପ୍ରମାଣ ମିଳିଲା । ସମମିତ ବିଶ୍ୱବ୍ରହ୍ମାଣ୍ଡରେ ତରଙ୍ଗର ବସ୍ତୁ-ଗୁଣ ରହିଛି ଏବଂ ବସ୍ତୁର ତରଙ୍ଗ-ଗୁଣ ରହିଛି । ଅର୍ଥାତ୍, ସମସ୍ତ ତରଙ୍ଗର ଯେମିତି ଦୈତ୍ୟ ଗୁଣ ରହିଛି, ସମସ୍ତ ବସ୍ତୁର ମଧ୍ୟ ସେହିପରି ଦ୍ୱୈତ-ଗୁଣ ରହିଛି । ତରଙ୍ଗ ଓ ବସ୍ତୁର ଏହି ଦୈତ୍ୟ-ଗୁଣ (ଡୁଆଲ ନେଚର) ଆଜି ଆମକୁ ପ୍ରକୃତି ସଂପର୍କିତ ଗବେଷଣା କରିବା ସକାଶେ ଏକ ନୂତନ ଦିଗ୍‌ଦର୍ଶନ ଦେଇଛି ।

**ପ୍ରମୁଖ ଶବ୍ଦାବଳୀ :**

ପ୍ରକାଶ-ବିଦ୍ୟୁତ୍ ପ୍ରଭାବ, ବସ୍ତୁ, ତରଙ୍ଗ, ଦ୍ୱୈତ-ଗୁଣ

**ଉପକ୍ରମ :**

କାନ୍ଥରେ ପଥର ବାଜିଲେ କାନ୍ଥରୁ ମାଟି ବା ସିମେଣ୍ଟ ଝରିପଡିବ । ଏଇଟା ସାଧାରଣ କଥା । କିନ୍ତୁ, କାନ୍ଥ ଉପରେ ଟର୍ଚ୍ଚ ଆଲୁଅ ପଡିଲେ କାନ୍ଥରୁ ଯଦି ମାଟି ବା ସିମେଣ୍ଟ ଝଡ଼ିଲା, ତେବେ ସେଇଟା ନିଶ୍ଚୟ ଆଶ୍ଚର୍ଯ୍ୟର କଥା । କାରଣ ଆଲୋକ ଏକ ତରଙ୍ଗ, ଅର୍ଥାତ୍ ଶକ୍ତିର ପ୍ରବାହ । ଆଲୋକର ଏତେ ଶକ୍ତି ନାହିଁ ଯେ ତାହା କାନ୍ଥରେ ପଡିଲା ମାତ୍ରେ କାନ୍ଥରୁ ମାଟି-ବାଲି ଝଡ଼େଇ ପାରିବ । କିନ୍ତୁ ଆଶ୍ଚର୍ଯ୍ୟର କଥା, ଆଲୋକ ତରଙ୍ଗ ହେଲେ ମଧ ତାହା ଧାତୁପୃଷ୍ଠ ଉପରେ ପଡିଲା ମାତ୍ରେ ଧାତୁପୃଷ୍ଠରୁ ଇଲେକ୍‌ଟ୍ରନ୍ କଣିକାକୁ ବାହାର କରିପାରେ । ଧାତବ ପୃଷ୍ଠ ଉପରେ ନୀଳ ଓ ବାଇଗଣୀ ପରି କମ୍ ତରଙ୍ଗ ଦୈର୍ଘ୍ୟ ତଥା ଅଧିକ ଶକ୍ତି ବହନ କରିଥିବା ଆଲୋକ ପଡ଼ିଲେ ସେଥିରୁ ଇଲେକ୍‌ଟ୍ରନ୍ କଣିକାଗୁଡିକ ପୃଷ୍ଠରୁ ବାହାରକୁ ଉତ୍ସର୍ଜିତ ହୁଅନ୍ତି । ଏହାକୁ କୁହାଯାଏ 'ପ୍ରକାଶ-ବିଦ୍ୟୁତ୍ ପ୍ରଭାବ' (ଫଟୋ-ଇଲେକ୍‌ଟ୍ରିକ୍ ଇଫେକ୍ଟ) (୧)। ୧୮୮୭ ମସିହାରେ ଜର୍ମାନୀର ପଦାର୍ଥବିଜ୍ଞାନୀ ହେନେରିଚ୍ ହର୍ଜ ଏହାକୁ ପ୍ରଥମେ ଆବିଷ୍କାର କଲେ । ଏହି ପରିଘଟଣା ଆଲୋକରେ ଗବେଷଣାରତ ବୈଜ୍ଞାନିକମାନଙ୍କୁ ଦ୍ୱନ୍ଦ୍ୱରେ ପକେଇଲା। କାହିଁକି ନା, ଇଲେକ୍‌ଟ୍ରନ୍ କଣିକାକୁ ଧାତୁପୃଷ୍ଠରୁ ବାହାରକୁ ବାହାର କରିବା ସକାଶେ ଯେତିକି ଶକ୍ତି ଦରକାର, ସେତେ ଶକ୍ତି ଆଲୋକ ତରଙ୍ଗ ନିମିଷେକ ଭିତରେ ଇଲେକ୍‌ଟ୍ରନ୍ କଣିକାକୁ ଯୋଗାଇ ପାରିବ ନାହିଁ । ସତ କଥା ହେଉଛି, ତରଙ୍ଗର ଶକ୍ତି ଚାରିଆଡେ ବିଛେଇ ହୋଇ ପଡିଥାଏ । ବିଛେଇ ହୋଇ ପଡିଥିବା ଶକ୍ତିକୁ ଏକାଠି କଲେ ହୁଏତ ତାହାର ପରିମାଣ ଇଲେକ୍‌ଟ୍ରନ୍ କଣିକାକୁ ଧାତୁପୃଷ୍ଠରୁ ବାହାରକୁ ବାହାର କରିବା ପାଇଁ ଯଥେଷ୍ଟ ହୋଇପାରିବ । ନହେଲେ ଆଲୋକ ତରଙ୍ଗର ବିଛେଇ ହୋଇ ରହିଥିବା ଶକ୍ତିକୁ ଇଲେକ୍‌ଟ୍ରନ୍ ଗ୍ରହଣ କରି

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.15674200
Article No - BPP00304

**ଯୋଗାଯୋଗ : ଡକ୍ଟର କମଳାକାନ୍ତ ଜେନା**
ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ସ୍ୱୟଂଶାସିତ (ସରକାରୀ) ମହାବିଦ୍ୟାଳୟ, ଭଦ୍ରକ-୭୫୬୧୦୦
**Email :** kkjena1@gmail.com
**ORCID ID :** https://orcid.org/0000-0001-7840-3289

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୬.୦୩.୨୦୨୫ | ୧୧.୦୪.୨୦୨୫ | ୨୫.୦୫.୨୦୨୫ | ୧.୦୬.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଜେନା, କମଳାକାନ୍ତ; ୨୦୨୫। ଆଲୋକ ଦ୍ୱୈତ-ରୂପ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଗ; ପୃଷ୍ଠା :୧୯-୨୨।

ତତ୍‌କ୍ଷଣାତ୍ ଧାତୁପୃଷ୍ଠରୁ ବାହାରକୁ ବାହାରି ପାରିବା ସମ୍ଭବ ନୁହେଁ । ଅନେକ ବୈଜ୍ଞାନିକ ଏହାକୁ ବୁଝେଇବା ପାଇଁ ବିଭିନ୍ନ ଦୃଷ୍ଟିକୋଣରୁ ପ୍ରୟାସ କଲେ ବି ସଫଳତା ମିଳିଲା ନାହିଁ । ଶେଷରେ ଆଲବର୍ଟ ଆଇନ୍‌ଷ୍ଟାଇନ୍ ଏହି 'ପ୍ରକାଶ-ବିଦ୍ୟୁତ୍ ପ୍ରଭାବ' ପରିଘଟଣାକୁ ସଫଳତାର ସହିତ ବୁଝେଇପାରିଥିଲେ ।

## ଆଇନ୍‌ଷ୍ଟାଇନ୍‌ଙ୍କ ବର୍ଣ୍ଣନା

'ପ୍ରକାଶ-ବିଦ୍ୟୁତ୍ ପ୍ରଭାବ' ପ୍ରକ୍ରିୟାକୁ ବୁଝିବାକୁ ଯାଇ ବୈଜ୍ଞାନିକମାନେ ଯେ ଭାବିଲେ ଆଲୋକରୁ ତରଙ୍ଗଶକ୍ତିକୁ ଇଲେକ୍‌ଟ୍ରନ୍ କଣିକା ଶୋଷିନେଇ ନିଜର ଗତିଜ ଶକ୍ତି ପ୍ରାପ୍ତ କରେ, ଯାହା ଦ୍ୱାରା ଧାତୁପୃଷ୍ଠରୁ ବାହାରକୁ ବାହାରି ଆସେ । କିନ୍ତୁ ଆଲୋକକୁ ତରଙ୍ଗ ଭାବରେ କରିବା ଫଳରେ ବୈଜ୍ଞାନିକମାନେ କେତେକ ଅସୁବିଧାରେ ସମ୍ମୁଖୀନ ହେଲେ, ଯାହାକୁ ଏଠାରେ ବିଶଦ ଭାବରେ ବର୍ଣ୍ଣନା କରାଯାଇଛି ।

(୧) ତରଙ୍ଗର ତୀବ୍ରତା ବା ଆଲୋକର ଉଜ୍ଜ୍ୱଳତା (ଇଂଟେନ୍‌ସିଟି) ବଢ଼େଇଲେ ତରଙ୍ଗର ଶକ୍ତି ବଢ଼େ । ତେଣୁ ଆଲୋକ ତରଙ୍ଗର ତୀବ୍ରତା ବଢ଼ିଲେ ବାହାରୁଥିବା ଇଲେକ୍‌ଟ୍ରନ୍ କଣିକାର ଗତିଜଶକ୍ତି ବୃଦ୍ଧିପାଇବ ବୋଲି ଆଶା କରାଗଲା । କିନ୍ତୁ, ଆଶ୍ଚର୍ଯ୍ୟର କଥା, ଇଲେକ୍‌ଟ୍ରନ୍ କଣିକାର ଗତିଜଶକ୍ତି ଆଲୋକର ତୀବ୍ରତା ଉପରେ ଆଦୌ ନିର୍ଭର କଲାନାହିଁ ।

(୨) ଆବୃତି ଓ ତରଙ୍ଗଦୈର୍ଘ୍ୟ ଅଲଗା ହେଲେ ଗୋଟିଏ ତରଙ୍ଗର ଶକ୍ତିର ପରିବର୍ତ୍ତନ ହୁଏ । ଯଦି ଆଲୋକର ତରଙ୍ଗଶକ୍ତିକୁ ଶୋଷି ନେଇ ଇଲେକ୍‌ଟ୍ରନ୍ କଣିକା ନିଜର ଗତିଜ ଶକ୍ତି ପ୍ରାପ୍ତ କରେ, ତେବେ ଯେ କୌଣସି ଆବୃତି ଓ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଆଲୋକ ପାଇଁ ଅର୍ଥାତ୍ ଯେ କୌଣସି ଶକ୍ତିର ଆଲୋକ ପାଇଁ ଏହି 'ପ୍ରକାଶ-ବିଦ୍ୟୁତ୍ ପ୍ରଭାବ' ଘଟିବା କଥା । କିନ୍ତୁ ଦେଖାଗଲା ଯେ ନିର୍ଦ୍ଦିଷ୍ଟ ଆବୃତି ତଳକୁ ପ୍ରକାଶ ବିଦ୍ୟୁତ୍ ଉତ୍ସର୍ଜନ ଘଟିଲା ନାହିଁ, ଅର୍ଥାତ୍ ଧାତୁପୃଷ୍ଠରୁ ଇଲେକ୍‌ଟ୍ରନ୍ ବାହାରିଲା ନାହିଁ ।

(୩) ତରଙ୍ଗର ଶକ୍ତି ଗୋଟିଏ ବିନ୍ଦୁରେ ସକେନ୍ଦ୍ରିତ ହୋଇ ନଥାଏ ବା ଜମା ହୋଇ ରହେ ନାହିଁ । ଏହା ତରଙ୍ଗାଗ୍ର (ଓ୍ୱେଭ୍‌ଫ୍ରଂଟ୍) ଉପରେ ବିଛାଡ଼ି ହୋଇଥାଏ । ତେଣୁ ବିଛାଡ଼ି ହୋଇ ରହିଥିବା ଶକ୍ତିରୁ ଇଲେକ୍‌ଟ୍ରନ୍ ନିଜ ପାଇଁ ଯଥେଷ୍ଟ ଶକ୍ତି ଜମା କରି ଉତ୍ସର୍ଜିତ ହେବା ପାଇଁ କିଛି ସମୟ ଲାଗିବା କଥା । ମାତ୍ର ଧାତୁ ଉପରେ ଆଲୋକ ପଡ଼ୁ ପଡ଼ୁ ଇଲେକ୍‌ଟ୍ରନ୍ ପଦାକୁ ବାହାରି ଆସିଲେ ।

ତେଣୁ ଆଲୋକକୁ ତରଙ୍ଗ (ଓ୍ୱେଭ୍) ବୋଲି ବିବେଚ୍‌ନା କରି 'ପ୍ରକାଶ-ବିଦ୍ୟୁତ୍ ପ୍ରଭାବ' ପରିଘଟଣାକୁ ବୁଝିହେଲା ନାହିଁ । କାରଣ, ତରଙ୍ଗର ବିଛାଡ଼ି ହୋଇ ରହୁଥିବା ଶକ୍ତି ବ୍ୟବସ୍ଥା ବୈଜ୍ଞାନିକମାନଙ୍କୁ ଅସୁବିଧାରେ ପକେଇଲା । କିନ୍ତୁ ମହାନ୍ ବୈଜ୍ଞାନିକ (ପଦାର୍ଥ ବିଜ୍ଞାନୀ) ଆଲବର୍ଟ ଆଇନ୍‌ଷ୍ଟାଇନ୍ ଆଲୋକକୁ ତରଙ୍ଗ ବୋଲି ବିବେଚ୍‌ନା କଲେ ନାହିଁ । ମାକ୍ସ୍ ପ୍ଲାଙ୍କ୍ କହିଥିବା କଥା ଉପରେ ସେ ଗୁରୁତ୍ୱ ଦେଲେ । ୧୯୦୦ ମସିହାରେ କୃଷ୍ଣବସ୍ତୁ ବିକିରଣ (ବ୍ଲାକ୍-ବଡି ରେଡିଏଶନ୍) ପରିଘଟଣାକୁ ବୁଝାଇବାକୁ ଯାଇ ବୈଜ୍ଞାନିକ ମାକ୍ସ୍ ପ୍ଲାଙ୍କ୍ କହିଥିଲେ, ବସ୍ତୁ ଓ ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗ ମଧ୍ୟରେ ଶକ୍ତିର ଆଦାନ ପ୍ରଦାନ ସମୟରେ ତରଙ୍ଗ ଅବିଚ୍ଛିନ୍ନ ଭାବେ ବ୍ୟବହାର କରେ ନାହିଁ, ବରଂ ବିବିକ୍ତ ପୁଡ଼ିଆ (ପ୍ୟାକେଟ୍) ଆକାରରେ ବସ୍ତୁ ଦ୍ୱାରା ଅବଶୋଷିତ ହୁଏ । ସେତେବେଳେ ଏହି କଥାକୁ ବୁଝିବା ଅନ୍ୟମାନଙ୍କ ପାଇଁ କଷ୍ଟକର ହେଲା । କିନ୍ତୁ ଆଇନ୍‌ଷ୍ଟାଇନ୍ ଏହାକୁ ଠିକ୍ ବୋଲି କହିଲେ । ଆଇନ୍‌ଷ୍ଟାଇନ୍ ୧୯୦୫ ମସିହାରେ ଏହି ତତ୍ତ୍ୱ ସାହାଯ୍ୟରେ ପ୍ରକାଶ-ବିଦ୍ୟୁତ୍ ପ୍ରଭାବକୁ ବୁଝେଇଲେ । ସେ କହିଲେ, 'ପ୍ରକାଶ-ବିଦ୍ୟୁତ୍ ପ୍ରଭାବ' ପରିଘଟଣାରେ ଆଲୋକ ତରଙ୍ଗପରି ବ୍ୟବହାର କରେ ନାହିଁ, ବରଂ କଣିକାପରି ବ୍ୟବହାର କରେ । ଆଲୋକର ଏହି କଣିକାକୁ 'ଫୋଟନ୍' ବୋଲି କୁହାଯାଏ । ଫୋଟନ୍ ହେଉଛି ଆଲୋକଶକ୍ତିର କ୍ଷୁଦ୍ରାତିକ୍ଷୁଦ୍ର ପୁଡ଼ିଆ, ଯାହାକୁ 'କ୍ୱାଂଟମ୍' କହନ୍ତି । କ୍ଷୁଦ୍ରାତିକ୍ଷୁଦ୍ର ଫୋଟନ୍ ପୁଡ଼ିଆ ଭିତରେ ଅତୀବ କ୍ଷୁଦ୍ର ପରିବେଷ୍ଟନୀ ଭିତରେ ଆଲୋକର ଶକ୍ତି ସକେନ୍ଦ୍ରିତ ହୋଇଥାଏ । ତେଣୁ ଗୋଟିଏ ଫୋଟନର ଶକ୍ତି କେବଳ ଗୋଟିଏ ଇଲେକ୍ଟ୍ରନ୍ ଦ୍ୱାରା ଅବଶୋଷିତ ହୁଏ । ଏକାଧିକ ଇଲେକ୍‌ଟ୍ରନ୍ ଗୋଟିଏ ଫୋଟନ୍ ଶକ୍ତି ଉପରେ ଭାଗ ବସେଇ ପାରିବେ ନାହିଁ । ଅତଏବ, ଗୋଟିଏ ଫୋଟନ୍‌ର ସମୁଦାୟ ଶକ୍ତିକୁ ନିମିଷେକ ମଧ୍ୟରେ କେବଳ ଗୋଟିଏ ଇଲେକ୍‌ଟ୍ରନ୍ ଗ୍ରହଣ କରିପାରିବ । ଶେଷରେ, ଇଲେକ୍‌ଟ୍ରନ୍ ଶୋଷିଥିବା ଫୋଟନ୍-ଶକ୍ତି ଦୁଇ ଉପାୟରେ ବ୍ୟବହୃତ ହୁଏ (୨)।

(କ) ଫୋଟନ୍ ଶକ୍ତିର କିଛି ଅଂଶ ଇଲେକ୍‌ଟ୍ରନକୁ ଧାତୁ ଭିତରୁ ପୃଷ୍ଠକୁ ଆଣେ ।

(ଖ) ଫୋଟନ୍‌ର ବାକି ଶକ୍ତି ଇଲେକ୍‌ଟ୍ରନକୁ ପୃଷ୍ଠରୁ ବାହାରକୁ ଉତ୍ସର୍ଜିତ ହେବାଲାଗି ଗତିଜଶକ୍ତି ଯୋଗାଏ ।

ଏହିପରି ଦୃଷ୍ଟିକୋଣରୁ ଆଲୋକକୁ ବିଚାର କଲେ 'ପ୍ରକାଶ-ବିଦ୍ୟୁତ୍ ପ୍ରଭାବ' ପରିଘଟଣାକୁ ସହଜରେ ବୁଝିହେଲା । ଏହାକୁ ଆଲୋକର ଫୋଟନ୍ କଣିକା-ତତ୍ତ୍ୱ କୁହାଯାଏ । ଅତଏବ ଆଲୋକର କଣିକା-ତତ୍ତ୍ୱ ସଫଳ ଭାବେ ଏହି ପ୍ରଭାବକୁ ବୁଝେଇପାରିଲା ।

## ଆଲୋକର ଦ୍ୱୈତ-ଗୁଣ :

ଯେତେବେଳେ ଆଲୋକକୁ ତରଙ୍ଗ ବୋଲି ବିବେଚ୍‌ନା କରାଯାଉଥିଲା, ସେତେବେଳେ ଆଇନ୍‌ଷ୍ଟାଇନ୍ ଆଲୋକକୁ ତରଙ୍ଗ ବୋଲି ବିବେଚ୍‌ନା ନକରି କଣିକା ସଦୃଶ ବିବେଚନା କରିବା ହେତୁ ପ୍ରକାଶ-ବିଦ୍ୟୁତ୍ ପ୍ରଭାବକୁ ବୁଝେଇ ପାରିଲେ । ଆଲୋକର କଣିକା-

ତତ୍ୱ ସହାୟତାରେ କେବଳ ପ୍ରକାଶ-ବିଦ୍ୟୁତ୍ ପ୍ରଭାବ ନୁହେଁ, ବରଂ କୃଷ୍ଣବସ୍ତୁ ବିକିରଣ ଓ କ୍ରୋମ୍ପଟନ୍-ପ୍ରଭାବ ଭଳି ଜଟିଳ ଆଲୋକୀୟ-ପ୍ରକ୍ରିୟା ସବୁ ବୁଝାପଡ଼ିଲା । ତେଣୁ ଆଲୋକର କଣିକା-ତତ୍ୱକୁ ସମସ୍ତେ ଆଦରି ନେଲେ । ହେଲେ ଏହି ତତ୍ୱ ଦ୍ୱାରା ଆଲୋକର ଅନ୍ୟ କେତେକ ପରିଘଟଣାକୁ ବୁଝିବା ସମ୍ଭବ ହେଲା ନାହିଁ । ଆଲୋକର କଣିକା-ତତ୍ୱ ଦ୍ୱାରା ବୁଝି ହେଉ ନଥିବା ପରଘଟଣାଗୁଡ଼ିକ ଭିତରୁ ବ୍ୟତିକ୍ଷରଣ (ଇଂଟରଫେରେନ୍ସ), ବିବର୍ତନ (ଡିଫ୍ରାକ୍ସନ୍), ବିଛୁରଣ (ସ୍କାଟେରିଙ୍ଗ୍) ଓ ଧ୍ରୁବଣ (ପୋଲାରାଇଜେଶନ୍) ପ୍ରକ୍ରିୟା ହେଉଛି ପ୍ରମୁଖ ଉଦାହରଣ। କଣିକା-ତତ୍ୱ ଦ୍ୱାରା ଏସବୁ ଆଲୋକୀୟ-ପ୍ରକ୍ରିୟାକୁ ବୁଝିହେଲା ନାହିଁ । ଏଥିପାଇଁ ଆଲୋକର ତରଙ୍ଗଗୁଣ ଲୋଡ଼ା ହେଲା। ତେଣୁ ଆଲୋକର ସମସ୍ତ ପରିଘଟଣାକୁ ସଫଳତାର ସହିତ ବୁଝେଇବା ସକାଶେ ଆଲୋକର କଣିକା-ତତ୍ୱ ସହିତ ତରଙ୍ଗ-ତତ୍ୱ ବି ଦରକାର ହେଲା। ଏହିପରି ଭାବରେ ଆଲୋକର ଉଭୟ ଗୁଣ ରହିଥିବାର ପ୍ରମାଣ ମିଳିଲା । ଅତଏବ, ଆଲୋକ ଦ୍ୱୈତଗୁଣର ଅଧିକାରୀ । ଅର୍ଥାତ୍, ଆଲୋକ ତରଙ୍ଗ ବି ଓ କଣିକା ବି **(୩)**।

## ଲୁଇସ୍ ବ୍ରଗ୍ଲିଙ୍କ ଗବେଷଣା

ଆଲୋକର କଣିକାଗୁଣ ଉପରେ ଗବେଷଣା କରି ଆଇନ୍‌ଷ୍ଟାଇନ୍ ସଫଳତାର ସହିତ 'ପ୍ରକାଶ-ବିଦ୍ୟୁତ୍ ପ୍ରଭାବ' ପରିଘଟଣାକୁ ବୁଝେଇଲା ପରେ ତାଙ୍କୁ ସେହି ଅଭିନବ ଗବେଷଣା ସକାଶେ ପଦାର୍ଥ ବିଜ୍ଞାନରେ ୧୯୨୧ ମସିହା ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା **(୪)**। ଆଲୋକ ଯେ ଦ୍ୱୈତଗୁଣର ଅଧିକାରୀ – ଏହି ନୂଆ କଥାଟା ବୈଜ୍ଞାନିକମାନେ ଜାଣିଲା ପରେ ସେହିଠାରେ ବିଜ୍ଞାନ ଅଟକି ଗଲା ନାହିଁ । ଆଲୋକର ବ୍ୟବହାରକୁ ନେଇ ଆଇନ୍‌ଷ୍ଟାଇନ୍‌ଙ୍କର କଣିକା-ତତ୍ୱ ଦ୍ୱାରା ଫ୍ରାନ୍ସର ଲୁଇଶ୍ ଡି ବ୍ରଗ୍ଲି ବିଶେଷ ପ୍ରଭାବିତ ହେଲେ। ସେ ଯୁକ୍ତି ବାଢ଼ିଲେ କି ପ୍ରକୃତି ସମମିତ । ଏହାର ଅନେକ ଉଦାହରଣ ରହିଛି । ପକ୍ଷୀଟିଏ ଡେଣା ମେଲେଇ ବସିଲେ ତାହାର ବାମପାଖ ଓ ଦକ୍ଷିଣପାଖ ସମାନ ଦିଶେ । ଆମ ମୁହଁରେ ବାମପାଖ ଓ ଦକ୍ଷିଣପାଖ ସମାନ ଦିଶେ । ଆମର ଶରୀର ବି ଆମକୁ ସମମିତ ଦେଖାଯାଏ । ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ତରଙ୍ଗ ଓ କଣିକାକୁ ନେଇ ଗଠିତ । ଆମର ଶବ୍ଦ, ଆଲୋକ, ମୋବାଇଲ ତରଙ୍ଗ ଓ ରେଡିଓ ତରଙ୍ଗ ଇତ୍ୟାଦି ତରଙ୍ଗ ବର୍ଗରେ ଅନ୍ତର୍ଭୁକ୍ତ । ସେହିପରି ବହି, କଲମ, ଗାଡ଼ି, ମୋବାଇଲ ଓ ଟେବୁଲ ଇତ୍ୟାଦି ଯାହା ଆମ ଆଖିରେ ସେସବୁ କଣିକା (ବସ୍ତୁ) ବର୍ଗରେ ଅନ୍ତର୍ଭୁକ୍ତ । ଲୁଇଶ୍ ଡି ବ୍ରଗ୍ଲି ପ୍ରଶ୍ନ କଲେ - ଯଦି ଆମ ସମମିତ ବିଶ୍ୱବ୍ରହ୍ମାଣ୍ଡରେ ତରଙ୍ଗର କଣିକା-ଗୁଣ ରହିପାରୁଛି, ତେବେ କଣିକାରେ ତରଙ୍ଗ-ଗୁଣ କାହିଁକି ରହପାରିବନି ? ୧୯୨୪ ମସିହାରେ ସେ ତାଙ୍କ ପିଏଚ୍.ଡି. ସନ୍ଦର୍ଭରେ ଇଲେକ୍‌ଟ୍ରନ୍ କଣିକାକୁ ତରଙ୍ଗ ଭାବେ ନେଇ ତାହାର ତରଙ୍ଗଦୈର୍ଘ୍ୟର ବ୍ୟୁତ୍ପତି କଲେ । ସେ ଦେଖେଇଲେ ଯେ ଇଲେକ୍‌ଟ୍ରନ୍ କଣିକା ଭଳି ସମସ୍ତ ବସ୍ତୁର ତରଙ୍ଗଦୈର୍ଘ୍ୟ ରହିଛି, ଯାହାକି ତାହାର ବସ୍ତୁତ୍ୱ ଓ ପରିବେଗ ସହିତ ପ୍ରତିଲୋମାନୁପାତୀ । ଅର୍ଥାତ୍ ବସ୍ତୁଟି ଅଧିକ ଓଜନିଆ ହେଲେ ଓ ଜୋର ଗତିକଲେ ତାହାର ତରଙ୍ଗଦୈର୍ଘ୍ୟ କମ୍ ହେବ । ଲୁଇଶ୍ ବ୍ରଗ୍ଲିଙ୍କର ଏହି ଅଭିନବ ଧାରଣା ଓ ଗାଣିତିକ ପ୍ରମାଣ ଆଇନ୍‌ଷ୍ଟାଇନ୍‌ଙ୍କ ଦ୍ୱାରା ପ୍ରଶଂସିତ ହେଲା । ସେହି ଅଭିନବ ଧାରଣାକୁ ପରଖିବା ପାଇଁ ଆସିଲେ ଅଷ୍ଟ୍ରିଆର ଇରଉଇନ୍ ସ୍ରୋଡ଼ିଞ୍ଜର, ଆମେରିକାର କ୍ଲିଂଟନ୍ ଡାଭିଜନ୍ ଓ ଲିଷ୍ଟର ଜର୍ମର, ସ୍କଟଲାଣ୍ଡର ଜର୍ଜ ଟମ୍‌ସନ୍ ଏବଂ ଆହୁରି ଅନେକ । ୧୯୨୭ ମସିହାରେ ପ୍ରମାଣିତ ହେଲା ଯେ ପ୍ରତ୍ୟେକ ବସ୍ତୁର ତରଙ୍ଗଗୁଣ ରହିଛି । ଏହି ଗବେଷଣା ପରେ ଡି ବ୍ରଗ୍ଲିଙ୍କୁ ପଦାର୍ଥ ବିଜ୍ଞାନରେ ଉଲ୍ଲେଖନୀୟ ଅବଦାନ ସକାଶେ ୧୯୨୯ ମସିହାର ନୋବେଲ ପୁରସ୍କାର ପ୍ରଦାନ କରାଗଲା **(୫, ୬)**।

## ଉପସଂହାର :

ଆଲୋକର କଣିକାଗୁଣ ରହିଛି ବୋଲି ପ୍ରମାଣିତ କରି ଆଲବର୍ଟ ଆଇନ୍‌ଷ୍ଟାଇନ୍ ପଦାର୍ଥ ବିଜ୍ଞାନରେ ୧୯୨୧ ମସିହା ପାଇଁ ନୋବେଲ ପୁରସ୍କାର ପାଇଲେ । କଣିକାର ତରଙ୍ଗ ଗୁଣ ତଥା ତରଙ୍ଗଦୈର୍ଘ୍ୟ ରହିଛି ବୋଲି ପ୍ରମାଣିତ କରି ଲୁଇଶ୍ ଡି ବ୍ରଗ୍ଲି ପଦାର୍ଥ ବିଜ୍ଞାନରେ ୧୯୨୯ ମସିହା ପାଇଁ ନୋବେଲ ପୁରସ୍କାର ପାଇଲେ । ତେଣୁ ଆଜି ଆମେ କହିପାରିବା ସମସ୍ତଙ୍କର ଉଭୟ ତରଙ୍ଗ ଓ କଣିକା ଧର୍ମ ରହିଛି **(୭, ୮, ୯)**। ଏପରିକି ଆମମାନଙ୍କର ମଧ୍ୟ ଦ୍ୱୈତ୍ୟ ଗୁଣ ବିଦ୍ୟମାନ। କ୍ଷୁଦ୍ରାତିକ୍ଷୁଦ୍ର କଣିକାରେ ତରଙ୍ଗଗୁଣ ଜଣାପଡ଼େ, କିନ୍ତୁ ବଡ଼ ବସ୍ତୁର ବିରାଟ ବସ୍ତୁତ୍ୱ ପାଇଁ ତରଙ୍ଗଦୈର୍ଘ୍ୟ ଅତିକ୍ଷୁଦ୍ର ହେଇଥିବାରୁ ସେଥିରେ ତରଙ୍ଗଗୁଣ ଜଣାପଡ଼େନା, କେବଳ ବସ୍ତୁ-ଲକ୍ଷଣ ପରିଲକ୍ଷିତ ହୁଏ **(୧୦)**। ତେଣୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେଲୁ ଯେ, ବ୍ରହ୍ମାଣ୍ଡରେ ସମସ୍ତ ତରଙ୍ଗ ଓ ବସ୍ତୁଙ୍କର ଦ୍ୱୈତ-ଗୁଣ (ଡୁଆଲ ନେଚର) ରହିଛି । ତରଙ୍ଗର ବସ୍ତୁ-ଗୁଣ ରହିଛି ଏବଂ ବସ୍ତୁର ତରଙ୍ଗ-ଗୁଣ ରହିଛି ।

## ସହାୟକ ଗ୍ରନ୍ଥସୂଚୀ :


[1] Ajit Kumar, *Fundamentals of Quantum Mechanics*, Cambridge University Press, USA, pp-5, 2018, ISBN 978-1-108-46593-9

[2] Albert Einstein, "*On a Heuristic Viewpoint Concerning the Emission anf Transformation of Light*", Annalen der Physik 17 (1905)

[**3**] Albert Messiah, *Quantum Mechanics*, North Holland, John Wiley and Sons, ISBN 0486409244, 1966

[**4**] https://www.nobelprize.org/prizes/physics/1921/ *Nobel Foundation*

[**5**] https://www.nobelprize.org/prizes/physics/1929/ *Nobel Foundation*

[**6**] *Thomas W. Ennis, "Louis de Broglie, French Physicist, Won 1929 Nobel Prize for Wave Theory", The New York Times (Obituaries, 20 March 1987)*

[**7**] Robert Resnick (1972), *Basic Concepts in Relativity and Early Quantum Theory*, Wiley, p. 137, 138, ISBN 0-471-71702-9.

[**8**] Randall D. Knight (2004), *Physics for Scientists and Engineers With Modern Physics: A Strategic Approach*, Pearson-Addison-Wesley, p. 1224, ISBN 0-8053-8685-8.

[**9**] Roger Penrose (2005), *The Road to Reality: A Complete Guide to the Laws of the Universe*, Knopf, p. 502, ISBN 0-679-45443-8

[**10**] Stephen Gasiorowicz, University of Minnesota, Quantum Physics, John Wiley and Sons, Inc.

❖ ❖ ❖

DOI : https://doi.org/10.5281/zenodo.15674229 ମୂଳ ପ୍ରବନ୍ଧ

# କଳାହାଣ୍ଡିର ହଳିଆ ଗୀତ

ଅଭିଷେକ ଆଚାର୍ଯ୍ୟ

**ସଂକ୍ଷିପ୍ତସାର :**

କଳାହାଣ୍ଡିର ଲୋକସଂସ୍କୃତି ହେଉଛି ଏକ ନିଆରା ସଂସ୍କୃତି ଯାହା ଆଜିକାଲି ସଂସ୍କୃତ ଏବଂ ବ୍ରାହ୍ମଣ, କ୍ଷତ୍ରିୟ ସଂସ୍କୃତିର ମିଶ୍ରଣରେଏକ ମହାଜାଗତିକ ସଂସ୍କୃତି ଭାବରେ ନିଜକୁ ଏକ ଆର୍ଯ୍ୟ ଓ ଅନାର୍ଯ୍ୟ ମାନଙ୍କର ଏକ ମିଶ୍ରିତ କରିଛି । କଳାହାଣ୍ଡି ଅଞ୍ଚଳରେ ମୁଖ୍ୟତଃ କୃଷିକାର୍ଯ୍ୟ ହେଉଛି ମୁଖ୍ୟ କାର୍ଯ୍ୟ । ଏହି କୃଷି କାର୍ଯ୍ୟ ହେଉଛି ସେମାନଙ୍କର ବୃତ୍ତି । ଏହି କୃଷିକାର୍ଯ୍ୟ କରୁଥିବା ସମୟରେ ଜଣେ ହଳିଆ ପିଲା ତା'ର ମନର ଦୁଃଖ ଏବଂ ଛାତିର କୋହ ଠାରୁ ଆରମ୍ଭ କରି ସମାଜରେ ଘଟିଯାଉଥିବା ବିଭିନ୍ନ ଘଟଣା ଏବଂ ରାମାୟଣ, ମହାଭାରତର କଥାବସ୍ତୁକୁ ନିଜର ଉପାଦାନ ଭାବରେ ବ୍ୟବହାର କରି କିପରି ସୁନ୍ଦର ସୁନ୍ଦର ଗୀତ ନିଜର ମନ ଭିତରେ ପ୍ରସ୍ତୁତ କରିପାରେ ଯାହାକୁ ଆମେ ହଳିଆ ଗୀତ ବୋଲି କହିଥାଉ ଏବଂ ସେହି ଗୀତରେ ଗ୍ରାମର ଅନେକ ଯାନିଯାତ୍ରା ପର୍ବପର୍ବାଣୀ ମଧ୍ୟ ଜାଣି ହେଉଥାଏ ।

**ପ୍ରମୁଖ ଶବ୍ଦାବଳୀ :**

ପଲ୍‌ହାରୁଆ, ରୁଇଯିମା, ଜୁଲି ଜୁଲି, ଲୁଇଁ ଲୁଇଁ, ଫାନ୍ଦେ, ଆଡ଼ମଇ, ଖର୍ଡ଼ି, ଭୂତି, ହିଟିପଡ଼ି, ଖ୍ୱର

ବିଭିନ୍ନ ସ୍ଥାନ ତଥା ଭୌଗଳିକ ସମାଭେଦରେ ଲୋକ ସଂସ୍କୃତିରେ ସଭ୍ୟତା ଓ ବିଭିନ୍ନତା ପରିଲକ୍ଷିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ କଳାହାଣ୍ଡିର ଲୋକସଂସ୍କୃତି କଥା ଆଲୋଚନା କଲେ ଏହା ସ୍ୱତଃ ଜଣା ପଡ଼ିଥାଏ ଏଠାକାର ସଂସ୍କୃତି ଖୁବ୍ ସମୃଦ୍ଧ । ଯାହାକି ଆଦିମକାଳରୁ ପ୍ରଚଳିତ ପାରମ୍ପରିକ ବିଶ୍ୱାସ, ପ୍ରଥା, ଗୀତ, କାବ୍ୟ, କାହାଣୀ ମଧ୍ୟଦେଇ ଏଠାକାର ସାମାଜିକ ଓ ସାଂସ୍କୃତିକ ଜୀବନବୋଧ ଓ ଐତିହ୍ୟ ପ୍ରକାଶ ପାଇଛି । ଏହି ଅଞ୍ଚଳରେ ପ୍ରଚଳିତ ଡାଲଖାଇ, ରସରକେଲି, ସଜନି, ମାଏଲାଜଡ଼, ବୋରିଆ, ଛଡ଼ରସ, ହଳିଆଗୀତ, ବିବାହ କାନ୍ଦଣା ଗୀତ ଆଦି ଜନସମାଜ ଓ ହୃଦୟକୁ ସ୍ପର୍ଶ କରିଥାଏ । ବିବାହ, ବ୍ରତଘର ଶିକାର ବଣଭୋଜି, ମୃତ୍ୟୁସମୟ, କୃଷିକାର୍ଯ୍ୟ, ଖେଳିବା ସମୟ ତଥା ଅବସର ବିନୋଦ ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟରୁ ଲୋକଗୀତ ଆତ୍ମପ୍ରକାଶ କରିଛି । ଯୁଗଯୁଗ ଧରି ଅନେକ ଲୋକଗୀତ ଏଠାକାର ଲୋକଙ୍କ ମୁଖରେ ପ୍ରଚଳିତ ହୋଇଆସୁଛି । ଅଙ୍ଗେ ନିଭାଇଥିବା ଜୀବନର ସ୍ମୃତି, ଅନୁଭୂତି ଓ ଘଟଣାବଳୀକୁ ଉପଲକ୍ଷ କରି ଏହି ଗୀତ ସବୁ ସ୍ୱତଃସ୍ଫୁତ ହୋଇଛି ଯାହାର କି କାବ୍ୟିକ ମାଧୁର୍ଯ୍ୟ ଓ ଭାବମୟ ଗାମ୍ଭୀର୍ଯ୍ୟ ତୁଳନା ନାହିଁ ।

କଳାହାଣ୍ଡି ଏକ ଗ୍ରାମ ବହୁଳ ଅଞ୍ଚଳ । ଆଧୁନିକ ସଭ୍ୟତାର ସ୍ପର୍ଶରେ କିଛିଟା ବିକାଶଲାଭ କରିଥିଲେ ହେଁ ସାମଗ୍ରିକ ଭାବରେ କଳାହାଣ୍ଡିର ଲୋକଚରିତ୍ରର ବିଶେଷ କିଛି ପରିବର୍ତ୍ତନ ଏଠାରେ ପରିଲକ୍ଷିତ ହୁଏ ନାହିଁ । କୃଷି ହିଁ ଏ ଅଞ୍ଚଳର ମୁଖ୍ୟ ଜୀବିକା । ତେଣୁ ଏଠାକାର ଲୋକସଂସ୍କୃତି ମଧ୍ୟ ପାରମ୍ପରିକ ଓ କୃଷିଭିତ୍ତିକ । ଅବଶ୍ୟ

**ଯୋଗାଯୋଗ :**
**ଅଭିଷେକ ଆଚାର୍ଯ୍ୟ,** ଗବେଷକ (ଓଡ଼ିଆ ବିଭାଗ)
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
**Email:** : abhisekacharya8249@gmail.com
**ORCID ID:** https://orcid.org/0009-0003-2665-4846

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୩.୨୦୨୫ | ୧୧.୦୪.୨୦୨୫ | ୨୫.୦୫.୨୦୨୫ | ୧.୦୬.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : **ଆଚାର୍ଯ୍ୟ,** ଅଭିଷେକ; ୨୦୨୫। କଳାହାଣ୍ଡିର ହଳିଆ ଗୀତ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଖ; ପୃଷ୍ଠା :୨୩-୨୫।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.15674229
Article No - BPP00305

ଏକଥା ସ୍ୱୀକାର୍ଯ୍ୟ ଯେ ଏକ ଆଧୁନିକ ସଭ୍ୟତାର ପ୍ରଭାବ ଧୀରେ ଧୀରେ ପ୍ରସାରିତ ହେଉଛି । ମାତ୍ର ଆଞ୍ଚଳିକ ଭାଷା, ଚାଲିଚଳନ ତଥା ସଂସ୍କୃତିକୁ ବଞ୍ଚେଇ ରଖିଥିବାର ସଂଘର୍ଷ ମଧ୍ୟ ଠିକ୍ ସେହି ପରିମାଣରେ ବଢ଼ିଚାଲିଛି । କଳାହାଣ୍ଡିର କନ୍ଧ, କୋଲ, କେଉଁଟ, ଶବର, ଡମ୍ଭ, ଗଣ୍ଡ, କୁଡ଼ା ଆଦି ଆଦିବାସୀଙ୍କ ଅଧ୍ୟୁଷିତ ହେଲେ ହେଁ ବ୍ରାହ୍ମଣ, ବୈଶ୍ୟ ଆଦି ଉଚ୍ଚ ଜାତିର ବସତିର ସମ୍ପର୍କରେ ଆସି ଏକ ଆର୍ଯ୍ୟ-ଅନାର୍ଯ୍ୟର ମିଳନସ୍ଥଳ ରୂପେ ପ୍ରତିଷ୍ଠିତ ହୋଇଛି ।

କୃଷି ହିଁ ମୁଖ୍ୟ ବୃତ୍ତି ହୋଇଥିବାରୁ ଏଠାକାର ସାମାଜିକ ଜୀବନ ମଧ୍ୟ କୃଷିଭିତ୍ତିକ । କୃଷି କାର୍ଯ୍ୟର ପ୍ରତିଟି ପର୍ଯ୍ୟାୟ ଗ୍ରାମୀଣ ଲୋକମାନଙ୍କ ଜୀବନର କାର୍ଯ୍ୟନିର୍ଘଣ୍ଟ ନିରୂପଣ କରିଥାଏ । କୃଷି ହିଁ ପଲ୍ଲୀବାସୀଙ୍କୁ କର୍ମତତ୍ପର କରି ରଖେ । ଏହି ଅଞ୍ଚଳର ମୁଖ୍ୟ ପର୍ବପର୍ବାଣୀ ମଧ୍ୟ କୃଷି ଉପରେ ଆଧାରିତ । ଚାଷୀମାନେ କୃଷିକାର୍ଯ୍ୟ ସହିତ ସଂଶ୍ଳିଷ୍ଟ ବିଭିନ୍ନ ପର୍ଯ୍ୟାୟରେ ବର୍ଷର ଅଧିକାଂଶ ସମୟରେ ନିଜକୁ ନିୟୋଜିତ କରିଥାଆନ୍ତି । ଏହି ବିଭିନ୍ନ ପର୍ଯ୍ୟାୟରେ କୃଷକ ନିଜର ଶ୍ରମଲାଘବ ନିମିତ୍ତ ଗୀତ ଗାଇଥାଏ । ଶ୍ରମଭିତ୍ତିକ ଲୋକଗୀତ ମଧ୍ୟରେ କୃଷି ଗୀତ, ଶଗଡ଼ିଆ ଗୀତ, ପତ୍ରତୋଳା ଗୀତ ଆଦି ବହୁ ପ୍ରଚଳିତ । ଏହି ଗୀତଗୁଡ଼ିକରେ ଲୋକ ସମାଜର ସ୍ୱରୂପ ସ୍ପଷ୍ଟ ପ୍ରତିବିମ୍ବିତ ହୋଇଥାଏ । 'ପଲ୍‌ହାରୁଆ' କୃଷି କାର୍ଯ୍ୟର ଏକ ମୁଖ୍ୟ ଅଙ୍ଗ । ହଳିଆ ମାଟିକୁ କାଦୁଅ କର, ସ୍ତ୍ରୀ ଲୋକମାନେ ଧାଡ଼ିବାନ୍ଧି ଅଣ୍ଟା ନୁଆଇ ପଲ୍ଲାରୁଆ କରିଥାଆନ୍ତି । ଏହି ସମୟରେ ହଳିଆ ଓ ପଲ୍ଲୀରୋପଣ କରୁଥିବା ଲୋକମାନଙ୍କ ମଧ୍ୟରେ ଟାହିଟାପରା ଲାଗେ । ଅଦୂରରେ ଅନ୍ୟ ଏକ କ୍ଷେତରେ ମଧ୍ୟ ଠିକ୍ ସେମିତି ଦୃଶ୍ୟ ଦେଖିବାକୁ ମିଳେ । ଏହି ଅବସରରେ ହଳିଆର ମନମତାଣିଆ ଗୀତ ସାଙ୍ଗକୁ ସ୍ତ୍ରୀ ଲୋକମାନଙ୍କର ହୁଳହୁଳି ଶବ୍ଦ ପରିବେଶକୁ ଉତ୍‌ଫୁଲ୍ଲିତ କରି ରଖିବା ସଙ୍ଗେ ସଙ୍ଗେ ପଲ୍ଲୀରୋଇବା କାର୍ଯ୍ୟରେ କ୍ଷୀପ୍ରତା ଆଣିଦିଏ ।

ବଏଲାରେ
ବଢ଼େ ସଖାଲୁ ଉଠି ଦେଖିଲେ ପଧାନ ଘରର ବୁଢ଼ା
ପଲ୍ଲୀ ରୁଇଯିବା କାଁଗୋ
ହେଇ ରୁଇଗଲେ ସଂଗ ଜୁଲି ଜୁଲି ହେଇ
ସେ ଲୁଇଁ ଲୁଇଁ ଏବେ ଧାନ ଯେ ରୁଇବା
ହଁସିତ ଖେଲି ଖେଲି ହୋ...

ରାମାୟଣରେ ବର୍ଣ୍ଣିତ ଜନକ ରାଜାଙ୍କ କନ୍ୟା ସୀତାଙ୍କ ଜନ୍ମଭୂମିରୁ । ତେଣୁ ଆଧ୍ୟାତ୍ମିକ ଭାବନାରେ ଗାନ କରାଯାଉଥିବା ହଳିଆ ଗୀତଗୁଡ଼ିକରେ ରାମ ପ୍ରସଙ୍ଗରେ ବାହୁଲ୍ୟ ଦେଖା ଯାଇଥାଏ । ରାମାୟଣର ଅନେକ ଦୃଶ୍ୟକୁ ହଳିଆ ତା'ର ନିଜ ବୁଦ୍ଧିବଳ ଖଟେଇ ପାରୁ ପର୍ଯ୍ୟନ୍ତ ସ୍ମୃତି ପୃଷ୍ଠକୁ ଆଣି ଗୀତଯୋଡ଼ି ଗାଇଥାଏ । କେତେବେଳେ ରାମାୟଣ ବର୍ଣ୍ଣିତ ରାମ, ଲକ୍ଷ୍ମଣ, ଭରତ ଆଦି ଚରିତ୍ରମାନ ଜୀବନ୍ତ ମଣିଷ ଭାବରେ କ୍ଷେତରେ ହଳିଆ ସହ ଖଟିଥାନ୍ତି । କେତେବେଳେ ପୁଣି ସେମାନେ ପୂଜ୍ୟଦେବତା ପାଲଟି ଯାଆନ୍ତି ।

ବଏଲାରେ
ରାମ, ଲଇଖନ ଯେ ଦୁଇଗୋଟି ଭାଇ
କେ ଫାନ୍ଦେ ଲଙ୍ଗଲରେ କେ ଫାନ୍ଦେ ଆଡ଼ମଇ
ପଲହା ପରଶିବୁ ଭାଇରେ ଭରତ
ଭରତ ଯେ, ଗୁଇବେ ସତ୍ୟାମାଇଁ ହୋ...

ଏହି ପଦଟିରେ ରାମ, ଲକ୍ଷ୍ମଣ, ଭରତ ଏବଂ ସୀତା ଗୋଟିଏ ଚାଷୀ ପରିବାରର ଜଣେ ଜଣେ ସଦସ୍ୟ ଭାବରେ ଚିତ୍ରିତ । ଧାନ ରୋଇବା କାର୍ଯ୍ୟରେ ପରିବାରର ସମସ୍ତେ ଯେପରି କାର୍ଯ୍ୟବ୍ୟସ୍ତ ହୋଇପଡ଼ନ୍ତି, ରାମାୟଣର ଚରିତ୍ରମାନଙ୍କୁ ଅଲୌକିକତାରୁ ଲୌକିକ ପରିବେଶକୁ ଆଣି ହଳିଆ ନିଜର ଅତି ନିକଟ ସଂପର୍କୀୟ ଚରିତ୍ର ପରି କଳ୍ପନା କରିଛି । ଏଥିରୁ ହଳିଆର ସରଳ ଓ ନିଷ୍କପଟ ହୃଦୟର ପରିଚୟ ମିଳିଥାଏ । ରାମାୟଣ ବର୍ଣ୍ଣିତ କେତୋଟି ପ୍ରସଙ୍ଗ ଖଣ୍ଡିତାବସ୍ଥାରେ ହଳିଆ ଗୀତରେ ସ୍ଥାନିତ ହୋଇଥାଏ । ଭାଗବତ ଟୁଙ୍ଗୀରେ ରାମାୟଣ, ମହାଭାରତ ପଠନ ସମୟରେ ଅଶିକ୍ଷିତ, ନିରକ୍ଷର ହଳିଆ ଶୁଣି ଶୁଣି ଯାହା ମନେ ରଖେ ତାକୁ ହିଁ ପୁଞ୍ଜିକରି ସେ ଗାଏ-

ରାମାୟଣରେ-

ବଏଲରେ
ଏ ପାଣି ତ ବରଷିବୁ ରେ... ଏ ନକରିବୁ ତ ଝରି
ଘମ ଯାଇଛଟି ଯେ ମାୟାମୃଗ ମାରି ।

ଏ ମାୟାତ ମୃଗ ମାରୁ ମାରୁ ହୋ, ଗମ ପାଇଲେ ଅବସ୍ଥା
ଦୁଆରେ ଡେରିଲେ ଧନୁକୋଦଣ୍ଡ ହଲ ଦିଅ ସୀତା
ସୀତା ସୀତା ବୋଲି ଗମ ହୋ ଡାକିଲେ ଡାକଗୁରି
ସୀତା ଥିଲେ ନମ କି ଦିଅନ୍ତା ରଜଣ କଲ କି ଚୁଟ୍
ବଭଲରେ, ଗଦଣ କଲ ଚଟ୍ଟ ହୋ...

ମହାଭାରତରେ-

ବଏଲରେ
ଶଗଡ଼ିଆ ଘହାନେ ଉଡ଼େ କାଏଁ ପଙ୍କ ଧୂଳି

 ISSN-2583-147X(P), ISSN-3048-8958(O)

ଶ୍ରୀକୃଷ୍ଣ ପରନ୍ତି ଗକା କେଡ଼େ ବୋଲି
ବାଲୁତ କାଲୁ ଶ୍ରୀକୃଷ୍ଣ ରେ ହୋଇଥିଲ ବିଭ
ଚିହ୍ନୁ ନ ପାରିଲ ଶ୍ରୀକୃଷ୍ଣ ରକା ନବଯୁବା ହୋ...

ହଳିଆ ଜଣକ ତା'ର ଗ୍ରମର ଦେବଦେବତା ମାନଙ୍କୁ କିପରି ଭାବରେ ସୁମରଣା କରିକି ତା'ର ଚାଷକାମ ସବୁ ସୁରୁଖୁରୁରେ ହେଇଯିବ, ଚାଷରେ କୌଣସି ବାଧାବିଘ୍ନ ନ ଆସିବ ସେଥିପାଇଁ ମଧ୍ୟ ପ୍ରାର୍ଥନା କରିଥାଏ ତାର ଗୀତ ମାଧ୍ୟମରେ ।

ହେ...
ହଳିଆ ଗୀତେ ମୁଇଁ ବନ୍ଦିଲି ଗ୍ରାମ ଦେବତୀକେ
ବୁଢ଼ିଆଇ ଠାକୁରାଣୀ ମାଉଲି କାଏଁ ମାଉଲି
କନ୍ଧେନ୍ ବୁଢ଼ିକେ ଗୋ
ଏ ହେ...
ଗାଇବୁ ହଳିଆ ଗୀତ ଟେକିତ ଥିବୁ ରାଗ
ସୁନୁଥିବା ଘାଟର ଖାଟର ପାନୁତିକା ମୋର ପାନୁତି
ଖଡ଼ି ଦେବା ଶାଗ ହୋ ଅର୍...

ଜଣେ ହଳିଆ ପାଇଁ ତା'ର ସାହୁକାର ହେଉଛି ଯମଦୂତ ସଦୃଶ କାରଣ ହଳିଆ ମାନେ ହେଲେ ଗରିବ ଶ୍ରେଣୀର ଲୋକ । ସାହୁକାର ତାଙ୍କୁ କରଜ ଦିଏ ଏବଂ ଅଧିକ ସୁଧ ନିଏ ଓ ବିନା ଖର୍ଚ୍ଚରେ ତାଙ୍କୁ ଖଟାଇଥାଏ ଯେଉଁଥିରେ ତାଙ୍କର ପରିବାର ଚଳିବା କଷ୍ଟକର ହୋଇପଡ଼େ । ସେହି କଥାକୁ ଭାବି ସେ ବିଲରେ ହଳ କରିବା ସମୟରେ ବାହୁନି ହୁଏ ।

ଏ ହେ...
ସାହୁର ଜଞ୍ଜାଳ କୁଟୁମ୍ବର ଦୁଃଖ
ସାହୁକୁ ଦେଖିଲେ ସତେ ଲାଗଇ କାଏଁ ଲାଗଇ
ଆସୁଛେ ଯମଦୂତ ହୋ ଅର୍...

ଏ ହେ...

ଖଟିଗଲି ବାରମାସ ଗାଁ ନାଇଦେଲା ଭୁତି
ନାଇ ଦେଲା ଭୁତି ସାହୁ ତ ମର୍ ସାହୁ ତ
ତାର୍ ପୁଅ ମରୁ ହିଟିପଡ଼ିରେ ଅର୍...

ବିଲରେ ବର୍ଷତମାମ୍ କୃଷିକାର୍ଯ୍ୟ ଚାଲିଥାଏ । ହଳିଆ ସକାଳୁ ଉଠି ତା'ର ନିତ୍ୟକର୍ମ ସାରି ହଳ, ନଙ୍ଗଲ, ଯୁଆଳି ଧରି ବଳଦକୁ ନେଇ ବିଲରେ ଚାଷ କରିଥାଏ । ସକାଳୁ ଆସିଲା ସମୟରେ କ'ଣ ଖାଇଥାଏ ତା'ର କିଛି ଠିକ୍‌ଠିକଣା ନଥାଏ । ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିବା ଯାଏଁ କଠିନ ପରିଶ୍ରମ କରେ ଏବଂ ତା'ର ବାସୀପଖାଳକୁ ଅନାଇ ବସିଥାଏ । ଯେତେବେଳେ ବାସୀପଖାଳ ଆସିବା ଡେରି ହୋଇଥାଏ ସେ ବସି ଗୀତ ଗାଇବାକୁ ଲାଗେ ।

ବଏଲାରେ...

ହଳ ଫାନ୍ଦିଗଲେ କବରା-କଷରା ହଲାଇ ମାରିଲେ ଗାଁ ଚାରହି ତରା

ଥିର ନେଇନେବୁ ବହୁ କମଲା, ତୋର ଭାଇ ଭୁକେ ମଲା ।

ଥିର ବୁହି କମଲା ଆରି ମୁଡ଼େ ଠିଆ,

ଗୀତ ଚାରିପଦ ଗା'ରେ ହଳିଆ,

କି ଗୀତ ଗାଏମି କହ କମଲାନି, ମୋର ଦିହେ ବପୁ ନାଇଁ...

ଉପରୋକ୍ତ ଆଲୋଚନାରୁ ଆମେ ଜାଣିବା ଯେ ହାଲିଆ ଲୋକଗୀତର ସ୍ରଷ୍ଟା ସାଧାରଣତଃ ଗ୍ରାମର ନିରକ୍ଷର କର୍ମଜୀବି ହୋଇଥିଲେ ହେଁ ତାହାର ଅନ୍ତର୍ନିହିତ କବି ଚେତନା, ପ୍ରେମ, ସମବେଦନା, ଈଶ୍ୱର ବିଶ୍ୱାସ ତଥା ପ୍ରକୃତି ସମ୍ବନ୍ଧୀୟ କଳାତ୍ମକ ଚିନ୍ତନ ବାସ୍ତବଧର୍ମୀ ଅଟେ ।

**ସହାୟକ ଗ୍ରନ୍ଥସୂଚୀ:**

(୧) ପଶ୍ଚିମ ଓଡ଼ିଶାର ଲୋକଗୀତ, ଓଡ଼ିଆ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା, ପ୍ରଥମ ମୁଦ୍ରଣ-୧୯୯୭

(୨) କଳାହାଣ୍ଡିର ଲୋକସଂସ୍କୃତି- ଡକ୍ଟର ମହେନ୍ଦ୍ର କୁମାର ମିଶ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ୨ୟ ସଂସ୍କରଣ-୨୦୨୪

(୩) ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତି - ଡକ୍ଟର ମହେନ୍ଦ୍ର କୁମାର ମିଶ୍ର, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ୩ୟ ସଂସ୍କରଣ-୨୦୨୧

(୪) ଓଡ଼ିଶାର ଲୋକନୃତ୍ୟ- ଡାକ୍ତର ଶୈଳେଶ୍ୱର ନନ୍ଦ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ପ୍ରଥମ ସଂସ୍କରଣ-୧୯୯୮

**ସାକ୍ଷାତକାର :**

ବୁଦୁ ଶବର - ଖଇରପଦର, କଳାହାଣ୍ଡି, ବୟସ-୬୩

ରଞ୍ଜିତ ମଶ୍ରା - ଖଇରପଦର, କଳାହାଣ୍ଡି, ବୟସ-୩୮

❖ ❖ ❖

DOI : https://doi.org/10.5281/zenodo.15674266 ମୂଳ ପ୍ରବନ୍ଧ

# ସମ୍ବୋଧନର ଗଠନ: ଓଡ଼ିଆ ଗଳ୍ପରେ ପ୍ରୟୋଗ

**ସୀମା ସ୍ୱାଇଁ**
**ରୁଦ୍ରନାରାୟଣ ମହାପାତ୍ର**

**ସଂକ୍ଷିପ୍ତସାର :**

ପାଶ୍ଚାତ ସାହିତ୍ୟରେ ସମ୍ବୋଧନତତ୍ତ୍ୱ ସଂପର୍କରେ (ଭାଲୋଣ୍ଟିନ ଭୋଲୋସିନୋଭ-୧୯୨୯ ବାଖ୍‌ତିନ୍-୧୮୯୫, ଡୋରୋଭ୍, ଡ୍ରେଡାନ-୧୯୮୪, ଭିଗୋଟୋସ୍କୀ-୧୯୮୭, ହୋଲ୍‌କ୍ଲାଷ୍ଟ- ୧୯୯୦,ବଲ୍ଲୀନ୍ ୧୯୮୧) ଆଲୋଚନା ହୋଇଥିଲେ ମଧ୍ୟ ଓଡ଼ିଆ ସାହିତ୍ୟରେ ବିଶେଷ କିଛି ଆଲୋଚନା କରାଯାଇନାହିଁ। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ 'ବାଖ୍‌ତିନ୍‌ଙ୍କ ସମ୍ବୋଧନ-ତତ୍ତ୍ୱ ଏକ ସମ୍ବୋଧନ' (କୃଷ୍ଣଚନ୍ଦ୍ର-୨୦୧୯) 'ଉତ୍ସାହ ଓ ସମ୍ବୋଧନର ଉତ୍ ପ୍ରେରକ-ଆର୍କିଟାଇପ' (କୃଷ୍ଣଚନ୍ଦ୍ର-୨୦୧୭) ଭଳି ବହୁ ପ୍ରବନ୍ଧ ଲେଖାଯାଇଥିଲେ ବି ସମ୍ବୋଧନର ଗଠନ ବା ସମ୍ବୋଧନର ବିକାଶ ବିଷୟରେ ସେପରି ବିଶେଷ କିଛି ଆଲୋଚନା ଦେଖିବାକୁ ମିଳେନାହିଁ । ଏହି ପ୍ରବନ୍ଧ ମଧ୍ୟରେ ସମ୍ବୋଧନତତ୍ତ୍ୱର ବିକାଶ ଏବଂ ଓଡ଼ିଆ ଗଳ୍ପରେ ତା'ର ପ୍ରୟୋଗ ବିଷୟରେ ଆଲୋଚନା କରାଯାଇଛି । ମନୁଷ୍ୟ ଯୋଗାଯୋଗର ଜଟିଳ ପ୍ରକ୍ରିୟା ଏବଂ ପାରସ୍ପରିକ ପ୍ରକୃତିକୁ ସ୍ୱୀକାର କରିଥାଏ ଏବଂ ସଂଳାପବାଦର ବିକାଶତତ୍ତ୍ୱକୁ ବୁଝିବାପାଇଁ ନୂତନ ଶୈଳୀ ପ୍ରସ୍ତୁତ କରିଥାଏ (Bakhtin-୧୯୮୧)। ସମ୍ବୋଧନ ତତ୍ତ୍ୱର ପ୍ରୟୋଗ ବିଶ୍ୱ କଥାସାହିତ୍ୟକୁ ନୂତନ ଦିଗ ପ୍ରଦାନ କରୁଥିବାରୁ,ଏହି ତତ୍ତ୍ୱ ଆଧାରରେ ସ୍ରଷ୍ଟାମାନେ ନିଜକୁ ଭିନ୍ନ ଭିନ୍ନ ଶୈଳୀ ସାହାଯ୍ୟରେ ଉପସ୍ଥାପନା କରୁଅଛନ୍ତି । ପୂର୍ବରୁ ସମ୍ବୋଧନତତ୍ତ୍ୱ ବିଷୟରେ ଆଲୋଚନା ହୋଇନଥିଲେ ମଧ୍ୟ ଗଳ୍ପର ଚରିତ୍ରର କଥୋପକଥନରେ ତାହା ଉପସ୍ଥାପିତ ହେଉଥିଲା; କିନ୍ତୁ ସ୍ୱାଧୀନତା ପରେ ଗଳ୍ପ ଲିଖନଶୈଳୀରେ ପରିବର୍ତ୍ତନ ଦେଖାଦେଲା, ଯାହା ଫଳରେ ସମ୍ବୋଧନତତ୍ତ୍ୱ ସ୍ପଷ୍ଟଭାବରେ ଗଳ୍ପ ମଧ୍ୟରେ ପ୍ରକାଶ ପାଇଲା। ଆବଶ୍ୟକ ସ୍ଥଳେ ଲେଖକୀୟ ଭାବନା ଅଧିକ ବିସ୍ତୃତ ବା ବର୍ଣ୍ଣନା ଧର୍ମୀ ନ ହୋଇ ପ୍ରତୀକାତ୍ମକ ଭାବରେ ଚରିତ୍ରର ସଂଳାପ ମାଧ୍ୟମରେ ପାଠକର ହୃଦୟକୁ ସ୍ପର୍ଶ କରିପାରିଥିଲା। ଯେଉଁ ସଂଳାପଗୁଡ଼ିକ ଗଳ୍ପରେ ସ୍ଥାନ ପାଇଲେ ସେଥିରେ ପାଠକମାନେ ନିଜର ଆତ୍ମୀୟକୁ ତଥା ଭିନ୍ନ ଭିନ୍ନ ଚରିତ୍ରଙ୍କୁ ସାମ୍ନା କରିଥାଏ । ଏଣୁ ଏହି ପ୍ରବନ୍ଧରେ ସମ୍ବୋଧନ ତତ୍ତ୍ୱ ର ଗଠନ ଓ ଓଡ଼ିଆ କ୍ଷୁଦ୍ରଗଳ୍ପରେ କିପରି ପ୍ରୟୋଗ ହୋଇଛି; ତାହାର ବିଶେଷତ୍ୱକୁ ଆଲୋଚନା ପରିସରଭୁକ୍ତ କରାଯାଇଛି ।

**ପ୍ରମୁଖ ଶବ୍ଦାବଳୀ :** ସମ୍ବୋଧନ-ତତ୍ତ୍ୱ, ସଂଳାପ, ମାନବୀୟ ଯୋଗାଯୋଗ, ବହୁଭାଷୀତା-ପ୍ରସଙ୍ଗ, ଓ ସହଯୋଗିତା ।

## ଉପକ୍ରମ :

ମିଖାଇଲ ବାଖ୍‌ତିନ୍‌ଙ୍କ 'ସମ୍ବୋଧନର ବିକାଶତତ୍ତ୍ୱ' ହେଉଛି ସଂଳାପର ବିବର୍ତ୍ତନଧାରା । ଏହି ସିଦ୍ଧାନ୍ତ ଅର୍ଥ ଓ ବୁଝାମଣାକୁ ଆକାର ଦେବାପାଇଁ ବାର୍ତ୍ତାଳାପ, ଏକାଧିକ ସ୍ୱର ଓ ନୂତନ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଇଥାଏ । ପ୍ରତ୍ୟେକ ମନୁଷ୍ୟର ସ୍ୱତନ୍ତ୍ର ଭାଷା, ସ୍ୱର ଓ ଭିନ୍ନଭିନ୍ନ ଶୈଳୀ ରହିଛି । ବାଖ୍‌ତିନ୍ କହିଛନ୍ତି ଅର୍ଥ ସ୍ଥିର ନୁହେଁ, ଏହା ସାମାଜିକ, ସାଂସ୍କୃତିକ ଏବଂ ଐତିହାସିକ ପରିପ୍ରେକ୍ଷୀରେ ପରିବର୍ତ୍ତିତ

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

**Quick Response Code:**

**Available online at :** https://pracheenews.com/

**DOI:** https://doi.org/10.5281/zenodo.15674266
Article No - BPP00306

**ଯୋଗାଯୋଗ :**
**ସୀମା ସ୍ୱାଇଁ,** ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
**Email:** seemaswain89@gmail.com
**ORCID ID:** https://orcid.org/0009-0005-4033-2039

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୬.୦୩.୨୦୨୫ | ୧୧.୦୪.୨୦୨୫ | ୨୫.୦୫.୨୦୨୫ | ୧.୦୬.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସ୍ୱାଇଁ, ସୀମା ; ୨୦୨୫। ସମ୍ବୋଧନର ଗଠନ: ଓଡିଆ ଗଳ୍ପରେ ପ୍ରୟୋଗ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଗ; ପୃଷ୍ଠା : ୨୬-୩୧।

ହୋଇ ଶବ୍ଦଗୁଡ଼ିକ ଭିନ୍ନ ଭିନ୍ନ ଅର୍ଥ ଗ୍ରହଣ କରେ; ଯାହାଦ୍ୱାରା ଯୋଗାଯୋଗ ସହଜ ହୋଇଥାଏ (Bakhtin-୧୯୮୬, ପୃଷ୍ଠା-୬୭)। ମାନବୀୟ ଯୋଗାଯୋଗର ଜଟିଳତା ଏବଂ ଗତିଶୀଳତାକୁ ସ୍ୱୀକାର କରି, ସମ୍ବୋଧନ ତତ୍ତ୍ୱ ନୂତନ ଓ ଉନ୍ନତ ଶୈଳୀ ପ୍ରସ୍ତୁତ କରାଇଥିବାରୁ ବକ୍ତାପକ୍ଷ ଓ ଶ୍ରୋତାପକ୍ଷ ମାଧ୍ୟମରେ ବାର୍ତ୍ତାଳାପ ସହଜ ହୋଇଥାଏ (Voloshinov-୧୯୭୩, ପୃଷ୍ଠା-୨୩, Bakhtin,୧୯୮୧-ପୃଷ୍ଠା-୨୭୬, Markova-୨୦୦୩)।

ମାନବୀୟ ଯୋଗାଯୋଗ ସଂପର୍କରେ ଅର୍ଥର ବୁଝାମଣାକୁ ଆକାର ଦେବାରେ 'ସମ୍ବୋଧନ-ତତ୍ତ୍ୱ' ଆବଶ୍ୟକତା ରହିଛି (Bakhtin, ୧୯୮୧-ପୃଷ୍ଠା-୨୭୬)। ଯେଉଁଠାରେ କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ଡାକିବାପାଇଁ ନିଜ ଢଙ୍ଗରେ ଶବ୍ଦର ବ୍ୟବହାର କରିଥାଏ। 'ମୁଁ' ସମ୍ବୋଧନ ପଦଟି ସବୁବେଳେ ପ୍ରଥମ ପୁରୁଷ ହିଁ ହୋଇଥାଏ । କିନ୍ତୁ ଆମେ ଦ୍ୱିତୀୟ ପୁରୁଷକୁ ଭିନ୍ନ ଭିନ୍ନ ଶୈଳୀରେ ଡାକୁଥାଉ - ସମ୍ମାନ (ଆପଣ, ମାନ୍ୟବର, ଶ୍ରୀମାନ୍), ସ୍ନେହ (ତୁମେ, ସାଥୀ, ବନ୍ଧୁ)। 'ମୁଁ' ଯେଉଁ ସମୟରେ ଜଣକୁ 'ତୁମେ' କହୁଛି; ସେଠାରେ ସାଧାରଣ ସମ୍ବୋଧନ ହେଉଛି । ଠିକ୍ ସେହିପରି 'ମୁଁ' ଯେତେବେଳେ 'ତୁମେ' ସମ୍ବୋଧନ ନକରି 'ଭାଇ' ଭାବରେ ସମ୍ବୋଧନ କରିଥାଏ; ସେହି ସ୍ଥଳରେ ସ୍ନେହ ସହକାରେ ସମ୍ବୋଧନ କରାଯାଏ । ପୁନଶ୍ଚ 'ମୁଁ' ଯେଉଁ ସମୟରେ 'ତୁମେ' କିମ୍ବା 'ଭାଇ' ନକହି 'ମହୋଦୟ' କହିଥାଏ, ସେଠାରେ ସମ୍ମାନ ସହକାରେ ସମ୍ବୋଧନ ହୋଇଥାଏ (Bakhtin,୧୯୮୧-ପୃଷ୍ଠା-୨୭୬, Todorov-୧୯୮୪,ପୃଷ୍ଠା-୧୦୧, Linell,୨୦୦୯-ପୃଷ୍ଠା-୧୫)। ଯାହା ଫଳରେ ସମ୍ବୋଧନ କହିଲେ ବାର୍ତ୍ତାଳାପ ଶୈଳୀ, ଶବ୍ଦ ଚୟନ ଓ ଭାଷାର ଠିକ୍ ବ୍ୟବହାରକୁ ବୁଝାଇଥାଏ । ସମ୍ବୋଧନତତ୍ତ୍ୱ ମାନବର ସମ୍ପର୍କ ଓ ଆତ୍ମପରିଚୟ ଗଠନକରିବାରେ ସାହାଯ୍ୟ କରିଥାଏ । ବକ୍ତାପକ୍ଷ ଓ ଶ୍ରୋତାପକ୍ଷ ମଧ୍ୟରେ ଯୋଗାଯୋଗର ମାଧ୍ୟମ ହୋଇଥାଏ (Wertsch,୧୯୯୧ ପୃଷ୍ଠା-୧୨, Kristeva, ୧୯୮୦, ପୃଷ୍ଠା-୧୨୩, Todorov-୧୯୮୪)। ମାନବୀୟ ବାର୍ତ୍ତାଳାପ କ୍ଷେତ୍ରରେ ଓ ଅର୍ଥର ବୁଝାମଣାକୁ ସାକାର ରୂପ ଦେବାରେ ସମ୍ବୋଧନତତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ(Markova,୨୦୦୩ ପୃଷ୍ଠା-୫୬) ।

ଭାଷା ଏକ ନିରପେକ୍ଷ ମାଧ୍ୟମ ନୁହେଁ, ବରଂ ସଂଘର୍ଷର ଏକ ସ୍ଥାନ; ଯେଉଁଠାରେ ବିଭିନ୍ନ ସ୍ୱର ଏବଂ ଦୃଷ୍ଟିକୋଣ ପ୍ରାଧାନ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି (Bakhtin-୧୯୮୧, ପୃଷ୍ଠା-୨୭୬)। ଏହି ସଂଘର୍ଷକୁ ସ୍ୱୀକାର କରି, ଆମେ ପ୍ରାଧାନ୍ୟ ବିସ୍ତାର କରୁଥିବା ବକ୍ତବ୍ୟକୁ ଚ୍ୟାଲେଞ୍ଜ କରିବା ଆରମ୍ଭ କରିପାରିବା । ପୁନଶ୍ଚ ଏହା ମଧ୍ୟରେ ଆମେ ସାହିତ୍ୟିକ ଆଲୋଚନା ଏବଂ ବୁଝାମଣାପାଇଁ ନୂତନ ସ୍ଥାନ ସୃଷ୍ଟି କରିପାରିବା। କ୍ରିଷ୍ଟେଭା (୧୯୮୦)ଙ୍କ ବକ୍ତବ୍ୟରେ, "ଆଲୋଚନାତ୍ମକ ସ୍ୱୟଂ ହେଉଛି ଏକ ସ୍ୱୟଂ ଯାହା କାର୍ଯ୍ୟକ୍ଷମ ରହିଥାଏ, ଏବଂ ଅନ୍ୟମାନଙ୍କ ସହିତ ଆଲୋଚନା ମାଧ୍ୟମରେ ହୋଇଥାଏ,ଏଣୁ ନିଜ ସ୍ୱଂୟଭାବ ଏବଂ ସର୍ବଦା ନିଜ ପରିଚୟ ବିଷୟରେ ଆଲୋଚନା କରାଯାଇଛି' (Kristeva-୧୯୮୦,ପୃଷ୍ଠା-୧୨୩)।

ଓଡ଼ିଆ ଗଳ୍ପ ସାହିତ୍ୟରେ ସ୍ରଷ୍ଟାଟିଏ କୌଣସି ଦାର୍ଶନିକ ସ୍ରଷ୍ଟାଙ୍କୁ ଅବିକଳ ପ୍ରୟୋଗ କରି ମଧ୍ୟ ନିଜ ସୃଷ୍ଟିରେ ଯୁଗ ନିର୍ମାଣ କରିପାରି ନାହିଁ। କିନ୍ତୁ ଅନ୍ୟମାନଙ୍କୁ ଯେଉଁପରି ଭାବରେ ସେ ବୁଝିଛି ତାହାକୁ ନିଜ ଢଙ୍ଗରେ ଉପସ୍ଥାପିତ କରିଛନ୍ତି। ସ୍ୱାଧିନତା ସମୟ ବେଳକୁ ଓଡ଼ିଆ ଗଳ୍ପ ସାହିତ୍ୟରେ ନୂତନ ଶୈଳୀରେ ଗାଉଁଲି ଶବ୍ଦର ପ୍ରୟୋଗ କରିବା ସହିତ ସମ୍ବୋଧନାତ୍ମକ ଶବ୍ଦର ଉତ୍ପନ୍ନ କରି ଗଳ୍ପ ରଚନା କରିଛନ୍ତି 'ଫକୀରମୋହନ ସେନାପତି, ସୁରେନ୍ଦ୍ର ମହାନ୍ତି, କିଶୋରୀ ଚରଣ ଦାସ, ମନୋଜ ଦାସ, ଅଖିଳମୋହନ ପଟ୍ଟନାୟକ, ରବି ପଟ୍ଟନାୟକ, ମହାପାତ୍ର ନୀଳମଣି ସାହୁ ପ୍ରମୁଖ ଗାଳ୍ପିକମାନେ । ପରବର୍ତ୍ତୀ ପିଢ଼ିର ଗାଳ୍ପିକମାନେ ସମ୍ବୋଧନର ଧାରାକୁ ଆଗେଇ ନେବାରେ ହୋଇଛନ୍ତି ସମର୍ଥ । ପୁନଶ୍ଚ ୧୯୮୦ ପରବର୍ତ୍ତୀ ପିଢ଼ିର ଗାଳ୍ପିକ ମାନେ ସମ୍ବୋଧନକୁ ଏକ ନୂତନ ଦିଗ ପ୍ରଦାନ କରିଛନ୍ତି ଏବଂ ସମ୍ବୋଧନ ଶବ୍ଦର ସ୍ପଷ୍ଟିକରଣ କରି ପାଠକ ସମ୍ମୁଖରେ ଉପସ୍ଥାପନ କରିଛନ୍ତି ତାଙ୍କ ଗଳ୍ପ ମାଧ୍ୟମରେ। ସେମାନଙ୍କ ମଧ୍ୟରେ ଜଗଦୀଶ ମହାନ୍ତି, ସତ୍ୟ ମିଶ୍ର, ପ୍ରତିଭା ରାୟ, ଅଶୋକ ଚନ୍ଦନ, କହ୍ନାଇଲାଲ୍ ଦାସ୍, ରବି ପୁହାଣ, ବୀଣାପାଣି ମହାନ୍ତି ପ୍ରଭୃତି ସ୍ରଷ୍ଟା। ୧୯୮୦ ମସିହା ବେଳର ସମ୍ବୋଧନର ପ୍ରୟୋଗ ଏକବିଂଶ ଶତାବ୍ଦୀ ବେଳକୁ ନେଉଛି ନୂତନ ରୂପ ଯାହା ଏ ସମୟର ପ୍ରସିଦ୍ଧ ଗାଳ୍ପିକ ଅଜୟ ସ୍ୱାଇଁ, ସଦାନନ୍ଦ ତ୍ରିପାଠୀ, ହିତେଶ ତ୍ରିପାଠୀ, ପ୍ରଦୀପ ନାୟକ, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ଗାୟତ୍ରୀ ସରାଫ୍ ପ୍ରମୁଖଙ୍କ ଗଳ୍ପ ରଚନାରେ ପାଠକ ଲକ୍ଷ୍ୟ କରିପାରିବେ ।

## ସମ୍ବୋଧନତତ୍ତ୍ୱ ଗଠନ ଓ ଓଡିଆ କ୍ଷୁଦ୍ରଗଳ୍ପ :

ବହୁଭାଷୀତା (multivocality)ର ଧାରଣା କହିଲେ ସାଧାରଣତଃ 'ଯାହା ଏକ ନିର୍ଦ୍ଦିଷ୍ଟ ପାଠ୍ୟ କିମ୍ବା ବକ୍ତବ୍ୟ ମଧ୍ୟରେ ଏକାଧିକ ସ୍ୱର ଏବଂ ଭିନ୍ନ ଭିନ୍ନ ଦୃଷ୍ଟିକୋଣର ଉପସ୍ଥିତିକୁ ସୂଚିତ କରିଥାଏ (Bakhtin,୧୯୮୧, ପୃଷ୍ଠା-୨୯୧) । ସେହିପରି ବାଖ୍‌ତିନ୍‌ଙ୍କ ଭାଷାଭାଷିକ ଶୈଳୀ (heteroglossia) ଏକ ନିର୍ଦ୍ଦିଷ୍ଟ ସଂସ୍କୃତି ମଧ୍ୟରେ ଥିବା ବିଭିନ୍ନ ଭାଷା, ଉପଭାଷା ଏବଂ ଶୈଳୀକୁ ସୂଚିତ କରିଥାଏ (Bakhtin,୧୯୮୧, ପୃଷ୍ଠା-୨୯୧)। ଏଣୁ ଏହି ସିଦ୍ଧାନ୍ତରେ ଭାଷାଗତ ବିବିଧତାକୁ ମାନ୍ୟତା ଦେବା ସହ ଏବଂ ଭାଷାଗତ

ମୂଲ୍ୟବୋଧକୁ ଉପରେ ଗୁରୁତ୍ୱ ଦେଇଥାଏ। ଓଡ଼ିଆ ସାହିତ୍ୟରେ ସମ୍ବୋଧନର ଗଠନ ବିଶେଷତଃ ଗଳ୍ପ ରଚନା ଶୈଳୀରେ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଚରିତ୍ରମାନଙ୍କ ମଧ୍ୟରେ ସମ୍ପର୍କ ଉଦ୍ଭାସିତ କରିନଥାଏ, ବରଂ ଗଳ୍ପର ଭାଷା, ସାମାଜିକ ପରିବେଶ, ଚରିତ୍ରର ଅଭିନୟ ଓ ମାନସିକତାକୁ ବ୍ୟକ୍ତ କରିଥାଏ। ସମ୍ବୋଧନ ଗଠନ - ସମ୍ବୋଧନ ତତ୍ତ୍ୱ ହେଉଛି ଭାଷା ବିଜ୍ଞାନର ଏକ ଅଂଶ । ଯାହା ମୁଖ୍ୟତଃ ସମ୍ବୋଧନ ପ୍ରଣାଳୀ ବା କାହାକୁ କିପରି ଡ଼କାଯାଏ, ତାହାର ଶୈଳୀ ଓ ରୂପ ଗଠନ ବିଷୟରେ ଆଲୋଚନା କରିଥାଏ । ସମ୍ବୋଧନର ପରିଭାଷା - ସମ୍ବୋଧନ ହେଉଛି କୌଣସି ବ୍ୟକ୍ତିକୁ ଲକ୍ଷ୍ୟ କରି କଥା ହେବା ସମୟରେ ବ୍ୟବହୃତ ହେଉଥିବା ଶବ୍ଦ । ଯେପରିକି – "ମାନ୍ୟବର ସାର୍", 'ପ୍ରିୟ ବନ୍ଧୁ', 'ତୁମେ କେମିତି ଅଛ'।

## ୧. ବାର୍ତ୍ତାଳାପ:

ତତ୍ତ୍ୱଧିକ ବକ୍ତାମାନଙ୍କଦ୍ୱାରା ଭାଷା ମଧ୍ୟରେ ଭିନ୍ନଭିନ୍ନ ସ୍ୱର, ଦୃଷ୍ଟିକୋଣ ଓ ଶୈଳୀ ମାଧ୍ୟମରେ ପାରସ୍ପରିକ ସଂଯୋଗ ପ୍ରକ୍ରିୟାକୁ ବାର୍ତ୍ତାଳାପ କୁହାଯାଇଥାଏ (Bakhtin,୧୯୮୧-ପୃଷ୍ଠା-୨୭୬,୨୯୧, Bakhtin,୧୯୮୬ ପୃଷ୍ଠା-୬୭) । ସମ୍ବୋଧନ ତତ୍ତ୍ୱ ମଧ୍ୟରେ ଏକାଧିକ ସ୍ୱର , ନୂତନ ଦୃଷ୍ଟିକୋଣ ଏବଂ ଭାଷାଗୁଡ଼ିକର ପାରସ୍ପରିକ କ୍ରିୟାକଳାପ ଅନ୍ତର୍ଭୁକ୍ତ ହୋଇରହିଛି (Perelman, ୧୯୮୨- ପୃଷ୍ଠା-୩୪)। ଏଣୁ ଏହି ଭାଷିକ ସୂଚନାକୁ ଏକ ସ୍ଥାୟୀ ସଂଚାର ପରିବର୍ତ୍ତେ ଏକ ଗତିଶୀଳ ଏବଂ ପାରସ୍ପରିକ ପ୍ରକ୍ରିୟା ଭାବେ ବାର୍ତ୍ତାଳାପ ହୋଇଥାଏ ଅଧିକ ଗତିଶୀଳ (Markova,୨୦୦୩-ପୃଷ୍ଠା-୫୬)। ବାର୍ତ୍ତାଳାପ ମାଧ୍ୟମରେ ଉଭୟ ବକ୍ତାପକ୍ଷ ଓ ଶ୍ରୋତାପକ୍ଷ ଭାବ ବ୍ୟକ୍ତ କରିଥାଆନ୍ତି। ଊନବିଂଶ ଶତାବ୍ଦୀର ଗ୍ରାମ ପରିବେଶ ଏକବିଂଶ ଶତାବ୍ଦୀରେ ସହରାଞ୍ଚଳରେ ପରିଣତ ହୋଇଛି। ସେହି ସମୟରେ ଆଈର କାହାଣୀ ଶୁଣି ପିଲାଟିଏ ଶୋଉଥିବା ସମୟରେ ଏବେ ମୋବାଇଲ୍‌ରେ କାହାଣୀ ଶୁଣି ପିଲାଟି ଶୋଇପଡୁଛି; ଯାହା ଫଳରେ ସେ ଯୋଉ ସଂଯୋଗ ଥିଲା ଆଈ ନାତୁଣୀର ତାହା ବିଚ୍ଛିନ୍ନ ହୋଇଯାଉଛି । ସେହିପରି ଗଳ୍ପରେ ଦେଖିବାପାଇଁ ପାଇବା ଗ୍ରାମରେ ଯେଉଁମାନେ ମୁଖିଆ ଥିଲେ ସେମାନଙ୍କୁ 'ବାବୁ' ସମ୍ବୋଧନ କରାଯାଉଥିଲା । ବୁଢ଼ୀ ଆଇମାଆ ତାର ନାତୁଣୀ କୁ 'ଲୋ' କହି ସମ୍ବୋଧନ କରୁଥିଲା, ସମୟ ଅନୁସାରେ ଗଳ୍ପର ଶୈଳୀ ଓ ସ୍ୱର ଯେତେବେଳେ ପରିବର୍ତ୍ତନ ହେଲା, ସେତେବେଳେ'ସା', 'ଏ ମିଷ୍ଟର' ଏହିପରି ସମ୍ବୋଧନ ଶବ୍ଦର ପ୍ରୟୋଗ ଦେଖିପାରିବା ବାର୍ତ୍ତାଳାପ ମାଧ୍ୟମରେ (ଗଳ୍ପ ସ୍ୱଳ୍ପ,ପୃ-୩, ୭)।

## ୨. ବହୁଅର୍ଥବୋଧ ଶବ୍ଦ:

ସଂଳାପ ମଧ୍ୟରେ ବିଭିନ୍ନ ସ୍ୱରର ଉପସ୍ଥିତି ଓ ସେଥିରେ ରହିଥିବା ନିଜସ୍ୱ ଦୃଷ୍ଟିକୋଣ, ତାହାର ଭାଷା ହେଉଛି ମାନବୀୟ ଯୋଗାଯୋଗର ଏକ ମୌଳିକ ଦିଗ । ବହୁଅର୍ଥବୋଧ ଶବ୍ଦ ହେଉଛି ସଂଳାପ ତତ୍ତ୍ୱର ଏକ ମୁଖ୍ୟ ଉପାଦାନ । ସ୍ୱାଧିନତା ପୂର୍ବବର୍ତ୍ତୀ ଗଳ୍ପ ମଧ୍ୟରେ ମୁଖ୍ୟତଃ ଗ୍ରାମାଞ୍ଚଳର ଚିତ୍ର ଓ ପଲ୍ଲୀରେ ପ୍ରଚଳିତ ଭାଷାର ପ୍ରୟୋଗ ହେଉଥିଲା । ଯାହାର ଚିତ୍ର ଫକୀରମୋହନ ସେନାପତିଙ୍କ ଗଳ୍ପରେ ଦେଖିବାପାଇଁ ପାଇବା 'ନିମା ସାଙ୍ଗରେ ଶିବୁର ବିଭା ହୋଇଗଲା' (୮୯)। ସ୍ୱାଧିନତା ପରବର୍ତ୍ତୀ ଗଳ୍ପ ଯେତେବେଳେ ଦେଖିବା ସେଠାରେ 'ବିଭାଘର' ଶବ୍ଦର ବ୍ୟବହାର କରାଯାଇଛି। କିନ୍ତୁ ଏକବିଂଶ ଶତାବ୍ଦୀର ଗଳ୍ପରେ 'ବିଭା' କିମ୍ବା 'ବିଭାଘର' ଶବ୍ଦର ବ୍ୟବହାର ନହୋଇ ଏକାଥରେ 'ମ୍ୟାରେଜ୍ ପାର୍ଟି' କୁହାଯାଉଛି । ଯୁଗ ବଦଳିବା ସହିତ ଶବ୍ଦର ମଧ୍ୟ ବହୁ ଅର୍ଥ ପରିବର୍ତ୍ତନ ହେଉଛି। ଝିଅଟିଏ ଯେତେବେଳେ 'ବିଭା' ହୋଇଯାଉଥିଲା , ସେହି ସମୟରେ ମା 'କେତେପ୍ରକାର କାନ୍ଦଣା ବୋଲି ଝିଅକୁ ପ୍ରବୋଧନା ଦେଉଥିଲା, କିନ୍ତୁ ଏବେ ଝିଅ ମ୍ୟାରେଜ୍ କରି ଯିବା ସମୟରେ ମା' ଟା'ଟା' କରି କହୁଛି । ଯଦି ଶାଶୁଘର ଭଲ ନଲାଗିବ, ତାହେଲେ ଏଠିକି ପଳାଇ ଆସିବୁ"।

## ୩. ଭାଷା ଭାଷିକଶୈଳୀ :

ବିଭିନ୍ନ ଭାଷାରେ କଥା କହିବାବେଳେ ଭିନ୍ନଭିନ୍ନ ଶୈଳୀ ବା କହିବାର ଦୃଷ୍ଟିକୋଣ ଅନୁସାରେ ତାହାର କଥନ ପ୍ରକ୍ରିୟା ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ, ତାହାକୁ ଭାଷା ଭାଷିକଶୈଳୀ କହିଥାଉ (Wiki-Heteroglossia)। ଭାଷା ଭାଷିକଶୈଳୀ ହେଉଛି ସଂଳାପ ବିକାଶ ସିଦ୍ଧାନ୍ତର ଏକ ପ୍ରମୁଖ ଉପାଦାନ (Holquist,୨୦୦୨, ପୃଷ୍ଠା-୪୩)। ଏହା ଦର୍ଶାଇଥାଏ ଯେ ଏକାଧିକ ଭାଷା, ଉପଭାଷା ଓ ଶୈଳୀର ଉପସ୍ଥିତିଦ୍ୱାରା ବର୍ଣ୍ଣିତ । ବକ୍ତାପକ୍ଷ ଓ ଶ୍ରୋତାପକ୍ଷ ଅନୁସାରେ ଭାଷା ଭାଷିକ ଶୈଳୀ ସଂଯୋଗ ହୋଇ ପରସ୍ପରକୁ ପ୍ରଭାବିତ କରିଥାନ୍ତି (Bakhtin,୧୯୮୬, ପୃଷ୍ଠା-୬୦)। କଥାରେ ଅଛି 'ଯେ ଦେଶ ଯାଇ ସେ ଫଳ ଖାଇ' । ଠିକ୍ ସେହିପରି ଯେଉଁ ଅଞ୍ଚଳକୁ ଯିବା ସେହି ଭାଷାକୁ ମଧ୍ୟ ଆପଣେଇବାପାଇଁ ପଡିବ । ପୂର୍ବରୁ ଗଳ୍ପ ମଧ୍ୟରେ ଗାଉଁଲି ଶବ୍ଦର ଅଧିକ ପ୍ରୟୋଗ ଦେଖାଯାଉଥିଲା । କିନ୍ତୁ ଏବେ ସହରାଞ୍ଚଳ ଭାଷାର ଅଧିକ ପ୍ରୟୋଗ ଦେଖାଯାଉଛି । ସମକାଳରେ ଭାବର ପରିବର୍ତ୍ତନ ହେଉନି, କିନ୍ତୁ ଭାଷା ବ୍ୟବହାର ଶୈଳୀରେ ପରିବର୍ତ୍ତନ ହେଉଛି । ଫକୀରମୋହନଙ୍କ ଗଳ୍ପ ମଧ୍ୟରେ ଭାବ ଓ ଭାଷା ପରସ୍ପରକୁ ସହଯୋଗ କରୁଥିଲେ ମଧ୍ୟ ସମକାଳର ଶୈଳୀର ପରିବର୍ତ୍ତନ ହେବା ଫଳରେ କେତେକ ସ୍ଥାନରେ ଭାବ ଥିଲେ ଭାଷାର ପ୍ରୟୋଗ ନାହିଁ, କିମ୍ବା ଭାଷା ଥିଲେ ଭାବର ପ୍ରୟୋଗ ନାହିଁ ।

## ୪. ସାଙ୍ଗୀତିକ ସଂଳାପ :

ସମ୍ବୋଧନତତ୍ତ୍ୱ ମଧ୍ୟରେ, ସାଙ୍ଗୀତିକ ସଂଳାପ (Polyphone)କୁ ଏକ ଉପାଦାନ ଭାବରେ ଗ୍ରହଣ କରାଯାଏ (Bakhtin,୧୯୮୪,ପୃଷ୍ଠା-୪୦)। ମିଖାଇଲ ବାଖ୍‌ତିନ୍‌ଙ୍କ ଦ୍ୱାରା ବିକଶିତ ସାଙ୍ଗୀତିକ ସଂଳାପ, ମାନବ ଯୋଗାଯୋଗର ଜଟିଳତା ଓ ଗତିଶୀଳତା ଉପରେ ଗୁରୁତ୍ୱ ଦେଇଥାଏ (Morson, ୧୯୯୦,ପୃଷ୍ଠା-୧୫୦)। ପଲିଫୋନି ତତ୍ତ୍ୱ ମଧ୍ୟ ବହୁସ୍ୱର ଏବଂ ପାରସ୍ପରିକ ସ୍ୱର ଉପରେ ଗୁରୁତ୍ୱ ଦେଇଥାଏ (Bakhtin,୧୯୮୪, ପୃଷ୍ଠା-୪୨)। ସାଙ୍ଗୀତିକ ସଂଳାପ ହେଉଛି ଦୁଇ ଜଣଙ୍କ ମଧ୍ୟରେ ହେଉଥିବା ଏକ ପ୍ରକାର ଯୋଗାଯୋଗ, ଯେଉଁଥିରେ ଉଭୟ ବକ୍ତାପକ୍ଷ ଓ ଶ୍ରୋତାପକ୍ଷ ଏକ ଭାବ ଓ ଉଦ୍ଦେଶ୍ୟ ନେଇ ଯୋଗାଯୋଗ କରନ୍ତି। ଏହି ପ୍ରକାର ଯୋଗାଯୋଗ ସମ୍ପର୍କୀୟ ମାନଙ୍କ ସହ ବିଶେଷ ଭାବରେ ହୋଇ ଥିବାର ଜଣାପଡେ । ଅନୁପସ୍ଥିତ ଭାବରେ ସମ୍ପୂର୍ଣ୍ଣା କଥା ହୋଇଛି ତା'ର ଅଚେତନ ମନ ସହିତ । ଏଠାରେ ବକ୍ତାପକ୍ଷ ଓ ଶ୍ରୋତାପକ୍ଷ ଉଭୟ ହେଉଛି ସମ୍ପୂର୍ଣ୍ଣା। ଯେତେବେଳେ ହୋଟେଲ ବୟ ଆସିଛି ସେ ସମୟ ରେ ମଧ୍ୟ ସମ୍ପୂର୍ଣ୍ଣା ସଚେତନ ଅବସ୍ଥାକୁ ଆସି ପାରିନାହିଁ । ଜୋର୍‌ରେ କବାଟ ବନ୍ଦ କରି ରୁମ୍ ଭିତରକୁ ପଳାଇଯାଇଛି (ଛାଇ,ପୃଷ୍ଠା-୯୪)। "ଧଡ଼ପଡ ହୋଇ ଉଠିଗଲାରୁ ଛାଇ ନଥିଲା । ସୁମନ୍ତ ଅଚିନ୍ତାରେ ଘୁଙ୍ଗୁଡ଼ି ମାରୁଛନ୍ତି । ତରବରରେ ଦରଜା ଖୋଲି, ପିଲାଙ୍କ ରୁମ୍ ଯାଏଁ ଗଲା ସମ୍ପୂର୍ଣ୍ଣା । କବାଟ ଜୋର୍ ରେ ବାଡ଼େଇକି ଡାକୁଥିଲା ଏହା ଶୁଣି ହୋଟେଲ ବଏ ଯେତେବେଳେ ପଚାରିଲା। ସେ କହିଲା ମୋ ପିଲାଙ୍କୁ ଡାକୁଛି । ଏହାପରେ ସେ କହିଲା ମାମ୍ କଲିଙ୍ଗ ବେଲ୍ ଦିଅନ୍ତୁ। ଦୟାକରି କବାଟ ବାଡ଼ାନ୍ତୁନି। ଅନ୍ୟମାନଙ୍କୁ ଅସୁବିଧା ହେବ । ଏହାପରେ ହଁ କହି ରୁମ୍ ଭିତରକୁ ପଶିଯାଇ ଜୋର୍ ରେ କବାଟ ବନ୍ଦ କରିଦେଲା ସମ୍ପୂର୍ଣ୍ଣା' । (ଛାଇ, ପୃଷ୍ଠା - ୯୪) ।

## (୫) ଚରିତ୍ର ଅନୁଯାୟୀ ସମ୍ବୋଧନ :

ଗଳ୍ପ ମରେ ଚରିତ୍ର ମାନଙ୍କ ମଧ୍ୟରେ ସମ୍ବୋଧନ ହୋଇଥାଏ, ତାହା ଚରିତ୍ରର ସମ୍ପର୍କ, ବୟସର ବ୍ୟବଧାନ, ଶ୍ରେଣୀ ବା ଭାବନା ସମ୍ପର୍କ ଉପରେ ନିର୍ଭର କରିଥାଏ । ଗଳ୍ପ ମଧ୍ୟରେ ଗୋଟିଏ ଚରିତ୍ର ଯେତେବେଳେ ଅନ୍ୟ ଏକ ଚରିତ୍ରକୁ ସମ୍ବୋଧନ କରିଥାଏ ସେଠାରେ ସମବୟସୀ ସମ୍ବୋଧନ ହୋଇଥାଏ, ଦୃଷ୍ଟାନ୍ତ ସ୍ୱରପ ସିପ୍ରା ଘର ପାଖରେ ଅପେକ୍ଷା କରିଥାଏ ଆନନ୍ଦ; ସିପ୍ରା ଯେତେବେଳେ ବାହାରକୁ ଆସେ ଆନନ୍ଦ କୁହେ' ଏ 'ସିପ୍ରା', ଏତେ ସମୟ କଣ ଲଗେଇଲୁ ବାହାରିବା ପାଇଁ ? (ପରକୀୟା, ଚିହ୍ନ-୬୮) । ଏଠାରେ ଆନନ୍ଦ ସିପ୍ରାକୁ 'ଏ' କହି ସମ୍ବୋଧନ କରୁଛି। ଯାହା ସାଙ୍ଗ ମାନଙ୍କ ପାଖରେ ଦେଖାଯାଇଥାଏ।

## (୬) ପରିବେଶାନୁସାରି ସମ୍ବୋଧନ :

ଗ୍ରାମୀଣ,କ୍ଲାସିକ ଓ ଆଧୁନିକ ଗଳ୍ପରେ ଯେଉଁପରି ସମ୍ବୋଧନ ହୋଇଥାଏ ତାହାକୁ ପରିବେଶାନୁସାରୀ ସମ୍ବୋଧନ କୁହାଯାଏ । ଯେପରି ଗ୍ରାମ୍ୟ ପରିବେଶରେ 'ଅଜା', 'ପୁଅ','ଭାଇ', 'ମୁନିମ'; ପରିବାର ମଧ୍ୟରେ 'ମା', 'ବାପା','ଦିଦି','କକା' ଓ ସହରୀ ପରିବେଶରେ ପରିବାର ମଧ୍ୟରେ 'ଡାଡି','ମମି','ଅଙ୍କଲ','ଆଣ୍ଟି' ଆଦି ସମ୍ବୋଧନାତ୍ମକ ଶବ୍ଦର ପ୍ରୟୋଗ ଦେଖିଥାଉ । ଠିକ୍ ସେହିପରି ସାହିତ୍ୟିକ କ୍ଷେତ୍ରରେ ମଧ୍ୟ 'ଶ୍ରୀମାନ୍', 'ଶ୍ରୀଯୁକ୍ତ','ମହାଶୟ','ମାନ୍ୟବର' ଆଦି ଶବ୍ଦର ପ୍ରୟୋଗ ଦେଖିଥାଉ। ଏହାର ଚିତ୍ର ଗଳ୍ପ ମଧ୍ୟରେ ସ୍ପଷ୍ଟ ଭାବରେ ଚିତ୍ରିତ ହୋଇଥାଏ।

## ଉପସଂହାର :

ସଂଳାପବାଦ ବିକାଶ ତତ୍ତ୍ୱ ମାନବ ସଂଚାରର ଏକ ନିବିଡ଼ ଓ ଗତିଶୀଳ ବୁଝାମଣା ଉପରେ ଗୁରୁତ୍ୱ ପ୍ରଦାନ କରେ । ସଂଳାପ, ଏକାଧିକ ସ୍ୱର, ଏବଂ ନୂତନ ପ୍ରସଙ୍ଗର ମହତ୍ତ୍ୱକୁ ଆଲୋକପାତ କରେ। ଏହି ସିଦ୍ଧାନ୍ତ ଶିକ୍ଷା, ଯୋଗାଯୋଗ ଅଧ୍ୟୟନ, ସାମାଜିକ ବିଜ୍ଞାନ ଏବଂ ସାହିତ୍ୟ ବିଶ୍ଳେଷଣ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରଭାବ ପକାଇଛି । ମାନବୀୟ ଯୋଗାଯୋଗର ଜଟିଳତାକୁ ସ୍ୱୀକାର କରି, ବାର୍ତ୍ତାଳାପ ବିକାଶ ସିଦ୍ଧାନ୍ତ ବିଭିନ୍ନ ପ୍ରସଙ୍ଗରେ ଯୋଗାଯୋଗକୁ ବୁଝିବା ଭାଷା, ସଂସ୍କୃତି ଏବଂ ପରିଚୟର ବିକାଶକୁ ଉନ୍ନତ କରିବା ପାଇଁ ଏକ ନୂତନ ଶୈଳୀ ପ୍ରଦାନ କରେ । କଥାବାର୍ତ୍ତା ମାଧ୍ୟମରେ ଆମେ ଦେଖିପାରିବା ଯେ ଭାଷା କେବଳ ଯୋଗାଯୋଗ ପାଇଁ ଏକ ନିରପେକ୍ଷ ମାଧ୍ୟମ ନୁହେଁ, ବରଂ ଶକ୍ତି ସଂଗ୍ରହର ଏକ ସ୍ଥାନ, ଯେଉଁଠାରେ ବିଭିନ୍ନ ସ୍ୱର ଏବଂ ଦୃଷ୍ଟିକୋଣ ନିଜର ପ୍ରାଧାନ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରନ୍ତି । ଏହି ସିଦ୍ଧାନ୍ତରେ ସାମାଜିକ, ସାଂସ୍କୃତିକ ଏବଂ ଐତିହାସିକ ପରିଦୃଶ୍ୟକୁ ବିଚାର କରିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଛି, ଯେଉଁଥିରେ ଭାଷା ବ୍ୟବହୃତ ହୁଏ ଏବଂ ଏହି ପରିଦୃଶ୍ୟ କିପରି ଭାଷାର ଅର୍ଥ ଏବଂ ବ୍ୟାଖ୍ୟାକୁ ଆକାର ଦେଇଥାଏ । ଏହାର ପ୍ରୟୋଗ ଶିକ୍ଷା, ଭାଷା ବିଜ୍ଞାନ, ମାନବ ବିଜ୍ଞାନ ଓ ସାଂସ୍କୃତିକ ଅଧ୍ୟୟନ କ୍ଷେତ୍ରରେ ପ୍ରୟୋଗ କରାଯାଇଛି। ସଂଳାପବାଦ ଆଧାରରେ ଆମେ ଓଡ଼ିଆ ଗଳ୍ପକୁ ବିଚାର କରିବା ବେଳେ ଯେଉଁ ଯେଉଁ ଉପାଦାନ ଆମ ସମ୍ମୁଖକୁ ଆସେ ସେ ସଂପର୍କରେ ସବିଶେଷ ଆଲୋଚନା ଏ ପ୍ରବନ୍ଧରେ କରାଯାଇଛି। ବାର୍ତ୍ତାଳାପ ଆଧାରରେ ଓଡ଼ିଆ ଗଳ୍ପ ରଚନା ସାଧାରଣତଃ ସ୍ୱାଧୀନତା ପରେ ଆରମ୍ଭ ହୋଇଥିବା ଲକ୍ଷ୍ୟ କରାଯାଏ । କିନ୍ତୁ ଏହା ପୂର୍ବରୁ ଗାଳ୍ପିକମାନେ ବର୍ଣ୍ଣନାତ୍ମକ ଭାବେ ଉକ୍ତ ବିଷୟକୁ ଉପସ୍ଥାପନା କରୁଥିଲେ । ଏ ସମୟରେ ଗଳ୍ପ ସ୍ରଷ୍ଟା ପାଠକର ଅଧିକ ନିକଟତର ହେବା ପାଇଁ ପାଠକକୁ

ମଧ୍ୟ ଗଳ୍ପ ସହିତ ଯୋଡି ଦେବା ପାଇଁ, ସଂଳାପକୁ ମୁଖ୍ୟ ଆଧାର କରିଛି । କିଶୋରୀଚରଣ, ସୁରେନ୍ଦ୍ର ମହାନ୍ତି, ମନୋଜ ଦାସ,ରବି ପଟ୍ଟନାୟକ, ଅଖିଳମୋହନ ପଟ୍ଟନାୟକ ପ୍ରମୁଖ ଗଳ୍ପରେ ବର୍ଣ୍ଣନାକୁ ବିଶେଷ ଗୁରୁତ୍ୱ ନଦେଇ ସଂଳାପ ମାଧ୍ୟମରେ ପାଠକକୁ ଉକ୍ତ ପରିବେଶ ସହ ସଂଯୋଜିତ କରିବା ନିମନ୍ତେ ଚେଷ୍ଟା କରିଛନ୍ତି । ଏହି ପରମ୍ପରାକୁ ପରବର୍ତ୍ତୀ ସମୟରେ ଗଳ୍ପ ସ୍ରଷ୍ଟା ଆଗେଇ ନେଇଛନ୍ତି । ଯେଉଁ ବିସ୍ତୃତ ପରିବେଶ ମଧ୍ୟରେ ଗଳ୍ପର କାହାଣୀଭାଗ ସ୍ୱାଧୀନତା ପୂର୍ବରୁ ସ୍ଥାନ ପାଉଥିଲା ତାହା ସ୍ୱାଧୀନତା ପରେ ପାଠକର ମନରେ ହିଁ ବିସ୍ତାର ଲାଭ କଲା ସଂଳାପ ଦ୍ୱାରା ସମ୍ବୋଧନର ଗଠନ ଓଡ଼ିଆ ଗଳ୍ପରେ ଗଳ୍ପ ସ୍ରଷ୍ଟା ମାନଙ୍କର ଏକ ସଚେତନ ପ୍ରୟାସ ଏଥିରେ ଦ୍ୱିମତ ହେବାର ନାହିଁ।

**ସହାୟକ ଗ୍ରନ୍ଥସୂଚୀ:-**


୧. ନିର୍ଝରିଣୀ ଶ୍ରୀଦତ୍ତା, ମିଶ୍ର ପଞ୍ଚାନନ, ପ୍ରଧାନ କୃଷ୍ଣଚନ୍ଦ୍ର - ଭାରତୀୟ - ପାଶ୍ଚାତ୍ୟ ସାହିତ୍ୟିକ ମତବାଦ ଓ ସମାଲୋଚନା ତତ୍ତ୍ୱ - ଫ୍ରେଣ୍ଡସ୍ ପବ୍ଲିଶର୍ସ , ବିନୋଦବିହାରୀ , କଟକ, ପ୍ରଥମ ସଂସ୍କରଣ - ୨୦୧୯ ।

୨. ପ୍ରଧାନ କୃଷ୍ଣଚନ୍ଦ୍ର - ପାଶ୍ଚାତ୍ୟ ସାହିତ୍ୟ ଓ ସମୀକ୍ଷା ତତ୍ତ୍ୱ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ - ବିନୋଦବିହାରୀ , କଟକ – ୭୫୩୦୦୨, ଦ୍ୱିତୀୟ ସଂସ୍କରଣ - ୨୦୧୭ ।

୩. ମହାପାତ୍ର ଡକ୍ଟର ପ୍ରେମାନନ୍ଦ - ଓଡ଼ିଆ ସାହିତ୍ୟର ଇତିହାସ - ସତ୍ୟନାରାୟଣ ବୁକ୍ ଷ୍ଟୋର- ବିନୋଦବିହାରୀ, କଟକ -୨, ପଞ୍ଚମ ସଂସ୍କରଣ - ୨୦୧୯ ।

୪. ବେଜ୍ ଅମିୟ - ଚିହ୍ନ, ପଶ୍ଚିମା ପବ୍ଲିକେସନ୍ ସ ,୧୮୮୨, ନୟାପଲ୍ଲୀ , ଭୁବନେଶ୍ୱର - ୧୨ , ଦ୍ୱିତୀୟ ପ୍ରକାଶ - ୨୦୨୦

୫. ମିଶ୍ର ଇପ୍‌ସିତା-ଛାଇଛାଇକା-ଟାଇମ୍ ପାସ୍ , ୯୫୦(ଚ), ବରମୁଣ୍ଡା, ଭୁବନେଶ୍ୱର, ପ୍ରଥମ ପ୍ରକାଶ-୨୦୧୭ ।

୬. ଦାସ ମନୋଜ, ମନୋଜ ଦାସଙ୍କ ଗଳ୍ପ,ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ ନେହେରୁ ଭବନ,୫, ଇନଷ୍ଟିଚ୍ୟୁସନାଲଏରିୟା, ଫେଜ୍-୨, ବସନ୍ତକୁଞ୍ଜ, ନୂଆଦିଲ୍ଲୀ-୧୧୦୦୭୦ ।

୭. ଗାୟତ୍ରୀ ସରାଫ, ଇଟାଭାଟିର ଶିଳ୍ପୀ, ପଶ୍ଚିମା ପବ୍ଲିକେଶନ,୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର – ୧୨

୮. ତ୍ରିପାଠୀ ସଦାନନ୍ଦ, ନିଜ ନିଜ ନିୟମ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ - ୭୫୩୦୦୨, ପ୍ରଥମ ମୁଦ୍ରଣ - ୧୯୯୬ ।

- Bakhtin, (1981). The dialogic imagination: Four essays. (M. Holquist, Ed.). University of Texas Press.
- Bakhtin, (1986). Speech genres and other late essays. (V. W. McGee, Trans.). University of Texas Press.\
- Holquist, M. (2002). Dialogism: Bakhtin and his world. Routledge.
- Morson, G. S., & Emerson, C. (1990). Mikhail Bakhtin: Creation of a prosaics. Stanford University Press.
- Todorov, T. (1984). Mikhail Bakhtin: The dialogical principle. University of Minnesota Press.
- Wertsch, J. V. (1991). Voices of the mind: A sociocultural approach to mediated action. Harvard University Press.
- Nystrand, M. (1997). Opening dialogue: Understanding the dynamics of language and learning in the English classroom. Teachers College Press.
- Cazden, C. B. (2001). Classroom discourse: The language of teaching and learning. Heinemann
- Kristeva, J. (1980). Desire in language: A semiotic approach to literature and art. Columbia University Press.
- Morson, G. S., & Emerson, C. (1990). Mikhail Bakhtin: Creation of a prosaics. Stanford University Press.
- Foucault, M. (1972). The archaeology of knowledge. Routledge.
- Fairclough, N. (1989). Language and power. Longman.
- Voloshinov, V. N. (1973). Marxism and the philosophy of language. Seminar Press.

- Linell, P. (2009). Rethinking language, mind, and world dialogically: Interactional and contextual theories of human sense-making. Information Age Publishing.
- Markova, I. (2003). Dialogicality and social representations: The dynamics of mind. Cambridge University Press.
- Perelman, C. (1982). The realm of rhetoric. University of Notre Dame Press.
- Todorov, T. (1984). Mikhail Bakhtin: The dialogical principle. University of Minnesota Press.
- Akhtin, M. M. (1986). Speech genres and other late essays. University of Texas Press.
- Fairclough, N. (2003). Analyzing discourse: Textual analysis for social research. Routledge.
- Gergen, K. J. (1999). An invitation to social construction. Sage Publications.
- Hall, S. (1997). Representation: Cultural representations and signifying practices. Sage Publications.
- Johnstone, B. (2008). Discourse analysis. Wiley-Blackwell
- Berger, P. L., & Luckmann, T. (1966). The social construction of reality: A treatise in the sociology of knowledge. Doubleday.
- Derrida, J. (1981). Dissemination. University of Chicago Press.
- Tollefson, J. W. (2006). Language policy, culture, and identity in Asian contexts. Lawrence Erlbaum Associates
- Fairclough, N. (2003). Analyzing discourse: Textual analysis for social research. Routledge.
- Hall, S. (1997). Representation: Cultural representations and signifying practices. Sage Publications.
- Wikipedia-Heteroglossia, https://en.wikipedia.org/wiki/Heteroglossia
- Wikipedia-Polyphony, https://en.wikipedia.org/wiki/Polyphony
- Wikipedia-https://en.wikipedia.org/wiki/Dialogue_education
- Wikipedia-https://www.merriam-webster.com/dictionary/social%20science#:~:text=1, social% 20scientist%20noun
- The dialogic imagination: Four essays. (M. Holquist, Ed.). University of Texas Press Bakhtin ISBN-0-292-71527-7, DISCOURSES IN THE NOVEL.)
- Bratman, M. E. (1992). Shared cooperative activity. Philosophical Review, 101(2), 327-341.


❖ ❖ ❖

DOI : https://doi.org/10.5281/zenodo.15674305 ମୂଳ ପ୍ରବନ୍ଧ

# ଓଡ଼ିଆ କବିତାରେ ନାରୀବାଦ : କାଲି ଓ ଆଜି

**ଶୁଭଶ୍ରୀ ମହାପାତ୍ର**

**ସଂକ୍ଷିପ୍ତସାର :**

ଆଧୁନିକ ଓଡ଼ିଆ ସାହିତ୍ୟରେ 'ନାରୀବାଦ' ବା 'Feminism' ଏକ ପ୍ରମୁଖ ସମାଲୋଚନା ତତ୍ତ୍ୱ ରୂପେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ଏହି ପରିପ୍ରେକ୍ଷୀରେ ବିଶ୍ୱ ସାହିତ୍ୟରେ ଏହାର ସୃଷ୍ଟି ଓ ସ୍ୱରୂପ ସଂପର୍କରେ ତର୍ଜମା କରାଯିବା ସହ ଏଠାରେ ଓଡ଼ିଆ କବିତା କ୍ଷେତ୍ରରେ ଏହି ନାରୀବାଦ କିପରି ନିଜର କାୟାବିସ୍ତାର କରିପାରିଛି ଓ କେଉଁ କେଉଁ ବୈଶିଷ୍ଟ୍ୟକୁ ନେଇ ନିଜର ସ୍ଥିତିକୁ ଅଧିକ ରୁ ଅଧିକ ଦୃଢ଼ୀଭୂତ କରିପାରିଛି ସେ ସଂପର୍କରେ ଏକ ବିଶେଷ ଆଲୋଚନା କରାଯାଇଛି । ଏଥି ସହିତ ଓଡ଼ିଆ କବିତାରେ ଏହି ନାରୀବାଦ ବା ବାମାବାଦର ଅତୀତର ଇତିହାସ ଓ ବର୍ତ୍ତମାନର ସ୍ୱରୂପ ଉଦ୍‌ଘାଟନ କରାଯାଇଛି ।

**ପ୍ରମୁଖ ଶବ୍ଦାବଳୀ :**

ନାରୀବାଦ, ବିଶ୍ୱସାହିତ୍ୟ, ପାଶ୍ଚାତ୍ୟ ପ୍ରଭାବ, ଚିନ୍ତାଚେତନା, ପ୍ରତିଫଳନ, ଉପେକ୍ଷା, ଅବହେଳା, ଉତ୍ତର ଆଧୁନିକତା, ବାମାବାଦ, ଅଧିକାର, ଅଗ୍ରଗତି ।

ଆଧୁନିକ ସାହିତ୍ୟ ପରଂପରାରେ ବିଭିନ୍ନ ISM ବା ତତ୍ତ୍ୱ ପରି ଏକ ଉତ୍ତର ଆଧୁନିକ ଚେତନା ହେଉଛି ନାରୀବାଦ ବା Feminism । ବାସ୍ତବିକ୍ ଯାହାକୁ ଆମେ ଆଧୁନିକ ଓଡ଼ିଆ ସାହିତ୍ୟ ବୋଲି କହୁ ତାହା ବିଶ୍ୱସାହିତ୍ୟର ଭଗ୍ନାଂଶ ମାତ୍ର । ସୁତରାଂ ପାଶ୍ଚାତ୍ୟ ସାହିତ୍ୟ ବା ବିଶ୍ୱସାହିତ୍ୟର ଯେଉଁଗୁଡ଼ିକ ବିଶିଷ୍ଟ କାବ୍ୟତତ୍ତ୍ୱ ତା'ର ପ୍ରତି'ଫଳନ ବିଶ୍ୱର ଯେକୌଣସି ଆଞ୍ଚଳିକ ଭାଷା ସାହିତ୍ୟରେ ଘଟିବା ସ୍ୱାଭାବିକ । ନାରୀବାଦ ସେହିପରି ଏକ ବିଶ୍ୱବ୍ୟାପୀ କାବ୍ୟଚେତନା । ଏହାର ଆବେଦନ ଚିରନ୍ତନ । ଉତ୍ତର-ଉପନିବେଶବାଦର ଯୁଗରେ ଗଢ଼ି ଉଠିଥିଲା ମୁକ୍ତି ଓ ସ୍ୱାଧୀନତାର ଯେଉଁ ବିଶ୍ୱବ୍ୟାପୀ ଉଦ୍‌ବେଳନ, ତାହାର ସ୍ୱାଭାବିକ ପରିଣତିରେ ହିଁ ଆତ୍ମପ୍ରକାଶ କରିଥିଲା କୋଟି କୋଟି ମଣିଷର ମୁକ୍ତି ସ୍ୱପ୍ନକୁ ଆଧାର କରି ଅନେକ ନୂତନ ଦର୍ଶନ ଓ ଆଦର୍ଶ । ମୁକ୍ତି ହେଉଛି ମଣିଷର ସହଜାତ ଅଭିଳାଷ । ମଣିଷ ହେଉକି ଯେକୌଣସି ବନ୍ୟପ୍ରାଣୀ, ମୁକ୍ତି ପ୍ରତ୍ୟେକଙ୍କ କାମ୍ୟ । ବନ୍ଧନ କିନ୍ତୁ ବିଭିନ୍ନ ରୂପରେ ସମସ୍ତଙ୍କର ଏହି ସୁକୁମାର ସ୍ୱପ୍ନଟିକୁ କବଳିତ କରି ରଖିଛି । ଅନ୍ୟକୁ ପରାଧୀନ କରି ନିଜ ହାତ ମୁଠାରେ ରଖିବାର ଏକ କୁତ୍ସିତ ପ୍ରବୃତ୍ତି ପୁଣି ଆଣିଦେଇଛି କ୍ଷମତାପ୍ରମତ୍ତ ମଣିଷ ଭିତରେ ଏକ ଅହେତୁକ ପୈଶାଚିକ ଉଲ୍ଲାସ । ନବଜାଗରଣର ପରେ ପରେ ଆତ୍ମପ୍ରକାଶ ଲାଭ କରିଛି ସ୍ୱାଧୀନତାର କାମନା କରି ଯେଉଁ ଆଦର୍ଶଗତ ଆନ୍ଦୋଳନର ପୃଷ୍ଠଭୂମି, ତାହା ଭିନ୍ନ ଭିନ୍ନ ସମୟରେ ନୂଆ ନୂଆ ଦର୍ଶନକୁ ପୁଣି ଜନ୍ମ ଦେଇଛି । ଏହିପରି ଏକ ମଧୁର ମୁକ୍ତିର ଦର୍ଶନ ହେଉଛି ନାରୀବାଦ ।

ନାରୀବାଦୀ ଆନ୍ଦୋଳନ ବା ଫେମିନିଜିମ୍ ଯେଉଁ ମୌଳିକ ଧାରଣାରୁ ସୃଷ୍ଟି ହେଲା ତାହା ହେଉଛି ସମାଜରେ ନାରୀପ୍ରତି ଅନ୍ୟାୟ ଆଚରଣ, ସମାଜର ମୁଖ୍ୟ ସ୍ରୋତରେ ନାରୀର ଭୂମିକାକୁ ଗୁରୁତ୍ୱ ନ ଦେବାର ମନୋଭାବ ତଥା ନାରୀକୁ ପୁରୁଷର ଏକ ଭୋଗ୍ୟବସ୍ତୁ ଭାବେ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢ଼ିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15674305
Article No - BPP00307

**ଯୋଗାଯୋଗ :**
**ଶୁଭଶ୍ରୀ ମହାପାତ୍ର,** ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**Email:** shubhashreemahapatra003@gmail.com
**ORCID ID:** https://orcid.org/0009-0004-4697-1395

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୭.୦୩.୨୦୨୫ | ୧୧.୦୪.୨୦୨୫ | ୨୫.୦୫.୨୦୨୫ | ୧.୦୬.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାପାତ୍ର, ଶୁଭଶ୍ରୀ ; ୨୦୨୫ । ଓଡ଼ିଆ କବିତାରେ ନାରୀବାଦ : କାଲି ଓ ଆଜି । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ : ୧୧, ସଂଖ୍ୟା : ଗ, ପୃଷ୍ଠା :୩୨-୩୬ ।

ବିଚାର କରିବା ଆଦିରୁ। ସ୍ଥୂଳତଃ ଏହି ସାମାଜିକ ବ୍ୟବସ୍ଥା ବିରୁଦ୍ଧରେ ପ୍ରତିବାଦ ଓ ପୁରୁଷ ସହିତ ନାରୀର ସମାନ ଅଧିକାରକୁ ସାବ୍ୟସ୍ତ କରିବା ହେଉଛି ନାରୀବାଦର ଭିତ୍ତିଭୂମି। ନାରୀର ବ୍ୟକ୍ତିଗତ ଏବଂ ସାମାଜିକ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟକୁ ଜାହିର କରିବାର ଉତ୍ସାହ ନାରୀବାଦୀ ଆନ୍ଦୋଳନକୁ ଏକ ଆନ୍ତର୍ଜାତିକ ରୂପ ଦେବା ସଙ୍ଗେ ସଙ୍ଗେ ଏହାକୁ ପ୍ରସାରଲାଭ କରାଇଛି। ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୁଦ୍ଧରେ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ସ୍ୱର ଥିଲା ୧୭୯୨ ମସିହାରେ ପ୍ରକାଶିତ ମେରୀ ଓଲଷ୍ଟୋନ୍ କ୍ରାଫ୍ଟଙ୍କ ପୁସ୍ତକ "ଏ ଭିଣ୍ଡିକେସନ୍ ଅଫ ଦି ରାଇଟ୍ସ୍ ଅଫ ଓ୍ୱିମେନ"।

ସାଂପ୍ରତିକ ନାରୀବାଦ ଆନ୍ଦୋଳନ ବିଂଶ ଶତାବ୍ଦୀର ଷାଠିଏ ଦଶକରୁ ହିଁ ପ୍ରଥମେ ଆରମ୍ଭ ହୋଇଥିଲା। ଆନ୍ତର୍ଜାତିକ ନାରୀ ମୁକ୍ତି ଆନ୍ଦୋଳନ, ଉପେକ୍ଷା ଓ ଅବହେଳାର ଶିକାର ହେଉଥିବା ନାରୀ ଜାତିକୁ ସଂଗଠିତ କରିବାର ପ୍ରୟାସରୁ ଜନ୍ମଲାଭ କରିଛି ଏବଂ ଉତ୍ତର ଆଧୁନିକତାର ପୃଷ୍ଠଭୂମିରେ ଏହି ନାରୀବାଦୀ ବା ବାମାବାଦୀ ଆଦର୍ଶ, ନାରୀକୁ ସର୍ବୋତ୍ତମ ସାମାଜିକ ତଥା ଅର୍ଥନୈତିକ ଅଧିକାର ପ୍ରଦାନ ସହ ନାରୀର ପ୍ରାଶାସନିକ ଓ ରାଜନୈତିକ ଅଧିକାର ସାବ୍ୟସ୍ତ ହିଁ ଏହାର ମୁଖ୍ୟ ଲକ୍ଷ୍ୟ।

ଏହି ନାରୀବାଦୀ ଚିନ୍ତାଚେତନାର ପ୍ରଥମ ପ୍ରତିଫଳନ ଆମେ ଲକ୍ଷ୍ୟ କରୁ ଇଂରାଜୀ ସାହିତ୍ୟରେ। ତତ୍ ପରବର୍ତ୍ତୀ ସମୟରେ ବିଶ୍ୱର ସମସ୍ତ ସାହିତ୍ୟ ସହ ଭାରତୀୟ ତଥା ଓଡ଼ିଆ ସାହିତ୍ୟରେ ମଧ୍ୟ ଆମେ ଏହାର ପ୍ରତିଫଳନ ଲକ୍ଷ୍ୟ କଲୁ। ନାରୀବାଦୀ ଲେଖକ ଓ ଲେଖିକାମାନଙ୍କ ଦ୍ୱାରା ଏହି ସାହିତ୍ୟ ବହୁପରିମାଣରେ ପ୍ରଚାର-ପ୍ରସାର ଲାଭ କରିଛି ଓଡ଼ିଆ ଗଳ୍ପ-ଉପନ୍ୟାସ, ନାଟକ, ଏକାଙ୍କିକା, କବିତା, ପ୍ରବନ୍ଧ, ରମ୍ୟରଚନା ଆଦିରେ। ଏସବୁ ମଧ୍ୟରେ ଓଡ଼ିଆ କବିତାରେ ଏହି ନାରୀବାଦୀ ଚେତନା ଅଧିକ ତୀବ୍ର ରୂପ ଧାରଣ କରିଥିବାର ଦେଖାଯାଏ। ଏଣୁ ଓଡ଼ିଆ କବିତାରେ କିପରି ଏହି ନାରୀବାଦୀ ଚେତନାର ସ୍ଫୁରଣ ହୋଇଛି ତା' ବିଷୟରେ ନିମ୍ନରେ ସବିଶେଷ ଆଲୋଚନା କରାଗଲା।

ନାରୀବାଦ ଏକ ଉତ୍ତର ଆଧୁନିକ କାବ୍ୟଚେନତା ହୋଇଥିଲେ ହେଁ ଏକଥା ସତ ଯେ ବିଶାଳ ଏକ ପ୍ରାଚୀନ ସାହିତ୍ୟର ଧାରା ପ୍ରବାହର ଏକ କ୍ରମ ପରିଣତିରୁ ହିଁ ଆତ୍ମପ୍ରକାଶ କରିଛି ସମସ୍ତ ଆଧୁନିକ ଦର୍ଶନ, ତତ୍ତ୍ୱ ଓ ଚେତନା। ସୁତରାଂ ପ୍ରତ୍ୟେକ ଆଧୁନିକତମ ଚେତନାର ପୃଷ୍ଠଭୂମିରେ ବିଦ୍ୟମାନ ରହିଛି ଯେଉଁ ପ୍ରାଚୀନ ପରଂପରା ତାହା ହିଁ ସବୁ ଦର୍ଶନର ଏନ୍ତୁଡ଼ିଶାଳ। ସେହିପରି ଓଡ଼ିଆ ସାହିତ୍ୟରେ ନାରୀବାଦୀ ସ୍ୱରୂପକୁ ପରିପୃଷ୍ଟ କରିବା ଦିଗରେ ରହିଛି ଏକ ବିଶାଳ ତଥା ପ୍ରାଚୀନ ସାହିତ୍ୟର ସମୃଦ୍ଧ ପରଂପରା।

ଓଡ଼ିଆ ସାହିତ୍ୟର ଆରମ୍ଭରୁ ହିଁ ନାରୀକୁ ତାର ପ୍ରାପ୍ତ ସମ୍ମାନ ଓ ଅଧିକାର ମିଳିଥିଲା। ଅଷ୍ଟମ-ନବମ ଶତାବ୍ଦୀର ଚର୍ଯ୍ୟାସାହିତ୍ୟର। ୮୪ ଜଣ ସିଦ୍ଧାଚାର୍ଯ୍ୟଙ୍କ ଦ୍ୱାରା ରଚିତ ହୋଇଥିବା ଚର୍ଯ୍ୟାସାହିତ୍ୟ ହେଉଛି ନାରୀର ମହତ୍ତ୍ୱ ପ୍ରଦର୍ଶନ ଦିଗରେ ଏକ ପ୍ରାରମ୍ଭିକ ପ୍ରୟାସ। ବୌଦ୍ଧଧର୍ମ ଅନୁସାରେ ସେତେବେଳେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଭେଦ ନିର୍ବିଶେଷରେ ନାରୀ ଓ ପୁରୁଷକୁ ସମାନ ଅଧିକାର ମିଳିଥିଲା। ସହଜସାଧନାର ପରଂପରାରେ 'ନାରୀ' ସାଧନାର ଏକ ଅଭିନ୍ନ ଶକ୍ତି ଥିଲା। ନାରୀ ବିନା ସହଜସାଧନାର ପ୍ରକ୍ରିୟା ଥିଲା ଅସଂପୂର୍ଣ୍ଣ। 'ଶବରୀ', 'ଡୋମ୍ବୀ' ଓ 'ଚାଣ୍ଡାଳୀ' ପ୍ରଭୃତି ନିମ୍ନଜାତିର ନାରୀମାନେ ଥିଲେ ସହଜ ସାଧକମାନଙ୍କର ସାଧନାସଙ୍ଗିନୀଗଣ। ସାହିତ୍ୟରେ ନାରୀର ମହତ୍ତ୍ୱପୂର୍ଣ୍ଣ ଆବିର୍ଭାବ ଘଟଣା ହିଁ ଚର୍ଯ୍ୟାସାହିତ୍ୟରେ 'ନାରୀବାଦ'ର ଭ୍ରୂଣ ସ୍ଥାପନ କରିଥିଲା।

ପଞ୍ଚଦଶ ଶତାବ୍ଦୀରେ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟରେ ମାଟିର ମହାକବି ସାରଳା ଦାସ ରଚନା କଲେ ଏକ ଅଦ୍ୱିତୀୟ ମହାକାବ୍ୟ। ଯାହାର ନାମ ଥିଲା 'ମହାଭାରତ'। ଏଥିରେ ସାରଳା ଦାସ ନାରୀର ମହତ୍ତ୍ୱ ପ୍ରତିପାଦନାର୍ଥେ ଏଥିରେ କାବ୍ୟର ମହାନାୟିକା ରୂପେ ଉପସ୍ଥାପିତ କରିଛନ୍ତି ଅଗ୍ନିସୂତା ଦ୍ରୌପଦୀଙ୍କୁ। ସାରଳା ଦାସ ଏହାପରେ ଆଉପାଦେ ଆଗକୁଯାଇ 'ଚଣ୍ଡୀପୁରାଣ' ଓ 'ବିଲଙ୍କା ରାମାୟଣ'ରେ ମଧ୍ୟ ନାରୀକୁ ପ୍ରଦାନ କରିଛନ୍ତି ପୁରୁଷୋଧିକ ମହତ୍ତ୍ୱପୂର୍ଣ୍ଣ ଭୂମିକା। ସାରଳା ଦାସଥିଲେ ଶକ୍ତିପୂଜା ଅର୍ଥାତ୍ ନାରୀପୂଜାର ଜଣେ ଅନନ୍ୟ ସାରସ୍ୱତ ସାଧକ। ତାଙ୍କ ମତରେ -

"ସାରୋଳ ଦେବୀ ଚଣ୍ଡୀ ଅଟଇ ବୈଷ୍ଣବୀଂ
ତାହାଙ୍କର ପୁତ୍ର ମୁଁ ସାରୋଳ ଦାସ କବି।"

ସାରଳାଙ୍କ ଯଥାର୍ଥ ଉତ୍ତରସୂରୀ ରୂପେ "ବଳରାମ ଦାସ" ପ୍ରତିଷ୍ଠା କଲେ ଅନ୍ୟ ଏକ ଅଦ୍ୱିତୀୟ ବାମାବାଦୀ ଦର୍ଶନର ପାରଦର୍ଶୀ ପରଂପରା। ଓଡ଼ିଆ ଜାତିର ବଡ଼ଠାକୁର କିପରି ମା'ଲକ୍ଷ୍ମୀଙ୍କ କୋପରୁ ୧୨ ବର୍ଷ ପାଇଁ ସ୍ତୀର ହାତଟେକା ଅନ୍ନ ନ ପାଇ ବାରଦ୍ୱାର ଭିକମାଗି ଶେଷରେ ସେଇ ସ୍ତୀ ହାତରୁ ଖାଇଛନ୍ତି ଯାହାକୁ ଚଣ୍ଡାଳୁଣୀ ହେବାର ଲାଞ୍ଛନା ଦେଇ ଶ୍ରୀ ମନ୍ଦିରରୁ ବାହାର କରିଦେଇଥିଲେ। ଏଠାରେ ଜଗତର ଠାକୁର ଜଗନ୍ନାଥଙ୍କୁ ମା'ଲକ୍ଷ୍ମୀ ଏମିତି ଅସହାୟ କରିଦେଇଛନ୍ତି ଯେ ଲକ୍ଷ୍ମୀଙ୍କ ବିନା ତାଙ୍କର ରକ୍ଷଣ ହୋଇଛି ଅସମ୍ଭାଳ। ଏହି ଦୃଷ୍ଟିରୁ 'ଲକ୍ଷ୍ମୀପୁରାଣ' ହେଉଛି ଓଡ଼ିଆ ସାହିତ୍ୟର ଇତିହାସରେ ଏକ ଉତ୍କୃଷ୍ଟ ଓ ସଫଳ ନାରୀବାଦୀ ମହାକାବ୍ୟ।

ଏହା ପରବର୍ତ୍ତୀ ସମୟରେ ଆଧୁନିକ ଯୁଗରେ କବିତା ଅପେକ୍ଷା ନାରୀବାଦୀ ଚିନ୍ତା ଓ ଚେତନାର ଅଧିକ ସ୍ଫୁରଣ ହୋଇଥିଲା କଥା ସାହିତ୍ୟରେ। ଫକୀରମୋହନଙ୍କ 'ରେବତୀ', 'ଲଛମା', 'ମାଧମହାନ୍ତିଙ୍କ କନ୍ୟାସୁନା', 'ପାଠୋଇ ବୋହୂ' ଆଦି ଏହାର ଏକ ଏକ ପ୍ରକୃଷ୍ଟ ନିଦର୍ଶନ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ କବିତା ଯଦିଓ ପଶ୍ଚିମାଜଗତର ପ୍ରୟୋଗବାଦୀ ଶୈଳୀର ପରୀକ୍ଷା ନିରୀକ୍ଷା ଭିତରେ ହଜାଇ ଦେଇଛି ତାର ଆବେଦନଗତ ମୌଳିକତା; ତଥାପି କବି ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଅଳକା ସାନ୍ୟାଲ', 'ପ୍ରତିମା ନାୟକ', ଗୁରୁପ୍ରସାଦ ମହାନ୍ତିଙ୍କ 'ଅଳକା ସାନ୍ୟାଲ', ରମାକାନ୍ତ ରଥଙ୍କ 'ଚନ୍ଦ୍ରମାର ଚୂଡ଼ି', ସୌଭାଗ୍ୟ ମିଶ୍ରଙ୍କ 'ଶଶୀଦେଇ' ଓ 'ଶକୁନ୍ତଳା', ହରିହର ମିଶ୍ରଙ୍କ 'ଜେମାଦେଇ' ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ଝିଅପାଇଁ କବିତାଟିଏ' ଆଦି ନାରୀବାଦୀ ଚେତନାର କରିଛି ସଫଳ ବାର୍ତ୍ତାବହନ। ଏହି ସମୟରେ କବିତାମାଧମରେ କବି ରମାକାନ୍ତ ରଥ ତାଙ୍କର 'ଚନ୍ଦ୍ରମାର ଚୁଡ଼ି' କବିତାରେ ନାରୀର ଅସହାୟତାକୁ ଅତିସୁନ୍ଦର ଭାବେ ପ୍ରଦର୍ଶନ କରିଛନ୍ତି।

"ଯେମିତି ନିଭୃତ ଏକ ଗଡ଼ଜାତି ଅରଣ୍ୟ ଭିତରେ
ଦୀର୍ଘକାୟ ଅଜଗର ଖସି ଖସି ଅସ୍ତଗଛ ଡାଳୁ
ଧୀରେ ଧୀରେ ଘେରିଗଲା ଅସହାୟ ମିରିଗ ଛଆକୁ
ଚକ୍ରାକୃତି ହୋଇ ତାର ଚୂରି ଦେଲା ମାଂସ ଆଉ ହାଡ଼
ଉଦରସ୍ଥ କରିସାରି ଆରମ୍ଭିଲା ସୁଦୀର୍ଘ ପହୁଡ଼।
ଆଶ୍ଳେଷର ହଡ଼ିକାଠେ ଚନ୍ଦ୍ରମାର ଅନୁଭୂତି ମଲା
ଝାଳର ଗନ୍ଧରେ ହେଲା ଲୁପ୍ତ ତାର ସକଳ ଚେତନା
ଚୁମ୍ବନର ଚାବୁକରେ ଗାଲ ତ ଛାତିରୁ ଜୀବନ
କୃପଣର ଧନ ପରି ଅନ୍ଧକାର ସିନ୍ଧୁକେ ଲୁଚିଲା।"

ସେହିପରି କବି ସଚ୍ଚିଦାନନ୍ଦ ରାଉତରାୟଙ୍କ କବିତା 'ପ୍ରତିମା ନାୟକ'ରେ ଆମେ ଦେଖୁ ଅସହାୟ, ପରିସ୍ଥିତି ଚାପରେ ପଡ଼ି ଦିନରାତି କାର୍ଯ୍ୟରତ ନାରୀର ବେଶଭୂଷାରେ ଆସିଛି ଆକାଶ ପାତାଳର ଫରକ୍। ତା ମୁଖରେ ନାହିଁ ଆଉ ପୂର୍ବର କାନ୍ତି ବା ଚମକ। କବିଙ୍କ ଭାଷାରେ –

"ମୁଖ ତାର ବ୍ରଣଦୁଷ୍ଟ ହାତରେ ତା ଚମଡ଼ାର ବ୍ୟାଗ୍
ଶୀର୍ଣ୍ଣ ସାଧା ଗାଲେ ଫୁଟେ ବ୍ୟର୍ଥତାର ଅକପଟ ଦାଗ।
ତନୁ ତା'ର ରୋଗଜୀର୍ଣ୍ଣ, ବ୍ରଣେ ତା'ର ମ୍ଳାନ ମୁହଁଯାକ
ଶ୍ଲଥ, ରଜୁ ଦେହଶିଖା ଢାଂକିଅଛି ଖାକିର ପୋଷାକ
ଜାପାନୀ କାଗଜ ଫୁଲ ପରି ଦେହେ ତା'ର ବୟସର ଧ୍ୱଳି।"

(ପ୍ରତିମା ମାୟକ)

ପରବର୍ତ୍ତୀ ଉତ୍ତର ଅଶୀ ସମୟର କବିତାରେ ଏହି ନାରୀବାଦୀ ଚେତନା ନେଇଥିଲା ଏକ ସ'ଳ ସ୍ୱଷ୍ଟ ରୂପ। ଏଥିରେ ସବୁଠାରୁ ସ୍ପର୍ଶକାତର ବିଭାଗ ହେଉଛି ନାରୀର ସମ୍ମାନ, ସ୍ୱାଧୀନତା, ଅସ୍ମିତା, ଅସହାୟତା ଓ ତତ୍ ସଙ୍ଗେ ସଙ୍ଗେ ତାର ମହାନୀୟତା ଓ ମହାନୁଭବତା ମଧ୍ୟ। ଏହି ସମୟର କବିତାରେ ନାରୀର ବହୁବିଧ ରୂପ ଏକ ଉଲ୍ଲେଖଯୋଗ୍ୟ ବିଷୟ। ଏହି ସମୟରେ ନାରୀ ପ୍ରତି ହେଉଥିବା ଅନୀତି ଅତ୍ୟାଚାର, ଦୁଃବ୍ୟବହାର ଆଦିକୁ ସେସମୟର କବି ଗିରିବାଳା ମହାନ୍ତିଙ୍କ କବିତା 'ସ୍ତ୍ରୀଲୋକ', 'କାଳୀଝିଅ', ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'ପୁତନା', ରୁନୁ ମହାନ୍ତିଙ୍କ 'ରାଧା କାଳିଆଣି', 'ବାଜେଝିଅ', 'ସହଜ ସୁନ୍ଦରୀ', ଅପର୍ଣ୍ଣା ମହାନ୍ତିଙ୍କ 'ଅସତୀ', 'ଝିଅପାଇଁ ଝର୍କାଟିଏ', 'ନଷ୍ଟନାରୀ' ଆଦିଙ୍କ କବିତାରେ ସୁନ୍ଦର ଭାବେ ପରିସ୍ଫୁଟିତ ହୋଇଛି। ସାଂପ୍ରତିକ କାବ୍ୟଧାରାରେ ପ୍ରକଟିତ ବାମାବାଦୀ ଚେତନାର ଏକ ସଫଳ ଉଦାହରଣ ଆମେ ଲକ୍ଷ୍ୟକରୁ ଶ୍ରୀମତୀ ଗିରିବାଳା ମହାନ୍ତିଙ୍କ 'କିଏରେ ଝିଅ ତୁ କାହିଁକି ?' କବିତାରେ; ଯଥା–

"ଦଶଭୂଜା ହ ଝିଅ, ହୋଇଉଠ
ସହସ୍ରଭୂଜା ଭୂମିକମ୍ପ ହେଉ
ବିଦୀର୍ଣ୍ଣ ହେଉ ବସୁମତୀ
ତୋର ପୁତ୍ରକୁ ପଶୁତ୍ୱର ପାଶବିକତାରୁ
ମୁକ୍ତି ଦେ, ମୁକ୍ତି ଦେ, ମୁକ୍ତି ଦେ।"

ପୁରୁଷ ପ୍ରଧାନ ସମାଜରେ ବାସ୍ତବତାର ଉତ୍କଟତା ମଧ୍ୟରେ ନାରୀଟିଏ କେବଳ ବଧୂ ଓ ପତ୍ନୀ ଭାବରେ ନଗଣ୍ୟା ଓ ତାର ସ୍ଥିତି ପଣ୍ୟ ବସ୍ତୁ ରୂପେ ପରିଗଣିତ। ଏହା ଏକ ଅବିସମ୍ବାଦିତ ସତ୍ୟ। ଝିଅ ଜୀବନର ବିଡ଼ମ୍ବନାକୁ ନେଇ କବି ଜଗନ୍ନାଥ ପ୍ରସାଦ ଦାଶ ଲେଖୁଛନ୍ତି–

"ଝିଅଯାଇ ରନ୍ଧାଘରେ ଝାଳରେ ତିନ୍ତେ
ରୋଗୀର ଶେଯ ପାଖରେ ଅନିଦ୍ରା ରହେ
ଅଫିସ୍‌ରେ କାମ କରୁ କରୁ ଭାଗ୍ୟକୁ ନିନ୍ଦେ
ସ୍କୁଲ ଘରେ କଳାପଟାକୁ ଲୁହରେ ଭିଜାଇ ପୁଣି ପୋଛି ଦିଏ
ଦୀର୍ଘଶ୍ୱାସରେ ହାଲୁକା କରିବାକୁ ଚେଷ୍ଟାକରେ
ସାରାଦିନର କାମର ବୋଝକୁ।"

(ଝିଅଟିର ଦୁଃଖ)

ନାରୀ ଉଚ୍ଚଶିକ୍ଷିତ ହେଉ କି ବିଶାଳ ପଦବୀରେ ଥାଉ ତଥାପି ଦୁଃଖ ତାର ଚିର ରକ୍ତଗତ। ଏତେ ସାବଧାନତାରେ ଚଳି ମଧ୍ୟ ଆଜିବି ସେ ହୁଏ ନିର୍ଯାତିତା, ଧର୍ଷିତା, କଳଙ୍କିତା। ଏତେ ସତର୍କତାରେ ଚଳି ମଧ୍ୟ ପଣତକାନିରେ ଆଜିବି ଲାଗିଯାଏ ନିଆଁ – ସଂଜବତୀ ଦେଉ

ଦେଉ ପୋଡ଼ି ମରିଯାଏ ସେ। ନାରୀକବି ସୁଚେତା ମିଶ୍ର ନାରୀଜୀବନର ଅଭିଳିପ୍‌ସାକୁ ଦୃଢ଼ ଭାବେ ଉଚ୍ଚାରଣ କରି ତାଚ୍ଛଲ୍ୟ କରି କହନ୍ତି –

"ଫେରାଇ ନିଅ ତୁମର ସମ୍ବେଦନା
ଆହୁରି କିଛି ସମୟ ଦରକାର
ଲୋକେ ବୁଝିବାକୁ ଯେ
ନମ୍ରତାର ଅର୍ଥ ନୁହେଁ ଦୁର୍ବଳତା
କି ଲଜ୍ଜା ପାପ ଢ଼ାଙ୍କିବାର ବସ୍ତ୍ର ନୁହେଁ
ଶ୍ରଦ୍ଧା ମାଗିବାର ଚିଜ ନୁହେଁ
କି ଅଧିକାର କେବେ ଜନ୍ମଗତ ନୁହେଁ।"

(ଦିନେ ଦିନେ)

ନାରୀ ଉପରେ ସବୁବେଳେ ପୁରୁଷ କରେ ନିଜ ଅଧିକାରକୁ ଜାହିର। ମାତ୍ର ତାର ହୃଦୟକୁ ସ୍ପର୍ଶ କରିବାକୁ ଦିନେ ବି ଆବଶ୍ୟକ ମଣେ ନାହିଁ। ନାରୀର ନୀରବ ଆତ୍ମା ଯୁଗ ଯୁଗ ଧରି ଏହା ସହୁଥିଲେ ମଧ୍ୟ ନାରୀ ଏବେ ପ୍ରଶ୍ନ କରିଛି। ନିଜର ମୌନତା ଭାଙ୍ଗି କୈଫତ ମାଗିଛି ସମଗ୍ର ପୁରୁଷ ସମାଜକୁ। ଯଥା: -

କାହିଁକି ?
ଧାନ କ୍ଷେତର ମାଲିକ ହୁଏ ପୁରୁଷ
ଭାତ ଖାଇସାରି ଧୋବ ଲୁଗା ପିନ୍ଧି
ଦାଣ୍ଡରେ ବୁଲେ ମରଦ
ଶିଶୁମାନଙ୍କର ପରିଚୟ ହୁଏ ପିତୃତ୍ୱରେ
କାହିଁକି ପୁରୁଷ ଝିଙ୍କି ନିଏ ନାରୀ ହାତର ମଜୁରୀ
ବରାଦିଆ ଶାଢ଼ୀ ଗହଣାରେ
କାହିଁକି କଣ୍ଢେଇ ପାଲଟିଯାଏ ଜୀବନ
ପଚାର ?

(ପଚାର – ଚିରଶ୍ରୀ ଇନ୍ଦ୍ର ସିଂ)

ଆଜିର ସମାଜରେ ମଧ୍ୟ ସମାଜର ହୃଦୟହୀନତାକୁ ଯିଏ ବାରମ୍ବାର ସାମ୍‌ନା କରି ଚାଲିଥାଏ ସେ ହେଉଛି ନାରୀ। ସଂସାରରେ ବଳିପଡ଼ିଥିବା ବିଷ ମୁନ୍ଦାକ ଯାହା ଭାଗ୍ୟରେ ପଡ଼େ ତାର ନାମ ନାରୀ। ବିନା ଅପରାଧରେ ପ୍ରତିକୂଳ ପରିବେଶକୁ ଯେ ସହିଯାଏ ସେ ହେଉଛି ନାରୀ। ଏଣୁ ପ୍ରତିଭା ଶତପଥୀ ତାଙ୍କର 'ମୋ ଝିଅ' କବିତାରେ କହିଛନ୍ତି –

"ସାରା ସଂସାରର ମନ୍ଥନରୁ ଜାତ
ଯେଉଁ ବିଷ ମୁନ୍ଦାକ
ପଡ଼ିଥାଏ ଯାହାର କଣ୍ଠରେ
ସେ ଅନ୍ୟ କେହି ନୁହେଁ ମୋ ଝିଅ।"

ସାଧାରଣତଃ ଆମ ସମାଜର ଅଧିକାଂଶ ନାରୀ ମଧ୍ୟବିତ୍ତ ପରିବାରର। ଏହି ପରିବାରରେ ନାରୀଟିଏ ଯେପରି ପ୍ରତିଦିନର ଘଟଣାକୁ ଭୋଗୁଥାଏ, କବିଟିଏ ତା ସୃଷ୍ଟିରେ ତାର ଅବିକଳ ପ୍ରତିମୂର୍ତ୍ତି ନିର୍ମାଣ କରିଥାଏ। ସାଧାରଣ ପରିବାରର ଆର୍ଥିକ ଦୁଃସ୍ଥିତି, ଦୁଃଖ, ଦୈନ, ନିର୍ଯ୍ୟାତନାକୁ ଭୋଗ କରୁଥିବା ନାରୀଟିଏ ଦେହର ଯନ୍ତ୍ରଣାକୁ ନିଜଭିତରେ ଚାପିରଖି ବିଜାରରେ ହସି ହସି ମିଛ ନାଟକ କରୁଥାଏ। ଅନ୍ୟମାନେ ଜାଣିବାରେ ସେ ଯେମିତି ସୁଖୀ ଦମ୍ପତିଟିଏ। ଇନ୍ଦରାଦାଶଙ୍କ 'ଦାମ୍ପତ୍ୟ' କବିତାରେ ରହିଛି ଏହାର ଚମତ୍କାର ଚିତ୍ରଟିଏ –

"ଆମେ ସେମିତିଥାଉ
ଓଠରେ ଲାଖିଥାଏ ମିଛ ହସ
ସକାଳରେ ଝଡ଼ି ପଡ଼ିଥିବା ଗଙ୍ଗଶିଉଳି ପରି
ଆବେଗର ଝରଣାଟିଏ
ଯେଉଁଠି ଦିନେ ଗାଉଥିଲା
ପ୍ରେମ ଗୀତର ମିଠା ମିଠା ପଦ
ସେଠି ଏବେ ପୋଡ଼ାଭୂଇଁ
ଶୁଖିଲା ନଈର ଓହଳ
ବାହାରେ କିନ୍ତୁ ଝୁଲୁଥାଏ
ଆମ ସୁଖୀ ଦାମ୍ପତ୍ୟର ଚିତ୍ର।"

ଏହି ଧାରାକୁ ପରବର୍ତ୍ତୀ ସମୟରେ ଆଗକୁ ତରାନ୍ୱିତ କରି ଆସିଛନ୍ତି ଅନେକ ନାରୀବାଦୀ କବୟତ୍ରୀମାନେ। ସରୋଜିନୀ ସାହୁ, ପ୍ରତିଭା ରାୟ, ବିୟତପ୍ରଜ୍ଞା ତ୍ରିପାଠୀ, ରଶ୍ମି ରାଉଳ, ବୀଣାପାଣି ମହାନ୍ତି, ପାରମିତା ଶତପଥୀ, ଶୁଭଶ୍ରୀ ଲେଙ୍କା, କବିତା ବାରିକ ପ୍ରମୁଖଙ୍କ ନାମ ଏଥିରେ ଉଲ୍ଲେଖ ଯୋଗ୍ୟ। କେବଳ ନାରୀ କବୀଙ୍କ କବିତାରେ ନୁହେଁ, ବହୁ ପୁରୁଷ କବି ମଧ୍ୟ ସମାଜରେ ଅବହେଳିତ ଓ ପୀଡ଼ିତର ଜୀବନ ବଞ୍ଚୁଥିବା ନାରୀ ପାଇଁ ସେମାନଙ୍କ କବିତାରେ ସମ୍ବେଦନଶୀଳତା ଓ ବେଳେବେଳେ ପ୍ରତିବାଦର ସ୍ୱରକୁ ଶାଣିତ କରିଛନ୍ତି। ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରଦ୍ୟୁମ୍ନ କେଶରୀ, ହୃଷିକେଷ ମଲ୍ଲିକ, ଦିଲ୍ଲୀପ କୁମାର ସ୍ୱାଇଁ ଆଦି କବିମାନେ ମଧ୍ୟ ଏହି ଧାରାକୁ ତରାନ୍ୱିତ କରି ସାହିତ୍ୟ ମାଧ୍ୟମରେ ନାରୀକୁ ଦେବାପାଇଁ ଚେଷ୍ଟା କରିଛନ୍ତି ଏକ ସାମାଜିକ ସ୍ୱାଭିମାନ, ସମ୍ମାନ, ରାଜନୈତିକ ଓ ଅର୍ଥନୈତିକ ଅଧିକାର।

ବାସ୍ତବତଃ ସ୍ୱାଧୀନତା ପରବର୍ତ୍ତୀ ତଥା ଉତ୍ତର ଅଶୀ ଦଶକ ଓଡ଼ିଆ କବିତାମାନଙ୍କର ମାଟିର କଥା ଓ ସାଂସ୍କୃତିକ ପରିବର୍ତ୍ତନର ଓ ପ୍ରତ୍ୟାବର୍ତ୍ତନର ସ୍ୱର କହୁ କହୁ ସମାଜର ପ୍ରତ୍ୟେକ ଦିଗକୁ ଆଙ୍କିବାକୁ ଚେଷ୍ଟା କରାଯାଇଛି। ଅନୁରୂପ ଭାବେ ନାରୀ ଚେତନାର ବହୁ ଅପ୍ରକାଶିତ ଦିଗକୁ ଏହି ସମୟରେ ଉନ୍ମୋଚନ କରାଯାଇ ଯୁଗ ଯୁଗ

ଧରି ନାରୀ ସଂପର୍କରେ ରହି ଆସିଥିବା ଅବଧାରଣାଟିକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରାଯାଇଛି। ଏହି ସମୟରେ କବିତାର ବହୁ ଦିଗ ମଧ୍ୟରୁ ନାରୀଚେତନାବାଦୀ ଦିଗଟି ଅଧିକ ସମ୍ବେଦନଶୀଳ ଓ ସ୍ପର୍ଶକାତର ବୋଲି ମନେ ହୋଇଥାଏ। ବାସ୍ତବିକ୍ ଆଜି ନାରୀ କାହା ପଛରେ ନୁହେଁ। ବିକାଶର ଅଗ୍ରଗତି ସହ ଆଗେଇ ସେ ଆଜି ପୁରୁଷର ସମକକ୍ଷ ହୋଇପାରିଛି ତଥା ବହୁ କ୍ଷେତ୍ରରେ ପୁରୁଷକୁ ମ୍ଳାନ ଟପି ଯାଇଛି। ସେ ଦୟା, କ୍ଷମା, ମୁକ୍ତି, ଗତିର ମୂର୍ତ୍ତିମନ୍ତ ପ୍ରତୀକଟିଏ।

"ନାରୀ ନୁହେଁ କାହା ପାଦର ପାଣ୍ଡଇ
ନାରୀ ନାରାୟଣୀ ସମ
ଏନ୍ତୁଡ଼ିରୁ ଜୁଇ କ୍ଷମା ଆଚରାଇ
ଆଦ୍ୟ ଶକ୍ତି ମା' ପ୍ରଣାମ।"

**ସହାୟକ ଗ୍ରନ୍ଥସୂଚୀ:**


୧. ତ୍ରିପାଠୀ, ଡ. ସନ୍ତୋଷ, 'ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶଧାରା', ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨, ୨୦୨୦।

୨. ପଟ୍ଟନାୟକ, ଡ. ଜିତେନ୍ଦ୍ର ନାରାୟଣ, 'ସାଂପ୍ରତିକ ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ', ବିଦ୍ୟାପୁରୀ, ବାଲୁବଜାର, କଟକ, ୨୦୦୬।

୩. ପାଢ଼ୀ, ଡ. ବେଣୁଧର, 'ସାହିତ୍ୟ ତତ୍ତ୍ୱ ପ୍ରାଚ୍ୟ ପାଶ୍ଚାତ୍ୟ', ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦବିହାରୀ, କଟକ, ଦ୍ୱିତୀୟ ସଂସ୍କରଣ-୨୦୨୧।


❖ ❖ ❖

DOI : https://doi.org/10.5281/zenodo.15674338

ମୂଳ ପ୍ରବନ୍ଧ

# ଓଡ଼ିଆ ନାଟକ ପର୍ଯ୍ୟାୟରେ ନାଟ୍ୟକାର ରାମଶଙ୍କର

**ରୁବିନା ପାତ୍ର**

**ସଂକ୍ଷିପ୍ତସାର:**

ମାନବ ସମାଜ କର୍ମମୟ ଜୀବନରେ ଯେତେବେଳେ କ୍ଳାନ୍ତ ହୋଇଯାଏ, ସେତେବେଳେ ଖୋଜେ ଟିକିଏ ଅଶ୍ୱସ୍ତି। ମନୁଷ୍ୟ ଚିତବିନୋଦନ ପାଇଁ ଖୋଜେ ଚିତବିନୋଦନକାରୀ ମାର୍ଗକୁ। ପୂର୍ବକାଳରେ ଯାତ୍ରା, ପାଲା, ସୁଆଙ୍ଗ ଆଦି ଥିଲା ମାନବ ଜୀବନର ମୁଖ୍ୟ ପ୍ରାଣକେନ୍ଦ୍ର। ଏଥି ମଧ୍ୟରୁ ନାଟକର ଉତ୍ପତ୍ତି, ନାଟକ ଦ୍ୱାରା ଜୀବନର ଉପଲବ୍ଧିକୁ ପ୍ରାପ୍ତ କରିହୁଏ। ଏହି ଶୀର୍ଷକରେ ରାମଶଙ୍କର ରାୟ ନାଟକର ଆଦି ପର୍ଯ୍ୟାୟର କ୍ରମବିକାଶରେ ଭେଟିଦେଇଥିବା ନାଟକ ଗୁଡ଼ିକ ଅତି ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ବର୍ଣ୍ଣିତ। ନାଟକରେ ଇତିହାସ ଓ ପୁରାଣକୁ ସେ ଗୁରୁତ୍ୱ ଦେଇଛନ୍ତି। ନାଟକରେ ଆଜି ପର୍ଯ୍ୟନ୍ତ ବିକାଶରେ ରାମଶଙ୍କର ରାୟଙ୍କ ନାଟକ ଗୁରୁତ୍ୱାରୋପ କରିଛି।

**ପ୍ରମୁଖ ଶବ୍ଦାବଳୀ:**

ବିବେକତ୍ତ୍ୱ, ସୂଚନାତ୍ମକତାର, କାଟିଂକାବେରୀ, ବନବାଳା, କଳିକାଳ, ବୁଢ଼ାବର।

୧୮୮୧ ମସିହା ଫେବୃୟାରୀ ମାସ ସାତ ତାରିଖ ଓଡ଼ିଆ ନାଟ୍ୟ ସାହିତ୍ୟ ଓ ନାଟକାଭିନୟର ଇତିହାସରେ ଏକ ସ୍ମରଣୀୟ ଦିବସ। ଏହିଦିନ ରାମଶଙ୍କର ରାୟଙ୍କ ରଚିତ 'କାଂଚିକାବେରୀ' (୧୮୮୦) ନାଟକ ଅଭିନୀତ ହୋଇଥିଲା। ଏହା ଓଡ଼ିଶାରେ ପ୍ରଥମ ଓଡ଼ିଆ ନାଟକାଭିନୟ। 'କାଂଚିକାବେରୀ' ପ୍ରଥମ ଓଡ଼ିଆ ନାଟକ ନ ହେଲେହେଁ ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ନାଟକ ଏବଂ ରାମଶଙ୍କର ପ୍ରଥମ ଓଡ଼ିଆ ନାଟ୍ୟକାର ନ ହେଲେ ହେଁ ଯଥାର୍ଥରେ ଓଡ଼ିଆ ନାଟ୍ୟ ସାହିତ୍ୟର ଜନକ।

ରାମଶଙ୍କର କଟକ ଜିଲ୍ଲାର ଦୀକ୍ଷିତପଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଉତ୍କଳ ଦୀପିକାର ସୁଯୋଗ୍ୟ ସମ୍ପାଦକ ଗୌରୀଶଙ୍କର ରାୟ ଥିଲେ ତାଙ୍କର ଜ୍ୟେଷ୍ଠଭ୍ରାତା। ରାମଶଙ୍କର ଓଡ଼ିଆ, ବଙ୍ଗଳା, ଇଂରାଜୀ ଏବଂ ସଂସ୍କୃତ ଭାଷାରେ ସୁପଣ୍ଡିତ ଥିଲେ ଏବଂ ଅତି ତରୁଣ ବୟସରେ ସାହିତ୍ୟ ସାଧନା ଆରମ୍ଭ କରି ଦେଇଥିଲେ। ଓଡ଼ିଆ ନାଟକର ଅଭାବ ହେତୁ ୧୮୭୮ ଖ୍ରୀଷ୍ଟାବ୍ଦରେ କଟକରେ ବଙ୍ଗଳା 'ରାମଭିଷେକ' ନାଟକ ଅଭିନୀତ ହେବାର ଦେଖି ତାଙ୍କ ମନରେ ଘୋର ଆଘାତ ଲାଗିଥିଲା ଏବଂ ସେହିଦିନ ଓଡ଼ିଆରେ ନାଟକ ଲେଖିବାର କଳ୍ପନା ତାଙ୍କ ମନରେ ଜାଗ୍ରତ ହୋଇଥିଲା। 'କାଂଚିକାବେରୀ'ତରୁଣ ରାମଶଙ୍କରଙ୍କର ସେହି ଶୁଭ ସଙ୍କଳ୍ପର ଅମୃତମୟ ଫଳ। 'କାଂଚିକାବେରୀ'ର କଥାବସ୍ତୁ ପୂର୍ଣ୍ଣ ଐତିହାସିକ ନ ହେଲେହେଁ ଉତ୍କଳର ଗୌରବମୟ ଇତିହାସ ହିଁ ଏହାର ମୂଳଭିତି। ପୁରୁଷୋତମ ଦେବଙ୍କଦ୍ୱାରା କାଂଚିର ସାଲ୍ୱନରସିଂହ ଦେବଙ୍କ ପରାଜୟ ଏବଂ ତଦୀୟ କନ୍ୟା ରୂପାମ୍ବିକାଙ୍କର ପାଣିଗ୍ରହଣ ଘଟନାକୁ କେନ୍ଦ୍ରକରି ଜନଶ୍ରୁତି ଓ ଲୋକ ପରମ୍ପରା ଅନୁକ୍ରମେ ଗଢ଼ି ଉଠିଥିଲା କାଂଚିକାବେରୀ ଉପାଖ୍ୟାନ। ମାଦଳା ପାଂଜିର ବିବରଣୀରେ ଏହାର ସଂକ୍ଷିପ୍ତସାର ସୂଚିତ ହୋଇଅଛି। ଅଷ୍ଟାଦଶ ଶତାବ୍ଦୀରେ କବି ପୁରୁଷୋତମ ଦାସ ଏହି ରୋମାଂଚକର କାହାଣୀ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | Available online at : https://pracheenews.com/ |
| --- | --- |
| | DOI: https://doi.org/10.5281/zenodo.15674338 Article No - BPP00308 |

**ଯୋଗାଯୋଗ :**
**ଶ୍ରୀମତୀ ରୁବିନା ପାତ୍ର,** ଅଧ୍ୟାପିକା,
ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା
Email : rubina07022000@gmail.com
ORCID ID: https://orcid.org/0009-0004-5938-582X

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
| --- | --- | --- | --- |
| ୪.୦୩.୨୦୨୫ | ୧୧.୦୪.୨୦୨୫ | ୨୫.୦୫.୨୦୨୫ | ୧.୦୬.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପାତ୍ର ରୁବିନା ;୨୦୨୫। ଓଡ଼ିଆ ନାଟକ ପର୍ଯ୍ୟାୟରେ ନାଟ୍ୟକାର ରାମଶଙ୍କର। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଗ, ପୃଷ୍ଠା :୩୭-୪୩।

ଏକ କାବ୍ୟ ରଚନା କରିଥିଲେ । ପୁରୁଷୋତମ ବ୍ୟାସଙ୍କ କାବ୍ୟ କଥାବସ୍ତୁକୁ ଭିତିକରି ବଙ୍ଗଳାର କବି ରଙ୍ଗଲାଲ ବାନାର୍ଜି ୧୮୭୯ ଖ୍ରୀଷ୍ଟାବ୍ଦରେ ତାହାଙ୍କ 'କାଂଚିକାବେରୀ' କାବ୍ୟ ପ୍ରଣୟନ କରିଥିଲେ । 'କାଂଚିକାବେରୀ' ନାଟକର କଥାବସ୍ତୁ ମୁଖ୍ୟତଃ ରଙ୍ଗଲାଲ ବାନାର୍ଜିଙ୍କ କାଂଚିକାବେରୀ କାବ୍ୟର କଥାବସ୍ତୁ ଉପରେ ଆଧାରିତ । କାଂଚିକାବେରୀ ଉପାଖ୍ୟାନକୁ ରାମଶଙ୍କର ତାହାଙ୍କ ପ୍ରଥମ ନାଟକର ବିଷୟବସ୍ତୁ ରୂପେ ନିର୍ବାଚନ କରିବା ମୂଳରେ ଥିଲା ଏହାର ଅପୂର୍ବ ନାଟ୍ୟୋପଯୋଗିତା । ଏହା ସେପରି ଆଗରୁ ତିଆରି କରି ରଖାଯାଇଥିବା ଏକ ନାଟକୀୟ ଗଳ୍ପାଂଶ । ଏକ ସଫଳ ନାଟକ ପାଇଁ ଦରକାର ହେଉଥିବା ପ୍ରେମ, ପ୍ରଣୟ, ଯୁଦ୍ଧ, ଉତେଜନା, ଆକସ୍ମିକତା ଆଦି ବିବିଧ ଉପାଦାନ ମଧ୍ୟରୁ କୌଣସି ଗୋଟିକର ଏଥିରେ ଅଭାବ ନାହିଁ । ଶକୁନ୍ତଳା ଉପାଖ୍ୟାନକୁ ନାଟ୍ୟ ରୂପ ଦେବା ପାଇଁ କାଳିଦାସଙ୍କୁ ବହୁତ ଶ୍ରମସ୍ୱୀକାର କରିବାକୁ ପଡୁଥିଲା । କିନ୍ତୁ ରାମଶଙ୍କରଙ୍କୁ ଏଥିରେ କୌଣସି ମୌଳିକ ପରିବର୍ତନ କରିବାକୁ ପଡ଼ିନାହିଁ । ଦ୍ୱିତୀୟତଃ ଅତୀତ ଉତ୍କଳର ଏକ ପରମ ଗୌରବାବହ ଅଧ୍ୟାୟର ଉଦ୍‌ଘାଟନଦ୍ୱାରା ଉତ୍କଳୀୟ ଯୁବ ମାନସରେ ଦେଶାତ୍ମବୋଧର ଜାଗରଣ ଏଥିରେ ସହଜସାଧ୍ୟ । ତୃତୀୟରେ ଏଥିରେ ଭକ୍ତି ଓ ପୌରାଣିକ ଅଲୌକିକତାର ଅବତାରଣା ପାଇଁ ଅବସର ଥିବାରୁ ଏହା ଲୀଳା ଓ ଯାତ୍ରା ଦର୍ଶନରେ ଅଭ୍ୟସ୍ତ ଦର୍ଶକମାନଙ୍କ ପକ୍ଷରେ ଗ୍ରହଣୀୟ ହେବାର ସମ୍ଭାବନା ଅତ୍ୟନ୍ତ ସହଜ ।

'କାଂଚିକାବେରୀ' ନାଟକର ବସ୍ତୁନିର୍ବାଚନରୁ ନାଟ୍ୟକାରଙ୍କ ବିବେକତ୍ୱ ଓ ନିର୍ମାଣ କୁଶଳତାର ପରିଚୟ ମିଳେ । ସେ ନାଟ୍ୟକାର ରଙ୍ଗଲାଲ ବାବୁଙ୍କ 'କାଂଚିକାବେରୀ' କାବ୍ୟର ବିଷୟବସ୍ତୁ ଅମୂଳାନ୍ତ ଗ୍ରହଣ କରିଥିଲେ ହେଁ ନାଟକୀୟ ପ୍ରୟୋଜନୀୟତା ଓ ସାମାନ୍ୟ କେତେକ ପରିବର୍ତ୍ତନ କରିଅଛନ୍ତି । ସୁଭଦ୍ରା ଚରିତ୍ର ସଂଯୋଜନା ଏବଂ ପୁରୁଷୋତମ ଦେବଙ୍କ ପ୍ରଥମ ପରାଜୟର କାରଣ ନିର୍ଦ୍ଦେଶ ନାଟ୍ୟକାରଙ୍କ ନିଜସ୍ୱ କଳ୍ପନା ପ୍ରସୂତ ଅଟେ ।

ଗଳ୍ପାଂଶ ବା କାହାଣୀ ନାଟକର ଏକ ପ୍ରଧାନ ଉପାଦାନ ହେଲେ ହେଁ କେବଳ ଗୋଟିଏ ଉତମ ଓ ଚିତାକର୍ଷକ କାହାଣୀ ପ୍ରସ୍ତୁତ ହୋଇଗଲେ ଯେ ନାଟକ ହୋଇଗଲା ଏପରି ଭାବିବା ସମୀଚୀନ ନୁହେଁ । କଥାବସ୍ତୁର ଯଥାର୍ଥ ଓ ସୁଚାରୁ ବିନ୍ୟାସ ଉପରେ ନାଟକର ସଫଳତା ବହୁ ପରିମାଣରେ ନିର୍ଭରଶୀଳ । 'କାଂଚିକାବେରୀ ନାଟକର ବସ୍ତୁ ବିନ୍ୟାସ ରାମଶଙ୍କର ଅପୂର୍ବ କଳାକୁଶଳତାର ପରିଚୟ ପ୍ରଦାନ କରିଅଛନ୍ତି । ଏଥିରେ ସେ ମୁଖ୍ୟତଃ ସଂସ୍କୃତ ନାଟ୍ୟାଦର୍ଶର ଅନୁସରଣ କରିଅଛିନ୍ତି । ସଂସ୍କୃତ ନାଟକ ପଂଚଙ୍କ ବିଶିଷ୍ଟ ବିଶ୍ୱଯଜ୍ଞ ନାମରେ ଦୁଇଟି ଗୀତିନାଟ୍ୟ ମଧ୍ୟ ରଚନା କରିଥିଲେ ।

***ପାତ୍ର :** ଓଡ଼ିଆ ନାଟକ ପର୍ଯ୍ୟାୟରେ ନାଟ୍ୟକାର ରାମଶଙ୍କର*

**ବନବାଳା:**

'ବନବାଳା' ରାମଶଙ୍କର ଦ୍ୱିତୀୟ ନାଟକ । ୧୮୮୨ ମସିହା ଜାନୁୟାରୀ ମାସ ୨୧ ତାରିଖରେ ଏହା ଅଭିନୀତ ହୋଇଥିଲା । 'ବନବାଳା ଏକ କଳ୍ପନାଶ୍ରୟୀ ନାଟକ ଓ ଏହା ବସ୍ତୁନିର୍ମାଣ ଓ ଉପସ୍ଥାପନାରେ ସେକ୍‌ସ୍‌ପିୟରଙ୍କ 'The Tempest' ନାଟକର ଛାୟା ସୁସ୍ପଷ୍ଟ । ଏଥିରେ 'Tempest' ନାଟକପରି ବହୁ ଚରିତ୍ରର ସମାବେଶ ସଙ୍ଗେ ସଙ୍ଗେ ଗ୍ରୀକ୍ ନାଟକର ଐକ୍ୟନୀତି ଅନୁସୃତ ହୋଇଅଛି । 'Tempest' ନାଟକ ସଦୃଶ ଏହି ନାଟକର ଚରିତ୍ରସମୂହ ମଧ୍ୟ ତିନିଗୋଟି ପକ୍ଷରେ ବିଭକ୍ତ ଓ ଦ୍ୱିତୀୟ ଓ ତୃତୀୟ ପକ୍ଷ ପ୍ରଥମ ପକ୍ଷ ବିରୁଦ୍ଧରେ ବିଦ୍ରୋହ ଓ ଷଡ଼ଯନ୍ତ୍ର କରି ଶେଷରେ ପରାଭୂତ ଓ ଅପଦସ୍ତ ହୋଇଅଛନ୍ତି । 'The Tempest' ନାଟକର ଅନୁକରଣରେ ମଧ୍ୟ 'ବନବାଳା' ନାଟକରେ ମନ୍ତ୍ର ବା ଯାଦୁବିଦ୍ୟାକୁ ପ୍ରାଧାନ୍ୟ ଦିଆଯାଇଛି । 'ବନବାଳା' ନାଟକର ଚରିତ୍ରଗୁଡ଼ିକ ମଧ୍ୟ Tempest' ନାଟକର ଚରିତ୍ରାନୁକରଣରେ କଳ୍ପିତ ହୋଇଅଛି । ଗନ୍ଧର୍ବରାଜ ଚିତ୍ରସେନ ପ୍ରସ୍ପୋରୋଙ୍କ ସହିତ, ତଦୀୟ ଦୂତ ଶତବୁଦ୍ଧି ଏରିଏଲ୍‌ଙ୍କ ସହିତ, ଓଡ଼ିଶା ରାଜା ନାଗେଶ ଆଂଟୋନିୟଙ୍କ ସହିତ, ତଦୀୟ ଦୂତ ବୀରଚନ୍ଦ୍ର ଫର୍ଦ୍ଦିନାନନ୍ଦଙ୍କ ସହିତ, ରାକ୍ଷସରାଜ ବିରୁପାକ୍ଷ ନେପଲ୍‌ସର ରାଜା ଆଲୋନ୍‌ସଙ୍କ ସହିତ ଏବଂ ନାଗେଶଙ୍କ କନ୍ୟା ବନବାଳା ମିରନ୍ଦାଙ୍କ ସହିତ ତୁଳନୀୟ । ଏହାଛଡ଼ା ନାଟକର ଘଟଣାସ୍ଥଳ ମନ୍ତ୍ରଆବଦ୍ଧ ଗନ୍ଧର୍ବ ନଗର ହେଉଛି Tempest' ଏନ୍‌ଚ୍‌ଂଟେଡ଼୍ ଆଇଲସ । ବନବାଳଙ୍କର ରୀତିନୀତି ଓ କ୍ରିୟାକଳାପ, ଶତବୁଦ୍ଧିଙ୍କ ବୀରଚନ୍ଦ୍ରଙ୍କୁ ନିଜ ସୈନ୍ୟଙ୍କଠାରୁ ଅପସାରଣ, ବନବାଳା ଓ ବୀରଚନ୍ଦ୍ରଙ୍କ ପ୍ରେମ ପରୀକ୍ଷା ଆଦି ଘଟଣା ମଧ୍ୟ 'ଟେମ୍ପେଷ୍ଟ' ନାଟକରୁ ଅନୁସୃତ ହୋଇଅଛି । ଏ ସମସ୍ତ ଆହରଣ ସତ୍ତ୍ୱେ 'ବନବାଳ' ମଂଚ ସଫଳତା ଲାଭରେ ସମର୍ଥ ହୋଇନଥିଲା । ଏହାର ପ୍ରଧାନ କାରଣ ହେଉଛି ବିଷୟବସ୍ତୁର ଜଟିଳତା । ଯଥାର୍ଥରେ ବିଷୟବସ୍ତୁଗତ ସାମଞ୍ଜସ୍ୟ ସତ୍ତ୍ୱେ ଟେମ୍ପେଷ୍ଟ ନାଟକର ଘଟଣାଗତ ଐକ୍ୟ ଓ ଅର୍ଥସୁଗମତା 'ବନବାଳା'ରେ ବିରଳ । ଟେମ୍ପେଷ୍ଟର ମିରନ୍ଦା ସେକ୍‌ସପିୟରଙ୍କର ଏକ ଅପୂର୍ବ ସୃଷ୍ଟି । ବିଶ୍ୱକବି ରବୀନ୍ଦ୍ରନାଥ ସେକ୍‌ସପିୟର ମିରନ୍ଦାର ଯେଉଁ କଲ୍ୟାଣୀ ଓ କାରୁଣ୍ୟମୟୀ ନାରୀମୂର୍ତି ନିର୍ମାଣ କରିଛନ୍ତି ରାମଶଙ୍କରଙ୍କ ବନବାଳା ତା' ନିକଟରେ ଏକ ନିର୍ଜୀବ କାଷ୍ଠ ପିତୁଳା ବା ଛାୟା ମାତ୍ର । କେବଳ ହାହାକାର କଲେ କିମ୍ବା ଶୋକୋଚ୍ଛ୍ୱାସ ଢ଼ାଳିଲେ ଯେ କରୁଣରସର ସଂଚାର ହୁଏ ନାହିଁ, 'ବନବାଳା' ଏହାର ପ୍ରକୃଷ୍ଟ ଉଦାହରଣ । ନାଟ୍ୟ ସଂଳାପରେ ସଂକ୍ଷିପ୍ତତା ଓ ସୂଚନାତ୍ମକତାର ଅଭାବ, ଅନାବଶ୍ୟକ ଚରିତ୍ର ସୃଷ୍ଟି, ଅତ୍ୟଧିକ ଭାବପ୍ରବଣତା ଏବଂ ନୀତିଶିକ୍ଷା ଦାନର ପ୍ରଲୋଭନ

ଇତ୍ୟାଦି ନାନା କାରଣରୁ 'ବନବାଳା' ନାଟକ ଏକ ଉଚ୍ଚାଙ୍ଗ କଳାସୃଷ୍ଟିର ଗୌରବ ଲାଭରୁ ବଂଚିତ ହୋଇଛି ।

**କଳିକାଳ:**

ଉପାଖ୍ୟାନାମୂଳକ ନାଟକ 'ବନବାଳା'ର ଅସଫଳ୍ୟରେ କ୍ଷୁର୍ଣ୍ଣ ହୋଇ ରାମଶଙ୍କର ବଙ୍ଗଳାର ପ୍ରଖ୍ୟାତ ସାମାଜିକ ନାଟ୍ୟକର ଦୀନବନ୍ଧୁ ମିତ୍ରଙ୍କ ପଦାଙ୍କ ଅନୁସରଣରେ ସାମାଜିକ ନାଟକ ରଚନାରେ ବ୍ରତୀ ହୋଇଥିଲେ । 'କଳିକାଳ' ନାଟକ ଏହି ପ୍ରଚେଷ୍ଟାର ଫଳ । ଏହା ୧୮୮୩ ମସିହାରେ ରଚିତ ହୋଇ ସେହିବର୍ଷ ମାର୍ଚ୍ଚ ମାସରେ ଅଭିନୀତ ହୋଇଥିଲା । 'କଳିକାଳ'ର ମୂଳ ଲକ୍ଷ୍ୟ ହେଲା ଲୋକଶିକ୍ଷା ଓ ସମାଜ ସଂସ୍କାର । ତେଣୁ ଏହା ନାଟ୍ୟଧର୍ମୀ ହେବା ପରିବର୍ତ୍ତେ ପ୍ରଚାରଧର୍ମୀ ହୋଇପଡ଼ିଛି । ଏଥିରେ ସୁରାପାନ ଓ ବେଶ୍ୟାବୃତିର ବିଷମୟ ପରିମାଣ ଦର୍ଶିତ ହୋଇଛି । ହାସ୍ୟ ରସର ପ୍ରାଧାନ୍ୟ ହେତୁ ଏହାକୁ ପ୍ରହସନ ବୋଲି ନାମିତ କରାଯାଇଥାଏ । କିନ୍ତୁ ଯଥାର୍ଥରେ ଏହା ଏକ ପ୍ରହସନ ନୁହେଁ । ଅନ୍ୟାନ୍ୟ ନାଟକ ପରି ଏହା ପାଂଚ ଅଙ୍କରେ ବିଭକ୍ତ ଏବଂ ଏହାର ପରିଣତି ଦୁଃଖାନ୍ତକ । ତେଣୁ ଏହାକୁ ଏକ ଉପନାଟକ ବୋଲି କହିବା ଯୁକ୍ତିସଙ୍ଗତ । ସ୍ଥୂଳ ହାସ୍ୟରସର ପ୍ରାଚୁର୍ଯ୍ୟ ଏବଂ ବାହୁଲ୍ୟ ଏହାକୁ ବିଶେଷ ଭାବରେ ଯାତ୍ରାଧର୍ମୀ କରି ପକାଇଛି । ହାସ୍ୟରସର ଏକ ମୁଖ୍ୟ ଉପାଦାନ ହେଉଛି ବିଭିନ୍ନ ଭାଷାର ବିକୃତ ଉଚ୍ଚାରଣ । କହିବା ବାହୁଲ୍ୟ ଯେ ହାସ୍ୟରସ ସୃଷ୍ଟିର ଏହି ପରମ୍ପରା ଓଡ଼ିଆ ନାଟ୍ୟ ସାହିତ୍ୟରେ ବହୁ କାଳ ଯାଏ ଅନୁସୃତ ହୋଇଅଛି । 'ବନବାଳା' ପରି ଏକ ଉଚ୍ଚାଙ୍ଗ ନାଟକର ଅସଫଳତାରେ ମର୍ମାହତ ହୋଇ ନାଟ୍ୟକାର ତତ୍କାଳୀନ ଲୋକ ରୁଚିକୁ ଚାହିଁ ଏପରି ଏକ ନାଟକ ରଚନାରେ ପ୍ରବୃତ ହୋଇଥିବା ମନେ ହୁଏ । ଏହି ନାଟକରେ ଖୋଲା ରଙ୍ଗମଂଚରେ ମଦ୍ୟପାନ ଭୋଜନ ଓ ହତ୍ୟା ଆଦି ଦର୍ଶିତ ହୋଇଥିବାରୁ ନାଟ୍ୟକାର ପାଶ୍ଚାତ୍ୟ ନାଟ୍ୟ ରୀତି ପ୍ରତି ଅଧିକ ଆକୃଷ୍ଟ ହୋଇଥିବା ସୂଚିତ ହୁଏ । ମୂଳତଃ 'କଳିକାଳ' ରଙ୍ଗମଂଚରେ ଅଭିନୀତ ହୋଇ ଲୋକପ୍ରିୟତା ଅର୍ଜନ କରିବାରେ ସକ୍ଷମ ହୋଇଥିଲେ ହେଁ ଏହାର ସାହିତ୍ୟିକ ମୂଲ୍ୟ ଉଚ୍ଚକୋଟୀର ନୁହେଁ ।

**ବୁଢ଼ାବର:**

'କଳିକାଳର'ର ମଂଚ ସାଫଲ୍ୟରେ ଉତ୍ସାହିତ ହୋଇ ରାମଶଙ୍କର 'ବୁଢ଼ାବର' ନାମକ ଏକ ପ୍ରହସନ ରଚନା କରିଥିଲେ । ୧୮୯୨ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ଏହା ଅଭିନୀତ ହୋଇଥିଲା । ଏଥିରେ ବୃଦ୍ଧ ବିବାହର କୁପରିଣାମ ଦର୍ଶିତ ହୋଇଅଛି । ଏହା ପରେ କେତେ ବର୍ଷ ପର୍ଯ୍ୟନ୍ତ ରାମଶଙ୍କର ନାଟକ ରଚନାରୁ ନିବୃତ ରହିଥିଲେ । ଏହାର ପ୍ରଧାନ କାରଣ ହେଉଛି ଯେ ନବଆରବଧ ଓକିଲାତି ବ୍ୟବସାୟରେ ବ୍ୟସ୍ତ ରହି ସେ ନାଟ୍ୟ ରଚନା ପାଇଁ ଯଥେଷ୍ଟ ଅବକାଶ ପାଇ ନଥିଲେ । ଏହାଛଡ଼ା ନାଟକାଭିନୟ ପାଇଁ ସେ ଯେଉଁ ଦଳଟି ଗଢ଼ିଥିଲେ ତାହା ଭାଙ୍ଗି ଯାଇଥିଲା ଏବଂ ସଙ୍ଗଠିତ ନାଟ୍ୟଦଳ ଓ ସ୍ଥାୟୀ ରଙ୍ଗମଂଚର ଅଭାବ ନାଟକ ରଚନା କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଥିଲେ । ଓକିଲାତି ସୂତ୍ରରେ ଏହି ସମୟରେ ରାମଶଙ୍କରଙ୍କର କଟକ ଜିଲ୍ଲା କୋଠପଦା ମଠର ମହନ୍ତ ଦୈତାରି ରଘୁନାଥ ଗୋସ୍ୱାମୀଙ୍କ ସହିତ ପରିଚୟ ହୁଏ । ରଘୁନାଥଙ୍କ ନାମ ଓଡ଼ିଆ ରଙ୍ଗମଂଚ ଓ ନାଟ୍ୟକଳା ଇତିହାସରେ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିବ । କାରଣ ସେ ୧୮୮୫ ମସିହାରେ ଓଡ଼ିଶାର ପ୍ରଥମ ସ୍ଥାୟୀ ରଙ୍ଗମଂଚ ନିର୍ମାଣ କରି ନାଟକାଭିନୟ ତଥା ନାଟକ ରଚନାର ପଥ ସୁଗମ କରିଦେଲେ । ତାଙ୍କ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ରାମଶଙ୍କର ପୁନରାୟ ନାଟକ ରଚନାରେ ପ୍ରବୃତ ହେଲେ । ତାଙ୍କର ପରବର୍ତୀ ନାଟକଗୁଡ଼ିକ ଏହିଠାରେ ହିଁ ଅଭିନୀତ ହୋଇଥିଲା । ଓଡ଼ିଶାର ବିଭିନ୍ନ ସ୍ଥାନରେ ବଙ୍ଗଳା ପୌରାଣିକ ନାଟକ ଅଭିନୀତ ହେଉଥିବାର ଦେଖି ଧର୍ମମୂଳକ ଓ ପୌରାଣିକ ନାଟକ ପ୍ରତି ଉତ୍କଳୀୟ ଜନତାର ପାରମ୍ପରିକ ଶ୍ରଦ୍ଧା ଓ ଅନୁରାଗ ଲକ୍ଷ୍ୟ କରି ରାମଶଙ୍କର ପୌରାଣିକ ନାଟକ ରଚନାରେ ପ୍ରବୃତ ହେଲେ । ତାଙ୍କର ପ୍ରଥମ ପୌରାଣିକ ନାଟକ 'ରାମବନବାସ' ୧୮୯୧ରେ ରଚିତ ଓ ଅଭିନୀତ ହୋଇଥିଲା ।

**ରାମ ବନବାସ:**

'ରାମ ବନବାସ'ର କଥାବସ୍ତୁ ବାଲ୍ମୀକିକୃତ ରାମାୟଣ ଉପରେ ଆଧାରିତ । ବିଷୟବସ୍ତୁ ସୁପରିଚିତ ଓ ସୁବିଜ୍ଞାତ ହୋଇଥିବା ହେତୁ ଏଥିରେ ନାଟ୍ୟକାରଙ୍କର କଳ୍ପନା ବିଳାସ ପାଇଁ ଅବକାଶ ନ ରହିବା ସ୍ୱାଭାବିକ । ହେଲେହେଁ ନାଟ୍ୟକାରଙ୍କର ଉପସ୍ଥାପନା କୌଶଳ ଅତ୍ୟନ୍ତ ପ୍ରଶଂସା ଯୋଗ୍ୟ । ଦର୍ଶକମାନଙ୍କ ଦୃଷ୍ଟିକୁ ଏକ ନିର୍ଦ୍ଦିଷ୍ଟ ଘଟଣା ସ୍ଥଳକୁ ଯଥାକ୍ରମେ ଗୋଟିଏ ଦିନ ଓ ଗୋଟିଏ ସ୍ଥାନରେ ସୀମିତ କରି ରଖିବା ଦ୍ୱାରା ସମଗ୍ର ନାଟକଟିକୁ ସେ ଏକ ନିବିଡ଼ ଐକ୍ୟ ଛନ୍ଦରେ ଛନ୍ଦିତ କରିବାରେ ସମର୍ଥ ହୋଇଛନ୍ତି ।

ନାଟକ ଅଭିନୟର ପ୍ରଥମ ଦୃଶ୍ୟରେ ହିଁ ଭାବୀ ଅମଙ୍ଗଳର ସୂଚନା ପ୍ରଦାନ ପୂର୍ବକ ଦଶକ ପ୍ରାଣରେ ଉତ୍କଣ୍ଠା ଓ କୌତୁହଳର ସୃଷ୍ଟି କରାଯାଇଛି ଏବଂ ନାନା ଉତ୍ଥାନ ପତନ ମଧ୍ୟରେ ନାଟକୀୟ ଲକ୍ଷ୍ୟକୁ ପରିଣତି ଆଡକୁ ଅଗ୍ରସର କରାଇ ନିଆଯାଉଛି । ଅବାନ୍ତର ପତନ ସମାବେଶ କିମ୍ବା ଅନବାଶ୍ୟକ ଚରିତ୍ରର ଅବତାରଣା ଦ୍ୱାରା ନାଟକର ଐକ୍ୟ ଓ ସଂହତି ବିଚ୍ଛିନ୍ନ ହୋଇନାହିଁ । ସକଳ ପ୍ରକାର ଅଲୌକିକତା ଓ ଅତିମାନବିକତାରୁ ମୁକ୍ତ ରଖିବା ଦ୍ୱାରା ନାଟକୀୟ ପରିବେଶ ଅତ୍ୟନ୍ତ ସ୍ୱାଭାବିକ ଓ ମାନବୀୟ ହୋଇଛି । ନାଟକଟିର ଦୁଃଖାନ୍ତକ ପରିଣତି

ସୁମଧୁର କରୁଣ ରସରେ ପ୍ରୋଜ୍ଜ୍ୱଳ ହୋଇ ଉଠିଛି। ବିଧିର ବିଡମ୍ବନା ବା ଭାଗ୍ୟର କ୍ରୁର ଅଟ୍ଟହାସ ଓ ଚରମ ବିପର୍ଯ୍ୟୟ ହେତୁ ନାଟକଟି ଟ୍ରାଜେଡିର କୋଟୀକୁ ସ୍ପର୍ଶ କରିଛି। କିନ୍ତୁ ନାଟକର ଦୁଃଖାନ୍ତକ ପରିଣତିସତ୍ତ୍ୱେ ଗ୍ରୀକ୍ ବା ଇଂରାଜୀ ନାଟ୍ୟାଦର୍ଶ ଅନୁଯାୟୀ ଏହାକୁ ଏକ ଟ୍ରାଜେଡି ଆଖ୍ୟା ପ୍ରଦାନ କରାଯାଇ ପାରିବ ନାହିଁ, କାରଣ ପାଶ୍ଚାତ୍ୟ ଟ୍ରାଜେଡିର ଭୟଙ୍କରିତା ଏଥିରେ ନାହିଁ। ତାହାଛଡା ଏକ ନିଷ୍ଠୁର ନିୟତିର ଦୁର୍ଲଙ୍ଘ୍ୟ ଅନୁଶାସନ ଏହାର ନିୟାମକ ନୁହେଁ। ଦଶରଥଙ୍କ ଜୀବନର ଦୁଃଖ, ବେଦନା, ବ୍ୟର୍ଥତା ଓ ଭାଗ୍ୟ ବିପର୍ଯ୍ୟୟ ପାଇଁ ଏକ ନିର୍ମମ ନିୟତିର ବିଡ଼ମ୍ବନା ଅପେକ୍ଷା ସ୍ୱକୃତ କର୍ମ ହିଁ ଅଧିକ ଦାୟୀ। ଋଷି ଅଭିଶାପ କେବଳ ଉପଲକ୍ଷ୍ୟମାତ୍ର। ଏକଥା ଦଶରଥ ଓ ଲକ୍ଷ୍ମଣଙ୍କ ଉକ୍ତିଚୟରୁ ସ୍ପଷ୍ଟ ଅନୁମିତ ହୁଏ। ଚରିତ୍ର ଚିତ୍ରଣରେ ନାଟ୍ୟକାର ବାଲ୍ମୀକିଙ୍କର ଆଦର୍ଶ ଅନୁସରଣ କରିଥିଲେ ହେଁ ଚରିତ୍ରଗୁଡିକର ମାନବିକ ଦିଗପ୍ରତି ସବିଶେଷ ଦୃଷ୍ଟି ଦେଇ ଅଛନ୍ତି। ତେଣୁ ସେଗୁଡିକ ଅତିମାନବିକ ନ ହୋଇ ସମ୍ପୂର୍ଣ୍ଣ ବାସ୍ତବ ଓ ମାନବୀୟ ହୋଇଅଛି। ନାଟିକଟିର ସଂଳାପ ଚରିତ୍ରାନୁସାରୀ ଓ ରସାନୁକୂଳ ହୋଇଥିଲେ ହେଁ ସ୍ଥଳବିଶେଷରେ କାବ୍ୟସୁଲଭ ଅତିଭାଷଣଦ୍ୱାରା ଅତିରିକ୍ତ ଭାରାକ୍ରାନ୍ତ ହୋଇ ପଡିବା ଫଳରେ ତା'ର ସ୍ୱାଭାବିକ ଗତିଶକ୍ତି ଓ ଉଷ୍ମତା ହରାଇ ନିର୍ଜୀବ ଓ ଅନାଟକୀୟ ହୋଇ ପଡିଛି। ସଂଳାପ ଓ ନାଟକୀୟ କ୍ରିୟାକଳାପ ମଧ୍ୟରେ ସମତା ରକ୍ଷିତ ନ ହେବା ଫଳରେ ବହୁସ୍ଥଳରେ ସଂଳାପ ବକ୍ତୃତା ବା ଭାଷଣ ପରି ଶୁଷ୍କ ଓ ନୀରସ ପ୍ରତୀୟମାନ ହୁଏ।

**ରାମାଭିଷେକ:**

ମହନ୍ତ ଦୈତ୍ୟାରି ରଘୁନାଥ ପୁରୀ ଗୋସ୍ୱାମୀ ଓ ଅନ୍ୟବନ୍ଧୁମାନଙ୍କ ଦ୍ୱାରା ଅନୁରୁଦ୍ଧ ହୋଇ ରାମଶଙ୍କର ୧୯୪୭ ମସିହାରେ 'ରାମାଭିଷେକ' ନାଟକ ରଚନା କରିଥିଲେ। ଏହା ଛଅଗୋଟି ଅଭିନୟରେ ବିଭକ୍ତ ଏବଂ ରାବଣବଦ୍ଧଠାରୁ ରାମାଭିଷେକ ପର୍ଯ୍ୟନ୍ତ ରାମାୟଣ ବର୍ଣ୍ଣିତ ସମୁଦାୟ ବିଷୟ ଏହାର ଅଙ୍ଗୀଭୂତ। ବସ୍ତୁ ସଂସ୍ଥାପନରେ ନାଟ୍ୟକାର 'ରାମବନବାସ' ଭଳି ବାଲ୍ମୀକିକୃତ ରାମାୟଣର ଯଥାଯଥ ଅନୁସରଣ କରିଥିଲେ ହେଁ 'ରାମବନବାସ'ର ଶିଳ୍ପ ସୌଷ୍ଟବ ଏଥିରେ ରକ୍ଷାକରି ପାରିନାହାନ୍ତି। ବସ୍ତୁ ବିନ୍ୟାସର ସଂଯମ ଓ ଶୃଙ୍ଖଳାର ଅଭାବ ଏବଂ ବୈଚିତ୍ର୍ୟହୀନ କାବ୍ୟ ସୁଲଭ ଦୀର୍ଘଭାଷଣଯୁକ୍ତ ସଂଳାପ ନାଟ୍ୟରସର ସମ୍ୟକ ପରିସ୍ଫୁଟନରେ ପ୍ରତିବନ୍ଧକତା ସୃଷ୍ଟି କରୁଅଛି। ପୁଣି ବହୁ ସ୍ଥଳରେ ଏହାଯାତ୍ରା ସ୍ତରକୁ ଓହ୍ଲାଇ ଆସିଛି।

**କଂସବଧ:**

ରାମଶଙ୍କରଙ୍କର ଅନ୍ୟ ଏକ ପୌରାଣିକ ନାଟକ 'କଂସବଧ' ୧୮୯୬ ଖ୍ରୀଷ୍ଟାବ୍ଦରେ ରଚିତ ହୋଇଥିଲା। ଏହାଏକ ଚରିତ ନାଟକ ଏବଂ ଏଥିରେ ଶ୍ରୀକୃଷ୍ଣଙ୍କର ସମଗ୍ର କିଶୋର ଲୀଳା ବର୍ଣ୍ଣିତ ହୋଇଅଛି। ଭଗବାନ ଶ୍ରୀକୃଷ୍ଣଙ୍କର ମହିମା ପ୍ରଖ୍ୟାପନ, ଭଗବତ ଭକ୍ତିର ପ୍ରସାର ଓ ଦୁରାତ୍ମା କଂସର ବିନାଶଦ୍ୱାରା ଲୋକମାନଙ୍କୁ ସତଶିକ୍ଷା ପ୍ରଦାନ ନାଟକଟିର ମୂଳଲକ୍ଷ୍ୟ। 'କଂସବଧ' ଏହି ଲକ୍ଷ୍ୟ ସାଧନର ଉପାୟବିଶେଷ ରୂପେ ଗୃହୀତ ହୋଇଥିବାରୁ ନାଟକଟିର ନାମକରଣ ଯଥାର୍ଥ ହୋଇଅଛି। କଂସର ମୃତ୍ୟୁର ନାଟକର ପରିସମାପ୍ତି ସୂଚିତ ହୋଇଥିଲେ ହେଁ 'କଂସବଧ' ଏକ ଦୁଃଖାନ୍ତକ ନାଟକ ନୁହେଁ। ଦୁଃଖାନ୍ତକ ନାଟକ ଦର୍ଶକ ପ୍ରାଣରେ ଭୀତି, ଅନୁକମ୍ପା, ଦୁଃଖ ଓ ବେଦନାର ସଂଚାର କରିଥାଏ। କିନ୍ତୁ ସଂଶିତ ନାଟକରେ କଂସର ନିଧନ ଦର୍ଶକ ପ୍ରାଣରେ ଏହାର ବିପରୀତ ଭାବ ଅର୍ଥାତ୍ ହର୍ଷ, ଉଲ୍ଲାସ, ଶାନ୍ତି ଓ ଆନନ୍ଦର ସଂଚାର କରୁଥିବାରୁ କଂସର ପ୍ରୟାଣ ସତ୍ତ୍ୱେ ନାଟକଟି ଦୁଃଖାନ୍ତକ ହୋଇନାହିଁ। ଏଥିରେ ବୀର,କରୁଣ, ରୌଦ୍ର, ହାସାଦି ବିବିଧ ରସର ସମାବେଶ ହୋଇଥିଲେ ହେଁ ଭକ୍ତି ହିଁ ନାଟକର ମୂଳରସ ଏବଂ ଏହି ରସର ପରିସ୍ଫୁରଣ ଓ ପ୍ରତିଷ୍ଠା ପାଇଁ ନାଟ୍ୟକାର ଯତ୍‌ପରୋନାସ୍ତି ଉଦ୍ୟମ କରିଅଛନ୍ତି। ଅନ୍ୟାନ୍ୟ ଚରିତ ନାଟକ ପରି ଏହାର କଥାବସ୍ତୁ ଅତ୍ୟନ୍ତ ଶିଥିଳବଦ୍ଧ। 'କଂସବଧ' ଉଚ୍ଚାଙ୍ଗ ନାଟ୍ୟଗୁଣ ସମ୍ପନ୍ନ ନୁହେଁ। ସଙ୍ଗୀତର ପ୍ରାଚୁର୍ଯ୍ୟ ହେତୁ ଏହାକୁ ଯାତ୍ରା ଲକ୍ଷଣାକ୍ରାନ୍ତ ବୋଲି କହିବା ସମୀଚୀନ ନୁହେଁ। ଯାତ୍ରା ସୁଲଭ ଇତରତା ଓ ସ୍ଥୁଳହାସ୍ୟଠାରୁ ଏହା ସମ୍ପୂର୍ଣ୍ଣ ମୁକ୍ତ। ରାମଶଙ୍କରଙ୍କ ଅନ୍ୟାନ୍ୟ କେତେକ ନାଟକଠାରୁ ଏହାର ସଂଳାପ ଅଧିକ ସ୍ୱାଭାବିକ ଓ ଚରିତ୍ରାନୁକୂଳ ହୋଇଅଛି।

**ଚୈତନ୍ୟଲୀଳା:**

'ଚୈତନ୍ୟଲୀଳା' ଓଡ଼ିଆରେ ସର୍ବ ପ୍ରଥମ ଜୀବନୀମୂଳକ ନାଟକ। ଏଥିରେ ଚୈତନ୍ୟଙ୍କର ବାଲ୍ୟଜୀବନଠାରୁ ପୁରୀ ମହୋଦଧିରେ ଅନ୍ତର୍ଦ୍ଧାନ ପର୍ଯ୍ୟନ୍ତ ତାହାଙ୍କ ଜୀବନର ସମଗ୍ର ଘଟନାବଳୀ ପ୍ରଦତ ହୋଇଅଛି। ଚୈତନ୍ୟଙ୍କର ଭାବମୂର୍ତି ନାଟ୍ୟକାର ଅପୂର୍ବ କଳା କୁଶଳାତାର ପରିଚୟ ପ୍ରଦାନ କରିଅଛନ୍ତି। ଚୈତନ୍ୟଙ୍କୁ ସେ ଜଣେ ଶକ୍ତିସମ୍ପନ୍ନ ଅତିମାନବ ରୂପେ ଚିତ୍ରଣ ନ କରି ସମାଜ ସଂସ୍କାର ଓ ଦେଶସେବା ପାଇଁ ଜୀବନ ଉତ୍ସର୍ଗ କରିଥିବା ଜଣେ ମହାପୁରୁଷ ଭାବେ ପ୍ରତିପାଦନ କରିଅଛନ୍ତି। ଚରିତ୍ର ଚିତ୍ରଣରେ ଏହି ଉନ୍ନତ ଓ ଆଧୁନିକ ଦୃଷ୍ଟିଭଙ୍ଗୀ ଏ ନାଟକର ପ୍ରଧାନ ବିଶେଷତ୍ୱ। ଆଙ୍ଗିକ ଦୃଷ୍ଟିରୁ ଚୈତନ୍ୟଲୀଳା ପ୍ରକୃତରେ ଏକ ନାଟକ ନୁହେଁ, ଅମିତ୍ରାକ୍ଷର ଛନ୍ଦରେ ରଚିତ ଏହା ନାଟ୍ୟ କାବ୍ୟ।

**ବିଷମୋଦକ:**

ରାମଶଙ୍କର ସମାଜର ବିଭିନ୍ନ ଶ୍ରେଣୀର ଲୋକଙ୍କର ସଂସ୍ପର୍ଶରେ ଆସିଥିଲେ ଏବଂ ଦେଶରେ ବିବିଧ ସମସ୍ୟା ସହିତ ସୁପରିଚିତ ଥିଲେ।

ସେ ଯୁଗଥିଲା ସମାଜ ସଂସ୍କାରର ଯୁଗ। ପୁଣି ସତଶିକ୍ଷାଦ୍ୱାରା ଲୋକଚରିତ୍ରର ପରିବର୍ତନ ଘଟାଇବା ଥିଲା ରାମଶଙ୍କରଙ୍କ ନାଟକ ରାଚନାରଅନ୍ୟତମ ଲକ୍ଷ୍ୟ। ଏହିଥିରୁ ରାମଶଙ୍କର ସାମାଜିକ ନାଟକ ଲେଖିବାର ପ୍ରେରଣା ପାଇଥିଲେ। ତାଙ୍କର ପ୍ରଥମ ସାମାଜିକ ନାଟକ 'ବିଷମୋଦକ' ୧୯୦୦ ଖ୍ରୀଷ୍ଟାବ୍ଦରେ ରଚିତ ହୋଇ ଅଭିନୀତ ହୋଇଥିଲା। ଋଣ ଆପାତ ମଧୁରବୋଧ ହେଲେ ହେଁ ପରିମାଣରେ କିପରି ଭୟାବହ ଓ ବିଷମୟ ହୋଇଥାଏ ତାହା ଏହି ନାଟକରେ ଦର୍ଶିତ ହୋଇଥିବାରୁ ନାଟକର ନାମ 'ବିଷମୋଦକ' ରଖାଯାଇଥିବା ଅନୁମିତ ହୁଏ। ନାଟକର ନାୟକ ଚୌଧୁରୀ ସଦାନ୍ଦ ପଟ୍ଟନାୟକ ଜଣେ ସଦାଶୟ, ସତ୍ୟବାଦୀ, ଅଥଚ ଆଳସ୍ୟପରାୟଣ ଓ ନିଶାସକ୍ତ ବ୍ୟକ୍ତି। ନିଜର ଆଳସ୍ୟ ଓ ଅପରିମାଣାଦର୍ଶିତା ହେତୁ ସେ ଶେଷରେ ସର୍ବସ୍ୱାନ୍ତ ହେଲେ। ତାଙ୍କର ଘରଦ୍ୱାର, ଜମିଦାରୀ ସବୁ ନିଲାମ ହୋଇଗଲା।ଶେଷକୁ କାରାବରଣ ରୁପେ ଅପମାନରୁ ନିଜକୁ ରକ୍ଷା କରିବା ପାଇଁ ସେ ଆତ୍ମହତ୍ୟା କରିବାକୁ ଯାଉଥିବାବେଳେ ସହଧର୍ମିଣୀ ବିଷ୍ଣୁପ୍ରିୟା ଦେବୀଙ୍କର ବୁଦ୍ଧିମତା ଓ ତ୍ୟାଗ ହେତୁ କାରାବରଣ ରୂପ ଆସନ୍ନ ବିପଦରୁ ରକ୍ଷା ପାଇଲେ ଏବଂ ଜୀବିକାର୍ଜନର ଉପାୟାନ୍ତର ନ ଦେଖି ନୀଳାଚଳ ପଥର ପଥିକ ହେଲେ। ନାଟକଟିର ବସ୍ତୁ ବିନ୍ୟାସରେ ଅନୁସୃତ ସଂକ୍ଷିପ୍ତା ଓ ପରିମିତତା ବିଶେଷ ଉଲ୍ଲେଖଯୋଗ୍ୟ। ମହାଜନ ଧନପତି ଭଗତର କୃପଣତା ଓ କ୍ରୁରତା, ଗୁମାସ୍ତା ବଂଶୀଧର ଓ ନିଶାକରଙ୍କର ଧୂର୍ତତା ଓ ବିଶ୍ୱାସଘାତକତା ଏବଂ ଜମିଦାର ସଦାନନ୍ଦଙ୍କ ସରଳତା, ସାଧୁତା ଓ ଅପରିଣାମଦର୍ଶିତା ଏବଂ ଜମିଦାରଙ୍କ ପତ୍ନି ବିଷ୍ଣୁପ୍ରିୟାଙ୍କର ପାତିବ୍ରତ୍ୟ ଓ ବୁଦ୍ଧିମତାର ଚିତ୍ରଣରେ ନାଟ୍ୟକାର ଅପୂର୍ବ କଳାପାଟବ ପ୍ରଦର୍ଶନ କରିଅଛନ୍ତି। ସଂଳାପ ବାହୁଲ୍ୟବର୍ଜିତ, ସ୍ୱାଭାବିକ ଓ ଚରିତ୍ରାନୁକୂଳ ହୋଇଅଛି। ନାଟ୍ୟରୀତି ଦୃଷ୍ଟିରୁ ଏ ନାଟକଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ ନାଟ୍ୟକାର ପୂର୍ବାନୁସୃତ କେତେକ ନାଟ୍ୟରୀତି ପରିହାର କରି ନୂତନ ନାଟ୍ୟରୀତିର ପ୍ରବର୍ତନ କରିଅଛନ୍ତି। ସଂସ୍କୃତ ନାଟକର ପ୍ରସ୍ତାବନା ପରିବର୍ତନରେ ନାଟ୍ୟକାର ଏଥିରେ ଇଂରାଜୀ ନାଟ୍ୟରୀତିର ଅନୁସରଣରେ ଏକ ଆଭାସ ସଂଯୋଜିତ କରିଅଛନ୍ତି। ଗ୍ରୀକ୍ ନାଟକ କୋରସ ବା ସମବେତଗାନ ଅନୁକରଣରେ ଏଥିରେ ପ୍ରଥମଥର ପାଇଁ ଆଦୃଷ୍ଟ କୁମାରୀମାନଙ୍କ ଗାନର ଅବତାରଣା କରାଯାଇଛି। ହାସ୍ୟରସର ଉତ୍ସ ବିଦୂଷକ ଚରିତ୍ରକୁ ବିଦାୟ ଦିଆଯାଇ ସାଧାରଣ ଚରିତ୍ରଗୁଡ଼ିକର ସ୍ୱାଭାବିକ କଥୋପକଥନ ମାଧ୍ୟମରେ ହାସ୍ୟରସ ସୃଷ୍ଟିର ଉଦ୍ୟମ ହୋଇଛି। ନାଟକଟି ସଂସ୍କାରମୂଳକ ଓ ପ୍ରଚାରଧର୍ମୀ ହୋଇଥିବାରୁ ଏହା ଉତ୍ତାଙ୍ଗ ନାଟ୍ୟଗୁଣ ସମ୍ପନ୍ନ ହୋଇ ନ ପାରିବା ସ୍ୱାଭାବିକ।

### ଯୁଗଧର୍ମ

ଏହି ନାଟକର ରଚନା ଅନେକ ଆଗରୁ ଆରମ୍ଭ ହୋଇଥିଲେ ହେଁ ୧୯୦୧ ମସିହାରେ ଏହା ପ୍ରକାଶିତ ଓ ଅଭିନୀତ ହୋଇଥିଲା। ଏହାର ବସ୍ତୁ ନିର୍ବାଚନ ଓ ନାମକରଣରେ ନାଟ୍ୟକାର ବଙ୍ଗଳାର ସୁପ୍ରସିଦ୍ଧ ବ୍ରାହ୍ମଧର୍ମ ପ୍ରଚାରକ ଦେବୀପ୍ରସନ୍ନ ଚୌଧୁରୀଙ୍କ ଯୁଗଧର୍ମ ସମ୍ବନ୍ଧୀୟ ବକ୍ତୃତାରୁ (୧୮୯୧) ପ୍ରେରଣା ଲାଭ କରିଥିବା ବିଷୟ ଅଧ୍ୟାପକ ଗିରିଜା ଶଙ୍କର ରାୟ ସ୍ୱରଚିତ 'ଓଡ଼ିଆ ନାଟ୍ୟକଳା' ପୁସ୍ତକରେ ଉଲ୍ଲେଖ କରିଅଛନ୍ତି। ଦରିଦ୍ର କୃଷକ ନିତ୍ୟାନନ୍ଦର ରୂପସୀ କନ୍ୟା ରାଣୀ ଦୁରାତ୍ମା, ପାପାଚାରୀ ମଠାଧୀଶ ଉଦ୍ଧବ ଦାସଙ୍କ ଦୁର୍ବାର ଇନ୍ଦ୍ରିୟ ଲାଳସାର ଶରବ୍ୟ ହୋଇଛି। ବାବାଜି ହରିଦାସ ଓ ବ୍ରାହ୍ମଧର୍ମାବଲମ୍ବୀ ପ୍ରେମମୟଙ୍କ ସହୟତା କ୍ରମେ ସେ ଏହି ବିପଦରୁ ଆତ୍ମରକ୍ଷା କରିବାକୁ ସମର୍ଥ ହୋଇଥିଲେ ହେଁ କୁସଂସ୍କାରାଚ୍ଛନ୍ନ ସମାଜପତ୍ରିମାନଙ୍କର ନିର୍ଦ୍ଦେଶରେ ନିତ୍ୟାନନ୍ଦ ଓ ତା'ର ପରିବାର ସମାଜରୁ ବାସନ୍ଦ ହୋଇଛନ୍ତି ଏବଂ ରାଣୀର ବିବାହରେ ଘୋର ପ୍ରତିବନ୍ଧକ ସୃଷ୍ଟି କରାଯାଇଛି। ନିତ୍ୟାନନ୍ଦ ଅଗତ୍ୟା ବାଧ୍ୟହୋଇ ବ୍ରାହ୍ମଧର୍ମ ଗ୍ରହଣ କରିଛି ଏବଂ ବ୍ରାହ୍ମ ପଦ୍ଧତି ଅନୁଯାୟୀ ରାଣୀର ବିବାହ ସମ୍ପନ୍ନ ହୋଇଛି। ନାଟକଟି ମୁଖ୍ୟତଃ ସଂସ୍କାରକମୂଳକ ଓ ପ୍ରଚାରଧର୍ମୀ ହୋଇଥିବାରୁ ଏହାର ନାଟ୍ୟଗୁଣ କେତେକାଂଶରେ ବ୍ୟାହତ ହୋଇଛି। ବାବାଜୀ ହରି ଓ ରାଧୀକୁ ଡରାଇବା ଇତ୍ୟାଦି ଦୃଶ୍ୟରେ ନାଟକଟି ପ୍ରହସନର ସ୍ତରକୁ ଓହ୍ଲାଇଛି। ଏହାର ବସ୍ତୁ ବିନ୍ୟାସ ଶିଥିଳବନ୍ଧ ଓ ଚରିତ୍ର ଚିତ୍ରଣ ଦୁର୍ବଳ ହେଲେ ହେଁ ସମସାମୟିକ ଉତ୍କଳ ଗ୍ରାମ୍ୟଜୀବନର ଯେଉଁ ଚିତ୍ର ନାଟ୍ୟକାର ଏଥିରେ ପ୍ରଦାନ କରିଅଛନ୍ତି ତା ଅତ୍ୟନ୍ତ ବାସ୍ତବ ଓ ପ୍ରାଣସ୍ପର୍ଶ ହୋଇଛି। ଜଳକର ଆଦାୟରେ ନିମ୍ନସ୍ଥ କର୍ମଚାରୀମାନଙ୍କର ଅନ୍ୟାୟ ଅତ୍ୟାଚାର ଦ୍ୱାରା ତହସିଲ ପଂଚାୟତଙ୍କ ଜୁଲମ୍, ଜମିଦାରଙ୍କ ସିରସ୍ତାରେ କାମ କରୁଥିବା ଗୁମାସ୍ତାମାନଙ୍କର ଉତ୍ପୀଡନ ଏବଂ ଧର୍ମାଧିକାରୀମାନଙ୍କର ନୈତିକ ସ୍ଖଳନ ଓ ବ୍ୟଭିଚାର ଇତ୍ୟାଦି ସାମାଜିକ ଦୋଷ ଦୁର୍ବଳତା ଉଦ୍‌ଘାଟନରେ ନାଟ୍ୟକାର ଅପୂର୍ବ ସାହସିକତାର ପରିଚୟ ପ୍ରଦାନ କରିଅଛନ୍ତି। ନାଟ୍ୟକାରଙ୍କ ମତରେ ନାଟକ କେବଳ କ୍ଳାନ୍ତି ଅପନୋଦନ ଓ ଚିତ ବିନୋଦର ସାମଗ୍ରୀ ବିଶେଷ ନ ହୋଇ ସମାଜ ସଂସ୍କାର ଓ ଜାତୀୟ ପୁନର୍ନିର୍ମାଣରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିବା ବିଧେୟ।

### କାଂଚନମାଳୀ

୧୯୦୩ରେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଆଧୁନିକ ଉତ୍କଳ ଇତିହାସରେ ଏକ ଅବିସ୍ମରଣୀୟ ଘଟଣା। ଏହା ରାଜ୍ୟ ଅଧିବାସୀଙ୍କ ମଧ୍ୟରେ ନବୀନ ଉତ୍ସାହ ଓ ନୂତନ ପ୍ରେରଣା ସୃଷ୍ଟି କରିଥିଲା। ଏହି ପ୍ରେରଣାର ଫଳ ହେଉଛି 'କାଂଚନମାଳୀ'। ଏହାର ରଚନା ଓ

ଅଭିନୟକାଳ ହେଉଛି ୧୯୦୪ ମସିହା । 'କାଂଚନମାଳୀ' ଓଡ଼ିଆରେ ସର୍ବପ୍ରଥମ ରାଜନୈତିକ ନାଟକ । ଉତ୍କଳ ସମ୍ମିଳନୀର ଜାତୀୟ ଚେତନା ଏବଂ ମଧ୍ୟପ୍ରଦେଶ ସହିତ ଉତ୍କଳର ମିଶ୍ରଣ ପ୍ରସ୍ତାବକୁ କେନ୍ଦ୍ରକରି ଏହା ରଚିତ ହୋଇଅଛି । ଜାତୀୟ ଐକ୍ୟ ପ୍ରତିଷ୍ଠା, ପାଶ୍ଚାତ୍ୟ ଶିକ୍ଷାର ପ୍ରସାର, ସ୍ତ୍ରୀ ଜାତିର ଉନ୍ନତିବିଧାନ, ଅସ୍ପୃଶ୍ୟତା ନିବାରଣ ଓ ଅସବର୍ଣ୍ଣ ବିବାହ ପାଇଁ ଆଦି ସଂସ୍କାରମୂଳକ କାର୍ଯ୍ୟଦ୍ୱାରା ଜାତୀୟ ଜୀବନର ନବନିର୍ମାଣ ଏ ନାଟକର ପ୍ରଧାନ ପ୍ରତିପାଦ୍ୟ ବିଷୟ ।

କାଂଚନମାଳୀ ଏକ ନୋଳିଆ କନ୍ୟା । ରାଜା ପ୍ରତାପରୁଦ୍ର (ଇତିହାସର ପ୍ରତାପରୁଦ୍ର ନୁହଁନ୍ତି) ତାକୁ ଚିଲିକାରେ ବୁଡ଼ି ଯାଇଥିବାବେଳେ ଉଦ୍ଧାରକରି ନିଜର ପାଳିତା କନ୍ୟାରୂପେ ଗ୍ରହଣ କରିଛନ୍ତି ଏବଂ ଉପଯୁକ୍ତ ଶିକ୍ଷାଦେଇ ଲୋକଲୋଚନର ଗୋଚରକୁ ଆଣିଛନ୍ତି । ରାଜାଙ୍କର ପ୍ରେରଣା ଓ ପ୍ରଗତିବାଦୀ ଯୁବକ ସୂର୍ଯ୍ୟମଣିଙ୍କର ସହଯୋଗରେ କାଂଚନମାଳୀ ସମାଜର ନେତୃତ୍ୱ ଗ୍ରହଣ ପାଇଁ ଆଗେଇ ଆସିଛି । ଶେଷରେ ସୂର୍ଯ୍ୟମଣିଙ୍କ ସହିତ କାଂଚନମାଳୀର ବିବାହ ସମ୍ପନ୍ନ ହୋଇଛି । ଏହି ନାଟକରେ ନାଟ୍ୟଶିଳ୍ପ ଅପେକ୍ଷା ଆଦର୍ଶ ପ୍ରତିଷ୍ଠା ଏବଂ ସମାଜ ସଂସ୍କାର ପ୍ରାଧାନ୍ୟ ଲାଭ କରିଛନ୍ତି । ଫଳରେ ନାଟକୀୟ ଦ୍ୱନ୍ଦ ଓ ଚରିତ୍ରଚିତ୍ରଣ ବ୍ୟାହତ ହୋଇଛି । ଚରିତ୍ରଗୁଡ଼ିକ ବିଭିନ୍ନ ତତ୍ୱ ଓ ମତବାଦର ବାହକ ହେବା ଫଳରେ ଅତ୍ୟନ୍ତ ନିର୍ଜୀବ ଓ ପ୍ରାଣହୀନ ହୋଇପଡ଼ିଛନ୍ତି । ତତ୍ୱ ଓ ମତବାଦ ଦୃଷଟିରୁ କାଂଚନମାଳୀର ମୂଲ୍ୟ ଯାହା ହେଉନା କାହିଁକି ନାଟ୍ୟକଳା ଦୃଷ୍ଟିରୁ ଏହା ବିଶେଷ ଉପରକୁ ଉଠିପାରି ନାହିଁ । ଏଥିରେ ଦ୍ୱନ୍ଦ୍ୱର ଆଭାସ କ୍ଷୀଣ ଓ ଚରିତ୍ର ଚିତ୍ରଣ ଦୁର୍ବଳ । ସଂଳାପ ପ୍ରାଣହୀନ ଏବଂ ସଙ୍ଗୀତଗୁଡ଼ିକ ନିରସ ଓ ଗଦ୍ୟଭାବାପନ୍ନ ।

**ଲୀଳାବତୀ :**

ଏହାର ରଚନା ଓ ଅଭିନୟ କାଳ ୧୯୧୨ । ଏଥିରେ ବାଳବିଧବା ଲୀଳାବତୀର ଜୀବନ କାହାଣୀ ଚିତ୍ରିତ ହୋଇଅଛି । ମାତାଙ୍କ ମୃତ୍ୟୁପରେ ଧନୀକ କନ୍ୟା ଲୀଳାବତୀ ରାଜ୍ୟରେ ଶିକ୍ଷା ପ୍ରସାରକୁ ନିଜ ଜୀବନର ବ୍ରତ ରୂପେ ଗ୍ରହଣ କରିନେଇଛି । ଶେଷରେ ଆର୍ଯ୍ୟଧର୍ମ ପ୍ରଚାରକ ସ୍ୱାମୀ ବ୍ରହ୍ମାନନ୍ଦଙ୍କ ପ୍ରଯତ୍ନରେ ଉଚ୍ଚ ଶିକ୍ଷିତ ମାଧବ ମିଶ୍ରଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହୋଇଛି । ବିଧବା ବିବାହର ଯଥାର୍ଥତା ପ୍ରତିପାଦନ ଏ ନାଟକର ପ୍ରଧାନ ଲକ୍ଷ୍ୟ । ରାମଶଙ୍କରଙ୍କର ଅପର ତିନିଗୋଟି ସାମାଜିକ ନାଟକ ସଦୃଶ ଏହା ମଧ୍ୟ ଏକ ଉଦ୍ଦେଶ୍ୟମୂଳକ ଓ ସଂସ୍କାରଧର୍ମୀ ନାଟକ । ଆଦର୍ଶ ଓ ମତବାଦର ପ୍ରତିଷ୍ଠା ଏହି ନାଟକର ମୂଳଲକ୍ଷ୍ୟ ହୋଇଥିବାରୁ ଏହାର ଶିଳ୍ପ ପାଟବ ତଥା ଚରିତ୍ର ଚିତ୍ରଣ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି । ଅମିତ୍ରାକ୍ଷର ଛନ୍ଦର ବହୁଳ ପ୍ରୟୋଗଦ୍ୱାରା ନାଟକୀୟ ସଂଳାପର ସ୍ୱାଭାବିକତା କେତେକାଂଶରେ କ୍ଷୁର୍ଣ୍ଣ ହୋଇଛି ।

ଉପରୋକ୍ତ ନାଟକଗୁଡ଼ିକ ବ୍ୟତୀତ ରାମଶଙ୍କର 'ବଡ଼ଲୋକ' ଓ 'ବିଶ୍ୱଯଜ୍ଞ' ନାମରେ ଦୁଇଟି ଯାତ୍ରା ମଧ୍ୟ ପ୍ରଣୟନ କରିଥିଲେ । ମଧୁବାବୁଙ୍କ ପ୍ରତିଷ୍ଠିତ କୁଟୀର ଶିଳ୍ପ ଓ ଜାତୀୟ କଂଗ୍ରେସ ତଥା ବଙ୍ଗ ବିଚ୍ଛେଦ ଆନ୍ଦୋଳନକୁ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ଏହି ଯାତ୍ରା ଦୁଇଟି ରଚିତ ହୋଇଥିଲା । ଯାତ୍ରା ହେଲେ ହେଁ ପ୍ରସ୍ତାବନା, ଅଦୃଷ୍ଟ କୁମାରୀ ସଙ୍ଗୀତ, ଅଙ୍କ ଓ ଦୃଶ୍ୟ ବିଭାଗ ପଟ୍ଟପରିବର୍ତନ ଇତ୍ୟାଦି ନାଟକର ବିବିଧ ଆଙ୍ଗିକର ପ୍ରୟୋଗ ଏଗୁଡ଼ିକରେ କରାଯାଇଛି ।

ନିର୍ଦ୍ଦୋଷ ଆମୋଦ ସଙ୍ଗେ ଶିକ୍ଷାଦାନ ଥିଲା ରାମଶଙ୍କରଙ୍କର ନାଟକ ରଚନାର ମୂଳଲକ୍ଷ୍ୟ । ତାହାଙ୍କ ଗ୍ରନ୍ଥାବଳୀର ମୁଖବନ୍ଧରେ ସେ ଲେଖିଛନ୍ତି "ସତ୍‌ଶିକ୍ଷାଦେବୀ ମୋର ପ୍ରଧାନ ଉଦ୍ଦେଶ୍ୟ ଥିବାରୁ ଦେବ, ସ୍ମୃତି ତଥା ରାମାୟଣ, ମହାଭାରତ, ଭାଗବତ, ଚୈତନ୍ୟ ଚରିତାମୃତ, ଗୀତଗୋବିନ୍ଦ ଓ ଇତିହାସ ପାଠକରି ଲୋକଙ୍କ ଆଗରେ ତହିଁରୁ ସ୍ୱାଦୁ ନାଟକ ଆକାରରେ ବାଢ଼ିଅଛି ।" ଶିକ୍ଷା ବା ଆଦର୍ଶ ଅସ୍ପୃହଣୀୟ ନୁହେଁ । ଯଥାର୍ଥରେ ଶ୍ରେଷ୍ଠ କାବ୍ୟ ମାତ୍ରେ ପରିମାଣରେ ଶିକ୍ଷାପ୍ରଦ । ନାଟ୍ୟଶାସ୍ତ୍ର ପ୍ରଣେତା ଭରତ ଲୋକଶିକ୍ଷାକୁ ଦୃଶ୍ୟକାବ୍ୟର ଅନ୍ୟତମ ପ୍ରଧାନ ଉଦ୍ଦେଶ୍ୟ ରୂପେ ଗ୍ରହଣ କରିଅଛନ୍ତି । ସେଥିପାଇଁ ଯେ ଏହା ନାମ ରଖିଅଛନ୍ତି ନାଟ୍ୟବେଦ । ଏହାର ଅର୍ଥ ହେଉଛି ଯେ ବେଦ ସଦୃଶ ନାଟକ ମଧ୍ୟ ଜ୍ଞାନ ଓ ଶିକ୍ଷାପ୍ରଦ । କିନ୍ତୁ ଯେଉଁଠି ଶିକ୍ଷା ଓ ଆଦର୍ଶ ନିୟମ ନ ହୋଇ ନିୟାମକର ଭୂମିକା ଗ୍ରହଣ କରେ ସେଠି କଳା ବ୍ୟାହତ ହୁଏ । ତାହା ଜୀବନଧର୍ମୀ ଓ ସୃଷ୍ଟିଧର୍ମୀ ନ ହୋଇ ପ୍ରଚାର ଓ ସଂସ୍କାରଧର୍ମୀ ହୋଇପଡ଼େ । ରାମଶଙ୍କରଙ୍କର ଅଧିକାଂଶ ନାଟକର ଦଶା ତାହାହିଁ ହୋଇଛି । କଳାର ପ୍ରୟୋଜନ ସେମାନେ ମେଂଟାଇଛନ୍ତି ସିନା କାଳଜୟୀ ହୋଇପାରିନାହାନ୍ତି । ତାଙ୍କର ଅଧିକାଂଶ ନାଟକ ଆଜିକାର ରଙ୍ଗମଂଚରେ ସଂପୂର୍ଣ୍ଣ ଅଚଳ ବୋଲି କହିଲେ ଭୁଲ ହେବନାହିଁ । ତତ୍ୱ ଓ ମତବାଦ ପ୍ରାଧାନ୍ୟ ଲାଭ କରିବା ଫଳରେ ତାହାଙ୍କ ନାଟକର ଚରିତ୍ରସମୂହ ବହୁ ସ୍ଥଳରେ ନିର୍ଜୀବ ଓ ନିଷ୍ପ୍ରଭ ହୋଇ ପଡ଼ିଛନ୍ତି । ମୁଣ୍ଡଟେକି କଥା କହିବାକୁ ଆଜି ସେଗୁଡ଼ିକର ସାମର୍ଥ୍ୟ ନାହିଁ । ଅଥଚ ତାହାଙ୍କ ସାମସମୟିକ ଫକୀର ମୋହନଙ୍କ ଉପନ୍ୟାସର ଚରିତ୍ରଗୁଡ଼ିକ ଏହାର ଠିକ୍ ଓଲଟା । ସେଗୁଡ଼ିକ ଆଜି ବି ଜୀବିତ ଏବଂ ସେମାନଙ୍କର କଣ୍ଠଧ୍ୱନି ଆଜି ମଧ୍ୟ ଉତ୍କଳର ପୁରପଲ୍ଲୀରେ ପ୍ରତିଧ୍ୱନିତ । ରାମଶଙ୍କରଙ୍କର ଚରିତ୍ର ସୃଷ୍ଟି ଯେ କେବଳ ଦୁର୍ବଳ ତାହା ନୁହେଁ ସଂଳାପ ଓ ଭାଷା ମଧ୍ୟ ବହୁ ତ୍ରୁଟିଯୁକ୍ତ । ଦୀର୍ଘ ଭାଷଣ, ସ୍ୱଗତୋକ୍ତି ଏବଂ କାବ୍ୟ ଓ ପ୍ରବନ୍ଧ ସୁଲଭ ଅତିଶୟୋକ୍ତିଦ୍ୱାରା ତାହା ଏପରି ଭାରାକ୍ରାନ୍ତ ଯେ ନାଟକରେ ଗତି ଓ ଶକ୍ତିର ସଂଚର କରାଇବା ପାଇଁ ତାହା ସର୍ବଥା ଅକ୍ଷମ । ଫଳରେ ଅନେକ ସ୍ଥାନରେ ନାଟକୀୟ ସଂଳାପ କେବଳ ଉକ୍ତି ପ୍ରତ୍ୟୁକ୍ତି ସମ୍ବଳିତ କଥୋପକଥନରେ

ପର୍ଯ୍ୟବସିତ ହୋଇଅଛି । ଅମିତ୍ରାକ୍ଷର ଛନ୍ଦର ଯଥେଷ୍ଟ ବ୍ୟବହାରଦ୍ୱାରା ସଂଳାପ ତା'ର ସ୍ୱାଭାବିକତା ହରାଇ କୃତ୍ରିମ ହୋଇପଡ଼ିଛି । ସଙ୍ଗୀତର ବାହୁଲ୍ୟ ତାଙ୍କ ନାଟକଗୁଡ଼ିକୁ ଯାତ୍ରା ସ୍ତରକୁ ଘେନି ଯାଇଛି । ସଙ୍ଗୀତଗୁଡ଼ିକ ମଧ୍ୟ ବହୁ ସ୍ଥଳରେ ଗଦ୍ୟ ଧର୍ମୀ, ତେଣୁ ଦର୍ଶକମାନଙ୍କର ହୃଦୟକୁ ସ୍ପର୍ଶ କରିବା ପାଇଁ ସଂପୂର୍ଣ୍ଣ ଅକ୍ଷମ । ଏହି ସମସ୍ତ ତ୍ରୁଟି ବିଚ୍ୟୁତି ସତ୍ୱେ ଓଡ଼ିଆ ନାଟ୍ୟ ସାହିତ୍ୟର ଜନକ ଓ ପଥ ପ୍ରଦର୍ଶକ ରୂପେ ରାମଶଙ୍କର ଓଡ଼ିଆ ଜାତିର ଚିର ନମସ୍ୟ । ଅଗାଧ ସମୁଦ୍ର ମଧ୍ୟରେ ଆଲୋକ ସ୍ତମ୍ଭ ଭଳି ସେ ସୃଷ୍ଟି କରାଯାଇଥିବା ନାଟ୍ୟ ପରମ୍ପରାର ସମୂହ ବହୁକାଳ ପର୍ଯ୍ୟନ୍ତ ଓଡ଼ିଆ ନାଟ୍ୟକାରମାନଙ୍କର ପଥପ୍ରଦର୍ଶକ ହୋଇଥିଲା । ଏବେ ମଧ୍ୟ ସେଗୁଡ଼ିକର ପ୍ରଭାବ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇନାହିଁ । ନିମ୍ନରେ ରାମଶଙ୍କର ସୃଷ୍ଟି କରିଯାଇଥିବା କେତୋଟି ନାଟ୍ୟ ପରମ୍ପରା ଉଲ୍ଲେଖ କରାଯାଉଅଛି ।

ନାଟକରେ ସଙ୍ଗୀତ ଓ ଅମିତ୍ରାକ୍ଷର ଛନ୍ଦର ବହୁଳ ପ୍ରୟୋଗ ପ୍ରଥମେ ରାମଶଙ୍କର ହିଁ କରିଥିଲେ । ପୂର୍ଣ୍ଣ ଓ ଭଙ୍ଗ ଅମିତ୍ରାକ୍ଷର ଛନ୍ଦ ବହୁକାଳ ପର୍ଯ୍ୟନ୍ତ ଓଡ଼ିଆ ନାଟକରେ ବ୍ୟବହୃତ ହେବା ପରେ ଏବେ ତାହା ପରିତ୍ୟକ୍ତ ହୋଇଅଛି । ନାଟକରେ ସଙ୍ଗୀତ ପ୍ରୟୋଗ ମୂଳରେ ଅଛି ଯାତ୍ରାର ପ୍ରଭାବ । ଅତ୍ୟାଧୁନିକ ଅଳ୍ପ କେତୋଟି ନାଟକକୁ ଛାଡ଼ିଦେଲେ ସଙ୍ଗୀତ ଏବେ ମଧ୍ୟ ଓଡ଼ିଆ ନାଟକର ଏକ ଅଭିଚ୍ଛେଦ୍ୟ ଅଙ୍ଗ ହୋଇ ରହିଅଛି । ଗ୍ରୀକ୍ କୋରସ ବା ସମବେତ ଗାନର ଅନୁକରଣରେ ରାମଶଙ୍କର ଯେଉଁ ଅଦୃଷ୍ଟ କୁମାରୀମାନଙ୍କର ଗାନ ପ୍ରଚଳନ କରାଇଥିଲେ ତାହା ବହୁକାଳ ପର୍ଯ୍ୟନ୍ତ ଓଡ଼ିଆ ନାଟକର କଳେବର ମଣ୍ଡିତ କରିଥିଲା । ଦୀର୍ଘ ପ୍ରସ୍ତାବନା ପରିବର୍ତ୍ତେ ଏକ କ୍ଷୁଦ୍ର ଆଭାସ ସଙ୍ଗୀତ ଦ୍ୱାରା ନାଟକୀୟ ବିଷୟବସ୍ତୁର ଅବତାରଣା ରୀତି ରାମଶଙ୍କର ହିଁ ପ୍ରଥମେ ପ୍ରଚଳନ କରିଥିଲେ । ପରବର୍ତ୍ତୀ କାଳରେ ବହୁ ବରେଣ୍ୟ ନାଟ୍ୟକାର ଏହାର ଅନୁସରଣ କରିଛନ୍ତି ଏବଂ ଏବେ ମଧ୍ୟ ତାହା ବିଲୁପ୍ତ ହୋଇନାହିଁ । ବିଦୂଷକ କିମ୍ବା ସେହିପରି କୌଣସି ଟାଇପ୍ ଚରିତ୍ରର ଅବତାରଣା ବିନା ନାଟକ ବର୍ଣ୍ଣିତ ସାଧାରଣ ଚରିତ୍ରମାନଙ୍କର ସ୍ୱାଭାବିକ କଥୋପକଥନ ମାଧ୍ୟମରେ ହାସ୍ୟରସର ସୃଷ୍ଟିର ଆଧୁନିକ ପଦ୍ଧତି ରାମଶଙ୍କର ପ୍ରଥମେ ତାହାଙ୍କ ସାମାଜିକ ହାସ୍ୟରସର ସୃଷ୍ଟିର ଆଧୁନିକ ପଦ୍ଧତି ରାମଶଙ୍କର ପ୍ରଥମେ ତାହାଙ୍କ ସାମାଜିକ ନାଟକଗୁଡ଼ିକର ପ୍ରୟୋଗ କରିଥିଲେ ।

**ସହାୟକ ଗ୍ରନ୍ଥସୂଚୀ :**


- ମହାରଣା, ସୁରେନ୍ଦ୍ର – ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶାବୁକ୍‌ଷ୍ଟୋର, ବିନୋଦବିହାରୀ, କଟକ-୭୫୩୦୦୨, ୧ମ ସଂସ୍କରଣ-୨୦୦୧, ୨ୟ ସଂସ୍କରଣ-୨୦୧୦, ୩ୟ ସଂସ୍କରଣ –୨୦୧୫.
- ଦାଶ, ସର୍ବେଶ୍ୱର – ଓଡ଼ିଆ ନାଟ୍ୟ ସାହିତ୍ୟ, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୧ମ ସଂସ୍କରଣ – ୧୯୮୧ ।
- ମହାପାତ୍ର, ପ୍ରେମାନନ୍ଦ- ଓଡ଼ିଆ ସାହିତ୍ୟର ଇତିହାସ, ସତ୍ୟନାରାୟଣ ବୁକ୍‌ଷ୍ଟୋର, ବିନୋଦା ବିହାରୀ, କଟକ-୨, ୫ମ ସଂସ୍କରଣ ୨୦୧୯ ।


❖ ❖ ❖

DOI : https://doi.org/10.5281/zenodo.15674366 ମୂଳ ପ୍ରବନ୍ଧ

# ୧୮୮୦-୨୦୦୦ ମସିହାର କାବ୍ୟକବିତାରେ ଇତିହାସର ସ୍ୱର : ଏକ ପରିଚିତି

**ସବ୍ୟସାଚୀ ସାହୁ**

**ସଂକ୍ଷିପ୍ତସାର :**

ଇତିହାସ ରଚନା ଏକ କଳାତ୍ମକ ଅଭିବ୍ୟକ୍ତି । ଇତିହାସ ବାସ୍ତବ ଘଟଣାବଳୀକୁ ସାମ୍ପ୍ରତିକ ପ୍ରେକ୍ଷାପଟରେ ଅତୀତକୁ ରୋମନ୍ଥନ କରି ଗତ, ମୃତ, ହୃତ ଗୌରବକୁ ପୁନଃର୍ଜୀବିତ କରିପାରୁଥିବା ଏକ ଭବ୍ୟ ସୃଜନତା ଅତଳ ଗର୍ଭରେ ଲୀନ ବୀର, ଅବୀର, ଗାଥା, ସମାଜ, ସଂସ୍କୃତି, ଜୀବନ ଶୈଳୀ, ଜୀବନଚର୍ଯ୍ୟା ପ୍ରଭୃତିର ନିର୍ଯ୍ୟାସ ବ୍ୟାଖ୍ୟା । ଅତୀତର ପ୍ରତ୍ୟେକ ଘଟଣାବଳୀକୁ ବୈଜ୍ଞାନିକ ପଦ୍ଧତିରେ ଆବିଷ୍କାର କରିବା ହେଉଛି ଇତିହାସ । ଆଲୋଚକ ବ୍ରିଆଁନ୍ ଯୋଶୀ'ଙ୍କ " "ଦି ହ୍ୟାଣ୍ଡବୁକ୍ ଅଫ ହିଷ୍ଟିକାଲ୍" ପୁସ୍ତକରେ – " "ଇତିହାସ ହେଉଛି ଅନୁସନ୍ଧାନ ବା ଅନୁସନ୍ଧାନ ଦ୍ୱାରା ପ୍ରାପ୍ତ ଜ୍ଞାନ" ପ୍ରତ୍ୟେକ ବ୍ୟକ୍ତିର ଏକ ଜୀବନ ଅତୀତ ରିହିଥାଏ, ଯାହାକି ଭବିଷ୍ୟତ ଓ ବର୍ତ୍ତମାନ ଉପରେ ପ୍ରଭାବ ପକାଇଥାଏ। ପ୍ରତ୍ୟେକ ବ୍ୟକ୍ତି ପରି ସମସ୍ତ ସମାଜ, ଜାତି, ପ୍ରଦେଶ, ଅଂଚଳର ଏକ ଅକଳ୍ପନୀୟ ଇତିହାସର ପୃଷ୍ଠା ରହିଥାଏ । ଏହି ଇତିହାସ ବିକଶିତ ସଭ୍ୟତାର ମାନ ମୂଲ୍ୟାଙ୍କନ କରିଥାଏ, ଉନ୍ନତିରୁ ଉନ୍ନତ୍ତର ଦିଗକୁ ଗତି କରିଥାଏ । ସ୍ୱ – ଇତିହାସକୁ ସର୍ବେ ଶୀର୍ଷରେ ରଖିଥାନ୍ତି, ଠିକ୍ ସେହିପରି ମଧ୍ୟ ଶୀର୍ଷ ସ୍ଥାନ ପ୍ରଦାନ କରିଥାନ୍ତି । ଏହି ଜାତିର ଇତିହାସକୁ ଉପଜୀବ୍ୟ କରି ଅନେକ ପୋଥି, ଆଲୋଚନା, ସମୀକ୍ଷାଗ୍ରନ୍ଥ ରଚିତ ହୋଇଅଛି । ସ୍ମୃତି ବିଲୋକିତ ଅତୀତ ବର୍ତ୍ତମାନ ପାଇଁ କର୍ମ ପ୍ରେରଣାର ଉତ୍ସ । ମୃତ୍ୟୁ ସଂଜୀବନୀ ଭଳି ମୁହୂର୍ତ୍ତୁ ପ୍ରାଣକୁ ଜୀବନର ଶତରଙ୍ଗ ବିଭାଗରେ ବିଭୂଷିତ କରିଥାଏ । ଇତିହାସ ତେଣୁ ଚିର ବନ୍ଦ୍ୟ ଓ ଇପସିତ ହୋଇଥାଏ । ଯେଉଁଠି ସନ, ତାରିଖ, ମସିହା ଓ ଘଟଣାର ସଂକୀର୍ଣ୍ଣ ପରିବେଷ୍ଟନୀ ଖୋଜାଯାଏ, ସେଠି ଇତିହାସ ବିରାଗ ଭାଜନ ହୋଇଯାଏ । ଇତିହାସ ବିବର୍ତ୍ତନର ଏକ ରୂପ ବୋଲି କୁହାଯାଇପାରେ । ଇତିହାସ ରତ୍ନକୁ ପାଠକର ହୃଦଦେଶରେ ଶୋଭିତ କରିବା ନିମିତ୍ତ ଅନେକ କାରୁକାର୍ଯ୍ୟ ଓ ଅସଂଖ୍ୟ ସବୁଜ, ନାଲି, ନୀଳ ମୋତିର ଆବଶ୍ୟକତା ହୋଇପଡ଼ିଛି । ଫଳରେ ସାହିତ୍ୟରେ ଐତିହାସିକ, କାବ୍ୟ, କବିତା, ନାଟକ, ଏକାଙ୍କିକା ଆବିର୍ଭାବ ହୋଇଛି । ଦେଶ ଓ ଜାତିର ସଙ୍କଟ କାଳରେ ଐତିହାସିକ ସାହିତ୍ୟର ସୃଷ୍ଟି । ଏକଦା ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମ କରିଥିବା ଜାତି ଘନଘନ ବୈଦେଶିକ ଆକ୍ରମଣ ଓ ଲୁଣ୍ଠନ ତଥା ଇର୍ଷାପରାୟଣ ପ୍ରତିବେଶୀ ରାଜ୍ୟ ସମୂହର ଚକ୍ରାନ୍ତର ଚକ୍ରବ୍ୟୂହରେ ଯେତେବେଳେ ଅବଶ ହୋଇପଡ଼ିଲା ତା'ପ୍ରାଣରେ ଜାତୀୟତା ବହ୍ନି ପ୍ରଜ୍ୱଳନ ପୂର୍ବକ ପୁଣି ହୃତମୃତ ଗୌରବକୁ ଫେରାଇ ଆଣିବାପାଇଁ ଅନେକ ବୁଦ୍ଧିଜୀବୀ ସାହିତ୍ୟିକ ଇତିହାସକୁ ଅମୋଘ ଆୟୁଧ ରୂପେ ଗ୍ରହଣ କରିନେଲେ ।

ଇତିହାସ ଓ ସାହିତ୍ୟ ପରସ୍ପର ଜଡ଼ିତ । ସ୍ୱ-ଇତିହାସକୁ ସର୍ବେ ଶୀର୍ଷରେ ରଖିଥାନ୍ତି ଠିକ୍ ସେହିପରି ସାହିତ୍ୟକୁ ମଧ୍ୟ ଶୀର୍ଷସ୍ଥାନ ପ୍ରଦାନ କରିଥାନ୍ତି । ଏହି ଇତିହାସକୁ କେନ୍ଦ୍ରକରି ଅନେକ ପୋଥି,

**ଯୋଗାଯୋଗ :**
**ସବ୍ୟସାଚୀ ସାହୁ**, ଗବେଷକ
ଶିକ୍ଷା ଓ ଅନୁସନ୍ଧାନ, ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର,
**Email**: sabyasahu229@gmail.com
**ORCID ID:** https://orcid.org/0009-0006-9037-957X

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୩.୨୦୨୫ | ୧୧.୦୪.୨୦୨୫ | ୨୫.୦୫.୨୦୨୫ | ୧.୦୬.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ସବ୍ୟସାଚୀ, ୨୦୨୫ । ୧୮୮୦–୨୦୦୦ ମସିହାର କାବ୍ୟକବିତାରେ ଇତିହାସର ସ୍ୱର : ଏକ ପରିଚିତି । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା: ଗ, ପୃଷ୍ଠା : ୪୪–୪୮ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at :
https://pracheenews.com/

DOI:
https://doi.org/10.5281/zenodo.15674366
Article No - BPP00309

ଆଲୋଚନା, ସମୀକ୍ଷା ଗ୍ରନ୍ଥ ଗୁଡ଼ିକ ରଚିତ ହୋଇଛି । ଭାରତୀୟ ସାହିତ୍ୟରେ ଇତିହାସକୁ କେନ୍ଦ୍ରକରି ଅନେକ ଗ୍ରନ୍ଥ ରଚିତ ହୋଇଅଛି। ଇତିହାସର ଅନେକ ଘଟଣା, ଚରିତ୍ରକୁ ଆଧାରକରି ସୃଷ୍ଟି ହୋଇଛି ଅନେକ କାବ୍ୟ କବିତା, ନାଟକ, ଏକାଙ୍କିକା, ଉପନ୍ୟାସ, ଗଳ୍ପ ପ୍ରଭୃତି। କେତେବେଳେ ସାହିତ୍ୟିକ ଇତିହାସକୁ କେନ୍ଦ୍ରକରି ଲେଖେ ତ ! କେତେବେଳେ ଇତିହାସର ଘଟଣା ଚରିତ୍ରକୁ ଆଧାରକରି ପରୋକ୍ଷ ଭାବେ ସାହିତ୍ୟ ସୃଜନରୁ ଝରିପଡ଼େ । ତତ୍ ପରି କାବ୍ୟ କବିତାରେ ବର୍ଣ୍ଣିତ ଇତିହାସ ଜୀବନ୍ତ ଭାବରେ ଲେଖନୀରୁ ବର୍ଣ୍ଣନା ଶୈଳୀ ପ୍ରୟୋଗରୁ ପ୍ରତ୍ୟକ୍ଷ ଅନୁଭୂତ କରାଏ । ଆଲୋଚ୍ୟ ସମୀକ୍ଷାରେ ଓଡ଼ିଶା ଇତିହାସ, ଭାରତ ଇତିହାସ, ପୃଥିବୀ ଇତିହାସକୁ ଆଧାର କରାଯାଇଛି ।

**ପ୍ରମୁଖ ଶବ୍ଦାବଳୀ :**

ସଂସ୍କୃତି, ଯୁଦ୍ଧ, ଇତିହାସ, ଐତିହ୍ୟ, ବୈରାଗ୍ୟ, ନିର୍ବାଣ, ସମର, ସ୍ୱର, ଗୌରବ।

**ବିଷୟବସ୍ତୁ :**

ଭାରତୀୟ ସାହିତ୍ୟରେ ଇତିହାସଭିତ୍ତିକ ରଚନାର ସଂଖ୍ୟା ଅତ୍ୟନ୍ତ ସୀମିତ । ଜଣେ ଐତିହାସିକ କହିଛନ୍ତି – "ହିନ୍ଦୁମାନେ ଐତିହାସିକତା ପ୍ରତି ଆଦୌ ମନଯୋଗୀ ନୁହଁନ୍ତି, ଘଟଣାର ଧାରାବାହିକତା ପ୍ରତି ସେମାନେ ସର୍ବଦା ବିତସ୍ପୃହ" । ପୁରାଣରୁ ବିଷୟ ସଂଗ୍ରହ କରି ଅଳଙ୍କାରଶାସ୍ତ୍ରୀମାନଙ୍କ ଦୃଢ଼ ନିର୍ଦ୍ଦେଶ ଯୋଗୁଁ ବାସ୍ତବ ଘଟଣାକୁ କାବ୍ୟରେ ସ୍ଥାନଦେବାପାଇଁ ଆଦୌ ଉତ୍ସାହିତ ନୁହେଁ, ତେଣୁ ଇତିହାସର ନିଷ୍କାରୁ ସତ୍ୟକୁ ଭିତ୍ତିକରି ଶୃଙ୍ଗାର ରସପୂର୍ଣ୍ଣ କାବ୍ୟରଚନା ଏକ କଷ୍ଟକର ବ୍ୟାପାର। ସଂସ୍କୃତ ସାହିତ୍ୟରେ ଏପ୍ରକାର ଆଦର୍ଶର ବିରଳତା ହେତୁ ଓଡ଼ିଆ କବିମାନେ ଇତିହାସ ଭିତ୍ତିକ କାବ୍ୟ ରଚନାରୁ ନିବୃତ୍ତ ରହିବା ଶ୍ରେୟସ୍କର ବୋଲି ମାନିନେଇଛନ୍ତି । ବ୍ରଜନାଥ ବଡ଼ଜେନାଙ୍କ "ସମର ତରଙ୍ଗ' (୧୭୩୦-୧୮୦୦) ଐତିହାସିକ କାବ୍ୟ ଭାବରେ ଏକାନ୍ତ ସମର୍ଥ । ଏଥିରେ ସାତୋଟି ଅଧ୍ୟାୟ ରହିଛି । ଢେଙ୍କାନାଳ ରାଜାଙ୍କ ସହିତ ମରହଟ୍ଟାମାନଙ୍କ ଲାଗିରହିଥିବା ଯୁଦ୍ଧର ବିଷୟବସ୍ତୁ ଏ କାବ୍ୟରେ ବର୍ଣ୍ଣିତ ହୋଇଅଛି । କବି ନୃସିଂହଚରଣ କବିଚନ୍ଦ୍ର ରାୟଗୁରୁଙ୍କ ପ୍ରଣୀତ ବୁଢ଼ାପଙ୍କ ଯୁଦ୍ଧ ପୋଥି ବା ରାଜା ସୋମନାଥ ସିଂହଦେବ, ବାସୁଦେବ ତ୍ରିପାଠୀଙ୍କ "ବୀର' ପରାକ୍ରମ' ଏଥିରେ ରଣନୀତି ବର୍ଣ୍ଣିତ ହୋଇଛି । ଉନବିଂଶ ଶତାବ୍ଦୀରେ ପ୍ରଥମାର୍ଦ୍ଧରେ ପୁରୀର 'ଜଗନ୍ନାଥ ଐତିହାସିକ ଗବେଷଣା ସମିତି' ଆନୁକୂଲ୍ୟରେ କହ୍ନାଇ ଚମ୍ପତିରାୟଙ୍କ ବାରଟି ଅଧ୍ୟାୟ ବିଶିଷ୍ଟ 'ପାଇକଖେଦା' ପୁସ୍ତକ, ଓଡ଼ିଶାର ସାମାରିକ ଐତିହ୍ୟର ସୂଚନା ଦିଏ । ୧୮୦୩ ମସିହାରେ ନୟାଗଡ଼ ରାଜା ବ୍ରଜବନ୍ଧୁସିଂହ ସାମନ୍ତଙ୍କୁ ଯୁଦ୍ଧରେ ଘୁମୁଶୁର ରାଜା ଶ୍ରୀକର ଭଞ୍ଜଙ୍କୁ ପରାଜିତ କରିବାର ଘଟଣାକୁ ନେଇ 'ଯୁଦ୍ଧଗୀତି' କାବ୍ୟ ରଚିତ । ପୁରୀର କବି ମଧୁସୂଦନ ବିପ୍ର ୧୮୪୩ରେ 'ଫିରିଙ୍ଗି କଳି ଭାରତ', ଭୁବନେଶ୍ୱର ମିଶ୍ରଙ୍କ 'ଭବାନୀ', ସୁନ୍ଦରମଣିଙ୍କ 'ପଦ୍ମାବତୀ' କାବ୍ୟ ଇତ୍ୟାଦି ।

ଓଡ଼ିଆ କାବ୍ୟକବିତାରେ ଇତିହାସର ପ୍ରଭାବର ପ୍ରାରମ୍ଭ ହୁଏ ପ୍ରାଚୀନ ସାହିତ୍ୟରୁ । ଇତିହାସର ନିଷ୍କରୁ ସତ୍ୟକୁ ଭିତ୍ତିକରି ଶୃଙ୍ଗାର ରଚନା ଏକ କଷ୍ଟକର ବ୍ୟାପାର, ତେଣୁ ସଂସ୍କୃତ ସାହିତ୍ୟରେ ଏପ୍ରକାର ଆଦର୍ଶର ବିରଳତା ହେତୁ ପ୍ରାଚୀନ କବିମାନେ ଇତିହାସ ଚେତନା ଭିତ୍ତିକ କାବ୍ୟ ରଚନାରୁ ନିବୃତ୍ତ ରହିବା ଶ୍ରେୟସ୍କର ବୋଲି ମାନି ନେଇଛନ୍ତି । ପ୍ରାଚୀନ କାବ୍ୟରେ କେତୋଟି ହାତଗଣତି ପୁସ୍ତକରେ ଇତିହାସର ସ୍ୱର ଦେଖିବାକୁ ମିଳେ । ଆଧୁନିକ ଓଡ଼ିଆ କାବ୍ୟ କବିତାରେ ଯଥେଷ୍ଟ ପରିମାଣରେ ଇତିହାସର ସ୍ୱର ଶୁଣିବାକୁ ମିଳେ । ରାଧାନାଥ ରାୟ ତାଙ୍କ କେତେକ କାବ୍ୟରେ ଐତିହାସିକ ଚରିତ୍ର ଓ ଘଟଣାକୁ ଆଧାରକରି ନବ ମୂଲ୍ୟାୟନ କରିଛନ୍ତି । କେଉଁଠି ଚରିତ୍ର ତ ! ଆଉ କେଉଁଠି ଘଟଣା/ପୃଷ୍ଠଭୂମିକୁ ଆଧାରକରି ସେ ସାହିତ୍ୟରେ ଇତିହାସକୁ ମୂଲ୍ୟାଙ୍କନ କରିଛନ୍ତି । ରାଧାନାଥ ରାୟଙ୍କ 'କେଦାରଗୌରୀ' କାବ୍ୟରେ ଲଲାଟେନ୍ଦୁ କେଶରୀ ବାସ୍ତବ ଚରିତ୍ର । 'ମାଦଳାପାଞ୍ଜି' ଓ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ 'ଓଡ଼ିଶା ଇତିହାସ' ପ୍ରମାଣ କରେଯେ ଲଲାଟେନ୍ଦୁ କେଶରୀ ଭୁବେନେଶ୍ୱର ଓ ଅନେକ ମନ୍ଦିର ନିର୍ମାଣ କରିଥିଲେ । 'ନନ୍ଦୀକେଶରୀ' କାବ୍ୟରେ ଚୋଡ଼ଗଙ୍ଗଦେବ ଜଣେ ଐତିହାସିକ ଚରିତ୍ର ହେଲେ ଘଟଣାରେ କାଳ୍ପନିକତା ଅଧିକ ପରିମାଣରେ ପଶିଯାଇଛି, ଏ ଚରିତ୍ରର ଅବତାରଣା ନାମମାତ୍ର । ସେହିପରି 'ଚିଲିକା' କାବ୍ୟରେ କିଛି ସତ୍ୟତା ରହିଅଛି । ରାଜା ପୁରୁଷୋତ୍ତମ ଦେବ ଓ ପଦ୍ମାବତୀଙ୍କ କିଛି ଘଟଣାରେ ସତ୍ୟତା ରହିଛି । 'ଯଯାତିକେଶରୀ' କାବ୍ୟରେ ଯଯାତିର ଓଡ଼ିଶା ଆଗମନ ଓ ଯାଜପୁରରେ ରାଜଧାନୀ ସ୍ଥାପନ ଏହାର ଐତିହାସିକ ସତ୍ୟତା ରହିଅଛି । ଏଥିରେ ଐତିହାସିକ ଉଦୟଗିରି ବିରୂପାକୂଳରେ ଅବସ୍ଥିତ । ଏଠାରେ ଅଧିକାଂଶ ବୌଦ୍ଧମୂର୍ତ୍ତି ଅବସ୍ଥିତ । 'ଦରବାର' କାବ୍ୟରେ ଇଂରେଜ ପଦଲେହନକାରୀ ରାଜା ଓ ଜମିଦାରଙ୍କ ପ୍ରତି ବ୍ୟଙ୍ଗ କରାଯାଇଛି । ୧୮୯୪ରେ ବାରବାଟୀ ଦୁର୍ଗରେ ବସିଥିବା ସଭାକୁ ନେଇ ରଚିତ ଗୌଣ ଇତିହାସ ଏଥିରେ ସର୍ବପ୍ରଧାନ । ଫକୀରମୋହନ ସେନାପତିଙ୍କ 'ପୁଷ୍ପମାଳା' ସଂକଳନସ୍ଥ 'ଯୋଶେଫାଇନ' କବିତାରେ ନେପୋଲିୟମ ବୋନାପର୍ଟ ବିଭିନ୍ନ ଦେଶ ଜୟ କରିଥିବା ଚିତ୍ର ଦେଖିବାକୁ ମିଳେ । ସେହିପରି 'ଶାକ୍ୟସିଂହ ବୈରାଗ୍ୟ' (ପୁଷ୍ପମାଳା) କବିତାରେ ସଂସାର ପ୍ରତି ଗୌତମବୁଦ୍ଧଙ୍କ

ବୈରାଗ୍ୟ ବର୍ଣ୍ଣିତ । 'ଅବସରବାସରେ' (୧୯୦୮) ସଂକଳନସ୍ଥ 'କ୍ଲିଓପେଟ୍ରା' କବିତାରେ ମିଶର ଦେଶର ଶେଷ ଅଧିପତି ପି. ଟଲେମୀଙ୍କ ବିଶ୍ୱାସଘାତକତା ବର୍ଣ୍ଣିତ ହୋଇଛି । ଏହି ସଂକଳନର 'ଜାପାନ ରୁଷ', 'କଳାପାହଡ଼', 'ସତୀ ଲୁକ୍ରେସିଆ' ଇତ୍ୟାଦି କବିତାରେ ଇତିହାସ ପ୍ରତିଫଳିତ । ବୌଦ୍ଧବତାର' କାବ୍ୟରେ ଗୌତମବୁଦ୍ଧଙ୍କ ସଂସାର ତ୍ୟାଗ, ତପସ୍ୟା, ତପସ୍ୟାରେ ସିଦ୍ଧିଲାଭ ବୌଦ୍ଧଧର୍ମର ପ୍ରଚାର ବିଷୟରେ ବର୍ଣ୍ଣନା ହୋଇଛି । "ଉତ୍କଳ ଭ୍ରମଣ' ଏହା ଏକ ପଦ୍ୟ ଆକାରରେ ଲିଖିତ ଭ୍ରମଣ ବୃତ୍ତାନ୍ତ, ଏଥିରେ ଓଡ଼ିଶା ଇତିହାସର କିଛି ଚିତ୍ର ଉଦଭାସିତ ହୋଇଛି । "ଉତ୍କଳର ବିଗତ ଗୌରବ' କବିତାରେ ୧୨୦୩ ଖ୍ରୀଷ୍ଟାବ୍ଦରେ ଖିଲିଜି ୧୭ଜଣ ସୈନ୍ୟଙ୍କ ସହାୟତାରେ ବଙ୍ଗଦେଶର ତତ୍କାଳୀନ ସ୍ୱାଧୀନ ଭୂପତି ଲକ୍ଷ୍ମଣସେନଙ୍କୁ ପରାଜିତ କରି ବଙ୍ଗଦେଶ ଅଧିକାର କରିଥିଲେ । ୧୨୪୩ ଖ୍ରୀଷ୍ଟାବ୍ଦରେ ତୁଗାନ ଖାଁ ପଞ୍ଚାଶ ହଜାର ସୈନ୍ୟ ଧରି ଉତ୍କଳ ଉପରେ ଆକ୍ରମଣ କରିଥିବା କଥା ବର୍ଣ୍ଣିତ । ଫକୀରମୋହନଙ୍କ ଅନ୍ୟ ଏକ କବିତା "ଜାପାନ' କବିତାରେ ମଧ୍ୟ ଇତିହାସର ଚିତ୍ର ଦେଖିବାକୁ ମିଳେ ।

ପଲ୍ଲୀକବି ନନ୍ଦକିଶୋର ବଳଙ୍କ କବିତାରେ ମଧ୍ୟ ଇତିହାସର ସ୍ୱର ଶୁଣାଯାଏ । ତାଙ୍କର "କୁଶା ଗୌତମୀ' କବିତାରେ ବୌଦ୍ଧଧର୍ମର ଚିତ୍ର ଦେଖରବାକୁ ମିଳେ । "ଜୟସିଂହ' କବିତାରେ ଜୟସିଂହଙ୍କ ବୀରତ୍ୱକୁ କବି ଅତି ସୁନ୍ଦର ଭାବରେ ପ୍ରତିଫଳିତ କରିଛନ୍ତି । ଗଙ୍ଗାଧର ମେହେରଙ୍କ "ଉତ୍କଳ ଲକ୍ଷ୍ମୀ' କାବ୍ୟରେ ଓଡ଼ିଶାର ଇତିହାସକୁ ଜୀବନ୍ତ ଭାବରେ ପ୍ରତିଫଳିତ କରିଛନ୍ତି । କବିଶେଖର ଚିନ୍ତାମଣି ମହାନ୍ତିଙ୍କ "ଶ୍ରୀ ମୁକୁନ୍ଦଦେବ' କାବ୍ୟରେ ଉତ୍କଳର ନୌବାଣିଜ୍ୟ ଉତ୍କଳର ଇତିହାସ ବର୍ଣ୍ଣିତ । ଚନ୍ଦ୍ରମଣି ମହାନ୍ତିଙ୍କ "ଖଣ୍ଡଗିରି'ରେ ଖଣ୍ଡଗିରିର ଐତିହାସିକ ଚିତ୍ରକୁ ବର୍ଣ୍ଣନା କରାଯାଇଛି । ଭାଗିରଥି ରଥଙ୍କ "ଉତ୍କଳ ଚରିତ' (୧୯୧୦)ରେ ଊନବିଂଶ ଶତାବ୍ଦୀର ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ବୌଦ୍ଧମାନଙ୍କର ଉପକରଣ ପ୍ରସ୍ତୁତି ବର୍ଣ୍ଣିତ ହୋଇଛି । ଗୋପବନ୍ଧୁ ଦାସଙ୍କ "ଧର୍ମପଦ'ର ଇତିହାସ ସହିତ କାଳ୍ପନିକତାକୁ କବି ଯୋଡ଼ି ଦେଇଛନ୍ତି । ଗୋଦାବରୀଶ ମିଶ୍ରଙ୍କ "ଧରଣୀଧର'(୧୯୧୧), "ବାରବାଟୀ ବକ୍ଷେ' (୧୯୨୫), ଶିଖିମାନାଇଁ, କଏଦୀର ଗୀତ(୧୯୧୩), ପଦ୍ମାବତୀ ଇତ୍ୟାଦି କବିତାରେ ଇତିହାସର ସ୍ୱର ପ୍ରତିଫଳିତ । ପଦ୍ମଚରଣ ପଟ୍ଟନାୟକଙ୍କ "ଖୋରଧା ପ୍ରଥମ ଦର୍ଶନେ' (୧୯୨୪), "ଧଉଳି ପାହାଡ଼' (୧୯୨୦) ବୈଷ୍ଣବ ପାଣିଙ୍କ "ଗଙ୍ଗେଶ୍ୱରଦେବ' ପ୍ରଭୃତିରେ ଉତ୍କଳର ଐତିହାସିକ ଚିତ୍ର ପ୍ରତିଫଳିତ ହୋଇଅଛି । ବୀରକିଶୋର ଦାସଙ୍କ "ମୋହନବଂଶୀ' (୧୯୨୦)ରେ ଅସହଯୋଗ ଆନ୍ଦୋଳନର ଚିତ୍ର । ଘରେ ଘରେ ଅରଟ ଚାଲୁ ବୋଲି ମହାତ୍ମାଗାନ୍ଧୀ ଆହ୍ୱାନ ଦେଇଛନ୍ତି, ସ୍ୱଦେଶୀ ଆନ୍ଦୋଳନର ଚିତ୍ର–

"ଘରେ ଘରେ ଚଳା ଅରଟ
ଅରଟରେ ଭାଇ ଜାତିର ମୁକତି
ଅରଟ ଦେଶର କଳପ ବଟ
ହାତ କଟା ସୁତା ଯହୁଁ ହୁଡ଼ିଲେ
ବିଦେଶୀ ଦରବେ ଦେଶ ଭରିଗଲା"

ଶ୍ରୀପତି ମିଶ୍ରଙ୍କ ସ୍ୱଦେଶ ଭାଇ କବିତାରେ ସ୍ୱଦେଶ ଆନ୍ଦୋଳନର ଚିତ୍ର ଦେଖିବାକୁ ମିଳେ । "ବିଦ୍ରୋହୀ ବୀଣା' କବିତାରେ ଲବଣ ସତ୍ୟାଗ୍ରହର ଚିତ୍ର ଦେଖିବାକୁ ମିଳେ । ହରେକୃଷ୍ଣ ମିଶ୍ରଙ୍କ "ଆତ୍ମଦାନ (୧୯୪୨-୧୯୪୫)' କାବ୍ୟରେ ଭାରତର ସ୍ୱାଧୀନତା ଆନ୍ଦୋଳନର ଚିତ୍ର ଦେଖିବାକୁ ମିଳେ । କବିଙ୍କର ପଳାସୀ ଅବସାନେ (୧୯୬୯) କବିତାରେ ଗାନ୍ଧୀଙ୍କ ସତ୍ୟାଗ୍ରହର ଚିତ୍ର ତଥା ଇତିହାସର ସ୍ୱର ଦେଖିବାକୁ ମିଳିଥାଏ । ତାଙ୍କର "ଚାରିଚକ୍ଷୁ' (୧୯୪୩) କାବ୍ୟରେ ମଧ୍ୟ ଐତିହାସିକ ଘଟଣାବଳୀ ଦେଖିବାକୁ ମିଳିଥାଏ । କୁନ୍ତଳାକୁମାରୀ ସାବତଙ୍କ "ଆହ୍ୱାନ' (୧୯୩୦) କବିତାରେ ଅସହଯୋଗ ଆନ୍ଦୋଳନରେ ଯୋଗଦେବା, ସତ୍ୟାଗ୍ରହ ଗଡ଼ଜାତ ପ୍ରଜା ଆନ୍ଦୋଳନ, ଗଡ଼ଜାତ କୃଷକ ବିଷୟରେ ବର୍ଣ୍ଣନା କରାଯାଇଛି । ବୈକୁଣ୍ଠନାଥ ପଟ୍ଟନାୟକ "ଅମ୍ବାପଲ୍ଲୀର ଉତ୍କଣ୍ଠା' (୧୯୩୧) କବିତା, ବୁଦ୍ଧବନ୍ଦନା (୧୯୩୧), ମହାନିର୍ବାଣ (୧୯୩୫), ନିର୍ବାଣ ଆନନ୍ଦ (୧୯୩୫), ବୁଦ୍ଧଓ ରାହୁଳ (୧୯୩୫), ପରିନିର୍ବାଣ (୧୯୩୫), "କିସାସାଗୌତମୀ' (୧୯୩୬)ରେ ବୌଦ୍ଧଧର୍ମର ଇତିହାସ ବର୍ଣ୍ଣିତ। ଦିବ୍ୟାକିଶୋର ସାହୁଙ୍କ "ସୁନ୍ଦର ରାଜଧାନୀ' (୧୯୩୬) କବିତାରେ ଉତ୍କଳ ଇତିହାସ ଓ ଭାରତ ଇତିହାସ କଥା ବର୍ଣ୍ଣନା କରାଯାଇଛି । ପ୍ରତାପସେନଙ୍କ "ଯୁଦ୍ଧଗୀତି' ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଘଟିଥିବା ଘଟଣା ବର୍ଣ୍ଣିତ ହୋଇଛି । ପୁଣି ତାଙ୍କର "ରାଣୀ ଦୁର୍ଗାବତୀ' (୧୯୫୯) କବିତାରେ ଗୋଣ୍ଡାବନାବାଗର ରାଣୀ ଦୁର୍ଗାବତୀ ନିଜର ଶେଷନିଶ୍ୱାସ ପର୍ଯ୍ୟନ୍ତ ମୋଗଲସେନାଙ୍କ ସହ ଲଢ଼ିଥିଲେ ଏବଂ ଆକବରଙ୍କଠାରୁ ନିଜର ରାଜ୍ୟ ନେବାରୁ ବଞ୍ଚାଇଥିଲେ । ମାୟାଧର ମାନସିଂହଙ୍କ "ମହାନଦୀରେ ଜ୍ୟୋସ୍ନାବିହାର' କବିତାରେ ଗଙ୍ଗବଂଶର କୀର୍ତ୍ତିରାଜି ତଥା ଖାରବେଳ ବିରତ୍ୱର ଅଧିକାର ସାମ୍ପ୍ରତିକ ଓଡ଼ିଶାର ଦୁରବସ୍ଥା ତଥା ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ରଚନା କରାଯାଇଛି । "ସାଧବଝିଅ' କବିତାରେ ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ବର୍ଣ୍ଣନା କରାଯାଇଛି । ତାଙ୍କର "କୋଣାର୍କ', "ବାପୁତର୍ପଣ', "ବାରବାଟୀ', "ପତିତପାବନ ବୁଦ୍ଧ', "ରୂପତତ୍ତ୍ୱ', "ବୁଦ୍ଧ ଶରଣମ ଗଚ୍ଛାମି', "ବୁଦ୍ଧବାଣୀ',

"ବୁଦ୍ଧଦୂତୀ' କାବ୍ୟନାଟିକାରେ ଇତିହାସ ଚେତନା ରହିଛି । ମୃତ୍ୟୁଞ୍ଜୟ ରଥଙ୍କ "ନରାଜ' କାବ୍ୟରେ ବୌଦ୍ଧଧର୍ମର ପରିଚୟ ମିଳେ ।

ରାଧାମୋହନ ଗଡ଼ନାୟକଙ୍କ "ଉତ୍କଳିକା' ସଂକଳନରେ ଉତ୍କଳର ଗୌରବମୟ ଇତିହାସ ବର୍ଣ୍ଣନା ହୋଇଛି, ଏହି ସଂକଳନରେ ଅଧିକାଂଶ କବିତାରେ ଇତିହାସର ଚିତ୍ର ଦେଖିବାକୁ ମିଳେ । "ସ୍ମରଣିକା' ସଂକଳନର "ସ୍ମରଣିକା' କବିତାରେ ଉତ୍କଳ ଗଜପତି କପିଳେନ୍ଦ୍ରଦେବଙ୍କ ମହନୀୟତା ଓ ବୀରତ୍ୱର ଚିତ୍ର ଦେଖିବାକୁ ମିଳେ । "ୟାରବଡ଼ା କରାବାସ' କବିତାରେ ଗାନ୍ଧୀଙ୍କର କାରାଜୀବନର କଥା ରହିଛି । ଏହି ସଂକଳନସ୍ଥ ଅନ୍ୟାନ୍ୟ କବିତା ଯଥା – "କୋଟନଓ ଆଉ ଫେରିନାହିଁ', "ଗୁଖାସିପାହୀ', "ରତ୍ନଲାଭ' ଇତ୍ୟାଦି କବିତାରେ ମଧ୍ୟ ଇତିହାସର ସ୍ୱର ଦେଖିବାକୁ ମିଳେ । "ମୌସମୀ' (୧୯୩୯) ସଂକଳନର "ଉଦ୍ଧାମ ସିଂ' କବିତାରେ ଜାଲିଓ୍ୱାନାବାଗ ହତ୍ୟାକାଣ୍ଡର ଚିତ୍ର ଏବଂ ଉଦ୍ଧାମ ସିଂ ଦ୍ୱାରା ଜେନେରାଲ ଦୟାରଙ୍କ ହତ୍ୟା କଥା ରହିଛି ।

"ତୀବ୍ର ତେଜରେ ସଭା ବସିଥିଲା କ୍ଷୁବ୍ଧ ଦଳିତ ଜନତାର
କଥା ଉଠୁଥିଲା "ବଡ଼ ଧପାବାଜ ଆମ ଏ ବିଦେଶୀ ସରକାର
ଯୁଦ୍ଧକୁ ଆମେ ସମ୍ପଦ ଦେଲୁ ଢାଳି ଦେଲୁ ଆମେ ଲହୁ ଧାର
ଆମ ଦୁର୍ଦ୍ଦଶା ଦେଖିବାକୁ ବିଚାରିଲା ନାହିଁ ସରକାର
ଗୁଡୁମ ଗୁଡୁମ ଆବାଜ ଶୁଭିଲା ହୁକୁମ ଦେଇଛି ଓଡିୟାର"
ଅଗ୍ନିଶିଖାରେ କିଖେଳ ଖେଳୁଛି ? ହୁସିଆର ଭାଇ ହୁସିଆର
ବୁଲେଟ ଚାଲିଲା ଅସୁମାରୀ
ଭାଗଭାଗ ହୋଇ ଛୁଟିଲେ ହଟାତ ଥିଲେ ଯେତେ ନରନାରୀ
ଝଡ଼ିପୋକ ପରି ଧରାତଳେ ଝଡ଼ିଲେ ମଣିଷ ଦଳଦଳ
ଛାତିକି ଲାଲରେ ରଞ୍ଜିତ ହେଲା ଜାଲିଆନାବାଗ ଭୂଇଁତଳ"
(ଉଦ୍ଧାମ ସିଂ)

ରାଧାମୋହନ ଗଡ଼ନାୟକଙ୍କ ଅନ୍ୟାନ୍ୟ କବିତା "କୃଷ୍ଣଚକ୍ର ଗଡ଼', "ଲାଲା ଲଜପତି', "ପୃଥ୍ୱୀରାଜ ପ୍ରତି ସଂଯୁକ୍ତା', "ଜୟଗାନ୍ଧୀ', "ଗାନ୍ଧୀଗାଥା', "ମଣିକାଞ୍ଚନ ଯୋଗ', "ବ୍ୟଥାର ଦାନ', "ବାରିପଦା' ଇତ୍ୟାଦି କବିତାରେ ଇତିହାସର ସ୍ୱର ଶୁଣିବାକୁ ମିଳେ । କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ "ଜୟୀରାଜଙ୍କ ଉତ୍ସାହବାଣୀ', "ସୈନିକ ସମାଧି', "ପାଇକ ମାଟିରଗାଥା', "ପାଟଶାଣୀ' କବିତାରେ ବକ୍ସି ଜଗବନ୍ଧୁଙ୍କ ଉପରେ ବର୍ଣ୍ଣନା ହୋଇଛି । ତାଙ୍କର "ଯୁଦ୍ଧଯାତ୍ରା' କବିତାରେ ଭାରତର ସ୍ୱାଧୀନତା ସଂଗ୍ରାମର କଥା ଉଲ୍ଲେଖ ରହିଛି । ଜୟକୃଷ୍ଣ ମିଶ୍ରଙ୍କ "ଅଂଶୁପା' କାବ୍ୟରେ ଚୋଡ଼ଗଙ୍ଗ ଦେବଙ୍କ ବୀରତ୍ୱ ଓ ଅଂଶୁପା ତଟରେ ଡିଗିରିଆ ଗଡ଼ ଓ ବାଙ୍କୀଗଡ଼ର ଯୁଦ୍ଧ ହୋଇଥିବା କଥାମାନ ଲିଖିତ ହୋଇଛି । କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ "ଯୁଦ୍ଧ ସାମୁଖ୍ୟ ଗୀତିକା' ଏହି କାବ୍ୟରେ ଭାରତୀୟ ଇତିହାସ ବର୍ଣ୍ଣିତ ହୋଇଛି । ଆନନ୍ଦଚନ୍ଦ୍ର ମିଶ୍ରଙ୍କ "ରଣତାଣ୍ଡବ' କାବ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧର କଥା ରହିଛି । ଗୋକୁଳାନନ୍ଦ ମହାପାତ୍ରଙ୍କ "ସାକ୍ଷୀଗୋପାଳ', ନିତ୍ୟାନନ୍ଦ ମହାପାତ୍ରଙ୍କ "ସ୍ୱରାଜ ସଂହିତା', କୁଳମଣି ମହାପାତ୍ରଙ୍କ "ଗାନ୍ଧୀପୁରାଣ' କବିତାରେ ଗାନ୍ଧୀଜୀବନର ଇତିହାସକୁ ବର୍ଣ୍ଣନା କରାଯାଇଛି । ଅନନ୍ତ ପଟ୍ଟନାୟକଙ୍କ "ଉଦବୋଧିନି', ସଚ୍ଚିଦାନନ୍ଦ ରାଉତରାୟଙ୍କ "ଅଭିଯାନ', ସଂକଳନସ୍ଥ "ଷ୍ଟେନ' କବିତା, "ଶିଳାଲିପି', କବିତା "ପାଣ୍ଡୁଲିପି' ସଂକଳନର କୋଣାର୍କ, ଶାହାଜାନ, ମାଟିଆ ବୁରୁଜରେ ଜହ୍ନ ଇତ୍ୟାଦି କବିତାରେ । ""ଅଭିଜ୍ଞାନ'' ସଂକଳନର "ତାଜମହଲ', "କବିତା- ୧୯୬୯'ର "ଜାଲିବାନାବାଗ', "ମାଟିଆ ବୁରୁଜରେ ଜହ୍ନ' । ତାଙ୍କର "ସଂହିତା' କବିତାରେ ୧୯୫୦ ମସିହାର ଭାରତ ପାକିସ୍ଥାନ ଯୁଦ୍ଧ ଉପରେ ଲିଖିତ ହୋଇଅଛି । "ଆସିଆର ସ୍ୱପ୍ନ' କବିତାରେ ବୈଶାଳୀ, ସିଂହଳର ମେଘବାହାନ ଓ ମୋର୍ଯ୍ୟ ସମ୍ରାଟ ଅଶୋକବର୍ଦ୍ଧନ ବୌଦ୍ଧନୁରାଗୀମାନଙ୍କ କଥା ରହିଅଛି । "ମଣିଷର ମୁହଁ' କବିତାରେ ୧୯୭୧ ମସିହାର ଭାରତ – ରଷର ମୈତ୍ରୀଚୁକ୍ତିର ଇତିହାସ ବର୍ଣ୍ଣନା କରାଯାଇଛି । "ଅସାମାପିକା' କବିତାରେ ନନ୍ଦିକାର ମୂଲ୍ୟାୟନ କରାଯାଇଛି । ଠିକ୍ ସେହିପରି "ଶାହାଜାନ', "ସ୍ୱଦେଶଚିନ୍ତା' କବିତାରେ ମଧ୍ୟ ଇତିହାସର ସ୍ୱରକୁ ଶୁଣିପାରିବା । ଜ୍ଞାନୀନ୍ଦ୍ର ବର୍ମାଙ୍କ "ସୁବର୍ଣ୍ଣ ଯୁଗର ସନ୍ଧ୍ୟା' କବିତାରେ ବୌଦ୍ଧପୀଠ ପୁଷ୍ପଗିରି ଓ ଲଳିତଗିରିର ପ୍ରସଙ୍ଗ ଲିଖିତ ହୋଇଛି । ଗୋପାଳଚନ୍ଦ୍ର ମିଶ୍ରଙ୍କ "ବିଦ୍ରୋହୀ ଦିବାକର' କବିତାରେ ଓଡ଼ିଶାର ଐତିହାସିକ ପାଇକ ବିଦ୍ରୋହକୁ ଉପଜୀବ୍ୟକର ଲିଖିତ ହୋଇଅଛି । ଜାନକୀବଲ୍ଲଭ ମହାନ୍ତିଙ୍କ "ଫ୍ଲେମିଙ୍ଗୋ', "ଖୋରଧାଗଡ', "ମଣିଷର ମୁହଁ' କବିତାରେ ଇତିହାସର ସ୍ୱର ଶୁଣିବାକୁ ମିଳିଥାଏ । ଗୁରୁପ୍ରସାଦ ମହାନ୍ତିଙ୍କ "ହାତ' କବିତାରେ ଗାନ୍ଧୀଙ୍କ ହତ୍ୟା ସମୟରୁ ଭାରତରେ ସନ୍ତ୍ରାସବାଦ ପ୍ରବେଶ କରିଥିବା କଥାକୁ ଇତିହାସ ସ୍ୱୀକାର କରେ ବୋଲି କବି ନିଜେ ସ୍ୱୀକାର କରିଛନ୍ତି । "ଅପେକ୍ଷା' କବିତାରେ ବୁଦ୍ଧ ଓ ଖ୍ରୀଷ୍ଟଙ୍କ ମହତ ଚେତନା ପ୍ରତିଫଳିତ ହୋଇଛି । କବି ବେଣୁଧର ରାଉତଙ୍କ "ହରପପ୍ପାରେ ସନ୍ଧ୍ୟା', "ମହେଞ୍ଜୋଦାରୋରେ ବର୍ଷା' କବିତା ଦୁଇଟିରେ ବିଶ୍ୱ ଇତିହାସ ବର୍ଣ୍ଣନା କରାଯାଇଛି । ଏହା ବ୍ୟତୀତ ତାଙ୍କର ଅନ୍ୟାନ୍ୟ କବିତାରେ କପିଳାବସ୍ତୁ, ଉଜ୍ଜୟିନୀ ଓ କଳିଙ୍ଗର ଇତିହାସ ସମର୍ଥିତ ଘଟଣାବଳୀକୁ ଦେଖିବାକୁ ମିଳିଥାଏ । କବି ବିଦ୍ୟୁତପ୍ରଭା ଦେବୀଙ୍କ "ଘାସର କବର' କବିତାରେ ଜୀବନର ସମସ୍ତ ସୁଖ ଓ ସମ୍ଭାବାନାକୁ ସ୍ୱଇଚ୍ଛାରେ ଦେଇଥିବା ମୋଗଲ ସମ୍ରାଟ ଯାହାଙ୍ଗୀରାଙ୍କ

ତ୍ୟାଗକୁ ବର୍ଣ୍ଣନା କରାଯାଇଛି । ତାଙ୍କର "ଓଡ଼ିଆ ବୀର ଜନ୍ମଭୂମି ଓ କୋଣାର୍କ' କବିତାରେ ମଧ୍ୟ ଇତିହାସର ସ୍ୱର ଶୁଣିବାକୁ ମିଳିଥାଏ । ମନୋଜ ଦାସଙ୍କ "ପଦଧ୍ୱନି' ବ୍ରଜନାଥ ରଥଙ୍କ "ଭାରତ ବର୍ଷ', "ଅନ୍ଧଦେଶକୁ ଗଲି', "ଇତିହାସ କିଏ ଗଢେ' ଇତ୍ୟାଦି କବିତାରେ ମଧ୍ୟ ଇତିହାସର ସ୍ୱରକୁ ଶୁଣିବାକୁ ମିଳିଥାଏ । ଯଦୁନାଥ ମହାପାତ୍ରଙ୍କ 'ଧ୍ୟାନସ୍ଥ ବୁଦ୍ଧ', ପ୍ରତିଭା ଶତପଥୀଙ୍କ "ସରଦେଇ', ରଘୁନାଥ ଦାସଙ୍କ "ଲେଲିନ, "୧୯୭୫' "ମହାନାଟକ' "୭ମ ଅଙ୍କ', ଦୀପକ ମିଶ୍ରଙ୍କ "ବିଚାର', "ଇତିହାସ', ସୀତାକାନ୍ତ ମହାପାତ୍ରଙ୍କ "ଭୁବନେଶ୍ୱର', "ଭୁବନେଶ୍ୱର ୨', "କଳାହାଣ୍ଡି' , ଜଗନ୍ନାଥ ପ୍ରସାଦ ଦାସଙ୍କ "କୋଣାର୍କ', "ଧଉଳି', "ପ୍ରତ୍ନତତ୍ତ୍ୱ', "ଇତିହାସ', "ଭଙ୍ଗାମନ୍ଦିର' । ସୌରୀନ୍ଦ୍ରୀ ବାରିକଙ୍କ "ଚହଲା ପାଣିରେ ଘଡ଼ିଏ' କବିତାରେ ଗାନ୍ଧୀଙ୍କ ଅହିଂସାନୀତିର ଚିତ୍ର ଦେଖିବାକୁ ମିଳିଥାଏ । ଜଗନ୍ନାଥ ପ୍ରସାଦ ଦାସଙ୍କ "ଆହ୍ନିକ' (୧୯୯୦) ସଂକଳନର "ଭୁବନେଶ୍ୱର', "ହିରୋସୀମା', ହରିହର ମିଶ୍ରଙ୍କ "ଶଙ୍ଖନାଭି' (୧୯୭୩) ସଂକଳନସ୍ଥ "କୋଣାର୍କ', "ଲାଲ କଢର ତପସ୍ୟା', "ରାଣିଗୁମ୍ଫା' । ପ୍ରସନ୍ନ ପାଟଶାଣୀଙ୍କ "ଆକର' ସଂକଳନସ୍ଥ "ମାର୍କ୍ସ', "ଲେଲିନ' କବିତାରେ ଇତିହାସର ସ୍ୱର ଶୁଣିବାକୁ ମିଳିଥାଏ । ହରିଚନ୍ଦ୍ର ବେହେରାଙ୍କ "ତଥାପି ପାଦପ' (୧୯୭୫) ସଂକଳନରେ "ଧଉଳି' କବିତା, ପ୍ରସନ୍ନ ପାଟଶାଣୀଙ୍କ "ଖୋର୍ଦ୍ଧାର କବିତା ମୁଁ ପଢ଼େ' (୧୯୮୯) ସଂକଳନରେ ଖୋର୍ଦ୍ଧାର ଇତିହାସ ପ୍ରତିଫଳିତ ହୋଇଅଛି । ନିରଞ୍ଜନ ମହାନ୍ତିଙ୍କର "ଅନ୍ତଃସ୍ୱର' (୧୯୯୭) ସଂକଳନର "ଚିତା' କବିତାଟି ବାଜିରାଉତଙ୍କ ଉପରେ ଲିଖିତ ହୋଇଛି । ଚିତ୍ତରଞ୍ଜନ ମିଶ୍ରଙ୍କ "ମୁଖଶାଳା' ସଂକଳନସ୍ଥ "ପ୍ରତ୍ନତତ୍ତ୍ୱ' "ଶିଳ୍ପୀ' କବିତା, ଶତ୍ରୁଘ୍ନ ପାଣ୍ଡବଙ୍କ "ଅପସରୀ କଥା', "ଭୁବନେଶ୍ୱର' କବିତାରେ କଳିଙ୍ଗର ଉତ୍ଥାନ ପତନର କଥା ରହିଛି । ତାଙ୍କର "ଶ୍ରିବସ୍ତିରୁ ଶ୍ରାବସ୍ତି' ସଂକଳନରେ ସୁଜାତା, କାରୁବାକି, ଆମ୍ରପଲ୍ଲୀ, କପିଳାବସ୍ତୁ, ଅମ୍ବାପଲ୍ଲୀ ଇତ୍ୟାଦିର କଥା ରହିଅଛି । କବିଙ୍କର "ସାରବରମତୀ' ସଂକଳନର ଉଜ୍ଜୟନୀ, ମଗଧର କଥା, ବିବେକାନନ୍ଦ ପାଣିଗ୍ରାହୀଙ୍କ ସମୟର ନଇଁ (୨୦୦୦) ସଂକଳନରେ ମଧ୍ୟ ଇତିହାସର କଥା ରହିଛି ।

**ଉପସଂହାର :**

ସାହିତ୍ୟ ଓ ଇତିହାସ ପରସ୍ପର ସହିତ ଜଡିତ । ଇତିହାସର ଘଟଣାବଳୀକୁ ସାଇତି ରଖିବାରେ ସାହାଯ୍ୟ କରେ । ଇତିହାସର ଅନ୍ୟ ଏକ ରୂପ ଭାବରେ ସାହିତ୍ୟ କାମକରେ । ଓଡ଼ିଆ କାବ୍ୟକବିତାରେ ଇତିହାସର ପ୍ରଭାବ ବହୁଳ ଭାବରେ ପଡ଼ିଛି । ପ୍ରାଚୀନ ଓଡ଼ିଆ କାବ୍ୟ ସାହିତ୍ୟରେ ଇତିହାସକୁ ସମ୍ପୂର୍ଣ୍ଣ ଭାବରେ କବିମାନେ ଉଲ୍ଲେଖ କରୁ ନ ଥିଲେ କାରଣ କାବ୍ୟଗୁଡ଼ିକ ସଂସ୍କୃତକାବ୍ୟର ଆଧାରରେ ଲେଖୁଥିଲେ। ଚରତ୍ର ଦ୍ୱାରା ଇତିହାସର ପ୍ରଭାବ ନ ପଡିଲେ ମଧ୍ୟ ପୃଷ୍ଠଭୂମିକୁ ଆଧାରକରି ଇତିହାସ ଗତିକରି ଚାଲିଛି । ଇତିହାସ ସବୁବେଳେ ସମାଜର, ଦେଶର, ଜାତିର ଗତ ଆଗତ ଜୀବନର ସ୍ୱାକ୍ଷର ବହନ କରିଚାଲୁଛି ଓ ଚାଲୁଥିବ ମଧ୍ୟ । ଇତିହାସ ସବୁବେଳେ ଜୀବନ୍ତ । ଏକ କାଳଖଣ୍ଡରେ ଯାହା ସବୁ ଘଟଣା ଘଟିଯାଇଥାଏ, ତାକୁ ସାଇତି ରଖିବା ପାଇଁ ଇତିହାସ ହିଁ ବିଶେଷ ଭାବରେ ସାହାଯ୍ୟ କରିଥାଏ । ଇତିହାସ ଓ ସାହିତ୍ୟ ପରସ୍ପର ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଉପରୋକ୍ତ ଆଲୋଚନାରେ ୧୮୮୦ ରୁ ୨୦୦୦ ମସିହା ମଧ୍ୟରେ ଘଟିଥିବା ଐତିହାସିକ ତଥ୍ୟାମୂଳକ ଘଟଣାବଳୀକୁ ବା ଇତିହାସର ପ୍ରଭାବକୁ କାବ୍ୟକବିତା ମାଧ୍ୟମରେ ସଂକ୍ଷିପ୍ତ ସୂଚନା ଦିଆଯାଇଛି।

**ସହାୟକ ଗ୍ରନ୍ଥସୂଚୀ :**


(କ) କବିବର ରାଧାନାଥ ଗ୍ରନ୍ଥାବଳୀ – ସଂ – ମିଶ୍ର ପ୍ରସନ୍ନ, ଦାଶ ଦେବେନ୍ଦ୍ର, ଗ୍ରନ୍ଥମନ୍ଦିର ୨୦୧୦

(ଖ) ଫକୀରମୋହନ ଗ୍ରନ୍ଥାବଳୀ : ପ୍ରକାଶକ – ମିଶ୍ର ଅନନ୍ତ, କଟକ ସ୍ଟୁଡେଣ୍ଟ ଷ୍ଟୋର କଟକ, ୧୯୬୩

(ଗ) ଗଡ଼ନାୟକ ଗ୍ରନ୍ଥାବଳୀ : ପ୍ରକାଶକ – ମହାପାତ୍ର ଅଭିରାମ, ଗ୍ରନ୍ଥ ମନ୍ଦିର କଟ. ୨୦୧୨

(ଘ) ରାଣୀଦୁର୍ଗାବତୀ : ଡମ୍ବଦୁଧର ପରିଡ଼ା – ବହିଦାର ସୁରେଶ ଚନ୍ଦ୍ର, ଉତ୍କଳ ସାହିତ୍ୟ ପ୍ରେସ୍, ୧୯୩୫

(ଙ) ଶ୍ରୀବସ୍ତିରୁ ଶ୍ରାବସ୍ତି : ପାଣ୍ଡବ ଶତ୍ରୁଘ୍ନ - ଅପୂର୍ବା ମଧୁସୂଦନ ନଗର, ଭୁବନେଶ୍ୱର ୨୦୦୮

(ଚ) ଓଡ଼ିଶା ଇତିହାସ : ଆଚାର୍ଯ୍ୟ ପ୍ରିତୀଶ - ଆମ ଓଡ଼ିଶା, ୨୦୧୧

(ଛ) ଓଡ଼ିଶାରେ ମୁକ୍ତିବିଦ୍ରୋହ : ଜେନା ଯଦୁନାଥ, ଜଗନ୍ନାଥ ରଥ, ବାଲୁବଜାର, କଟକ, ୧୯୭୮

(ଜ) କାବ୍ୟ କବିତା ପ୍ରାଚୀନରୁ ସାମ୍ପ୍ରତିକ : ଡ଼ ମହାପାତ୍ର ପ୍ରେମାନନ୍ଦ, ସତ୍ୟନାରାୟଣ, ବୁକ୍‌ଷ୍ଟୋର, ୨୦୧୯

(ଝ) ସବୁଜରୁ ସାମ୍ପ୍ରତିକ : ଡକ୍ଟର ନିତ୍ୟାନନ୍ଦ ଶତପଥୀ, ଗ୍ରନ୍ଥମନ୍ଦିର, ଡିସେମ୍ବର ୨୦୧୬

(ଞ) ସତୁରୀରୁ ସାହସ୍ରାବ୍ଦୀ ଡକ୍ଟର ନିତ୍ୟାନନ୍ଦ ଶତପଥୀ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ୨୦୧୯

(ଟ) ଆଧୁନିକ କବିତାର ଉତ୍ତରାୟଣ : ପାଣ୍ଡବ ଶତ୍ରୁଘ୍ନ ପାଣ୍ଡବ, ଆର୍ଯ୍ୟବେଦାନ୍ତ ପବ୍ଲିଶର, ନୂଆପଲ୍ଲୀ ଭୁବନେଶ୍ୱର, ୨୦୦୭।


❖ ❖ ❖

**Barik. BPP (2025)11: III** | ପ୍ରାଚୀ ପତ୍ରିକା

ଗବେଷଣାତ୍ମକ ପ୍ରବନ୍ଧ | ମୁକ୍ତ ପ୍ରବେଶ

DOI : https://doi.org/10.5281/zenodo.15674415 | ମୂଳ ପ୍ରବନ୍ଧ

# ସାମାଜିକ ଦାୟବଦ୍ଧତା ଓ ସାହିତ୍ୟିକ ବୈରାଗୀ ମିଶ୍ର

**ସୋନାଲି ବାରିକ**

**ସଂକ୍ଷିପ୍ତସାର :**

୧୮୬୬ ବେଳକୁ ଓଡ଼ିଶାରେ ଆରମ୍ଭହେଲା ନବଜାଗରଣ। ବିଶେଷତଃ ଏହିକାଳରୁ ୧୯୦୩ ପର୍ଯ୍ୟନ୍ତ ଓଡ଼ିଶାର ପ୍ରଗତିର ରଥ ଆଗକୁ କ୍ରମଶ ବଢିବାକୁ ଲାଗିଲା। ୧୮୬୬ ପୂର୍ବରୁ ଓଡ଼ିଶା କୁସଂସ୍କାର, ଅଶିକ୍ଷା, ଅନ୍ଧବିଶ୍ୱାସରେ ପୂରି ରହିଥିବା କାରଣରୁ ବିକାଶଠାରୁ ଥିଲା ଅନେକ ଦୂରରେ। ୬୬ର ନ'ଅଙ୍କ ଦୁର୍ଭିକ୍ଷ ପରେ ଜାତୀୟ ଜୀବନରେ ଦେଖାଦେଲା ପରିବର୍ତ୍ତନ। ମୁମୂର୍ଷୁ ଜାତି-ପ୍ରାଣରେ ପୁଲକ ସୃଷ୍ଟିହେଲା। ଆପଣାର ସଂସ୍କୃତି, ପରମ୍ପରା, ଭାଷା, ସାହିତ୍ୟ ଏବଂ ଜୀବନକୁ ଚିହ୍ନିବାରେ ଆତ୍ମଜାଗରଣ ସୃଷ୍ଟିହେଲା। ଓଡ଼ିଆ ଅସ୍ମିତାର ଉତ୍ତରଣ ସାଙ୍ଗକୁ ଆପଣାକୁ ଚିହ୍ନିବା ଏବଂ ଜାତୀୟ ଜୀବନକୁ ପରିଚିତ କରାଇବାର ଆକାଂକ୍ଷା କ୍ରମଶଃ ବଳବତ୍ତର ହେଲା। ଭୂଲୁଣ୍ଠିତ ଜାତିପ୍ରାଣରେ ନବଉତ୍ସାହ, ଉନ୍ମାଦନା ଖେଳିଗଲା। ପୁନଶ୍ଚ ସର୍ବଭାରତୀୟ ସ୍ତରରେ ରାଜନୀତିକ ପାଣିପାଗରେ ଆସିଲା ପରିବର୍ତ୍ତନ। ୧୮୮୫ରେ ଜାତୀୟ କଂଗ୍ରେସର ପ୍ରତିଷ୍ଠା ସାଙ୍ଗକୁ ଜାତୀୟତାବୋଧର ସ୍ୱର ଶାଣିତହେବାକୁ ଲାଗିଲା। ମାନବିକ ମୂଲ୍ୟବୋଧ, ମାନବାଧିକାର ପାଇଁ ସଂଘର୍ଷ, ନିଜର ପରିଚୟ ଓ ଅସ୍ମିତାର ପ୍ରତିଷ୍ଠାଲାଗି ଆନ୍ଦୋଳନମାନ ସମଗ୍ର ଭାରତୀୟଙ୍କୁ ଆଲୋଡ଼ିତ କଲା। ଓଡ଼ିଶାର ପବନରେ ଏହାର ପ୍ରଭାବ ହେଲା ପରିଲକ୍ଷିତ। ଭାଷା ଓ ଭୂମିପାଇଁ ସଂଘର୍ଷ ସହ ସ୍ୱତନ୍ତ୍ର ମୂଲ୍ୟବୋଧର ପ୍ରତିଷ୍ଠାପାଇଁ ଆନ୍ଦୋଳନ ହେଲା ତୀବ୍ର। ଜାତୀୟ ଅନ୍ଦୋଳନ ସହ ତାଳଦେଇ ଓଡ଼ିଶାର ଜନ ଆନ୍ଦୋଳନ ନେଲା ଭିନ୍ନମୋଡ଼। ଏହିଭଳି ପରିସ୍ଥିତିରେ ଓଡ଼ିଶାର ଜାତୀୟ ଜୀବନରେ ଆବିର୍ଭାବ ଘଟିଲା ଜଣେ ମହାନାୟକଙ୍କର। ୧୮୮୫ ମସିହାରେ ଜନ୍ମଲାଭ କଲେ ଓଡ଼ିଶାର ମହାନ ସମାଜ ସଂସ୍କାରକ, ବିପ୍ଳବୀ, ସାହିତ୍ୟିକ ବୈରାଗୀ ଚରଣ ମିଶ୍ର। ଯାହାଙ୍କ ଆବିର୍ଭାବ ଓଡ଼ିଶା ସମେତ ସମଗ୍ର ଭାରତୀୟ ପରିମଣ୍ଡଳକୁ ପ୍ରଭାବିତ କରିଥିଲା। ସମାଜ ସଂସ୍କାର ସହ ତାଙ୍କ ଲେଖକୀୟ ଦାୟବଦ୍ଧତାକୁ ସେ ପ୍ରତିପାଦନ କରିଥିଲେ।

**ପ୍ରମୁଖ ଶବ୍ଦାବଳୀ :**

ସମାଜ, କୁସଂସ୍କାର, ଅନ୍ଧବିଶ୍ୱାସ, ସମାଜସଂସ୍କାର, ସଂସ୍କାରକ, ବିବରା ବିବାହ, ଜାଏ ଜବାବ, ଆଦର୍ଶ ବିବାହ, ବିଧ ବା ବିବାହ, ମାତୃମଙ୍ଗଳ ସମିତି, ଓଢଣାପ୍ରଥା।

ଜୀବନ ଜୀଇଁବାପାଇଁ ମନୁଷ୍ୟକୁ ନାନା କଳା-କୌଶଳ ଆପଣାଇବାକୁ ପଡ଼ିଥାଏ। ସମାଜରେ ସୁସ୍ଥ ଓ ନିରାପଦଭାବରେ ଜୀବନଧାରଣ କରିବା ସହିତ ସାମାଜିକ ପରିବେଷ୍ଟନୀ ମଧ୍ୟରେ ଅନ୍ୟ ସହିତ ସହାବସ୍ଥାନ କରିବାର ଆବଶ୍ୟକତା ଏହିଦୃଷ୍ଟିରୁ ସ୍ପୃହଣୀୟ। ବିପୁଳ ପୃଥିବୀର ଅବଦାନକୁ ଅଙ୍ଗୀକାର କରିବାର ଅଭୀପ୍ସା ଯେପରି ପ୍ରତିଟି ମନରେ ପ୍ରତିପାଳିତ ହୋଇଥାଏ, ଅନୁରୂପଭାବରେ ତା'ର ପ୍ରତିଦାନ ସ୍ୱରୂପ ଜଗତ ଓ ଜୀବନକୁ ମଧୁମୟ, ସରସ-ସୁନ୍ଦର କରିବାର

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15674415

Article No - BPPP00310

**ଯୋଗାଯୋଗ : ସୋନାଲି ବାରିକ,** ଗବେଷିକା, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ମୟୂରଭଞ୍ଜ

**E mail :** sonalibarik230@gmail.com

**Orcid Id :** https://.org/0009-0000-5106-239X

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୩.୨୦୨୫ | ୧୧.୦୪.୨୦୨୫ | ୨୫.୦୫.୨୦୨୫ | ୧.୦୬.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବାରିକ, ସୋନାଲି; ୨୦୨୫। ସାମାଜିକ ଦାୟବଦ୍ଧତା ଓ ସାହିତ୍ୟିକ ବୈରାଗୀ ମିଶ୍ର। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଗ, ପୃଷ୍ଠା :୪୯-୫୩।

ସଂକଳ୍ପ ଏବଂ ଉଦ୍ୟମ ମଧ୍ୟ ଅନିବାର୍ଯ୍ୟ ହୋଇଥାଏ। ଏହି ପାରସ୍ପରିକ ଆଦାନ-ପ୍ରଦାନ ଭିତରେ ସାମଗ୍ରିକ ଭୌତିକ ଜଗତଟି ହୋଇଉଠେ ସମ୍ଭାବନାମୟ। ପ୍ରାପ୍ତିସ୍ୱୀକାର ସହିତ ଆପଣାର ଦାୟବଦ୍ଧତା ଓ ପ୍ରତିବଦ୍ଧତା ସମାଜ ଗଠନରେ ଦେଇଥାଏ ବହୁମୁଖୀ ଯୋଗଦାନ। ଏହା ଏକ ନୈତିକ ଅବଧାରଣା। ମୂଲ୍ୟବାନ ଜୀବନକୁ ପରିପୂର୍ଣ୍ଣ କରିବାପାଇଁ ସଂକଳ୍ପ, ସଂସ୍କାର, ଉତ୍ତମ ବିଚାର ଏବଂ ସମର୍ପଣ ଭାବର ଆବଶ୍ୟକତା ରହିଛି। ପ୍ରତିଟି ମନୁଷ୍ୟଙ୍କର ଆପଣା ଜୀବନରେ କିଛିକିଛି ଅଧିକାର ଏବଂ ଦାୟିତ୍ୱ ରହିଛି। ଅଧିକାର ସାବ୍ୟସ୍ତ କରିବାକୁ ଚାହିଁଥାନ୍ତି ସମସ୍ତେ ; ଦାୟିତ୍ୱବୋଧ କଥା ଆସିଲେ ମାତ୍ର କେତେଜଣ ମୁଷ୍ଟିମେୟ ବ୍ୟକ୍ତିବର୍ଗଙ୍କଠାରେ ତାହା ପରିଲକ୍ଷିତ ହୋଇଥାଏ। ସମାଜ ବିନା ଯେହେତୁ ମଣିଷର ଅସ୍ତିତ୍ୱ କିଛି ନାହିଁ, ତେଣୁ ଏହାର ବିକାଶ ଓ ସମୃଦ୍ଧିପାଇଁ ମଣିଷର କର୍ତ୍ତବ୍ୟ ଏବଂ ଦାୟିତ୍ୱ ରହିଅଛି। ଦାୟବଦ୍ଧତାର ଅର୍ଥ ଯେତିକି ବ୍ୟାପକ, ତା'ର ଆବେଦନ ମଧ୍ୟ ପ୍ରାୟୋଗିକ ଦୃଷ୍ଟିରୁ ବହୁବିଧ। ପୁନଶ୍ଚ ସାମାଜିକ ଦାୟବଦ୍ଧତା ପ୍ରସଙ୍ଗ ଉଠିଲେ ଏହାର ଏକ ବ୍ୟାପକ ଦୃଷ୍ଟି ଓ ଦିଗନ୍ତ ପ୍ରତି ଉନ୍ମୁଖ ହେବାକୁ ପଡ଼େ। ଯଦି ଏଥିସହିତ ସାହିତ୍ୟ ଯୋଡ଼ି ହୋଇଯାଏ, ତେବେ ଏହାର ଆବେଦନଟି ଅଧିକ ବ୍ୟାପକ ହୋଇଯାଏ। ପ୍ରତିଟି ମଣିଷର ଯେପରି ଆପଣାର ସମାଜପ୍ରତି ଦାୟିତ୍ୱ ରହିଥାଏ, ସେହିଭଳି ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ସତ୍ ସାହିତ୍ୟର ମୂଲ୍ୟବୋଧ ତା'ର ସର୍ବକାଳୀନ ଦାୟବଦ୍ଧତାକୁ ସୂଚୀତକରେ। ସମାଜପ୍ରତି ରହିଥିବା ଆପଣାର କର୍ତ୍ତବ୍ୟ, ସମର୍ପଣ, ଅଙ୍ଗୀକାରବୋଧ, ଦାୟିତ୍ୱବୋଧ, ଉତ୍ସର୍ଗୀକୃତ ମନୋଭାବ ଆଦିକୁ ସାମାଜିକ ଦାୟବଦ୍ଧତାଭାବରେ ଗ୍ରହଣ କରଯାଇଥାଏ। ସାହିତ୍ୟରେ ଏହି ଅବବୋଧଟି ଯେତେ ସ୍ପଷ୍ଟହୁଏ, ପାଠକ ଓ ସମାଜକୁ ତାହା ବିଶେଷ ପ୍ରଭାବିତ କରିଥାଏ। ଏହି ପରିପ୍ରେକ୍ଷୀରେ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥିତଯଶା, ଅଥଚ ଅନାଲୋଚିତ ହୋଇ ରହିଥିବା ଜଣେ ଗୌରବୋଜ୍ଜ୍ୱଳ ସାରସ୍ୱତ ସାଧକ ବୈରାଗୀ ମିଶ୍ରଙ୍କ ଅବଦାନ ଓ ସାମାଜିକ ଦାୟବଦ୍ଧତାକୁ ଆଲୋଚନା କରାଯାଇପାରେ।

ଓଡ଼ିଶାର ଜାତୀୟ ଜୀବନରେ ବୈରାଗୀ ଚରଣ ମିଶ୍ର ସମାଜ ସଂସ୍କାରକ ଭାବରେ ଅବତୀର୍ଣ୍ଣ। ଯେତେବେଳେ ଆଧୁନିକ ସମାଜ ଶିକ୍ଷାଭାବରୁ ନାନା କୁସଂସ୍କାର, ଅନାଚାରରେ ଭରି ରହିଥିଲା, ରକ୍ଷଣଶୀଳ ମାନସିକତା ଜୀବନକୁ ଅତି ଦୁର୍ବିସହ କରି ଦେଇଥିଲା ଏବଂ ବିଶେଷକରି ନିଷ୍ଠୁର ସାମାଜିକ ବ୍ୟବସ୍ଥାର ବେଡ଼ି ନାରୀମାନଙ୍କର ଜୀବନକୁ ଛିନ୍ନଭିନ୍ନ କରିଦେଇଥିଲା, ସେଭଳି ସମୟରେ ବୈରାଗୀ ମିଶ୍ରଙ୍କ ଆବିର୍ଭାବ ଘଟିଛି ଓଡ଼ିଶାରେ। ଏହିସବୁ ବ୍ୟବସ୍ଥା ପ୍ରତି ସେ ଯେତିକି ପରିମାଣରେ ପ୍ରତିବାଦଶୀଳ ହୋଇଛନ୍ତି, ସାଧାରଣ ମଣିଷ ପ୍ରାଣରେ ବସାବାନ୍ଧି ରହିଥିବା ପାପବୋଧ, ଅନାଚାରର ଅଳନ୍ଦୁକୁ ପରିଷ୍କାର ପାଇଁ ସେ ଲେଖିଛନ୍ତି ବହୁ ପ୍ରବନ୍ଧ, ସଂସ୍କାରମୂଳକ ସାହିତ୍ୟ। ଲେଖକ ହେବାଲାଗି ସେ ଲେଖନୀ ଚାଳନା କରିନାହାନ୍ତି; ବରଂ ସମାଜକୁ ଏଭଳି କଦର୍ଯ୍ୟ ପରିସ୍ଥିତିରୁ ମୁକୁଳାଇ ଜୀବନର ବାସ୍ତବ ଅର୍ଥ ଓ ମୂଲ୍ୟବୋଧକୁ ସୂଚାଇ ଦେବାପାଇଁ ସେ ହୋଇଛନ୍ତି ସମର୍ପିତ। ବେଦ-ଉପନିଷଦର ଗତାନୁଗତିକ ବ୍ୟାଖ୍ୟାରୁ ମୁକୁଳି ଆସି ସେସବୁରେ ନିହିତ ଥିବା ମହାର୍ଘ ଦର୍ଶନ, ବାସ୍ତବସତ୍ୟ ଓ ସିଦ୍ଧାନ୍ତର ଉପଯୁକ୍ତ ବ୍ୟାଖ୍ୟା କରିଛନ୍ତି। ସମାଲୋଚନା ଓ ପ୍ରବନ୍ଧ ମାଧ୍ୟମରେ ତାଙ୍କର ବୈଜ୍ଞାନିକ ଯୁକ୍ତିସହ ସମାଜପାଇଁ ମୁନିଋଷିଙ୍କ ବାଣୀର ତର୍କଧର୍ମୀ ଉତ୍ତମ ବ୍ୟାଖ୍ୟାକୁ ସେ ସାହିତ୍ୟ ମାଧ୍ୟମରେ ପାଠକ ନିକଟରେ ପହଞ୍ଚାଇଛନ୍ତି। ସେ ମନୋରଞ୍ଜନଧର୍ମୀ ବା କଳ୍ପନାପ୍ରବଣ ସାହିତ୍ୟ ଲେଖିନାହାନ୍ତି। ସାମାଜିକ ସଂସ୍କାର, ମାର୍ଜିତ ଓ ପରିଶୀଳିତ ସମାଜବ୍ୟବସ୍ଥା ପାଇଁ ସଂସ୍କାରକର ଭୂମିକା ପ୍ରତିପାଦନ କରିଛନ୍ତି। ମନନଶୀଳ ପ୍ରବନ୍ଧ, ସମାଲୋଚନା, ବେଦ-ଉପନିଷଦର ଯଥାର୍ଥ ବ୍ୟାଖ୍ୟାକରି ସାମାଜିକ କୁସଂସ୍କାରକୁ ଦୂର କରିବାଲାଗି ସେ ଅହର୍ନିଶି ଉଦ୍ୟମ କରିଛନ୍ତି। ଆପଣାର ସ୍ୱଳ୍ପ ବେତନରେ ସାମାଜିକ ସଚେତନତା ସୃଷ୍ଟିପାଇଁ ପୁସ୍ତକଲେଖି ବିତରଣ କରିଛନ୍ତି। 'ଉତ୍କଳ ସାହିତ୍ୟ', 'ସହକାର', 'ପ୍ରଜାତନ୍ତ୍ର' ଆଦି ପତ୍ରପତ୍ରିକାରେ ସଂସ୍କାରମୂଳକ ରଚନାଲେଖି ସୁପ୍ତ ଓ ମୁମୂର୍ଷୁ ଓଡ଼ିଆ ଜାତିକୁ ସତ୍ୟ ସହ ପରିଚୟ କରାଇଛନ୍ତି। ଏହି ଦାୟବଦ୍ଧତା ତାଙ୍କୁ ଯେପରି ସମାଜ ସଂସ୍କାରକ ଭାବରେ ଭିନ୍ନକରିଛି, ସେହିଭଳି ସମାଜ ପରିବର୍ତ୍ତନ ପାଇଁ ସାହିତ୍ୟ ମାଧ୍ୟମରେ ତାଙ୍କର ଗଠନମୂଳକ ପ୍ରସ୍ତାବ ଓ ଆଇନ୍‌ସମ୍ମତ ବ୍ୟାଖ୍ୟାକରି ଓଡ଼ିଶାର ସମାଜକୁ ଦେଇଛନ୍ତି ନୂତନ ଆଲୋକ। କୁସଂସ୍କାର, ଅନ୍ଧବିଶ୍ୱାସ, କଳୁଷିତ ରୀତିନୀତି, ରକ୍ଷଣଶୀଳ ଲୋକାଚାରକୁ ଦୃଢ଼ଭାବରେ ବିରୋଧକରି ସୃଷ୍ଟି କରିଥିଲେ ଜନସଚେତନତା। ଦୀର୍ଘ ପଚାଶବର୍ଷଧରି ତାଙ୍କର ଏହି ନିରବଚ୍ଛିନ୍ନ ସଂଗ୍ରାମ ଭାରତୀୟ ଜାତୀୟମାନସକୁ ଗୌରବାନ୍ୱିତ କରିଅଛି। ସାମାଜିକ ଦୋଷ ଦୁର୍ବଳତାକୁ ଲକ୍ଷ୍ୟକରି ସେ ସଂପର୍କରେ ନିରନ୍ତର ଲେଖନୀଚାଳନା କରିଛନ୍ତି ଲେଖକ ମିଶ୍ର। ତାଙ୍କର ଆତ୍ମଜୀବନୀ *'ସ୍ୱଭାବ ନିୟତ ଜୀବନଯୁଦ୍ଧ'* ବିଂଶ ଶତାବ୍ଦୀର ଭାରତ ଏବଂ ଓଡ଼ିଶାର ପ୍ରାମାଣିକ ଇତିହାସର ଏକ ନଥିପତ୍ର।

ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ବୈରାଗୀ ମିଶ୍ର ହୋଇଛନ୍ତି ଅନୁପ୍ରାଣିତ। ଶାସ୍ତ୍ରଗ୍ରନ୍ଥ ଆଧାରରେ ଏବଂ ବେଦ-ପୁରାଣରେ ବର୍ଣ୍ଣିତ ଶ୍ଳୋକ-ଉଦ୍ଧୃତିର ତାତ୍ତ୍ୱିକ ବ୍ୟାଖ୍ୟାସହ ତାହାର ଉପଯୁକ୍ତ ଅର୍ଥକରି ଜନସାଧାରଣଙ୍କୁ ସଚେତନ କରାଇଛନ୍ତି। ତାଙ୍କ ଲିଖିତ ଚିନ୍ତାଶୀଳ ପ୍ରବନ୍ଧମାନଙ୍କରେ ସେ ପଣ୍ଡିତମାନଙ୍କଦ୍ୱାରା ପ୍ରଦର୍ଶିତ ଅନ୍ଧାନୁସରଣକୁ ପ୍ରତ୍ୟାଖ୍ୟାନ କରି ରାଜା ରାମମୋହନ ରାୟ ଏବଂ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ

ଭଳି ସଂସ୍କାରପୂର୍ଣ୍ଣ ଶୃଙ୍ଖଳିତ ସମାଜର ପରିକଳ୍ପନା କରିଛନ୍ତି । ପ୍ରାରମ୍ଭରୁ ବୈରାଗୀ ମିଶ୍ର ନାରୀଶିକ୍ଷା ଓ ନାରୀମାନଙ୍କ ସାମାଜିକ ସୁରକ୍ଷାଲାଗି କାର୍ଯ୍ୟ କରିଥିଲେ । ୧୯୨୨ ମସିହାରେ *'ବ୍ରହ୍ମବିଦ୍ୟା ସମିତି'*ର ସେ ସଭ୍ୟ ହୋଇଥିଲେ ଏବଂ ୧୯୩୦ ମସିହାରେ *'ନାରୀମଙ୍ଗଳ ସମିତି'* ଗଠନକରି ସେ ସଂପର୍କରେ ଏକ କ୍ଷୁଦ୍ର ପତ୍ରିକା ପ୍ରକାଶ କରିଥିଲେ । ୧୯୪୯ରେ *'ବିଶ୍ୱକଲ୍ୟାଣ ସମିତି'* ସ୍ଥାପନ ସହ ୧୯୫୪ରେ 'ବିଶ୍ୱକଲ୍ୟାଣ' ନାମରେ ମାସିକ ପତ୍ରିକା ପ୍ରକାଶ କରିଥିଲେ ସେ । ଛାତ୍ରଜୀବନରୁ ସେ ଲକ୍ଷ୍ୟ କରିଥିଲେ, ହିନ୍ଦୁସମାଜ ନାନା କୁସଂସ୍କାର ଓ ଅନ୍ଧବିଶ୍ୱାସରେ ପରିପୂର୍ଣ୍ଣ । ନୀତି-ଆଦର୍ଶ ନାମରେ ବହୁ କୁନୀତି ଓ ରକ୍ଷଣଶୀଳତା ଏଥିରେ ଭରିରହିଛି । ଆପଣାର ପାରିବାରିକ ଜୀବନରେ ମଧ୍ୟ ସେ ନାରୀମାନଙ୍କର ଏହି ଦୁରବସ୍ଥାକୁ ହୃଦୟଙ୍ଗମ କରିଥିଲେ । ଏ ନିମନ୍ତେ ତାଙ୍କ ଅନ୍ତରରେ ବିଦ୍ରୋହ ଦେଖାଦେଇଥିଲା । ତେଣୁ ପ୍ରଥମେ ଆପଣାର ପାରିବାରିକ ଜୀବନରେ ସଂସ୍କାର ସୂତ୍ରପାତ କରି ଏହି ସମିତି ପ୍ରତିଷ୍ଠାର ଶୁଭାରମ୍ଭ କରିଥିଲେ ।

ସାହିତ୍ୟସାଧକ ବୈରାଗୀ ମିଶ୍ରଙ୍କ ବହୁ ରଚନାରେ ଏହି ସଂସ୍କାରଧର୍ମୀ ମନୋଭାବ ସହିତ ସମାଜ ପ୍ରତି ରହିଥିବା ତାଙ୍କ ଦାୟବଦ୍ଧ ଭୂମିକାକୁ ବ୍ୟକ୍ତ କରିଛନ୍ତି । ନାରୀ ଜାଗରଣ ନିମନ୍ତେ *'ନାରୀମଙ୍ଗଳ'* ପୁସ୍ତକ ରଚନା କରିଥିଲେ । ତହିଁରେ ବାଲ୍ୟବିବାହର ବିରୋଧ, ବିଧବା ବିବାହର ସମର୍ଥନ, ଓଢଣା ବା ପରଦା ପ୍ରଥାର ଉଚ୍ଛେଦ, ଯୌତୁକର ବିରୋଧ ସହିତ ନାରୀଶିକ୍ଷା, ସ୍ୱାଧୀନତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେହିପରି ଅନ୍ୟାୟ ବୈଧବ୍ୟ ଓ ବାଧ୍ୟତାମୂଳକ ବୈଧବ୍ୟ ବିରୁଦ୍ଧରେ ବୈରାଗୀ ମିଶ୍ର ସାରାଜୀବନ ସଂଗ୍ରାମ ଚଳାଇଥିଲେ । ଦୁର୍ବାକ୍ଷତ କର୍ମ ବା ପ୍ରକୃତ ବିବାହ କର୍ମ ସରିନଥିବା କନ୍ୟାର ବର ମୃତ୍ୟୁବରଣ କଲେ ସେ ନିମନ୍ତେ କନ୍ୟାଟିଏ ବରଲାଗି ମୃତାଶୌଚ ଓ ବୈଧବ୍ୟ ବ୍ରତ ପାଳି ଆସୁଥିବା ପ୍ରଥା ସଂପୂର୍ଣ୍ଣ ଅଶାସ୍ତ୍ରୀୟ ଏବଂ ଅଯୌକ୍ତିକ ବୋଲି ବୁଝାଇ ସେ ଏହି କନ୍ୟାକୁ ବାଳବିଧବା ନାମ ପରିବର୍ତ୍ତେ 'ବିବରା' ନାମ ଦେଇଥିଲେ । ଶାସ୍ତ୍ରାନୁସାରେ ସେ ଯୁକ୍ତି କରିଥିଲେ- ବିଗତ ହୋଇଅଛି ଧବ ଯାହାର ସେ ବିଧବା, ବିଗତ ହୋଇଅଛି ବର ଯାହାର ସେ ବିବରା । ବର ଓ ଧବ- ଏଦୁହେଁ ସ୍ୱତନ୍ତ୍ର ଯୋଡ଼ିଏ କଥା । ବିବାହ କର୍ମ ଶେଷ ନହେଲେ ବରକୁ ଧବ କୁହାଯାଏ । ଉକ୍ତ କର୍ମ ଶେଷ ନହେବା ପର୍ଯ୍ୟନ୍ତ 'ଧବ' କୁହାଯାଇ ନପାରେ । ତାଙ୍କ ମତରେ : *"ବିଗତ ହୋଇଅଛି ବା ମରିଯାଇଅଛି 'ଧବ' ଯାହାର, ସେ 'ବିଧବା', ଠିକ୍ ସେହିପରି 'ବିଗତ' ହୋଇଅଛି 'ବର' ଯାହାର ସେ 'ବିବରା' । 'ବୃଞ୍ଜ ବରଣେ' ଧାତୁରୁ ଉତ୍ତର କର୍ମବାଚ୍ୟରେ କ୍ରିୟତେ ସଃ ଅର୍ଥାତ୍ ଯାହାକୁ ବରଣ କରାଯାଏ- ଏହି ଅର୍ଥରେ ଅଲ୍ ପ୍ରତ୍ୟୟଦ୍ୱାରା 'ବର'* ***ବାରିକ:*** *ସାମାଜିକ ଦାୟବଦ୍ଧତା ଓ ସାହିତ୍ୟିକ ବୈରାଗୀ ମିଶ୍ର ଶବ୍ଦ ନିଷ୍ପନ୍ନ ହୋଇଅଛି । ସେହି ବରହୀନା ବା ବିବରା କନ୍ୟାମାନଙ୍କୁ ବିଧବା କରାଇବା କିମ୍ବା ସେମାନଙ୍କର ବିବାହକୁ ବିଧବା-ବିବାହ କହିବାବେଳେ କେବଳଯେ ଅଯୌକ୍ତିକ ତା ନୁହେଁ, ଘୋର ଅନିଷ୍ଟକର କାରଣ ସେମାନେ କେବେବି ବିଧବା ନୁହନ୍ତି ।"*(୧)

ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଯେପରି ବିଧବା ବିବାହକୁ ସମର୍ଥନ କରି ନିଜେ ପ୍ରଥମେ ଆପଣାପୁତ୍ରକୁ ଜଣେ ବିଧବା ସହିତ ବିବାହ କରାଇଥିଲେ, ବୈରାଗୀ ମିଶ୍ର ସେହିଭଳି ଆପଣାର ଆଦର୍ଶବୋଧ ଏବଂ ସଂସ୍କାରଶୀଳ ମନୋଭାବକୁ ପ୍ରତିପାଦନ କରିବାଲାଗି ନିଜର ଦୁଇପୁତ୍ରଙ୍କୁ ଦୁଇ ବିବରା କନ୍ୟାଙ୍କ ସହିତ ବିବାହ ଦେଇଥିଲେ । ସେହିପରି ନିଜର ଦୁଇକନ୍ୟାଙ୍କୁ ଆଦର୍ଶ ବିବାହ କରାଇ ଅନ୍ୟପାଇଁ ସୃଷ୍ଟି କରିଛନ୍ତି ଉଦାହରଣ । ଏହି ବିବାହରେ ବରଧରା, ପୁରୋହିତ, ବାରିକ, ସାମାଜିକ ବିଧିବ୍ୟବସ୍ଥାକୁ ଗ୍ରହଣ କରାନଯାଇ ୬ରୁ ୭ଜଣ ବରଯାତ୍ରୀ ମଧ୍ୟରେ ନିରାଡ଼ମ୍ବର ବିବାହ ସଂପନ୍ନ କରାଯାଇଥିଲା । ସମାଜର ଦୁର୍ଗତି ତାଙ୍କୁ ବ୍ୟଥିତ କରିଥିଲା । ତେଣୁ ସେ ଦୀକ୍ଷିତ ହୋଇଥିଲେ ସଂସ୍କାର-ଧର୍ମରେ । ଏହିଭଳି ଜଣେ ଯୋଗଜନ୍ମା ଓ ସଂସ୍କାରପୁରୁଷଙ୍କୁ ପାଇ ଓଡ଼ିଶାର, ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଜୀବନ ସଂସ୍କାରିତ ହୋଇପାରିଛି । ପୁନଶ୍ଚ ବିଧବାମାନଙ୍କ ବିବାହପାଇଁ ସେ ଯତ୍ନଶୀଳ ହୋଇଥିଲେ । ଏକ୍ଷେତ୍ରରେ ଯଦିଓ ତାଙ୍କୁ ବହୁ ପ୍ରତିବନ୍ଧକ ଓ ପ୍ରତିଷ୍ଠିତ ବ୍ୟକ୍ତିବର୍ଗଙ୍କ କ୍ରୋଧର ଶିକାର ହେବାକୁ ପଡ଼ିଥିଲା, ତଥାପି ଦୃଢ଼ମନା ବୈରାଗୀ ମିଶ୍ର ନିର୍ଭିକଭାବରେ ବୈଧବ୍ୟ ଯନ୍ତ୍ରଣା ଭୋଗକରୁଥିବା ଅସହାୟ ନାରୀଙ୍କୁ ନ୍ୟାୟ ଦେବାଲାଗି ଅଣ୍ଟାଭିଡ଼ିଥିଲେ । ସେ ଯୁକ୍ତି କରୁଥିଲେ, *"ନିର୍ଯ୍ୟାତିତ ହେବାଠାରୁ ନାରୀ ଜୀବନରେ ବଡ଼ ଦୁଃଖ ଆଉ କ'ଣ ଥାଇପାରେ ? ସମାଜ ଦୃଷ୍ଟିରେ ନାରୀ ବିଧବାହେଲେ ପୁନର୍ବାର ଯଦି ବିବାହ କରିବ ନାହିଁ,- ତା'ହେଲେ ପୁରୁଷମାନେ ଯାହାଙ୍କର ପତ୍ନୀ ବିୟୋଗ ହୋଇଛି- ମୃତଦାରମାନେ ତେବେ କାହିଁକି ବିବାହ ହେବେ ? ସେମାନେ ମଧ୍ୟ ଅବିବାହିତ ରୁହନ୍ତୁ । ସମାଜର ନ୍ୟାୟ ସମସ୍ତଙ୍କ ପାଇଁ ସମାନ ହେଉ ।"* ବାଲ୍ୟବିବାହ ନିୟନ୍ତ୍ରଣ ପାଇଁ ସେ ତତ୍କାଳୀନ ରାଜ୍ୟପାଳଙ୍କୁ ଦୃଢ ଆଇନ୍ ପ୍ରଣୟନ ଲାଗି ସ୍ମାରକପତ୍ର ପ୍ରଦାନ କରିଥିଲେ । *"The general notion that there is child marriage in India is wrong. The Marriage of a child is obviously absurd and unsastric. This longstanding wrong notion is the outcome of the misunderstring of the wise sastric principles underlving Kanyadana and Durbakshta custom of marriage prevalent among the Brhmin and*

*Baishya communities is India.xxx Although the Act prevents the marriage of girls under 14 years of age people do not hesitate to perform Kanyadana at the 12th or 13th year of the girl, just before or just after her attainment of puberty on the strength that is not possible to ascertain and prove the exact age of such girl. The act therefore while preventing the aforesaid meaningless and false widowhood of girls under 12 or 13 years of age encourages infact true widowhood of girls who will loss their husband at their 13th or 14th year of age x x x Excellency may be graciously pleased to take necessary steps to repeal the Child Marriage Restraint Act at very early date, and also to effect necessary changes in the Hindu Law to the extent the Kanyadana is not Bibaha Sanskar or marriage and that girls losing their bridegrooms before completing Durbakshata karma are not widows."*[୨] ବାଲ୍ୟବିବାହ ବିରୋଧରେ ଅନେକଗୁଡ଼ିଏ ମୋକଦ୍ଦମା ମଧ୍ୟ କରାଇଥିଲେ । ନିଜେ ପଇତା ବିସର୍ଜନ କରିଛନ୍ତି, ବୟସ୍କା ସ୍ତ୍ରୀଲୋକଙ୍କ ପାଇଁ ବିଦ୍ୟାଳୟ ଗଢିଛନ୍ତି, ଜାତିପ୍ରଥା ବିରୁଦ୍ଧରେ ସ୍ୱର ଉଠାଇଛନ୍ତି, ଓଢଣା ବା ପରଦାପ୍ରଥାକୁ ନାପସନ୍ଦ କରିଛନ୍ତି । ତାଙ୍କ ମତରେ, *"ଆମ୍ଭମାନଙ୍କର ଚରିତ୍ରହୀନତାର ପ୍ରଧାନ କାରଣ- ଏହି ଉରୁଣା, ଦେଶରେ ବ୍ୟଭିଚାର ବୃଦ୍ଧିର ଏକମାତ୍ର କାରଣ ଏହି ଉରୁଣା ଆମ୍ଭମାନଙ୍କର ଶାରୀରିକ, ମାନସିକ ଓ ନୈତିକ ଦୁର୍ବଳତାର ଏକମାତ୍ର କାରଣ ଏହି ଉରୁଣା, ଆମ୍ଭମାନଙ୍କର ସମସ୍ତ ପ୍ରକାର ଅଧୋଗତିର କାରଣ ଏହି ଉରୁଣା ।xxx ଯଦି ନାରୀଜାତିକୁ ମାତୃଜାତି ବୋଲି ସ୍ୱୀକାର କର,ତେବେ ଏହି କଦର୍ଯ୍ୟ ଅନିଷ୍ଟକାରୀ ଉରୁଣା ପ୍ରଥା କିମ୍ବା ମୁହଁ ଲୁଚାଇବା ପ୍ରଥାକୁ ଆଜି ଧ୍ୱଂସ କର ।"*[୩] ଏସବୁକୁ ବୁଝାଇବାଲାଗି ପ୍ରାମାଣିକ ଗ୍ରନ୍ଥ ମଧ୍ୟ ରଚନା କରିଛନ୍ତି । ଗଭୀର ଆତ୍ମବିଶ୍ୱାସୀ ଓ ଅନମନୀୟ ବ୍ୟକ୍ତିତ୍ୱ ବୈରାଗୀ ମିଶ୍ର ଶହଶହ ବିଧବାମାନଙ୍କୁ ବିବାହଦେଇ ସୃଷ୍ଟିକରିଥିଲେ ସୁଖୀ ଦମ୍ପତି । ତାଙ୍କର ଏହି ସାହସିକ ପଦକ୍ଷେପକୁ ଉଚ୍ଚପ୍ରଶଂସା କରିଥିଲେ 'ସହକାର' ପତ୍ରିକାର ସଂପାଦକ ବାଳକୃଷ୍ଣ କର ।

ସମାଜ ସଂସ୍କାରକ ବୈରାଗୀ ମିଶ୍ରଙ୍କ ରଚନା ସମାଜର ସଂସ୍କାର ଓ କଲ୍ୟାଣଲାଗି ଅଭିପ୍ରେତ । ସମାଜିକ ଦାୟବଦ୍ଧତାର ସେ ହେଉଛନ୍ତି ଜୀବନ୍ତ-ରୂପ । ତାଙ୍କ ସମଗ୍ର ଜୀବନ ଓ ସାହିତ୍ୟରେ ଦାୟବଦ୍ଧତାର ସତ୍ୟନିଷ୍ଠ ଆବେଦନକୁ ପାଠକେ ଲକ୍ଷ୍ୟ କରିଥାନ୍ତି । ଆଧୁନିକ ସାହିତ୍ୟ ଜଗତରେ ସେ କେବଳ ଜଣେ ସଂସ୍କାର ପୁରୁଷ ନଥିଲେ, ସେଥିଲେ ଓଡ଼ିଆ ଜାତୀୟ ଜୀବନର ଜଣେ ମାନ୍ତ୍ରିକ । ତାଙ୍କ କଳାଜୟୀ ଲେଖନୀର ଅମୃତବାଣୀ ଆଜି ମଧ୍ୟ ଲେଖକ ଓ ପାଠକଙ୍କୁ ଆପଣାର ଦାୟବଦ୍ଧତା ସଂପର୍କରେ ସଚେତନ କରାଇଦିଏ । ବିଶିଷ୍ଟ ଶିକ୍ଷାବିତ୍ ସଦାଶିବ ମିଶ୍ରଙ୍କ ଭାଷାରେ :*"ସମାଜର ଦୁର୍ଗତି ତାଙ୍କୁ ବାଧିଥିଲା । ସଂସ୍କାର ଧର୍ମରେ ସେ ଦୀକ୍ଷିତ ହୋଇଥିଲେ । ଆପଣାକୁ ସେଥିରେ ସେ ଉତ୍ସର୍ଗ କରିଥିଲେ । କାହାରି ତାଡ଼ନାକୁ ଖାତିର କରିନଥିଲେ । ଏବେ ମଧ୍ୟ ସମାଜରୁ ଅନ୍ଧବିଶ୍ୱାସ ଯାଇନାହିଁ । ଏବେ ମଧ୍ୟ ଅନ୍ଧାନୁସରଣର ଅବସାନ ହୋଇନାହିଁ । ମାତ୍ର ବୈରାଗୀ ମିଶ୍ରଙ୍କର ଅଭିଯାନ ସଫଳହୋଇଛି । ସେ ବହୁ ହତଭାଗିନୀଙ୍କ ଆଖିରୁ ଲୁହ ପୋଛିଛନ୍ତି । ପୁରୁଷର ପାଶବିକ ନିଷ୍ଠୁରତା ହ୍ରାସ ପାଇଛି । ସେ ବହୁ କନ୍ୟାଦାନର ସୁକୃତି ଅର୍ଜନ କରିଛନ୍ତି । ଅଭୂତପୂର୍ବ ତାଙ୍କର ମହନୀୟ ଅବଦାନ ।"* [୪]

ନୀତି ଓ ନୈତିକତାର ଥିଲେ ସେ ଜୀବନ୍ତ ଉଦାହରଣ । ତାଙ୍କର ଅଚରଣ ଏବଂ ଉଚ୍ଚାରଣରେ ଥିଲା ସଂସ୍କାରକର ପରିଚୟ । ଅନ୍ଧବିଶ୍ୱାସ ଓ ରକ୍ଷଣଶୀଳତାରୁ ତେଣୁ ଆଜୀବନ ଦୂରରେ ରହି ନୀତିନିଷ୍ଠ ଜୀବନ ନିର୍ବାହ କରିଅଛନ୍ତି । ଏପରିକି ତାଙ୍କ ଶେଷ ଜୀବନର ଏକ ଉଲ୍ଲେଖନୀୟ ଘଟଣା ମଧ୍ୟ ତାଙ୍କୁ ବ୍ୟକ୍ତିତ୍ୱକୁ ଭିନ୍ନ ଏକ ଗୌରବଦାନ କରିପାରିଛି । ସାଲିସ୍ ବିହୀନ ବୈରାଗୀ ମିଶ୍ର ମୃତ୍ୟୁ ପୂର୍ବରୁ ତାଙ୍କ ପୁଅ ବସନ୍ତ କୁମାରଙ୍କ ନିକଟକୁ ଲେଖିଥିବା ଏକ ପତ୍ରକୁ ପାଠକଲେ ତାଙ୍କ ସଂସ୍କାର ମାନସିକତାର ଦ୍ୟୋତନାକୁ ସକଳେ ସମ୍ମାନର ସହ ମଥାନତ କରିବାପାଇଁ ବାଧହେବେ । ସେ ଲେଖିଥିଲେ – *"ମୁଁ ମରିଗଲା ପରେ ମୋର ଶବକୁ ବିଭୂତି ତ୍ରିପାଠୀ ଡାକ୍ତରଙ୍କ ଗାଡ଼ିରେ ନେଇ ସତୀ ଚଉରାରେ ପୋଡ଼ଇଦେବୁ । କୌଣସି ସଂସ୍କାର (କୋକେଇ, ଅର୍ଦ୍ଧପଥ ଶ୍ରାଦ୍ଧ ଆଦି ସମ୍ଭବ) ରକ୍ଷାକରିବୁ ନାହିଁ । ଘରକୁଫେରି ସବୁଦିନ ପରି ରୋଷେଇ କରି ଖାଇବୁ । କୌଣସି ବ୍ରାହ୍ମଣକୁ ଡାକି ମୋର ଶୁଦ୍ଧକ୍ରିୟା, ଦଶମ ଏକାଦଶାଦି ବା ପିଣ୍ଡଦାନ କରିବୁ ନାହିଁ । ତୁ ଜାଣୁ – ତୋ ଜେଜେମା, ତୋ ଜନନୀ, ତୋ ବଡ଼ଭାଇ ମୁଁ କାହାରି ସେସବୁ କରିନାହିଁ । ଏହାହିଁ ପୁତ୍ର ପ୍ରତି ପିତାର ଅନ୍ତିମ ଆଦେଶ । ତୁ, ତାହା ନିଶ୍ଚୟ ସବୁମତେ ପ୍ରତି ପାଳନ କରିବୁ । ( This is my last order and you*

*must carry it out.)"*[୫] ଅନୁରୂପଭାବରେ ବାଲ୍ୟ ବିବାହକୁ ସେ ବିରୋଧ କରିଆସିଥିଲେ। ସଂସାର ଓ ଜୀବନ ଅନଭିଜ୍ଞ କୋମଳମତି ବାଳିକାର ଦାରୁଣ ଦୁଃଖ ଓ ଅସହାୟତାକୁ ଉପଲବ୍ଧିକରି ଏଦିଗରେ ସଂସ୍କାର ଆଣିବାକୁ ବଦ୍ଧପରିକର ଥିଲେ ବୈରାଗୀ ମିଶ୍ର। ସଚେତନମୂଳକ ପ୍ରବନ୍ଧ ଲେଖିବା ସହିତ ଶାସ୍ତ୍ରର ଯଥାର୍ଥ ବ୍ୟାଖ୍ୟାକରି ଏହାକୁ ଅବୈଧବୋଲି ପ୍ରମାଣିତ କରିଥିଲେ ସେ। ଯଦିଓ ଏ ନିମନ୍ତେ ତଥାକଥିତ ସାମାଜିକ ବଡ଼ପଣ୍ଡାଙ୍କର ସେ ଚକ୍ଷୁଶୂଳ ହୋଇଥିଲେ, ତଥାପି ଆପଣାର ଦୃଢ଼ ଚିନ୍ତାଶକ୍ତି ଓ ସଂସ୍କାରଧର୍ମୀ ଆଭିମୁଖ୍ୟ ମାଧ୍ୟମରେ ସେସବୁକୁ ପ୍ରତ୍ୟାଖ୍ୟାନ କରୁଥିଲେ ବୈରାଗୀ ମିଶ୍ର। ସମାଜପ୍ରତି ଯେଉଁ ଦାୟବଦ୍ଧତାକୁ ସେ ମୂଳରୁ ପ୍ରତିପାଦିତ କରିଆସିଛନ୍ତି, ଆମରଣ ତାହାକୁ ଅଧିକରୁ ଅଧିକ ପ୍ରତିଷ୍ଠିତ କରିଅଛନ୍ତି। ଏ ସଂପର୍କରେ ସେ ତାଙ୍କର ଦୃଢ଼ ଆଭିମୁଖ୍ୟ ପୋଷଣକରି ଲେଖିଥିଲେ- *"ବାଲ୍ୟ-ବିବାହ ପ୍ରଥା ବା କୁଣ୍ଢେଇ ଖେଳ ପ୍ରଥା ନଥିଲେ କନ୍ୟାମାନଙ୍କର ଏପରି ଦୁରବସ୍ଥା ହୁଅନ୍ତା ନାହିଁ। କନ୍ୟାର ଜ୍ଞାନ ଥିଲେ ସେ ବେଦୀରେ ବସି ଏପରି ବୁଢ଼ାବରକୁ ବିବାହ କରନ୍ତା କି? କନ୍ୟାର ଇଚ୍ଛା ବିରୁଦ୍ଧରେ ସେହି କନ୍ୟାକୁ ବିବାହକରିବାକୁ କେଉଁ ଶାସ୍ତ୍ର କେଉଁଠାରେ ବ୍ୟବସ୍ଥା ଦେଇଅଛି- କେହି କହିପାରିବେ କି? ଏଥିଲାଗି ବୁଢ଼ାମାନଙ୍କର ବିବାହରେ ବାଧାଦେବାକୁ କେହି କହୁ ନାହାନ୍ତି; କାରଣ କୌଣସି ବିବାହରେ ବାଧ ।ଦେଲେ ଗୋପନ ବ୍ୟଭିଚାର ବୃଦ୍ଧିହେବ- ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ। ତେଣୁ ସେମାନେ ବିବାହ କରନ୍ତୁ – ଖୁବ୍ ଭଲକଥା, ବରଂ ସମାଜର ମଙ୍ଗଳକଥା। କିନ୍ତୁ-ସେମାନେ ସେମାନଙ୍କର ସମବୟସ୍କା ଓ ସମଦଶାପନ୍ନା ସ୍ତ୍ରୀମାନଙ୍କୁ ସେମାନଙ୍କର ମତନେଇ ବିବାହ କରନ୍ତୁ।"*[୬]

ଊନବିଂଶ ଶତାବ୍ଦୀର ଓଡ଼ିଶା ଓ ଓଡ଼ିଶାର ନବଜାଗରଣର ମାନ୍ତ୍ରିକ ସମାଜ ସଂସ୍କାରକ ବୈରାଗୀ ଚରଣ ମିଶ୍ର। ତତ୍କାଳୀନ ସମାଜରେ ଲକ୍ଷିତ ନାନା ଦୁରବସ୍ଥା, ଅନ୍ଧବିଶ୍ୱାସ, କୁସଂସ୍କାରକୁ ତୀବ୍ରଭାବେ ବିରୋଧକରି ଜନମାନସରେ ସଂସ୍କାରିତ ମୂଲ୍ୟବୋଧର ପ୍ରଚାର କରି ସେ ହୋଇଛନ୍ତି ବନ୍ଦନୀୟ। ସଂସ୍କାରମୂଳକ ପ୍ରବନ୍ଧ ଓ ରଚନା ମାଧ୍ୟମରେ ସୁପ୍ତ ଓଡ଼ିଆଙ୍କୁ ଜାଗ୍ରତ କରାଇଛନ୍ତି। ଲେଖକୀୟ ଦାୟବଦ୍ଧତାକୁ ପ୍ରତିପାଦିତ କରି ଉଭୟ ପାଠକ ଓ ବୃହତ୍ତର ସମାଜରେ ଆଲୋଡ଼ନ ସୃଷ୍ଟି କରାଇଛନ୍ତି। ତେଣୁ ସାହିତ୍ୟିକ ଓ ସମାଜସଂସ୍କାରକ ଭାବରେ ବୈରାଗୀ ମିଶ୍ରଙ୍କ ଅବଦାନ ଅତୁଳନୀୟ।

**ସହାୟକ ଗ୍ରନ୍ଥସୂଚୀ :**


୧. ବିବରା-ବିବାହ, ବୈରାଗୀ ମିଶ୍ର ଗ୍ରନ୍ଥାବଳୀ, ପୃଷ୍ଠା-୩୬୪।
୨. ବୈରାଗୀ ମିଶ୍ର ଗ୍ରନ୍ଥାବଳୀ, ପୃଷ୍ଠା-୩୦୦।
୩. ଉରୁଣା ଓ ପରଦା ନିଷ୍କାସନ, 'ନାରୀ ମଙ୍ଗଳ', ବୈରାଗୀ ମିଶ୍ର ଗ୍ରନ୍ଥାବଳୀ, ପୃଷ୍ଠା- ୨୬୪/୬୮ ।
୪. ବୈରାଗୀ ମିଶ୍ରେ – ସଦାଶିବ ମିଶ୍ର, ମାତୃପୂଜା ମଣ୍ଡପ, ପୃଷ୍ଠା-୧୭୦।
୫. ସ୍ୱଭାବ ନିୟତ ଜୀବନ ଯୁଦ୍ଧ- ସମାଜ ସଂସ୍କାରକ ବୈରାଗୀ ମିଶ୍ର, (ମୁଖବନ୍ଧ) ସେକ୍ ମତଲୁବ ଅଲି, ଓଡ଼ିଶା ବୁକ୍ ଏମ୍ପୋରିୟମ୍, କଟକ।
୬. ବିବାହ, ବୈରାଗୀ ମିଶ୍ର ଗ୍ରନ୍ଥାବଳୀ, ପୃଷ୍ଠା-୩୭୦/୭୧।


❖ ❖ ❖

DOI : https://doi.org/10.5281/zenodo.15674460

ମୂଳ ପ୍ରବନ୍ଧ

# ଗଙ୍ଗଶିଉଳିରେ ପ୍ରତିଫଳିତ ବିବିଧ ଗ୍ରାମ୍ୟ ଜୀବନର ସାମାଜିକ ସମସ୍ୟା : ଅବବୋଧ ଓ ଅର୍ନ୍ତଦୃଷ୍ଟି

**ବାବୁଲୁ ପଧାନ**

**ସଂକ୍ଷିପ୍ତସାର :**

ପ୍ରତିଭା ରାୟଙ୍କ ସାରସ୍ୱତ କୃତି 'ଗଙ୍ଗଶିଉଳି' ହେଉଛି ଏକ ସାମାଜିକ ଜୀବନର ରେଖାଚିତ୍ର ଯେଉଁଠି ଓଡ଼ିଆ ଗ୍ରାମୀଣ ପ୍ରତିଭୂମିରେ ଘଟୁଥିବା ବିଭିନ୍ନ ସାମାଜିକ ଅନ୍ୟାୟ କୁପ୍ରଥା, ଭେଦଭାବ ଓ ନାରୀ ନିର୍ଯ୍ୟାତନା ଆଦିର ଗଭୀର ଆଲୋଚନା କରାଯାଇଛି । ଆଲୋଚ୍ୟ ରଚନା ମାଧ୍ୟମରେ ଲେଖିକା କିଛି ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି । ନାୟିକା ଗଙ୍ଗଶିଉଳି ଚରିତ୍ରର ଜୀବନ-ସଂଘର୍ଷ ମାଧ୍ୟମରେ ନାରୀମାନଙ୍କ ଦୁର୍ଦ୍ଦଶା, ଶାରୀରିକ ଓ ମାନସିକ ନିର୍ଯ୍ୟାତନା ତଥା ସେମାନେ ସ୍ୱାଧୀନତା ସକାଶେ ଲଢୁଥିବା ସଂଗ୍ରାମର କାରୁଣ୍ୟ ଚିତ୍ର ଚିତ୍ରିତ ହୋଇଛି । ଏହା ବ୍ୟତୀତ ଗ୍ରାମୀଣ ଜୀବନାୟନରେ ଦେଖାଯାଉଥିବା ଦଳିତ ସମସ୍ୟା ଓ ମାନବିକତା, ସାମାଜିକ ଅସମାନତାକୁ ଆଲୋକିତ କରାଯାଇଛି । ଗ୍ରାମୀଣ ଲୋକମାନେ ଶିକ୍ଷା ଅଭାବଯୋଗୁଁ ଧର୍ମାନ୍ଧତା, ଅନ୍ୟାୟ ଆଦିର ଶିକାର ହେବା, ଦାମ୍ପତ୍ୟ ଜୀବନର ଅସନ୍ତୁଷ୍ଟି ଓ ପୁରୁଷ ଶାସିତ ସମାଜରେ ନାରୀକୁ ମିଳୁଥିବା ଶାରୀରିକ, ମାନସିକ ନିର୍ଯ୍ୟାତନାର ଅନ୍ତଃସାର ବିଚାର କରାଯାଇଛି ।

**ପ୍ରମୁଖ ଶବ୍ଦାବଳୀ :**

ଗ୍ରାମ୍ୟ ଜୀବନ, ଶିକ୍ଷା ସମସ୍ୟା, ନାରୀ ନିର୍ଯ୍ୟାତନା, ନିଶା ସମସ୍ୟା, ଦଳିତ ସମସ୍ୟା, ମାନବିକ ମୂଲ୍ୟବୋଧ, ପରମ୍ପରା ଓ ଐତିହ୍ୟ

## ବିସ୍ମୟତାର ମୂର୍ତ୍ତିମନ୍ତ ପ୍ରତିମା ପ୍ରତିଭା ରାୟ :

ଆଧୁନିକ ଓଡ଼ିଆ କଥାସାହିତ୍ୟର ବାଙ୍ମୟରେ ଯେଉଁ କେତେଜଣ ନାରୀ ପ୍ରତିଭାଙ୍କ ଉନ୍ମେଷ ଘଟିଛି ତାଙ୍କରି ଭିତରେ ପ୍ରତିଭା ରାୟ ଜଣେ ସ୍ୱର୍ଦ୍ଧିତ ଉଚ୍ଚାରଣ । ସ୍ୱକୀୟ ରଚନା କୌଶଳ, ଉନ୍ମୁକ୍ତ ଚିନ୍ତାଧାରା, ନିର୍ଭିକ ଓ ଶାଣିତ ନାରୀବାଦୀ ଦୃଷ୍ଟିଭଙ୍ଗୀ ପାଇଁ ସେ ସମଗ୍ର ଭାରତୀୟ ସାହିତ୍ୟରେ ପ୍ରତିଷ୍ଠିତ । ପାରମ୍ପରିକ, ଗତାନୁଗତିକ ମୂଲ୍ୟବୋଧ ସହିତ ଆଧୁନିକ ଚିନ୍ତା ଓ ଚେତନା ସମ୍ମିଶ୍ରିତ କରି ଓଡ଼ିଆ କଥାସର୍ଜନ କ୍ଷେତ୍ରରେ ସେ ବିନିର୍ମାଣ କରିଛନ୍ତି ଏକ ନିଜସ୍ୱ ଗେଲେକ୍ସି; ଯାହାର କାନ୍‌ଭାସ୍ ପାଠକଙ୍କୁ ଟାଣିନିଏ ଏକ ଅଦୃଶ୍ୟ ଅଥଚ ପରିଚିତ ଜୀବନ ଓ ଜଗତକୁ । ତାଙ୍କର କଥା-ବଳୟ ମଧ୍ୟରେ ସମାହିତ ଭାରତୀୟ ତଥା ଓଡ଼ିଶାର ଐତିହ୍ୟ, ପରମ୍ପରା ପ୍ରତି ପ୍ରୀତି, ସଂସ୍କୃତି ଓ ଜୀବନାୟନର ନାନ୍ଦନିକ ମୂଲ୍ୟବୋଧ ସୁପ୍ତ ମାନବ ପ୍ରାଣରେ ସୃଷ୍ଟିକରେ ଏକ ଅପୂର୍ବ ଆଲୋଡ଼ନ । ପୁରାଣ ଓ ପରଂପରା ସହ ଆଧୁନିକ ଜୀବନ ଓ ଜୀବିକାକୁ ସମନ୍ୱିତ କରି ମଣିଷ ଭିତରେ ହଜିଯାଉଥିବା ମାନବୀୟ ମୂଲ୍ୟବୋଧକୁ ଉଜ୍ଜୀବିତ କରିବା ତାଙ୍କର ସାହିତ୍ୟରାଜିର ମୂଳ ଆଭିମୁଖ୍ୟ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15674460

Article No - BPP00311

**ଯୋଗାଯୋଗ :**

**ବାବୁଲୁ ପଧାନ,** ଗବେଷକ, ଭାଷା ଓ ସାହିତ୍ୟ ବିଭାଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**Email ID :** padhanbabulu11@gmail.com

**ORCID ID :** https://orcid.org/0009-0000-3937-5270

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୩.୨୦୨୫ | ୧୧.୦୪.୨୦୨୫ | ୨୫.୦୫.୨୦୨୫ | ୧.୦୬.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପ୍ରଧାନ, ବାବୁଲ; ୨୦୨୫ । ଗଙ୍ଗଶିଉଳିରେ ପ୍ରତିଫଳିତ ବିବିଧ ଗ୍ରାମ୍ୟ ଜୀବନର ସାମାଜିକ ସମସ୍ୟା : ଅବବୋଧ ଓ ଅର୍ନ୍ତଦୃଷ୍ଟି । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଖ, ପୃଷ୍ଠା :୫୪-୫୯ ।

ଜୀବନ ଓ ସମାଜର ବିସ୍ତୀର୍ଣ୍ଣ ପଥରେ ଦୃଶ୍ୟମାନ ଅନେକ ସମସ୍ୟା, କୁସଂସ୍କାର ବିରୁଦ୍ଧରେ ଲେଖନୀ ଚାଳନା କରି ସ୍ୱର ଉତ୍ତୋଳନ ପୂର୍ବକ- ଏକ ସୁସଙ୍ଗଠିତ ସମାଜ ଓ ସଂସ୍କୃତିର ପରିକଳ୍ପନା କରନ୍ତି ଲେଖିକା ପ୍ରତିଭା ରାୟ । ପଦ୍ମ ପତ୍ରରେ ଟଳଟଳ ହେଉଥିବା ବର୍ଷାବିନ୍ଦୁ ମଧ୍ୟରେ ଜୀବନକୁ ଅନ୍ୱେଷଣ କରୁଥିବା ଶ୍ରୀମତୀ ରାୟ ଶବ୍ଦର ଚାରୁକଳାରେ ନିର୍ମାଣ କରିଛନ୍ତି ଏକ ସୁରମ୍ୟ ହର୍ମ୍ୟ ଯାହାର ଦିଗନ୍ତ ସୁଦୂର ପ୍ରସାରୀ । ସେ ହର୍ମ୍ୟ ଭିତରେ କେବେ କେବେ ଆମେ ଖୋଜି ପାଇବା ନାରୀ ଜୀବନର ଅକୁହା ବେଦନାର ରକ୍ତାକ୍ତ ଛିଟା, ପୁଣି କେବେ ଖାଣ୍ଟି ଓଡ଼ିଆପଣର ମହମହ ବାସ୍ନା । ବାସ୍ତବରେ ପ୍ରତିଭା ରାୟଙ୍କ ସର୍ଜନ-ମାନସରୁ ସୃଷ୍ଟ ଅମ୍ଳାନ କୃତି ସମୂହ ଓଡ଼ିଆ ସାହିତ୍ୟ ପାଇଁ ଗୋଟିଏ ଗୋଟିଏ ମାଇଲଖୁଣ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ । ଗାଳ୍ପିକା, ଔପନ୍ୟାସିକା ଯଶ ଆସ୍ପର୍ଦ୍ଧା ବିହୀନ ନିଟୋଳ ସାହିତ୍ୟପଣକୁ ଆପଣେଇଥିବା ଆଲୋଚ୍ୟ ଲେଖିକାଙ୍କ ଅମ୍ଳାନ କୃତି ମଧ୍ୟରେ ଏକ ଜନପ୍ରିୟ ତଥା ସୁରମ୍ୟ କୃତି ହେଉଛି ଉପନ୍ୟାସିକା 'ଗଙ୍ଗଶିଉଳି' ଯାହାକୁ ଉପଜୀବ୍ୟକରି ଆଲୋଚ୍ୟ ପ୍ରବନ୍ଧର ପରିକଳ୍ପନା ।

### ସାମାଜିକ ସମସ୍ୟା ସ୍ୱରୂପ ଓ ଓଡ଼ିଆ କଥା ସାହିତ୍ୟରେ ତାର ବ୍ୟାପ୍ତି :

ସାଂପ୍ରତିକ ସମୟରେ 'ସମସ୍ୟା' ଶବ୍ଦଟି ଜଟିଳ, ରହସ୍ୟମୟ, ଶକ୍ତିଶାଳୀ ଏବଂ ସର୍ବାଙ୍ଗୀନ ହୋଇପଡୁଛି । ସଂପ୍ରତି ଲୋକ ଜୀବନର ଏପରି କୌଣସି କ୍ଷେତ୍ର ନାହିଁ ଯାହା ଏହି ସମସ୍ୟା ଦ୍ୱାରା ପ୍ରଭାବିତ ହୋଇନାହିଁ । ତାହା ଗ୍ରାମ୍ୟ ଜୀବନ ହେଉ ଅବା ସହରୀ ଜୀବନ ପ୍ରତ୍ୟେକଟି ସ୍ଥଳରେ ଆମେ ବିବିଧ ସମସ୍ୟାକୁ ଉପଲବ୍ଧି କରିପାରିବା । ବିଶାଳ ଏବଂ ବିସ୍ତୃତ ସାର୍ବଜୀନନ ଲୋକ ଜୀବନକୁ 'ସମସ୍ୟା' ଭଳି ଏକ ଛୋଟ ଶବ୍ଦ ତା'ର ରଜ୍ଜୁରେ ନିବିଡ଼ ଭାବରେ ବାନ୍ଧି ରଖିଛି । ସବୁବେଳେ ସମସ୍ୟାର କବଳରୁ ନିଜକୁ ମୁକ୍ତ କରିବାକୁ ଚେଷ୍ଟା କରେ ମଣିଷ କିନ୍ତୁ ସେ ଯେତେ ନିଜକୁ ମୁକ୍ତ କରିବାକୁ ଚେଷ୍ଟା କରେ, ସେ ସେତେ ଅଧିକ ସମସ୍ୟାରେ ଫସିଯାଏ । ପ୍ରକୃତରେ, ସମସ୍ୟାଟି ମାନବ ଜୀବନର ଆରମ୍ଭ ସହିତ ମୁଣ୍ଡ ଟେକିଥିଲା ଏବଂ ମଣିଷର ଛାୟା ଭାବରେ ରହିଗଲା କିନ୍ତୁ ଆଜି 'ସମସ୍ୟା' କେବଳ ମଣିଷର ଛାୟା ନୁହେଁ ବରଂ ତା'ର ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି ।

ସମସ୍ୟା ହେଉଛି ଲୋକ ଜୀବନରେ ଲାଗି ରହିଥିବା କଳଙ୍କ ଯାହା ଏହାକୁ ବିକୃତ କରୁଛି । ତେଣୁ ଏହା କୁହାଯାଇପାରେ ଯେ ଜଣେ ବ୍ୟକ୍ତିର ଆଚରଣରୁ ଉତ୍ପନ୍ନ ଏକ ପରିସ୍ଥିତି କିମ୍ବା ଅବସ୍ଥା ଯାହା ସମାଜର ଆଦର୍ଶକୁ ପୂରଣ କରେ ନାହିଁ ଏବଂ ଯାହା ସମାଜର ଅଧିକାଂଶ ଲୋକଙ୍କ ଜୀବନରେ ବାଧା ସୃଷ୍ଟିକରେ; ସେହିପରି ପରିସ୍ଥିତି କିମ୍ବା ଅବସ୍ଥାକୁ ଏକ ସାମାଜିକ ସମସ୍ୟା କୁହାଯାଏ । ପୁନଶ୍ଚ ଏହା ଗ୍ରାମାଞ୍ଚଳର ଲୋକଜୀବନରେ ଦୃଶ୍ୟମାନ ହେଲେ ତାକୁ ଆମେ ଗ୍ରାମୀଣ ଜୀବନର ସାମାଜିକ ସମସ୍ୟା କହିପାରିବା । ତେଣୁ ସାମାଜିକ ସମସ୍ୟା ଶବ୍ଦଟି ସେହି ବିଷୟ ପାଇଁ ବ୍ୟବହୃତ ହୁଏ ଯାହାକୁ ସାମାଜିକ ନୀତିଶାସ୍ତ୍ର ଏବଂ ସମାଜ ପ୍ରତିକୂଳ ବୋଲି ବିବେଚନା କରାଯାଏ । ବିଶ୍ୱରେ ଏପରି କୌଣସି ସମାଜ ନାହିଁ ଯାହା ସମସ୍ୟାରୁ ମୁକ୍ତ । ପ୍ରତ୍ୟେକ ସମାଜ ତାହା ଗ୍ରାମୀଣ ସମାଜ ହେଉ ଅବା ସହରୀ ସମାଜ ହେଉ ପ୍ରତ୍ୟେକଟି କ୍ଷେତ୍ରରେ କିଛି ସାମାଜିକ ସମସ୍ୟା ବିଦ୍ୟମାନ ହୋଇ ରହିଥାଏ । ଅନ୍ତତଃ ସାମାଜିକ ସମସ୍ୟା କହିଲେ- ସାମାଜିକ ସମସ୍ୟାର ଅଭିପ୍ରାୟ ସେହି ଦଶା ଓ ପରିସ୍ଥିତିଗୁଡ଼ିକୁ ବୁଝାଏ ଯାହା ସମାଜର ଶକ୍ତି, ସମନ୍ୱୟ ଏବଂ ସାମାଜିକ ମୂଲ୍ୟ ଆଦି ବ୍ୟବସ୍ଥାରେ ପ୍ରତିବନ୍ଧକ ସୃଷ୍ଟିକରେ । ଆଜିର ଯୁଗ ଜଟିଳ ସମସ୍ୟାର ଯୁଗ । ପରିବେଶ ଓ ପରିସ୍ଥିତି ବଦଳୁଥିବରୁ ଆମ ସାମ୍ନାରେ ଅନେକ ନୂତନ ସମସ୍ୟାର ଆବିର୍ଭାବ ଘଟୁଛି ଏବଂ ଏହି ଜୀବନ ଓ ଜଗତର ନାନାବିଧ ସମସ୍ୟାକୁ ଭିତ୍ତିକରି ଉପନ୍ୟାସ, ଗଳ୍ପ, ନାଟକ, କବିତା ଆଦି ରଚନା କରାଯାଉଛି । କାରଣ ସମାଜ ଜୀବନ ଭିତ୍ତିକ ବିଭିନ୍ନ ସମସ୍ୟାକୁ ପ୍ରତିଫଳିତ କରିବା ଓ ତା'ର ସମାଧାନ ନିମିତ୍ତ ଦିଗ୍‌ଦର୍ଶନ ଦେବା ସାହିତ୍ୟର ମୌଳିକ ଓ ଅନ୍ତର୍ନିହିତ ଉଦ୍ଦେଶ୍ୟ । ଏହି ପରିପ୍ରେକ୍ଷୀରେ ଯଦି ଆମେ ଦେଖିବା ଓଡ଼ିଆ କଥାସାହିତ୍ୟରେ ଅନେକ ସ୍ରଷ୍ଟା ବିବିଧ ସମସ୍ୟାକୁ କେନ୍ଦ୍ରକରି ନିଜ ନିଜ ସାହିତ୍ୟ କୃତିର ବିନିର୍ମାଣ କରିଛନ୍ତି । ସେ ଫକୀର ମୋହନଙ୍କ କାଳରେ ହେଉ ଅବା ତାର ପରବର୍ତ୍ତୀ ସମୟରେ ହେଉ ଏହାର ଅନେକ ଦୃଷ୍ଟାନ୍ତ ଆମେ ପାଇପାରିବା ନିଶ୍ଚୟ ।

ବିଶେଷତଃ ୧୯୬୦-୭୦ ପରବର୍ତ୍ତୀ ଓଡ଼ିଆ କଥାସାହିତ୍ୟକୁ ଯଦି ଆମେ ସମାଲୋଚନାର ପରିଧି କେନ୍ଦ୍ରିତ କରିବା ତେବେ ଏହି ରଚନାର ଧାରା ବ୍ୟାପକ ରୂପ ନେଇଛି ବୋଲି ମନେହୁଏ । କଥାକାର ଗୋପୀନାଥ ମହାନ୍ତି, ହୃଷିକେଶ ପଣ୍ଡା, ଶାନ୍ତନୁ କୁମାର ଆଚାର୍ଯ୍ୟ, ବୀଣାପାଣି ମହାନ୍ତି, ରାମଚନ୍ଦ୍ର ବେହେରା, ବିଭୂତି ପଟ୍ଟନାୟକ, ସରୋଜିନୀ ସାହୁ, ଭୀମ ପୃଷ୍ଟି, ଅରବିନ୍ଦ ରାୟ, ଆଦିତେଶ୍ୱର ମିଶ୍ର ଆଦି ସ୍ରଷ୍ଟାଗଣ ବିଭିନ୍ନ ଗ୍ରାମ୍ୟ ଜୀବନ ତଥା ସହରୀ ଜୀବନର ସାମାଜିକ ସମସ୍ୟାକୁ କେନ୍ଦ୍ରକରି ଉପନ୍ୟାସ ଗଳ୍ପ ଆଦି ରଚନା କରିଛନ୍ତି । ଫଳସ୍ୱରୂପ ନାରୀଶିକ୍ଷା ସମସ୍ୟା, ବିସ୍ଥାପନ ସମସ୍ୟା, ଦାଦନ ସମସ୍ୟା, ବିବାହ ସମସ୍ୟା, କୃଷି ସମସ୍ୟା, ନକ୍ସଲ ସମସ୍ୟା, ଅସ୍ପୃଶ୍ୟତା ସମସ୍ୟା ଆଜି ଓଡ଼ିଆ କଥାସାହିତ୍ୟର ବିଷୟବସ୍ତୁକୁ ସମାଜ-ଜୀବନ ଭିତ୍ତିକ ଓ ଶାଣିତ କରିଛି । ସହରାଞ୍ଚଳରେ ଏହିସବୁ ସମସ୍ୟା ଦେଖା ଦେଉଥିଲେ ମଧ୍ୟ ପ୍ରାୟତଃ ଏହି ସବୁ ସମସ୍ୟାରେ କେନ୍ଦ୍ରସ୍ଥଳ ହେଉଛି ଗ୍ରାମାଞ୍ଚଳ ଓ

ଏହି ଗ୍ରାମ୍ୟ ଜୀବନର ବିବିଧ ସାମାଜିକ ସମସ୍ୟାକୁ କେନ୍ଦ୍ରକରି ଲେଖିକା ପ୍ରତିଭା ରାୟ ରଚନା କରିଛନ୍ତି ଉପନ୍ୟାସିକା ଗଙ୍ଗଶିଉଳି ।

## ଗଙ୍ଗଶିଉଳିରେ ରୂପାୟିତ ବିବିଧ ଗ୍ରାମ୍ୟ କୈନ୍ଦ୍ରିକ ସାମାଜିକ ସମସ୍ୟା :

ପ୍ରତିଭା ରାୟଙ୍କ ଉପନ୍ୟାସିକା ଗଙ୍ଗଶିଉଳି ନିଛକ ଗାଉଁଲି ଜୀବନ ଓ ସମାଜର ମାର୍ମିକ ସତ୍ୟତାକୁ ଭିତ୍ତିକରି ଲିପିବଦ୍ଧ ହୋଇଥିବା ଏକ ସନ୍ଦନ୍ଦ । ଗଙ୍ଗଶିଉଳି ଚରିତ୍ର ମାଧ୍ୟମରେ ଲେଖିକା ଜଣେ ଗ୍ରାମୀଣ ନାରୀ ଜୀବନର ଅନେକ ଅକୁହା ଯନ୍ତ୍ରଣାକୁ ଆମ ସମ୍ମୁଖରେ ଉପସ୍ଥାପିତ କରିବା ସହ ବିବିଧ ସାମାଜିକ ସମସ୍ୟା ବିରୁଦ୍ଧରେ ସେ କେମିତି ଯୁଦ୍ଧର ଡାକରା ଦେଇଛି ଓ ପରିଶେଷରେ ବିଜୟ ଲାଭ କରିଛି ତାହା ଜଣାଇଛନ୍ତି । ବାସ୍ତବରେ ଦେଖିବାକୁ ଗଲେ ଜଣେ ଗ୍ରାମାଞ୍ଚଳର ନାରୀ ପାରିବାରିକ, ସାମାଜିକ ଆଦି ସ୍ତରରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଏ ଯାହା ଗଙ୍ଗଶିଉଳି ମଧ୍ୟ ଭୋଗିଛି ଅନାୟାସରେ । ଯାହାର ସମ୍ୟକ୍ ଆଲୋଚନା ନିମ୍ନରେ କରାଗଲା–

### (କ) ନାରୀଶିକ୍ଷା ସମସ୍ୟା :

ନାରୀ ସଶକ୍ତିକରଣ କଥା ଆସିଲେ ହଠାତ୍ ମନକୁ ଆସେ ନାରୀଶିକ୍ଷା । ଶିକ୍ଷା ହେଉଛି ଏପରି ଏକ ଆୟୁଧ ଯାହା ସାରା ବିଶ୍ୱକୁ ବଦଳେଇ ଦେଇପାରେ । କୁହାଯାଏ– "ତୁମେ ଯଦି ଗୋଟେ ପୁରୁଷକୁ ଶିକ୍ଷିତ କରାଅ ତେବେ ତୁମେ ଗୋଟେ ପୁରୁଷକୁ ହିଁ ଶିକ୍ଷିତ କରାଇଲ । କିନ୍ତୁ ତୁମେ ଯଦି ଗୋଟେ ନାରୀକୁ ଶିକ୍ଷିତ କରାଇବ ତାହାଲେ ତୁମେ ସମଗ୍ର ଗୋଟିଏ ପିଢ଼ିକୁ ଶିକ୍ଷିତ କରାଇଲ ।" ମାତ୍ର ସମାଜର ବିବିଧ ପ୍ରତିବନ୍ଧକ, ଦୁର୍ବଳ ମାନସିକତା ପାଇଁ ଆଜି ପ୍ରାୟ ଜନସଂଖ୍ୟାର ଅଧା ପ୍ରତିଶତ ନାରୀ ଅଶିକ୍ଷିତ । ଏମାନେ ନିଜର ଅଧିକାର, ସ୍ୱତନ୍ତ୍ରତା ବିଷୟରେ ଆଦୌ ଅବଗତ ନୁହଁନ୍ତି । ସମାଜର ମନୁଷ୍ୟକୃତ ନୀତିନିୟମରେ ଏମାନେ ପରିଚାଳିତା । ଫଳ ସ୍ୱରୂପ ବର୍ତ୍ତମାନ ନାରୀଶିକ୍ଷା ଗୋଟିଏ ବଡ଼ ସମସ୍ୟାର ରୂପ ନେଇଛି । ନାରୀକୁ ଶିକ୍ଷା ପ୍ରାପ୍ତିଠାରୁ ବଞ୍ଚିତ କରିବାର ଅନେକ କାରଣ ଦୃଷ୍ଟିଗୋଚର ହୋଇଥାଏ । ସମାଜରେ କନ୍ୟା ଜନ୍ମକୁ ସାଦରେ ଗ୍ରହଣ କରାଯାଏ ନାହିଁ ବରଂ ବୋଝ ସଦୃଶ ଜଣାଯାଏ । ଏଭଳି ମାନସିକତା ବିଶିଷ୍ଟ ସମାଜଠାରୁ ନାରୀ ଶିକ୍ଷା ଅପେକ୍ଷା ଆଶାତୀତ । ଶିକ୍ଷାଗତ ଅଭାବର ଫଳସ୍ୱରୂପ ନାରୀ ଅନ୍ଧ ଭାବେ ସମାଜର ନୀତିନିୟମ ତଥା ଧାର୍ମିକ ବିଧିବିଧାନକୁ ଯୁକ୍ତିରହିତ ଭାବେ ଗ୍ରହଣ କରିନିଏ । ନିଜସ୍ୱ ଅସୁବିଧାର କାରଣରକୁ ମଧ୍ୟ ନିଜେ ନିର୍ଣ୍ଣୟ କରିପାରେ ନାହିଁ । ତେଣୁ ନାରୀ ନିଜର ମତକୁ ଦୃଢ଼ଭାବେ ବ୍ୟକ୍ତ କରିପାରେନି କିମ୍ବା ନିଜକୁ ସମାଜ ସମ୍ମୁଖରେ ସମ୍ପୂର୍ଣ୍ଣ ଭାବେ ପରିପ୍ରକାଶ କରିପାରେନା । ଆଗକୁ ଅଗ୍ରଗତି କରିବା ରାସ୍ତାରେ ନାରୀ ହୋଇପଡ଼େ ଅକ୍ଷମ ।

ଏକବିଂଶ ଶତାବ୍ଦୀରେ ନାରୀଶିକ୍ଷାର ସ୍ତର ବହୁ ମାତ୍ରାରେ ବଢ଼ିଥିଲେ ହେଁ ଅଶିକ୍ଷିତ ନାରୀଙ୍କ ହାର ମଧ୍ୟ କିଛି କମ୍ ନୁହେଁ । ଶିକ୍ଷା ସମସ୍ୟାର ପ୍ରଚ୍ଛଦ ପଟରେ ଅନେକ କାରଣ ନିହିତ । ଏହି କାରଣଗୁଡ଼ିକୁ ଲେଖିକା ପ୍ରତିଭା ରାୟ ନିଜ ଉପନ୍ୟାସ ଗଙ୍ଗଶିଉଳିରେ ଦର୍ଶାଇଛନ୍ତି । ଗଙ୍ଗଶିଉଳି ଉପନ୍ୟାସିକାକୁ ଅନୁଧ୍ୟାନ କଲେ ନାରୀ ଶିକ୍ଷାର ବାଧକ ରୂପେ ଯେ ପରିବାର, ସମାଜ ମୁଖ୍ୟ ଭୂମିକା ଗ୍ରହଣ କରୁଛି ଏହା ପ୍ରତୀୟମାନ ହେବା ବିଧେୟ । ନାରୀ ଶିକ୍ଷାଲାଭ କଲେ ପରିବାରରେ ଗୁରୁଜନଙ୍କୁ ସମ୍ମାନ ଦେବନାହିଁ । ନାରୀର ଆସ୍ପର୍ଦ୍ଧା ବଢ଼ିବ । ଗୃହର ନୀତି ନିୟମକୁ ବେଖାତିର କରିବ । ଏଭଳି ଅନେକ ଭ୍ରାନ୍ତଧାରଣା ସମାଜ ଏବଂ ପରିବାର ଭିତରେ ସୃଷ୍ଟି ହୋଇଥାଏ । ଏଥିରେ କୌଣସି ଯୌକ୍ତିକତା ନଥାଏ । ତାକୁ ତା'ର ଶୈକ୍ଷିକ ଅଧିକାରରୁ ବଞ୍ଚିତ କରାଯାଏ । 'ଗଙ୍ଗଶିଉଳି' ଉପନ୍ୟାସିକାରେ ଶିକ୍ଷା ଏହି ଅଭାବ ଜନିତ ପରିଣତି ସହ ଶିକ୍ଷାପ୍ରାପ୍ତିର ଆବଶ୍ୟକତା ତଥା ଉପଯୋଗିତାର ସୁନ୍ଦର ରୂପଚିତ୍ର ଶିଉଳି ଚରିତ୍ର ମାଧ୍ୟମରେ ଲେଖିକା ପ୍ରଦାନ କରିଛନ୍ତି । ଶିକ୍ଷା ପ୍ରାପ୍ତିର ଅଦମ୍ୟ ଆକାଂକ୍ଷା ପାଇଁ ଶିଉଳି ସ୍ୱାମୀର ଅତ୍ୟାଚାରକୁ ମଧ୍ୟ ବରଣ କରିବାକୁ ପଛଘୁଞ୍ଚା ଦେଇନାହିଁ । ଶିଉଳି ଶିକ୍ଷା ଗ୍ରହଣ କରିବା ପାଇଁ ସ୍ୱାମୀ ସହ ପରିବାର ସହ ସଂଘର୍ଷରତ ତଥାପି ଶିକ୍ଷାପ୍ରାପ୍ତିର ନିଶା ତା ମନରୁ ଖସିନାହିଁ । ଶିଉଳି ନିଜେ ଅଶିକ୍ଷିତ ଜୀବନର ଅଭିଜ୍ଞତାକୁ ହାସଲ କରିଛି । ତେଣୁ ନାରୀ ଜୀବନରେ ଶିକ୍ଷାର ଆବଶ୍ୟକତା ଅଛି ବୋଲି ଅନୁଭବ କରିଛି ଏବଂ ଶିକ୍ଷାର ଉପଯୋଗିତା ସମ୍ପର୍କରେ ସମାଜକୁ ସଚେତନ କରାଇଛି । ମାତ୍ର ଶିଉଳିର ସ୍ୱାମୀ ଏସବୁକୁ ଦୃଢ଼ ବିରୋଧ କରିଛି । ଲେଖିକାଙ୍କ ଭାଷାରେ– "ଗୋବିନ୍ଦ ଖିଙ୍କାରି ଉଠି କହିଲା– ମାଇପିଟା ପାଠପଢ଼ି କ'ଣ ନାଟ ସାହାବ ହବୁ ? କେତେଥର ମନା କଲିଣି ପାଠପଢ଼ି ଯିବୁ ନାଇଁ ବୋଲି । ପାଠ ପଢ଼ିଲେ ମାଇପେ ଲାଜ, ସରମ ଛାଡ଼ି ବେମୁରୁବା ହୁଅନ୍ତି, ନାଁ ପକାନ୍ତି, ମାନ ମହତକୁ ପୋଡ଼ି ଖାଆନ୍ତି । ତୋର କ'ଣ ସେଇଆ ମନ ହଉଛି ?"[୧]

ଯେଉଁ ନାରୀ ସମାଜର ପ୍ରତିବନ୍ଧକକୁ ପାରହୋଇ ଶିକ୍ଷା ଲାଭକରି ନିଜ ଆଶା ଓ ଅଭିଳାଷକୁ ପୂରଣ କରିପାରିଛି, ବିଭିନ୍ନ ଉଚ୍ଚ ପଦ ପଦବୀରେ ରହି ନିଜ ପାରଦର୍ଶିତାର ପ୍ରଦର୍ଶନ କରିପାରିଛି ତଥା ସମାଜ ପାଇଁ ବିବିଧ ଉନ୍ନତିମୂଳକ କାର୍ଯ୍ୟ କରିପାରିଛି ସେ ହିଁ ଶିକ୍ଷିତ ବୋଲି ଆମେ କହିପାରିବା । ସେ ନିଜକୁ କେବେ ପୁରୁଷଠାରୁ କମ୍ ବୋଲି ଭାବେନି । ଯାହା ଶିଉଳି ଚରିତ୍ରର କୋଣ ଅନୁକୋଣରେ ଆମେ ଉପଲବ୍ଧି କରିପାରିବା ନିଶ୍ଚୟ । ଶାଶୁ ଏବଂ ସ୍ୱାମୀ ଶିଉଳିର ଶିକ୍ଷା ପ୍ରତି

ପ୍ରତିକୂଳ ମନୋଭାବ ପୋଷଣ କରିଛନ୍ତି । ତଥାପି ସେ ଶିକ୍ଷା ଗ୍ରହଣ ନିମିତ୍ତ ଅଗ୍ରସର ହୋଇଛି । ସମାଜ ଦ୍ୱାରା ସଜ୍ଜିତ କଣ୍ଟକିତ ରାସ୍ତାରେ ଆଗକୁ ବଢ଼ୁଛି ଓ ସଫଳ ମଧ୍ୟ ହୋଇଛି ।

**(ଖ) ଜାତିପ୍ରଥା ସମସ୍ୟା :**

ଆମର ଭାରତ ଭୂଖଣ୍ଡ ସ୍ୱାଧୀନତା ପାଇବାର ପଚାଶ ବର୍ଷରୁ ଅଧିକ ସମୟ ବିତିଗଲାଣି କିନ୍ତୁ ଆଜି ମଧ୍ୟ ସମାଜରେ ଜାତିପ୍ରଥାର ବିଷ ରହିଛି । ଏହି ସମସ୍ୟା କେବଳ ଯୁବପିଢ଼ିଙ୍କୁ ନୁହେଁ ବରଂ ସମଗ୍ର ସମାଜକୁ ଚିନ୍ତାରେ ପକାଇଛି । ଶାହୁ ମହାରାଜ, ମହାତ୍ମା ଫୁଲେ, ଡକ୍ଟର ବାବା ସାହେବ ଆମ୍ବେଦକରଙ୍କ ଭଳି ସମାଜ ସଂସ୍କାରକ ଜାତିପ୍ରଥାକୁ ଦୂର କରିବାପାଇଁ ବହୁତ ଚେଷ୍ଟା କରିଥିଲେ । ମାତ୍ର ସମ୍ପୂର୍ଣ୍ଣରୂପେ ସଫଳ ହୋଇନଥିଲେ । ଦୁଃଖର ବିଷୟ ହେଉଛି ଆଜି ବିଜ୍ଞାନ ଓ ଶିକ୍ଷା ଦ୍ରୁତ ଗତିରେ ବ୍ୟାପି ଚାଲିଛି କିନ୍ତୁ ଆମେ ଜାତିପ୍ରଥା ଭଳି ସମାଜ-ଧ୍ୱଂସକାରୀ ସମସ୍ୟାକୁ ଦୂର କରିପାରି ନାହୁଁ । ଅସ୍ପୃଶ୍ୟଙ୍କ ମୌଳିକ ସମସ୍ୟା ହେଉଛି ସାମାଜିକ ଏବଂ ଧାର୍ମିକ ବିବିଧତା । ଯେପର୍ଯ୍ୟନ୍ତ ଅସ୍ପୃଶ୍ୟଙ୍କ ଦୟନୀୟ ଆର୍ଥିକ ଅବସ୍ଥା ଉନ୍ନତ ନହୁଏ, ସେମାନଙ୍କୁ ସାମାଜିକ ସମାନତାର ମାନ୍ୟତା ଦିଆଯାଇପାରିବ ନାହିଁ । ଦଳିତ ଜୀବନର ସମସ୍ୟାକୁ କେନ୍ଦ୍ରକରି ଏହି ଉପନ୍ୟାସିକା ରଚିତ । ଏହି ସମସ୍ୟା ଯୁବପିଢ଼ିକୁ କିପରି ପ୍ରଭାବିତ କରୁଛି ତାହା ସମୀକ୍ଷାଧୀନ ଉପନ୍ୟାସିକା ମାଧ୍ୟମରେ ଦେଖାଇଛନ୍ତି ପ୍ରତିଭା ରାୟ ।

ଆଲୋଚ୍ୟ ଉପନ୍ୟାସରେ ଘନିଆ ଓ ଶିଉଳି ଚରିତ୍ର ମାଧ୍ୟମରେ ଲେଖିକା ଜାତିପ୍ରଥା ସମସ୍ୟା ଉପରେ ଆଲୋକପାତ କରିଛନ୍ତି । ଲେଖିକାଙ୍କ ମତରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ମଣିଷ । ଭଗବାନ ହେଉଛନ୍ତି ମଣିଷର ସୃଷ୍ଟିକର୍ତ୍ତା ଓ ତାଙ୍କ ଅନୁସାରେ ମଣିଷର ଦୁଇଟି କେବଳ ଜାତି ଅଛି- ଗୋଟେ ପୁରୁଷ ଓ ଆଉ ଗୋଟେ ସ୍ତ୍ରୀ । ମୁଖ୍ୟ ଚରିତ୍ର ଘନିଆ ନୀଚକୁଳରେ ଜନ୍ମ ହୋଇଥିବା ଜଣେ ପରୋପକାରୀ ସଚ୍ଚୋଟ ମଣିଷ । ମାନବିକତାର ମାନଦଣ୍ଡରେ ଯଦି ଘନିଆକୁ ମପାଯାଏ ତେବେ ସେ ଉଚ୍ଚ ଜାତିର ମଣିଷଙ୍କଠାରୁ ଢେର ଓଜନିଆ ହେବ। କାରଣ ମଣିଷ ତାର କର୍ମକୁ ନେଇ ଉଚ୍ଚ, ନୀଚ ରୂପେ ଗଣ୍ୟ ହୁଏ ତାର ଜାତିକୁ ନେଇ ନୁହେଁ । ମାତ୍ର ନୀଚ ଜାତିରେ ଜନ୍ମିଥିବା ଯୋଗୁଁ ଘନିଆ ନିଜ ପ୍ରେମକୁ ହରେଇଛି । ଜାତିଆଣ ଭେଦଭାବ ମାଟିରେ ମିଶେଇ ଦେଇଛି ଶିଉଳି ଓ ଘନିଆର ପ୍ରେମର ପୃଥିବୀକୁ । ଉଚ୍ଚ ଜାତିରେ ଜନ୍ମିଥିବା ଶିଉଳିର ବିବାହ ସମ୍ପନ୍ନ ହୋଇଛି ତାହାରି ସମକକ୍ଷ ଜାତିର ଏକ ଶିକ୍ଷିତ ଅଥଚ ମଦୁଆ, ମାନବିକତା ଶୂନ୍ୟ ବ୍ୟକ୍ତି ଗୋବିନ୍ଦ ସହ । ଶିଉଳି ହରେଇଛି ନିଜର ମନର ମଣିଷକୁ । ଘନିଆ ଓ ଶିଉଳି ମଧ୍ୟରେ ଏହି ଜାତିଗତ ବୈଷମ୍ୟ ଟାଣିଦେଇଛି ଏକ ବିଚ୍ଛେଦର ରେଖା । ଫଳ ସ୍ୱରୂପ ଉଭୟେ ମଣିଷ ଭିତରେ ରହିଥିବା ଏ ଜାତିଆଣ ମନୋଭାବକୁ ଦୂର କରିବା ସକାଶେ ହୋଇଛନ୍ତି ପ୍ରତିଜ୍ଞାବଦ୍ଧ । ଆଗାମୀ ପିଢ଼ିଙ୍କ ସକାଶେ ଏକ ଜାତିଗତ ବୈଷମ୍ୟ ବିହୀନ ସମାଜ ଗଢ଼ିବା ଉଭୟଙ୍କ ମୂଳ ଲକ୍ଷ୍ୟ ପାଲଟିଛି । ଘନିଆ କହିଛି- "ଆମରି ମନର ଆଶା, କାମନା, ଛାତି ତଳର ଦୀର୍ଘଶ୍ୱାସକୁ ଢାଳି ଆମକୁ ରାସ୍ତା ତିଆରି କରିବାକୁ ହେବ । ସେଇ ରାସ୍ତାରେ ହସି ହସି ଜାତିଆଣ ଭେଦ ଭୁଲି ହାତ ଧରାଧରି ହୋଇ ଚାଲିବେ କେତେ ଘନିଆ ଭାଇ ଓ କେତେ ଶିଉଳି । ତାଙ୍କର ସୁଖର ଭବିଷ୍ୟତ ପାଇଁ, ଆମ ଭଲପାଇବାର ମଶାଣି ଉପରେ ଠିଆ ହୋଇ ଆମେ ହସିବା- ନୂଆ ରାଇଜ ଗଢ଼ିବା ।"(୨)

ସାମାଜିକ ବିଧି ବ୍ୟବସ୍ଥାରେ ଉଚ୍ଚ ବର୍ଗର କୁଠାରଘାତରେ କେମିତି ସରଳ ନିରୀହ ଛୋଟ ଜାତିର ମଣିଷର ସୁନାର ସଂସାର ଉଛୁଳି ପାଉଁଶ ପାଲଟିଯାଏ ତାହା ଆମେ ଉକ୍ତ ଉପନ୍ୟାସରେ ମର୍ମେ ମର୍ମେ ଅନୁଭବ କରିପାରିବା ଘନିଆ ଚରିତ୍ର ମାଧ୍ୟମରେ । ମହାନ୍ତି ଘରର ସାନ ବାବୁଙ୍କ ବାହାରରେ ଅଇଁଠା ପତ୍ର ଉଠେଇବା ପାଇଁ ଘନିଆ ମନା କରିଥିବାରୁ ବୁଢ଼ା ମହାନ୍ତି, ଲୋକ ଲଗେଇ ତାର ଘରପୋଡ଼ି ଦେଇଛି । ଘନିଆ ହରେଇଛି ତାର ବାପା ଓ ଘରକୁ । ପୁନଶ୍ଚ ଶିଉଳି ସରକାରଙ୍କ ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ଧାଇ ହେବା ପାଇଁ ପ୍ରଶିକ୍ଷଣ ନେଇଛି ଓ ଅଶିକ୍ଷିତ ହରିଜନ ସାହିରେ ଲୋକଙ୍କ ସେବା କରିଛି । ସେମାନେ କେମିତି ସ୍ୱାସ୍ଥ୍ୟରକ୍ଷା ନିୟମକୁ ମାନି ଚଳିବେ, ଗର୍ଭିଣୀ ସ୍ତ୍ରୀମାନେ ନିଜର କେମିତି ଯତ୍ନ ନେବେ ସେ ସବୁ ବିଷୟରେ ସମସ୍ତଙ୍କୁ ସଚେତନ କରେଇଛି । ମାତ୍ର ଶିଉଳି ଏହାର ଫଳସ୍ୱରୂପ ପୁରସ୍କାର ପରିବର୍ତ୍ତେ ପାଇଛି ତିରସ୍କାର । ତାର ସ୍ୱାମୀ ଗୋବିନ୍ଦ ଓ ଶାଶୁଙ୍କ ଦ୍ୱାରା ହୋଇଛି ଘରୁ ବିତାଡ଼ିତ । ସମାଜର କଠୋର ନିୟମ ବିରୁଦ୍ଧରେ ସ୍ୱର ଉତ୍ତୋଳନ ପୂର୍ବକ ସେ ଯାଇ ରହିଛି ପାଣସାହିରେ; ସମସ୍ତଙ୍କୁ ସମାଜ-ଜୀବନର ମୁଖ୍ୟ ସ୍ରୋତକୁ ଫେରେଇ ଆଣିବା ଉଦ୍ଦେଶ୍ୟରେ ।

ବାସ୍ତବରେ ମଣିଷର କୌଣସି ଜାତି ନଥାଏ । ମଣିଷ ଜାତି ତିଆରି କରେ, ଭଗବାନ ନୁହେଁ । ଜାତି ଅଜାତିର ଭେଦଭାବଭୁଲି ମଣିଷ ମଣିଷ ଭିତରେ ସଦ୍ଭାବନା ଓ ସମନ୍ୱୟର ସେତୁ ନିର୍ମାଣ କରିବା ହେଉଛି ଉକ୍ତ ଉପନ୍ୟାସର ମୂଳ ଉଦ୍ଦେଶ୍ୟ । ସେଥିପାଇଁ ତ ଶିଉଳି ଆହ୍ୱାନ ଦେଇ କହିଛି- "ମା' ଲକ୍ଷ୍ମୀ ଚଣ୍ଡାଳ ସାଇରେ ବୁଲନ୍ତି । ଚଣ୍ଡାଲୁଣୀ ହାତରୁ ଭୋଗ ଖାଆନ୍ତି । ପ୍ରଭୁ ଜଗନ୍ନାଥ ଶବର ଘରେ ପୂଜା ପାଉଥିଲେ । ବାଲିଗାଁର ଦାସିଆ ଭୋଇ ଠାରୁ ହାତ ବଢ଼ାଇ ଭୋଗ ଖାଇଥିଲେ । ଏ କଥା କ' ମିଛ ? ଜାତି ଅଜାତିର ଭେଦ

ମଣିଷ କରିଛି । ଠାକୁର କରିନାହାନ୍ତି । ଏଥର ଚାଲ । ମନରୁ ସେ ଭୁଲ୍ ଧାରଣା ଦୂର କର ।"(୩)

### (ଗ) ଯୌତୁକ ସମସ୍ୟା :

ଭାରତୀୟ ସାମାଜିକ ବ୍ୟବସ୍ଥାରେ ମଣିଷ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛି ତାହାରି ମଧ୍ୟରୁ ଯୌତୁକ ସମସ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରୂପେ ମୁଣ୍ଡ ଟେକିଛି । ଏହାର ସାମାଜିକ ପ୍ରଭାବ ଯେଉଁଭଳି ଭୀତିପ୍ରଦ ସେହିଭଳି ଦୁଃଖଦ। କାରଣ ଏକାଧିକ କନ୍ୟାଙ୍କର ଦରିଦ୍ର ପିତାମାତା ଏହାକୁ ଅଭିଶାପ ରୂପେ ଗ୍ରହଣ କରୁଛନ୍ତି । ଏପରିକି ସମସ୍ୟା ଜର୍ଜରିତ ସାମାଜିକ ଜୀବନରେ ସନ୍ତାନକାମୀ ପିତା-ମାତା ଆସୂତିକାଗୃହରେ ପୁତ୍ର ପରିବର୍ତ୍ତେ କନ୍ୟାର ପ୍ରଥମ କ୍ରନ୍ଦନ ଶୁଣିଲେ ଭୟତ୍ରସ୍ତ ହୋଇଯାଉଛନ୍ତି । କାରଣ ବିଧାତାର କନ୍ୟା ସୃଷ୍ଟି ଏକ ବରଦାନ ନହୋଇ ତାହା ଅଭିସମ୍ପାଦ ରୂପେ ବିବେଚିତ ହେଉଛି । କନ୍ୟାଟିର ପରିଣୟ ପର୍ବ ସହିତ ଯୌତୁକର ସମ୍ପର୍କ ଯେଉଁଭଳି ଭାବରେ ଘନୀଭୂତ ହୋଇଉଠିଛି ତାହାଦ୍ୱାରା ସାମ୍ପ୍ରତିକ ସମାଜ ଏକ ଏକ ଘୂର୍ଣ୍ଣିବାତ୍ୟାର ସମ୍ମୁଖୀନ ହୋଇଛି ।

ଆଜିକାଲି ଉଚ୍ଚଶିକ୍ଷିତ ଯୁବକମାନେ ଯେପରି ବହୁଳ ପରିମାଣରେ ଯୌତୁକ ଦାବିକରି ଆସୁଛନ୍ତି, ତାହା ଭାବିଲେ ମନରେ ବିସ୍ମୟ ଜାତ ହେଉଛି । ସାମ୍ପ୍ରତିକ ଯୁଗରେ ଯୌତୁକ ଏକ ସାମାଜିକ ବ୍ୟାଧିରୂପେ ପରିଗଣିତ ହୋଇଛି । ରୋଗ ଯେପରି ଶରୀର ଅବକ୍ଷୟ ଘଟାଏ, ଯୌତୁକ ସେହିପରି କନ୍ୟା ପିତାମାତାଙ୍କୁ ଦୁର୍ବଳ ଓ ସମାଜକୁ ନଷ୍ଟଭ୍ରଷ୍ଟ କରି ଦେଉଛି । ଯୌତୁକ ଅଭାବରୁ କନ୍ୟା ପିତା ମନପସନ୍ଦ ବରଟିଏ ଖୋଜି ପାଇପାରୁ ନାହାନ୍ତି । ଯୌତୁକ ଦାନର କ୍ଷମତା ଅଭାବରୁ କେଉଁଠି ଅବିବାହିତା କନ୍ୟା ଗୃହକୋଣରେ ନୀରବରେ ବସି ଅଶ୍ରୁ ଗଡ଼ାଉଛି ତ କେଉଁଠି ବୃଦ୍ଧ ପିତାମାତା କନ୍ୟାର ବିବାହ କରି ନପାରି ଗଭୀର ମନୋବେଦନାରେ କାଳାତିପାତ କରୁଛନ୍ତି । ପୁଣି କେଉଁଠି ଯୌତୁକ ଦାବି ଅପୂରଣୀୟ ରହିଲେ ବିବାହ ବେଦୀରୁ ବର ବାହୁଡ଼ି ଯାଉଛି । ଏହି ଯୁଗ ଯନ୍ତ୍ରଣାରେ ଚିତ୍ରକୁ ପ୍ରତିଭା ରାୟ ନିଜ ଲେଖନୀ ମାଧ୍ୟମରେ ପ୍ରକାଶ କରିଛନ୍ତି ବଳିଷ୍ଠ ଭାବରେ । ଯାହାର ନିଚ୍ଛକ ପ୍ରତିଛବି ଦେଖିପାରିବା ଆଲୋଚ୍ୟ ଉପନ୍ୟାସରେ । ମାଗୁଣି ପ୍ରଧାନର ଝିଅ ଶିଉଳିର ବିବାହ ଠିକ୍ ହୋଇଛି ସହରରେ ବସବାସ କରୁଥିବା ଗୋବିନ୍ଦ ସହ । ଗୋବିନ୍ଦ ଜଣେ ଉଚ୍ଚଶିକ୍ଷିତ ଯୁବକ କିନ୍ତୁ ନିଶାସକ୍ତ ମଣିଷ । ଶିଉଳିର ବିବାହରେ ଯୌତୁକ ଦେବା ସକାଶେ ଆବଶ୍ୟକ ହୋଇଛି ଅନେକ ଗୁଡ଼ାଏ ଟଙ୍କା । ମାଗୁଣିର ମୁଣ୍ଡରେ ଅକାଳେ ଚଡ଼କ ପଡ଼ିଛି । ଲକ୍ଷାଧିକ ଟଙ୍କା କେଉଁଠୁ ଆଣିବ, କେମିତି ଆଣିବ ତାହା ତା' ପାଇଁ ପାଲଟିଛି ଏକ ପ୍ରଶ୍ନବାଚୀ ? ମାଗୁଣି ବାଧ ବାଧକତାର ସହ ନିଜ ପୂର୍ବଜ ରଖିଯାଇଥିବା ଜମିକୁ ବନ୍ଧା ପକେଇବା ପାଇଁ ଭାବିଛି ମହାନ୍ତି ବାବୁଙ୍କ ପାଖରେ । କିନ୍ତୁ ଶିଉଳି ପଛରେ ଆଉ ପାଞ୍ଚ ଭାଇ ଭଉଣୀ ଅଛନ୍ତି । ସେମାନେ ଚଳିବେ କେମିତି ? ତାଙ୍କର ବାହାଘର ହେବ କେମିତି ? ସର୍ବସ୍ୱ ଯଦି ଶିଉଳିର ବାହାଘରରେ ଚାଲିଯାଏ । ଏପରି ଏକ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିରେ ସହାୟତାର ହାତ ବଢ଼େଇଛି ଘନିଆ । ନିଜର ଯେତେ ସବୁ ଜମିକୁ ମହାନ୍ତିବାବୁ ପାଖରେ ବନ୍ଧା ପକାଇ ଶିଉଳିର ବିବାହ କରେଇଛି ଯାକ ଯମକରେ । ସୁତରାଂ ଆମେ ଯଦି ଏହି ପ୍ରଥାକୁ ଅସ୍ୱୀକାର କରି ସମ୍ପୂର୍ଣ୍ଣ ଧ୍ୱଂସ କରିଦେବାକୁ ଚାହୁଁ ତେବେ ନୂଆ ପିଢ଼ିକୁ ଏହି ଅସାଧ ନିମନ୍ତେ ପ୍ରଶିକ୍ଷଣ ଦେବା ଜରୁରୀ । ଯୌତୁକ ଏକ ଗଭୀର ସମସ୍ୟା ଯାହା ମାନବ ଅଧିକାର ଭଙ୍ଗ କରେ । ଏହି ପ୍ରଥାକୁ ଅନ୍ତ କରିବା ପାଇଁ ସମାଜ, ଆଇନ ଏବଂ ଶିକ୍ଷା ବ୍ୟବସ୍ଥା ମିଶି ଏକାଠି କାମ କରିବା ଆବଶ୍ୟକ ଯାହା ପ୍ରତିଭା ରାୟ ମୁକ୍ତ କଣ୍ଠରେ ଉକ୍ତ ରଚନାରେ କହିଛନ୍ତି ।

### (ଘ) ନିଶା ସମସ୍ୟା :

ସଂପ୍ରତି ବିଶ୍ୱର ପ୍ରତ୍ୟେକ ଦେଶରେ ନିଶା ସମସ୍ୟା ଏକ ମୁଖ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଛି । ଅଧିକାଂଶ ଯୁବପିଢ଼ି ଏହି ନିଶା ଜାଲରେ ଫସି ରହି ହନ୍ତସନ୍ତ ହେଉଛନ୍ତି । ସମାଜର ଯୁବକ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ନିଶା ଏବଂ ନିଶାଦ୍ରବ୍ୟରେ ଆକ୍ରାନ୍ତ ହୋଇ ନିଜ ଜୀବନକୁ ମୃତ୍ୟୁରେ ଅତଳ ତଳକୁ ଠେଲି ଦେଉଛନ୍ତି । ଏହି ସମସ୍ୟା ଯୋଗୁଁ ସାମାଜିକ ବିଧିବ୍ୟସ୍ଥା କ୍ଷୁର୍ଣ୍ଣ ହେବା ସହ ଅନେକ ଧନଜୀବନ ନଷ୍ଟ ହେଉଛି । ସାଧାରଣତଃ ଆଜିର ସମାଜରେ ମଦ୍ୟପାନ, ତମାଖୁ-ଗୁଟଖା ଖାଇବା, ସିଗାରେଟ ଟାଣିବା ଏକ ଫ୍ୟାଶନ ପାଲଟିଛି । ଫଳସ୍ୱରୂପ, ମଣିଷ ଅନେକ ରୋଗର ଶିକାର ହେଉଛି । ଆଜିର ପିଢ଼ିଙ୍କ ଏହି ନିଶା ଯୋଗୁ ପରିବାର ସଦସ୍ୟଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଆଜିର ଯୁବପିଢ଼ି ଆସନ୍ତାକାଲିର ନାଗରିକ ଏବଂ ସେ ଏହି ନିଶାର ଜାଲରେ ଫସି ରହିଛନ୍ତି । ଏହା ସମାଜ ଏବଂ ଦେଶର ଭବିଷ୍ୟତ ସମ୍ମୁଖରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯୁବପିଢ଼ିଙ୍କ ନିଶା ନିବାରଣର ସମସ୍ୟାକୁ ନେଇ ପରିବାର ଚିନ୍ତିତ, କାରଣ ଏହି ସମସ୍ୟା ଯୋଗୁଁ ଅନେକ ଯୁବକଙ୍କ ପରିବାର ଏବଂ ବୈବାହିକ ଜୀବନ ନଷ୍ଟ ହେଉଛି । ଏହି ସମସ୍ୟାକୁ କେନ୍ଦ୍ରକରି ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଅନେକ ଲେଖକ ଲେଖନୀ ଚାଳନା କରିଛନ୍ତି । ଯାହାର ଏକ ଜ୍ୱଳନ୍ତ ସ୍ୱାକ୍ଷର ବହନକରେ ଉକ୍ତ ଉପନ୍ୟାସରେ । ଆଲୋଚ୍ୟ ବିଷୟବସ୍ତୁରେ ମଦ୍ୟପ ସ୍ୱାମୀ ଗୋବିନ୍ଦ ଶିଉଳି ଉପରେ କରିଥିବା ନିର୍ମମ ଅତ୍ୟାଚାର ପାଠକର ଚକ୍ଷୁକୁ ଆର୍ଦ୍ର କରିଦେବ ନିଶ୍ଚୟ । ବାପରର ସମସ୍ତ ସ୍ନେହ, ଶ୍ରଦ୍ଧାକୁ ତ୍ୟାଗକରି ଶିଉଳି ଗୋବିନ୍ଦ ସହ ଘର ସଂସାର କରିବାକୁ

ଆସିଥିଲା । ମାତ୍ର ଗୋବିନ୍ଦର ମଦ୍ୟପାନ ଅଭ୍ୟାସ ଓ ପାଶବିକ ଅତ୍ୟାଚାର କୁଠାରଘାତରେ ସବୁ ସ୍ୱପ୍ନ ପାଣି ଫୋଟକା ସଦୃଶ ଫାଟିଯାଇଛି । ମଦ ପିଇବା ସକାଶେ ନବବିବାହିତା ପତ୍ନୀର ସକଳ ଅଳଙ୍କାରକୁ ଗୋଟି ଗୋଟି କରି ଗୋବିନ୍ଦ ସବୁକୁ ବିକ୍ରି କରିଛି । ଶିଉଳି ଏହାର ପ୍ରତିବାଦ କରି ଗୋବିନ୍ଦକୁ ଠିକ୍ ରାସ୍ତାକୁ ଫେରାଇ ଆଣିବାକୁ ସତତ ଚେଷ୍ଟା କରିଛି କିନ୍ତୁ ପ୍ରତିବଦଳରେ ସେ ପାଇଛି ତା'ର ଗୋରା ପିଠି ଓ ଦେହରେ ଅନେକ ଭୟଙ୍କର ମାଡ଼ର ଦାଗ ଓ କ୍ଷତାକ୍ତ ଚିହ୍ନ । କେତେବେଳେ ଲହୁ ଲୁହାଣ ହୋଇଛି ତ କେତେବେଳେ ପଥରପାଲଟି ଅହଲ୍ୟା ପରି ସବୁକିଛିକୁ ସହିଯାଇଛି । ତଥାପି ସେ ନିଜର ମନୋବଳ ହରେଇନି, ଦୃଢ଼ ଆଶା ନିଶ୍ଚୟ ଦିନେ ନା ଦିନେ ଗୋବିନ୍ଦକୁ ଠିକ୍ ରାସ୍ତାକୁ ଆଣିବ । ଏପରିକି ଯେ ପର୍ଯ୍ୟନ୍ତ ଗୋବିନ୍ଦ ମଦ ପିଇବା ନ ଛାଡ଼ିବ ସେତେଦିନ ପର୍ଯ୍ୟନ୍ତ ସେ ମାତୃତ୍ୱ ସୁଖରୁ ନିଜକୁ ବଞ୍ଚିତ କରି ରଖିବ ବୋଲି ଦୃଢ଼ ପ୍ରତିଜ୍ଞା କରିଛି । ବାସ୍ତବରେ ଶିଉଳି ଚରିତ୍ର ସେହି ଆଧୁନିକ ନାରୀମାନଙ୍କର ପ୍ରତିନିଧିତ୍ୱ କରିଛି ଯେଉଁମାନେ ମଦ୍ୟପ ସ୍ୱାମୀଙ୍କ ଅତ୍ୟାଚାରରେ ନିତ୍ୟ ଜର୍ଜରିତ। ନିଶା ସେବନ ଆଧୁନିକ ସମୟରେ କେମିତି ଏକ ମୁଖ୍ୟ ସମସ୍ୟା ରୂପରେ ଉଭା ହୋଇଛି ଓ ଲକ୍ଷ ଲକ୍ଷ ପରିବାରକୁ ଧ୍ୱଂସ ବିଧ୍ୱଂସ କରି ଦେଉଛି ତାହାକୁ ଦର୍ଶାଇବାକୁ ଯାଇ ଲେଖିକା କହିଛନ୍ତି– "ଆମ ଦେଶରେ ଶହଶହ ଗିରସ୍ତ ମଦ ଖାଆନ୍ତି । ମାତାଲ୍ ହୁଅନ୍ତି ସବୁଦିନ ରାତିରେ। ଫି ବରଷ ଛୁଆ ଜନ୍ମ କରନ୍ତି, ମାଇପ ବାଦକା ପଡ଼ିଲେ ପଇସାଟିଏ ଖର୍ଚ୍ଚ କରିପାରନ୍ତିନି ନାହିଁ ଓଷୁଧ ପାଣିରେ । କରଜ କରି ବୁଡ଼ି ସର୍ବସ୍ୱାନ୍ତ ହୁଅନ୍ତି ।"(୪)

ସୁତରାଂ ପ୍ରଜ୍ଞାଶୀଳ ଲେଖିକା ପ୍ରତିଭା ରାୟ ଗ୍ରାମୀଣ ଜୀବନର ବିବିଧ ସାମାଜିକ ସମସ୍ୟାର ସତ୍ୟ ଚିତ୍ରଣ କରି ସମାଜକୁ ଏହାର ଗଭୀର ପ୍ରଭାବ ବିଷୟରେ ସଚେତନ କରାଇଛନ୍ତି । ଗ୍ରାମ୍ୟ ଜୀବନର ଦୁଃଖ, ଯନ୍ତ୍ରଣା, ଅନ୍ୟାୟ, ଅନ୍ତର୍ଜ୍ୱାଳା ଓ ସଂଘର୍ଷକୁ ନିଜସ୍ୱ ଲେଖନୀର ସ୍ପର୍ଶଦେଇ ସାହିତ୍ୟ ମାଧ୍ୟମରେ ସର୍ବଜନହିତାୟୀ ବାର୍ତ୍ତା ପ୍ରଦାନ କରିଛନ୍ତି । ସାହିତ୍ୟ କେବଳ ମନୋରଂଜନ ନୁହେଁ, ବରଂ ସମାଜ ପରିବର୍ତ୍ତନର ଏକ ଶକ୍ତିଶାଳୀ ଅସ୍ତ୍ର ଭାବେ କାମ କରିଥାଏ ତାକୁ ପ୍ରମାଣ କରିବାରେ ସେ ତିଳେମାତ୍ର ଭୁଲ୍ କରିନାହାନ୍ତି । ତେଣୁ ଏହି ପ୍ରକାର ସାହିତ୍ୟ ଗ୍ରାମୀଣ ଜୀବନର ସମସ୍ୟାକୁ ଦୂର କରିବା ଓ ଏକ ସୁନ୍ଦର, ସମୃଦ୍ଧ ଗ୍ରାମ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ଏଥିରେ ସନ୍ଦେହର ଅବକାଶ ନାହିଁ ।

**ସଙ୍କେତ ସୂଚୀ :**

(୧) ରାୟ, ପ୍ରତିଭା, ଗଙ୍ଗଶିଉଳି, ଆଦ୍ୟା ପ୍ରକାଶନୀ, ୨୭, ଗଜପତି ନଗର, ଭୁବନେଶ୍ୱର-୫, ଓଡ଼ିଶା, ପଞ୍ଚଦଶ ସଂସ୍କରଣ, ୨୦୨୩, ପୃ-୭୭

(୨) ତତ୍ରୈବ – ପୃ-୬୧

(୩) ତତ୍ରୈବ – ପୃ-୬୯

**ସହାୟକ ଗ୍ରନ୍ଥସୂଚୀ :**

(୧) କର, ବାଉରୀବନ୍ଧୁ – ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ବିଦ୍ୟାପୁରୀ, କଟକ-୨୦୦୪

(୨) ନାୟକ, ରଞ୍ଜିତା – ଓଡ଼ିଆ ଉପନ୍ୟାସର ଇତିବୃତ୍ତ, ଓଡ଼ିଶା ବୁକ ଷ୍ଟୋର, କଟକ-୧୯୯୧

(୩) Ahuja, Ram-Social Problems in India, Rawat Publications, Satyam Apartment, Sector-3, Jawahar Nagar, Jajpur-302004, India

❖ ❖ ❖

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**


Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in
+91 88957 07011

# ଗଛ ଲଗାନ୍ତୁ
# ଜୀବନ ବଞ୍ଚାନ୍ତୁ



## ଗଛ ଲଗାନ୍ତୁ * PLANT TREE

ଖୁସିର ସହିତ ଜଣାଉଛୁ ଯେ,
ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।







## PRACHEE SAHITYA SAMAJ PUBLICATION

At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

Regd. No.: 23717/65

VOICE FOR VOICELESS SOCIETY, INDIA

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ଟିକିଏ କଷ୍ଟ
## ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**



# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ସମସ୍ତଙ୍କର ପେଟ ପୁରୁଛି,
# କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



**ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ * FEED THE MENTALLY SICK**

# PRACHEE PATRIKA

ISSN: 2583-147X (P)
ISSN: 3048-8958 (O)

**Back Cover (Colour)**
**Rs. 2,000/-**

**2nd Inner Cover (Colour)**
**Rs. 1,000/-**

**3rd Inner Cover (Colour)**
**Rs. 1,000/-**

**Ordinary Colour Page**
**Rs. 500/-**

**Black & White**
**(News Print)**
**Full Page : Rs. 2,000/-**
**Half Page : Rs. 1000/-**
**Quarter page:Rs. 500/-**

**For Space booking please contact :**
**The Advertising Manager**
**Niladri Vihar, Naya Bazar, Cuttack - 753004**
**Whatsapp : 8895707011**

## THE RULES AND REGULATION

The fact presented and views expressed in 'Prachee Patrika' are author's and not those of the editor, the editorial board and the institution **'Prachee Centre for Cultural Relations (PCCR)'**. The authors are solely responsible for the presentation of data and their opinion. Authors shall submit on undertaking in writing with the article to the effect that their respective submitted article has not been published earlier anywhere and if found so, not the publishers of Prachee Patrika but they themselves shall be held responsible.

The manuscript should follow the following criteria;

**i)** Font size should be 12

**ii)** Font type should be Ori Sarala 99 Akruti

**iii)** Line gap should be 1.5

**iv)** American Psychological Association (APA) style of writing of manuscript in which the in-text and end-text citation should be strictly followed. Manuscript not written in APA style will be rejected.

**v)** Author(s) Name, Correspondence Address, Designation, WhatsApp No, ORCID ID and e-mail should be provided in the manuscript.

vi) Research article should include Titel, Abstract, Key Word, Introduction, Background, Materials & Methods, Result, Discussion. Conclusion. Acknowledgements. Authors' Contributions. Funding. Availability of Data and Materials, Ethical Statement, Ethical Approval, Informed Consent, Financial Support and Sponsorship, Conflicts of Interest and References.

**vi)** Two copies of the manuscript including the abstract along with the soft copy (CD/Floppy) must be submitted.

All rights reserved. No part of this publication may be reproduced or transmitted in any form or by any means, electronic or mechanical, without permission in writing from the **Prachee Centre for Cultural Relations (PCCR).**

Editorial correspondence, contribution of Articles, Book Reviews, Advertisements and Subscriptions should be addressed to Dr Bibhudatta Khandayatray, Editor, **Prachee Patrika**, Niladri Vihar, Naya Bazar, Cuttack-4.

**E-Mail:** pracheepatrika@rediffmail.com

**Web Site: https://pracheenews.com/**

All communications should be addressed to the Editor.

## RATES OF SUBSCRIPTION

The prachee patrika is the official journal of the, **Prachee Centre for Cultural Relations (PCCR)** is published monthly. All the members of the association are entitled to receive a free copy of the journal. The subscription rates for others are as follows**:**

| | India (INR) | | Overseas (USD $) | |
|---|---|---|---|---|
| | Individual | Institute | Individual | Institute |
| Print | 5000 | 10000 | 150 | 300 |
| Online | N/A | N/A | N/A | N/A |
| Print+Online | N/A | N/A | N/A | N/A |
| Single Issue | 500 | 1000 | 45 | 94 |

If you want to annual subscriber please Xerox this coupon and send us!!!

Name.......................................................................................................................

Address.................................................................................Pin code ..........................

Mobile No.........................................E-Mail..................................................................

I am sending, Rs......................,(Bank Draft) Postal extra

Check Number.....................................................................Date.........................................

Bank..........................................................Place.........................................................

Date...............................................Signature.......................................................

RNI No. : ODIODI/2015/64435 • P.R. No. : CK(C)/96/2025-2027 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ